# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧/୨୦୧୮ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, December 1/ 2018 | ★★★★

୪୫ଶ ଭାଗ ୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଭାରତର ଜିଡିପି ଚାଇନାଠାରୁ ଦ୍ରୁତ**

ଭାରତର ଜିଡିପି ୭.୧% କୁ ହ୍ରାସ ପାଇଥିଲେ ସୁଦ୍ଧା ଚାଇନାଠାରୁ ଦ୍ରୁତତର ରହିଛି ବୋଲି ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି।

୧୩

୦୨

**ଚ୍ୟାଲେଞ୍ଜ୍ ସୃଷ୍ଟିକାରୀ ଭୂମିକା ଚାହାନ୍ତି ଅନୁଷ୍କା**

ସବୁବେଳେ ଚ୍ୟାଲେଞ୍ଜ୍ ସୃଷ୍ଟିକାରୀ ଭୂମିକାରେ ଅଭିନୟ କରିବାକୁ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଇଚ୍ଛା କରନ୍ତି।








# ଭାଜପାରୁ ସମ୍ପର୍କ ଛିନ୍ନକଲେ ଦିଲୀପ, ବିଜୟ



ଦିଲୀପ ରାୟ ବିଜୟ ମହାପାତ୍ର

- ୧୯ବର୍ଷ ପରେ ଆଭିମୁଖ୍ୟ ନେଇ ନିଷ୍ପତ୍ତି
- ବିଧାୟକ ପଦ ଛାଡିଲେ ଦିଲୀପ
- ଭାଜପା ମୁଖଶାଳା ବଡ, ମନ୍ଦିର ଛୋଟ: ବିଜୟ

ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)

ବରିଷ୍ଠ ନେତା ଦିଲୀପ ରାୟ ଏବଂ ବିଜୟ ମହାପାତ୍ର ଶୁକ୍ରବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଦୁଇ ନେତା ମିଳିତଭାବେ ଏ ସମ୍ପର୍କିତ ଏକ ଚିଠି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ପଠାଇଛନ୍ତି, ଏଥିରେ ଦୁହିଁଙ୍କ ଦସ୍ତଖତ ରହିଛି। ଭାଜପା ଛାଡିବା ପୂର୍ବରୁ ଦିଲୀପ ସକାଳେ ରାଉରକେଲା ବିଧାୟକ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ବାଚସ୍ପତି ପ୍ରଦୀପ ଅମାତଙ୍କୁ ଭେଟି ସେ ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ବିଧାନସଭା ନୀତି ନିୟମ ଅନୁଯାୟୀ ସମସ୍ତ ସର୍ତ୍ତ ପୂରଣ ହୋଇଥିବାରୁ ଦିଲୀପଙ୍କ ☞ ପୃଷ୍ଠା-୪

## ମିଶିକି କାମ କରିବା ବିଜୟଙ୍କ ଡିଏନ୍‌ଏରେ ନାହିଁ: ସମୀର

ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)

ବିଜୟ ମହାପାତ୍ରଙ୍କୁ ଦଳରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେ ଦଳକୁ ନିଜର ଭାବିଲେ ନାହିଁ । ଘର ପୁଅ ଘର ବିରୋଧରେ ବକ୍ତବ୍ୟ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅନ୍ୟ ସହିତ ମିଳିମିଶି କାମ କରିବା ବିଜୟ ମହାପାତ୍ରଙ୍କ ଡିଏନ୍‌ଏରେ ନାହିଁ ବୋଲି ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି।

ଦିଲ୍ଲୀପ ଏବଂ ବିଜୟ ଭାଜପାରୁ ଇସ୍ତଫା ଦେବାପରେ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡାକି ସମୀର କହିଛନ୍ତି ଯେ, ଦଳକୁ ଗୋଷ୍ଠୀରେ ବିଭକ୍ତ କରିବା ପାଇଁ ଶତଚେଷ୍ଟା କରି ବିଫଳ ହେବାପରେ ବିଜୟବାବୁ ବହୁଦିନ ହେବ ଦଳୀୟ କାର୍ଯ୍ୟରୁ ନିଜକୁ ଦୂରେଇ ରଖୁଥିଲେ । ଦୀର୍ଘବର୍ଷ ହେବ ଉଭୟ ଦଳର ମୁଖ୍ୟାଳୟ ☞ ପୃଷ୍ଠା-୪



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହକି ବିଶ୍ୱକପ୍ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## କୋଇଲା ଦୁର୍ନୀତି: ପୂର୍ବତନ ସଚିବ ଏଚ୍.ସି. ଗୁପ୍ତା ଦୋଷୀ

ନୂଆଦିଲ୍ଲୀ,୩୦।୧୧ (ପି.ଟି.)

ବହୁଚର୍ଚ୍ଚିତ କୋଇଲା ଖଣି ଆବଣ୍ଟନ ଦୁର୍ନୀତି ମାମଲାରେ ଶୁକ୍ରବାର ଦିଲ୍ଲୀର ଏକ କୋର୍ଟ ପୂର୍ବତନ କୋଇଲା ସଚିବ ଏଚ୍.ସି. ଗୁପ୍ତାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉପା ସରକାର ଅମଳର ଏହି ଦୁର୍ନୀତି ମାମଲାରେ ଗୁପ୍ତାଙ୍କ



ଏଚ୍.ସି. ଗୁପ୍ତା

ସମେତ ୫ ଜଣ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏକ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ସେମାନଙ୍କ ବିରୋଧରେ ଆସନ୍ତା ୩ରେ ଦଣ୍ଡବିଧାନ କରାଯିବ। ୨୦୦୫ ଡିସେମ୍ବର ୩୧ରୁ ୨୦୦୮ ନଭେମ୍ବର ☞ ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ହକି ବିଶ୍ୱକପ୍ — ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

**ଶୁକ୍ରବାର**

ପ୍ରଥମ ମ୍ୟାଚ
ଅଷ୍ଟ୍ରେଲିଆ-୨
ଆୟର୍ଲାଣ୍ଡ-୧

ଦ୍ୱିତୀୟ ମ୍ୟାଚ
ଇଂଲଣ୍ଡ-୨
ଚାଇନା-୨






## ■ ରତ୍ନଭଣ୍ଡାର ଚାବି ହଜିବା ଘଟଣା
## ତଦନ୍ତ କମିଶନ ଦାଖଲ କଲେ ପୂର୍ଣ୍ଣାଙ୍ଗ ରିପୋର୍ଟ

ପୁରୀ ଅଫିସ/ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ)



■ ୩୨୪ ପୃଷ୍ଠା ସମ୍ବଳିତ ରିପୋର୍ଟରେ ରହିଛି ବିସ୍ତୃତ ତଥ୍ୟ

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିଶନ ଜଷ୍ଟିସ ରଘୁବୀର ଦାଶ ୩୨୪ ପୃଷ୍ଠା ସମ୍ବଳିତ ପୂର୍ଣ୍ଣାଙ୍ଗ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। କମିଶନଙ୍କ କାର୍ଯ୍ୟକାଳ ଆସନ୍ତା ୭ ତାରିଖରେ ସରିବାକୁ ଥିବାବେଳେ ଶୁକ୍ରବାର ଉକ୍ତ ରିପୋର୍ଟକୁ କମିଶନଙ୍କ ସଚିବ କାଶୀନାଥ ପାଣିଗ୍ରାହୀ ଗୃହ ବିଭାଗ ଉପସଚିବଙ୍କୁ ଦେଇଛନ୍ତି। ରିପୋର୍ଟରେ ରତ୍ନଭଣ୍ଡାର ଚାବି କିଭଳି ସୁରକ୍ଷିତ ରହିବ ଏବଂ ରତ୍ନଭଣ୍ଡାର ପରିଚାଳନା ନିୟମାବଳୀ ସଂକ୍ରାନ୍ତରେ କମିଶନ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିବା କୁହାଯାଉଛି। ୬ ମାସ ଭିତରେ ତଦନ୍ତ ଶେଷ କରି ସରକାରଙ୍କୁ ରିପୋର୍ଟ ଦେବାରେ ଏହି କମିଶନ ରେକର୍ଡ କରିଥିବା କୁହାଯାଉଛି।

ଜଗମୋହନ ମରାମତି ସରିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଘାରିଥିଲା ରତ୍ନଭଣ୍ଡାରର ସୁରକ୍ଷା ଚିନ୍ତା। ଗତ ମାର୍ଚ୍ଚ ୨୦ରେ ପରିଚାଳନା କମିଟି ବୈଠକ ବସି ରତ୍ନଭଣ୍ଡାର ଗୃହର ସ୍ଥିତି ଓ ମରାମତି ଉପରେ ଆଲୋଚନା ହୋଇଥିଲା। ଏପରି କି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ୪ରେ ରତ୍ନଭଣ୍ଡାର ☞ ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ସିଏଜିଙ୍କ ନୀରବତା**

**ଆଜିର ମନ୍ତବ୍ୟ**

"ଚାଷୀ ଓ ଆଦିବାସୀଙ୍କ ଜମି ଶିଳ୍ପପତିଙ୍କ ହାତରେ ଟେକିଦେବା ହେଉଛି ଭାଜପା ସରକାରର ଲକ୍ଷ୍ୟ।
-ମେଧା ପାଟକର, ନର୍ମଦା ବଞ୍ଚାଅ ଆନ୍ଦୋଳନ କର୍ମୀ


NECC NATIONAL EGG CO-ORDINATION COMMITTEE 30.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 71 | 120 | 130 |
| BLS | 72 | 122 | 132 |
| ANG | 72 | 122 | 132 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଦେଶର ଜିଡିପି ଅଭିବୃଦ୍ଧି ୭.୭% ଥିବା ବେଳେ ଏପ୍ରିଲ-ଜୁନ ତ୍ରୈମାସରେ ୮.୨% ରହିଛି।
– ଅର୍ଥ ମନ୍ତ୍ରଣାଳୟ






"ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବିଚାରଧାରା ଓ ଭାବ ବିନିମୟ ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଦେଶବିରୋଧୀ କାର୍ଯ୍ୟର ପ୍ଲାଟ୍‌ଫର୍ମ ଭାବେ ବ୍ୟବହାର କରାଯାଇ ପାରିବ ନାହିଁ।"

-ଜିତେନ୍ଦ୍ର ସିଂ, କେନ୍ଦ୍ରମନ୍ତ୍ରୀ

## ସଂକ୍ଷେପରେ

### ବିକାନେର ଜମି ଦୁର୍ନୀତି
### ରବର୍ଟ ଭଦ୍ରାଙ୍କୁ ସମନ୍

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ରାଜସ୍ଥାନର ବିକାନେର ଜମି ଦୁର୍ନୀତି ମାମଲାର ମନି ଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କୁ ସମନ୍ ଜାରି କରିଛି। ତାଙ୍କୁ ଆସନ୍ତା ସପ୍ତାହରେ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ହାଜର ହେବାକୁ କୁହାଯାଇଛି। ଭଦ୍ରାଙ୍କୁ ଏହା ଇଡିର ଦ୍ୱିତୀୟ ସମନ। ପ୍ରଥମ ସମନ ବେଳେ ବୟାନ ରେକର୍ଡ ଲାଗି ସେ ଇଡିରେ ହାଜର ହୋଇ ନ ଥିଲେ। ୨୦୧୫ରେ ଏହି ଜମି କିଣାବିକା ହୋଇଥିଲା। ଭାରତ-ପାକ୍ ସୀମା ନିକଟବର୍ତ୍ତୀ ସମ୍ବେଦନଶୀଳ ଅଞ୍ଚଳରେ ଜମି କାରବାରରେ ଜାଲିଆତି ହୋଇଥିବା ନେଇ ସ୍ଥାନୀୟ ତହସିଲଦାରଙ୍କ ଅଭିଯୋଗ କ୍ରମେ ରାଜସ୍ଥାନ ପୋଲିସ ଦାଏର କରିଥିବା ଏତଲା ଏବଂ ଚାର୍ଜଶିଟ୍‌କୁ ଭିତ୍ତିକରି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି ଭଦ୍ରାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିଥିଲା। ଭଦ୍ରାଙ୍କ ସ୍କାଏଲାଇଟ ହସ୍ପିଟାଲିଟି ପ୍ରାଇଭେଟ ଲିମିଟେଡ କିଣିଥିବା ଜମିକୁ ନେଇ ଇଡି ତାଙ୍କୁ ପଚରା ଉଚରା କରିବ ବୋଲି ଜଣାପଡିଛି।

### ଆଝାରୁଦ୍ଦିନ ତେଲେଙ୍ଗାନା କଂଗ୍ରେସର କାର୍ଯ୍ୟକାରୀ ସଭାପତି

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ବିଧାନସଭା ନିର୍ବାଚନ ପୂର୍ବରୁ ପୂର୍ବତନ କଂଗ୍ରେସ ଏମ୍‌ପି ମହମ୍ମଦ ଆଝାରୁଦ୍ଦିନଙ୍କୁ ଶୁକ୍ରବାର ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ବି.ଏମ୍. ବିନୋଦ କୁମାର ଏବଂ ଜାଫର ଜାଭେଦଙ୍କୁ ଉପସଭାପତି, ୮ ଜଣଙ୍କୁ ନୂଆ ସାଧାରଣ ସମ୍ପାଦକ ଏବଂ ୪ ଜଣଙ୍କୁ ସମ୍ପାଦକ ନିଯୁକ୍ତ କରାଯାଇଛି। ଆଝାରୁଦ୍ଦିନ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ।

## ■ ପାକିସ୍ତାନକୁ ଚାଇନାର କଡ଼ା ସନ୍ଦେଶ
# ପିଓକେ ଭାରତର

**ବେଜିଂ/ନୂଆଦିଲ୍ଲୀ,୩୦।୧୧**




ଚାଇନା ପକ୍ଷରୁ ଜାରି ଏକ ମାନଚିତ୍ରରେ ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଭାରତର ଅଂଶବିଶେଷ ଭାବେ ଦର୍ଶାଯାଇଛି। ଚାଇନାର ସରକାରୀ ଟିଭି ଚ୍ୟାନେଲ ଚାଇନା ଗ୍ଲୋବାଲ ଟେଲିଭିଜନ୍ ନେଟ୍‌ୱର୍କ (ସିଜିଟିଏନ୍) ପ୍ରଥମଥର ପାଇଁ ପିଓକେକୁ ପାକିସ୍ତାନର ଅଂଶ ନୁହେଁ ବୋଲି କହିଛି। ପାକିସ୍ତାନରେ ଚାଇନା ନାଗରିକଙ୍କ ନିରାପତ୍ତାକୁ ନେଇ ଚିନ୍ତିତ ବେଜିଂ ନିଜ ଅସନ୍ତୋଷ ବ୍ୟକ୍ତ କରିବା ପାଇଁ ଏଭଳି ଶୈଳୀରେ ଇସ୍‌ଲାମାବାଦକୁ କଡ଼ା ସନ୍ଦେଶ ଦେଇଛି।

ଗତ ୨୩ ତାରିଖରେ କରାଚୀସ୍ଥିତ ଚାଇନାର କନ୍‌ସୁଲେଟ୍ (ବାଣିଜ୍ୟିକ ଦୂତାବାସ) ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୩ ବିସ୍ଫୋରକ ସଜ୍ଜିତ ଆତ୍ମଘାତୀ କନ୍‌ସୁଲେଟ୍‌କୁ ଧସେଇ ପଶି ୪ ଜଣଙ୍କୁ ହତ୍ୟା କରିଥିଲେ। ନିହତଙ୍କ ମଧ୍ୟରେ ୨ ପୋଲିସ କର୍ମୀ ଓ ୨ ସାଧାରଣ ନାଗରିକ ଥିଲେ। ଅନ୍ୟପକ୍ଷରେ ସୁରକ୍ଷା କର୍ମୀଙ୍କ ଗୁଳିମାଡ଼ରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ଆକ୍ରମଣ ପାଇଁ ବିଚ୍ଛିନ୍ନତାବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍‌ଏ) ନିଜକୁ ଦାୟୀ କରିଥିଲା। ବଲୁଚ୍ ମାଟିରେ ଚାଇନା ସେନାର କୌଣସି ସାମରିକ ବିସ୍ତାରବାଦୀ ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଏଲ୍‌ଏ ପକ୍ଷରୁ ସେତେବେଳେ କୁହାଯାଇଥିଲା। ଚାଇନାର ଅନ୍ତର୍ଜାତୀୟ ଗଣମାଧ୍ୟମ ସିଜିଟିଏନ୍ ଶୁକ୍ରବାର ଏହାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଉକ୍ତ ରିପୋର୍ଟ ପ୍ରସାରଣ ବେଳେ ଭାରତର ଏକ ମାନଚିତ୍ର ଦେଖାଯାଇଛି। ଏଥିରେ ପିଓକେକୁ ଜମ୍ମୁ-କଶ୍ମୀରର ଅସଲ ମ୍ୟାପ୍‌ର ଅଂଶ ଭାବେ ଦର୍ଶାଯାଇଛି। ଏଥିରେ ସମଗ୍ର ଜମ୍ମୁ-କଶ୍ମୀରକୁ ଭାରତର ଅଂଶବିଶେଷ ଭାବେ ଚିତ୍ରିତ କରାଯାଇଛି। ମାନଚିତ୍ରରେ ପାକିସ୍ତାନ ପଟେ ପିଓକେ ନାହିଁ। ପିଓକେକୁ ଭାରତ ନିଜର ଅଂଶ ବୋଲି ଦୀର୍ଘଦିନ ଧରି ଦାବି କରିଆସୁଥିବାବେଳେ ପାକିସ୍ତାନ ଓ ଏହାର ସବୁଦିନିଆ ବନ୍ଧୁରାଷ୍ଟ୍ର ଚାଇନା ଏହାକୁ ଅସ୍ୱୀକାର କରୁଥିଲେ। ଏବେ ଚାଇନା କନ୍‌ସୁଲେଟ ଉପରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଆକ୍ରମଣ ପରିପ୍ରେକ୍ଷୀରେ ବେଜିଂ ନିଜ ଆଭିମୁଖ୍ୟ ବଦଳାଇଛି। ପାକିସ୍ତାନ ନିଜ ମାଟିରେ ଚାଇନା ନାଗରିକଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବାରୁ କ୍ଷୋଭବ୍ୟକ୍ତ କରିବାକୁ ଯାଇ ବେଜିଂ ଏପରି କରିଥିବା କୁହାଯାଉଛି। ଏଥିଯୋଗୁ ମହତ୍ତ୍ୱାକାଂକ୍ଷୀ ଯୋଜନା ଚାଇନା-ପାକିସ୍ତାନ ଇକୋନୋମିକ୍ କରିଡର (ସିପିଇସି)ର ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଏହି ପ୍ରକଳ୍ପରେ ବେଜିଂ ପକ୍ଷରୁ ୬୦ ବିଲିୟନ୍ ଡଲାରର ପୁଞ୍ଜିନିବେଶ କରାଯାଇଛି। ସିପିଇସି ପିଓକେ ଦେଇ ଗତିଶୀଳ ହୋଇଥିବାରୁ ଭାରତର ସାର୍ବଭୌମତ୍ୱକୁ କ୍ଷୁଣ୍ଣ କରୁଥିବା ଦର୍ଶାଇ ନୂଆଦିଲ୍ଲୀ ଏହାକୁ ବିରୋଧ କରୁଛି। ତେବେ ଚାଇନାର ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ ଇସ୍‌ଲାମାବାଦ ପକ୍ଷରୁ କିଛି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ।

### ସମ୍ପର୍କରେ ଫାଟ
- ଚାଇନା କନ୍‌ସୁଲେଟ୍ ଆକ୍ରମଣର ଜବାବ
- ପାକିସ୍ତାନରେ ଚାଇନା ନାଗରିକ ଅସୁରକ୍ଷିତ
- ମାନଚିତ୍ରରେ ପିଓକେ ପାକିସ୍ତାନର ଅଂଶ ନୁହେଁ: ସିଜିଟିଏନ୍
- ସମଗ୍ର ଜମ୍ମୁ-କଶ୍ମୀର ଭାରତର



## ■ ଦିଲ୍ଲୀରେ ବିଶାଳ କୃଷକ ସମାବେଶ
# କେନ୍ଦ୍ର ଉପରେ ରାହୁଲ, କେଜ୍‌ରିୱାଲ ବର୍ଷିଲେ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ନଭେମ୍ବରର ପ୍ରବଳ ଶୀତକୁ ଖାତିର ନକରି ବିଭିନ୍ନ ରାଜ୍ୟରୁ ପାଖାପାଖି ୩୫ ହଜାର କୃଷକ ଦିଲ୍ଲୀରେ ଏକାଠି ହୋଇଛନ୍ତି। କୃଷିରଣ ଛାଡ କରିବା ଏବଂ ଉତ୍ପାଦିତ ଶସ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ ଦାବିରେ ସେମାନେ ପାର୍ଲାମେଣ୍ଟ ଷ୍ଟ୍ରିଟ ଅଭିମୁଖେ ଅଗ୍ରସର ହେଉଥିଲା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କ ଦାବିକୁ ସମର୍ଥନ କରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି ନେତା ଅରବିନ୍ଦ କେଜ୍‌ରିୱାଲ ରାଲିକୁ ସମ୍ବୋଧିତ କରିବା ଅବସରରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ସମାବେଶରେ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଶରଦ ଯାଦବ ଏବଂ ସିପିଏମ୍ ନେତା ସୀତାରାମ ୟେଚୁରୀ ପ୍ରମୁଖ ଯୋଗ ଦେଇ କୃଷକମାନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ।

କୃଷକମାନଙ୍କ ଲାଗି ସବୁ ରାଜନୈତିକ ଦଳ ସେମାନଙ୍କ ପଛରେ ଛିଡ଼ା ହୋଇଥିବା ରାହୁଲ କହିଛନ୍ତି। କୃଷିରଣ ଛାଡ କରିବା ଲାଗି ରାହୁଲ କେନ୍ଦ୍ର ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ୫ ମାସ ମଧ୍ୟରେ କେନ୍ଦ୍ର ସରକାର ଏମ୍‌ଏସ୍ ସ୍ୱାମୀନାଥନ କମିଶନ ରିପୋର୍ଟକୁ କାର୍ଯ୍ୟକାରୀ ନକଲେ ୨୦୧୯ ନିର୍ବାଚନରେ କୃଷକମାନେ ସେମାନଙ୍କ ଶକ୍ତି ଦେଖାଇବେ ବୋଲି କେଜରିୱାଲ କହିଥିଲେ।



# ଭଗତ ସିଂଙ୍କୁ ଆତଙ୍କବାଦୀ କହି ପ୍ରଫେସର ନିଲମ୍ବିତ

**ଜମ୍ମୁ,୩୦।୧୧(ପି.ଟି.)**

ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କୁ ଆତଙ୍କବାଦୀ କହିଥିବା ବରିଷ୍ଠ ପ୍ରଫେସରଙ୍କୁ ଜମ୍ମୁ ବିଶ୍ୱବିଦ୍ୟାଳୟ ନିଲମ୍ବନ କରିଛି। ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଥିବା ପ୍ରଫେସର ମହମ୍ମଦ ତାଜୁଦ୍ଦିନ ପିଲାଙ୍କୁ ପଢ଼ାଉଥିଲା ବେଳେ ଭଗତ ସିଂ ଜଣେ ଆତଙ୍କବାଦୀ ଥିଲେ ବୋଲି କହିଥିଲେ। ଉକ୍ତ ଭିଡିଓ କ୍ଲିପ୍ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ତାଙ୍କୁ ନିଲମ୍ବନ କରାଯାଇଛି। ତାଙ୍କ ବିରୋଧରେ କେତେକ ଛାତ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କଠାରେ ଅଭିଯୋଗ କରିଥିଲେ। ୬ ଜଣିଆ କମିଟି ଉକ୍ତ ଘଟଣାର ତଦନ୍ତ କରୁଥିବା କୁଳପତି କହିଛନ୍ତି। ଉକ୍ତ କମିଟିର ରିପୋର୍ଟ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରେ ପ୍ରଫେସର ତାଜୁଦ୍ଦିନ ତାଙ୍କ ମନ୍ତବ୍ୟ ଲାଗି ଦୁଃଖ ପ୍ରକାଶ କରିଛନ୍ତି।

## ସ୍ଥାନୀୟ ଶ୍ରମିକଙ୍କୁ ଦରମା ଦେଇନି କମ୍ପାନୀ




# ଇଥିଓପିଆରେ ୭ ଭାରତୀୟ ପଣବନ୍ଦୀ

**ନୂଆଦିଲ୍ଲୀ,୩୦।୧୧:** ଇଥିଓପିଆରେ ଭାରତୀୟ କମ୍ପାନୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍ (ଆଇଏଲ୍‌ଆଣ୍ଡଏଫ୍‌ଏସ୍)ର ୭ କର୍ମଚାରୀଙ୍କୁ ପଣବନ୍ଦୀ ରଖାଯାଇଛି। କମ୍ପାନୀରେ କାର୍ଯ୍ୟରତ କେତେଜଣ ସ୍ଥାନୀୟ ଶ୍ରମିକ ସେମାନଙ୍କୁ ଗତ ୨୫ ତାରିଖରୁ ପଣବନ୍ଦୀ ରଖିଥିବା ଜଣାପଡ଼ିଛି। ଗତ ଅଗଷ୍ଟରେ ଉକ୍ତ କମ୍ପାନୀ ଉପରେ ସେଠାକାର ଶ୍ରମିକଙ୍କ ୧୨.୬ ବିଲିୟନ ଡଲାର ପାଉଣା ବାକି ରହିଥିଲା। କମ୍ପାନୀ ପକ୍ଷରୁ ଚାଲିଥିବା କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ ୯ ମାସ ହେଲା ଦରମା ଦିଆଯାଇନାହିଁ। ଏହାକୁ ନେଇ କ୍ଷୁବ୍ଧ ଶ୍ରମିକମାନେ ୩ଟି ସ୍ଥାନରେ ୭ ଭାରତୀୟ କର୍ମଚାରୀଙ୍କୁ ପଣବନ୍ଦୀ ରଖିଛନ୍ତି। ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର ତଦନ୍ତ କରୁଛି।





## ଫୁରସତ

# ଚ୍ୟାଲେଞ୍ଜିଂ ସୃଷ୍ଟିକାରୀ ଭୂମିକା ଚାହାନ୍ତି

**ମୁମ୍ବାଇ:** ସବୁବେଳେ ଚ୍ୟାଲେଞ୍ଜ୍ ସୃଷ୍ଟିକାରୀ ତଥା ଚିତ୍ତାକର୍ଷକ ଭୂମିକାରେ ଅଭିନୟ କରିବାକୁ ଚାହାନ୍ତି ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା। ଏହାଦ୍ୱାରା ଜଣେ ନିଜର ଅଭିନୟକୁ ଭଲଭାବେ ପରିସ୍ଫୁଟନ କରିପାରେ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଥମକରି ସେ ୟଶରାଜ ଫିଲ୍ମ ବ୍ୟାନରରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍‌ଙ୍କ ସହିତ ଅଭିନୟ ଆରମ୍ଭ କରିଥିଲେ। କୌଣସି ଉଚ୍ଚାଭିଳାଷୀ ଅଭିନେତ୍ରୀଙ୍କ ପାଇଁ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ସ୍ୱପ୍ନର ନାୟକ ହୋଇଥିବା ବେଳେ ଅନୁଷ୍କା ସେଭଳି ସୁଯୋଗ ପାଇଥିଲେ ଏବଂ ନିଜର ଦୀର୍ଘ ଦଶନ୍ଧିର କ୍ୟାରିୟର ମଧ୍ୟରେ ଅନେକ ମାଇଲଷ୍ଟୋନ ଅତିକ୍ରମ କରିସାରିଛନ୍ତି। ଅନୁଷ୍କା ତାଙ୍କର ଆଗାମୀ ଫିଲ୍ମ 'ଜିରୋ'ରେ ଶାହରୁଖ୍‌ଙ୍କ ସହିତ ଅଭିନୟ କରିଥିବା ବେଳେ ଏହା ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ସେ ସବୁବେଳେ ଚ୍ୟାଲେଞ୍ଜ ସୃଷ୍ଟିକାରୀ ଫିଲ୍ମରେ ଅଭିନୟ କରିବାକୁ ପସନ୍ଦ କରିଥାନ୍ତି। ତାଙ୍କ କହିବାନୁଯାୟୀ, 'ଜିରୋ'ରେ ଅଭିନୟ ତାଙ୍କୁ ଉତ୍ସାହିତ କରିବା ସହିତ ତାଙ୍କ ଭିତରେ ଥିବା ଅଭିନେତ୍ରୀଙ୍କୁ ପୁନଃ ଉଦ୍ଭାବନ କରିବାର ସୁଯୋଗ ସୃଷ୍ଟି କରିଛି। ଆନନ୍ଦ ଏଲ୍. ରାଏଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଜିରୋ' କାହାଣୀ ୩ଟି ଚରିତ୍ର ଶାହରୁଖ୍, ଅନୁଷ୍କା ଏବଂ କାଟ୍ରିନା କୈଫଙ୍କୁ ନେଇ ଗଢ଼ିଉଠିଛି। ଅନୁଷ୍କା ଏଥିରେ 'ନାସା'ର ଜଣେ ବୈଜ୍ଞାନିକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି।



ଅନୁଷ୍କା ଶର୍ମା



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–**ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୪.୮ |
| ଚାନ୍ଦବାଲି | ୨୯.୮ | ୧୭.୨ |
| କଟକ | ୨୮.୫ | ୧୫.୮ |
| ପାରାଦ୍ୱୀପ | ୨୯.୬ | ୧୮.୬ |
| ଭୁବନେଶ୍ୱର | ୩୦.୫ | ୧୬.୩ |
| ଗୋପାଳପୁର | ୩୦.୦ | ୧୮.୩ |
| ପୁରୀ | ୩୦.୨ | ୧୮.୮ |
| ଅନୁଗୋଳ | ୨୭.୯ | ୧୨.୬ |
| ବାରିପଦା | ୨୭.୦ | ୧୮.୦ |
| ଝାରସୁଗୁଡ଼ା | ୩୦.୦ | ୧୬.୦ |
| କେନ୍ଦୁଝର | ୨୫.୭ | ୧୪.୨ |
| ସମ୍ବଲପୁର | ୩୦.୦ | ୧୫.୨ |
| ସୁନ୍ଦରଗଡ଼ | ୩୦.୦ | ୧୫.୦ |
| ହୀରାକୁଦ | ୨୯.୩ | ୧୬.୧ |
| ତାଳଚେର | ୩୧.୬ | ୧୪.୦ |
| ଭବାନୀପାଟଣା | ୨୯.୮ | ୧୩.୨ |
| ବଲାଙ୍ଗୀର | ୨୬.୬ | ୧୨.୬ |
| କୋରାପୁଟ | ୨୭.୬ | ୧୩.୦ |
| ଫୁଲବାଣୀ | --- | ୦୮.୦ |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୧.୦ | --- |
| ସୋନପୁର | ୨୯.୬ | ୧୩.୨ |
| ଦାରିଙ୍ଗିବାଡ଼ି | ୨୫.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଇତିହାସର ଆଇନାରେ
### ଡିସେମ୍ବର ୧ର ପ୍ରମୁଖ ଘଟଣା

୧୯୪୧ ଡିସେମ୍ବର ୧ ତାରିଖରେ ଜାପାନ ସମ୍ରାଟ ହିରୋହିଟୋ ଆମେରିକା ବିରୋଧରେ ଯୁଦ୍ଧ ପ୍ରସ୍ତାବକୁ ଚୂଡାନ୍ତ ମଞ୍ଜୁରୀ ପ୍ରଦାନ କରିଥିଲେ। ଇମ୍ପେରିଆଲ କନ୍‌ଫରେନ୍ସ ବସି ଆମେରିକା, ବ୍ରିଟେନ ଏବଂ ନେଦରଲାଣ୍ଡ ବିରୋଧରେ ଯୁଦ୍ଧ ପ୍ରସ୍ତାବ ଗୃହୀତ ହୋଇଥିଲା।

୧୯୯୧ ଡିସେମ୍ବର ୧ରେ ୟୁକ୍ରେନବାସୀ ସୋଭିଏଟ ରୁଷରୁ ଅଲଗା ହୋଇ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେବା ଲାଗି ମତଦାନ କରିଥିଲେ। ଏହି ଗଣଭୋଟରେ ୮୪.୧୮ ପ୍ରତିଶତ ଭୋଟର ଭାଗ ନେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ୯୨ ପ୍ରତିଶତରୁ ଅଧିକ ସ୍ୱାଧୀନ ରାଷ୍ଟ୍ର ସପକ୍ଷରେ ମତ ଦେଇଥିଲେ।


Reliance fresh
Reliance
Growth is Life
Reliance Fresh now available on Google Assistant
Say "Ok Google" then "Talk to Reliance Fresh" to discover the best offers for this month
ପ୍ରତି ମାସରେ ବୋନସ
ମାସିକିଆ ସଉଦା ରେ ସଞ୍ଚୟ ଏମିତି, ବୋନସ ଯେମିତି
ପ୍ରତି ମାସର 10 ତାରିଖ ପର୍ଯ୍ୟନ୍ତ
ଏଚ୍‌ଏମ୍‌ଟି କୋଲମ୍ ରାଇସ୍ 10 kg
ଆମ ମୂଲ୍ୟ ₹459
MRP ₹550 ସଞ୍ଚନ୍ତୁ ₹91
ଡବଲ୍ ହିରନ୍ ସୋରିଷ ତେଲ 1 ℓ
ଆମ ମୂଲ୍ୟ ₹103
MRP ₹130 ସଞ୍ଚନ୍ତୁ ₹27
ଆଶୀର୍ବାଦ ଗୋଟା ଗହମ ଅଟା 5 kg
ଆମ ମୂଲ୍ୟ ₹165
MRP ₹190 ସଞ୍ଚନ୍ତୁ ₹25
ଗୁଡ୍ ଲାଇଫ୍ ଆଲମଣ୍ଡ 500 g
ଆମ ମୂଲ୍ୟ ₹385
MRP ₹461 ସଞ୍ଚନ୍ତୁ ₹76
ସନ୍‌ଫିଷ୍ଟ ମମ୍'ସ ମ୍ୟାଜିକ୍ କାଶ୍ୟୁ ଆଣ୍ଡ ଆମଣ୍ଡ ବିସ୍କୁଟସ / ବଟର / ଫ୍ରୁଟ୍ 200 g / ବ୍ରିଟାନିଆ ଗୁଡ୍ ଡେ ଚକୋଲେଟ ଚିପ୍ କୁକୀ 100 g
BUY2 GET1
MRP ପ୍ରତ୍ୟେକ ସର୍ବାଧିକ ₹30 ଠାରୁ
ରେଡ୍ ଲେବଲ୍ ନାଚୁରାଲ୍‌କେୟାର୍ ଲିଫ୍ / ଟାଟା ପ୍ରିମିଅମ / ଟାଟା ଗୋଲ୍ଡ ଲିଫ୍ ଟୀ ଆରମ୍ଭ ଟି 1 kg
ସଞ୍ଚନ୍ତୁ ₹90
MRP ₹350 ଠାରୁ ଆମ ମୂଲ୍ୟ ₹260 ଠାରୁ
ସିନ୍ଥଲ୍ ସାବୁନ 125 g x 3 ୟୁନିଟ (ବଛା ବଛା ପ୍ରକାର)
ସଞ୍ଚନ୍ତୁ ₹30
MRP ₹129 ଆମ ମୂଲ୍ୟ ₹99
ହେଡ୍ ଆଣ୍ଡ ଶୋଲ୍ଡର୍ସ ଶାମ୍ପୁ 375 ml (ବଛା ବଛା ପ୍ରକାର)
ସଞ୍ଚନ୍ତୁ ₹100
MRP ₹275 ଆମ ମୂଲ୍ୟ ₹175
INDIA GATE PRESENTS ପ୍ରତ୍ୟେକ ଥାଳିରେ ବାସ୍ମତୀ
ଇଣ୍ଡିଆ ଗେଟ୍ ରୋଜାନା ବାସମତୀ ଚାଉଳ 5 kg + ସନ୍‌ରିଚ୍ ସନ୍‌ଫ୍ଲାୱାର୍ ତେଲ 5 ℓ + ଗୁଡ୍ ଲାଇଫ୍ ସୁଗାର୍ 2 kg
ଆମ ମୂଲ୍ୟ ₹879
ସମ୍ମିଳିତ ସ.ଖା.ମୂ ₹1210 ସଞ୍ଚନ୍ତୁ ₹331
ଇଣ୍ଡିଆ ଗେଟ୍ ଦୁବାର୍ ବାସ୍‌ମତୀ ଚାଉଳ 1 kg
ଆମ ମୂଲ୍ୟ ₹95
MRP ₹122 ସଞ୍ଚନ୍ତୁ ₹27
ଇଣ୍ଡିଆ ଗେଟ୍ ସୁପର୍ ବାସମତୀ ଚାଉଳ 1 kg
ଆମ ମୂଲ୍ୟ ₹159
MRP ₹190
ପାଆନ୍ତୁ ଇଣ୍ଡିଆ ଗେଟ୍ ସୁପର୍ ବାସମତୀ ଚାଉଳ 500 g
ଖୋଲା ଚିନି 1 kg
ବଜାର ମୂଲ୍ୟ ₹40
ଆମ ମୂଲ୍ୟ ₹38
ଖୋଲା ହରଡ଼ ଡାଲି ଭାଲ୍ୟୁ 1 kg
ବଜାର ମୂଲ୍ୟ ₹72
ଆମ ମୂଲ୍ୟ ₹70
ରିଲାଏନ୍ସ ସିଲେକ୍ଟ ବେସନ / ସୁଜି / ମଇଦା 500 g / 1 kg
MRP ₹40 ଠାରୁ
BUY1 GET1
ସଞ୍ଚନ୍ତୁ ₹40 ଠାରୁ
ବ୍ରିଟାନିଆ ରସ୍କ 273 g
MRP ₹40
ହଟ୍ ଅଫର୍ 20% ଛାଡ଼
ମାକ୍‌କେନ୍ (ବଛା ବଛା ପ୍ରକାର)
MRP ₹70 ଠାରୁ
ହଟ୍ ଅଫର୍ 20% ଛାଡ଼
ହଲଦିରାମ ଭୁଜିଆ / ଭୁଜିଆ ସେଭ / ଖଟ୍ଟା ମିଠା 400 g
MRP ₹75 ଠାରୁ
ହଟ୍ ଅଫର୍ 25% ଛାଡ଼
ଟପ୍ ରାମେନ୍ ମସାଲା ନୁଡ଼ଲସ 420 g
MRP ₹60
ଆମ ମୂଲ୍ୟ ₹45
ସଞ୍ଚନ୍ତୁ ₹15
ନର୍ / ଚିଙ୍ଗ୍'ସ ସୁପ୍ 47 g ଠାରୁ
MRP ₹55 ପ୍ରତ୍ୟେକ
BUY2 GET1
ସଞ୍ଚନ୍ତୁ ₹55
ନ୍ୟୁଟେଲା ସ୍ପ୍ରେଡ୍ 290 g
MRP ₹320 ଆମ ମୂଲ୍ୟ ₹256
ସଞ୍ଚନ୍ତୁ ₹64
କିସାନ୍ ଫ୍ରେଶ ଟମାଟୋ କେଚପ୍ 950 g
MRP ₹125 ଆମ ମୂଲ୍ୟ ₹99
ସଞ୍ଚନ୍ତୁ ₹26
ଷ୍ଟାଣ୍ଡାର୍ଡ ହର୍ଲିକ୍ସ 750 g
MRP ₹305 ଆମ ମୂଲ୍ୟ ₹265
ସଞ୍ଚନ୍ତୁ ₹40
କେଲଗସ ଚୋକୋ କେ ପ୍ୟାକ୍ କମ୍ବୋ 156 g
MRP ₹60 ଆମ ମୂଲ୍ୟ ₹45
ସଞ୍ଚନ୍ତୁ ₹15
କଲଗେଟ୍ ସ୍ୱର୍ଣ୍ଣ ବେଦଶକ୍ତି ଟୁଥ୍‌ପେଷ୍ଟ 200 g
MRP ₹89 ଆମ ମୂଲ୍ୟ ₹59
ସଞ୍ଚନ୍ତୁ ₹30
ଭାସ୍‌ଲିନ୍ ବଡୀ ଲୋଶନ୍ 400 ml
MRP ₹265 ଆମ ମୂଲ୍ୟ ₹149
ସଞ୍ଚନ୍ତୁ ₹116
ପଣ୍ଡ'ସ ମଏଶ୍ଚରାଇଜର୍ କୋଲ୍ଡ କ୍ରୀମ୍ 100 ml
MRP ₹139 ଆମ ମୂଲ୍ୟ ₹105
ସଞ୍ଚନ୍ତୁ ₹34
ପାର୍କ ଅଭେନ୍ୟୁ ଡିଓ 125 ml
MRP ₹199
BUY1 GET1
SAVE ₹199
ବେବି ପ୍ୟାଣ୍ଟସ୍ (ବଛା ବଛା ରେଞ୍ଜ) (ପ୍ୟାମ୍ପର୍ସ ପ୍ରିମିୟମ / ହଗୀଜ୍)
MRP ₹699 ଆମ ମୂଲ୍ୟ ₹449
ସଞ୍ଚନ୍ତୁ ₹250
ଇଜୀ 3 kg
MRP ₹480 ଆମ ମୂଲ୍ୟ ₹440
BUY2 GET1*
*ପ୍ୟାକ୍ ଉପରେ ଥିବା ଅଫର୍ସକୁ ମିଶାଇ
ଟାଇଡ୍ ଲଣ୍ଡ୍ରୀ ପାଉଡର 2 kg
MRP ₹204 ଆମ ମୂଲ୍ୟ ₹174
ସଞ୍ଚନ୍ତୁ ₹30
20% Cashback freecharge
T&C Apply: Offer valid on minimum bill of ₹250
Maximum cashback upto ₹50, valid twice per user
Paytm Cashback Get up to ₹350 Cashback
MobiKwik SAVE 15%
Sodexo Now accepted on Food items*.
ଡାଏଲ୍ କରନ୍ତୁ ନିଃଶୁଳ୍କ ନମ୍ବର 1800-103-2022 ପାଖ ରିଲାଏନ୍ସ ଫ୍ରେଶ୍ ଷ୍ଟୋର୍ସ ଠିକଣା ଜାଣିବାକୁ
ସର୍ତ୍ତାବଳୀ ଲାଗୁ ହେବ ମାଲ୍ ଥିବା ଯାଏଁ ଅଫର୍ ବୈଧ । ବିନା ସୂଚନାରେ ଅଫର୍‌ସବୁ ବଦଳାଯାଇ ପାରେ । ଉତ୍ପାଦଙ୍କ ପ୍ରଦର୍ଶିତ ଚିତ୍ର / ଫଟଗୁଡ଼ିକ କେବଳ ନିଦର୍ଶକ ରୂପେ ଦିଆଯାଇଛି । ସମସ୍ତ ଉତ୍ପାଦଙ୍କ ସ.ଖା. ମୂଲ୍ୟରେ ସବୁ କର ମିଶିଛି । ଫଳ, ପନିପରିବା, ଖୋଲା କଞ୍ଚା ମାଲ୍, ଖାଇବା ତେଲ ଏବଂ ଦୁଧ ଓ ଦୁଧଜାତ ଦ୍ରବ୍ୟ ଉପରେ ସମସ୍ତ ଅଫର୍ 2 ଡିସେମ୍ବର, 2018 ପର୍ଯ୍ୟନ୍ତ ବୈଧ । ଅଫର୍‌ଗୁଡ଼ିକ 10 ଡିସେମ୍ବର, 2018 ପର୍ଯ୍ୟନ୍ତ ବୈଧ । ସମସ୍ତ ବିବାଦ କେବଳ ମୁମ୍ବାଇ ସ୍ଥିତ ନ୍ୟାୟାଳୟଗୁଡ଼ିକର କ୍ଷେତ୍ରାଧୀନ ହେବ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ସ୍ୱାତୀନା
ପରିବାରବର୍ଗ



ସତ୍ୟଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64378

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Plot size 40x60 ft. (25 ft. connecting road), near to 200 ft. newly built road from Infosys-2 Campus to Gohira Chhak (NH-5) in Badaraghunathpur mouza (adjacent Gita Gandhi College). 09443101191. D-9455

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 620/-ରେ ଦିଆଯାଉଅଛି। 7008045582, 9078967488. D-9684

Ready to construction at Pahal, Bhubaneswar Utkal Hights back side, electry, road complete 1300 sqft. boundary done 3 nos. 9938424085, 9040096679. D-9742

Meria Bazar, Makarbag Sahi, Cuttack 76 decimil land with house net income 30,000 rent per month sale @ 1.30cr. Owner Mob: 7008533986. D-9743

GA 2400 sqft. freehold South facing plot at Ghatikia for sale. 9937560970. D-64547

CV Raman College ପାଖରେ 1500 sqft. Plot 10ଟି ବିକ୍ରିହେବ। Contact: 9937910363. D-63877

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs. Contact: 9937059891, 9348253463, 8908292617.** D-9756

Ready 2BHK/ 3BHK flats for sale at Patia. 7008346486, 9937009250. D-65213

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-9757

ସୁନ୍ଦରପଦା Hitech ପାଖରେ 100' and 50' Revenue Roadଥାଇ 3ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619. D-64385

4BHK duplex with gated community at Balianta (Land- 1400 construction- 2100) @ 50 lakh. Finance by LIC housing. Gharabari land at Patharagadia @ 1200, Hanspal @ 1500. Gohala 4 acre, Pahala 3 acre, Pratapnagari 4 acre, Nakhara 1 acre, Trisulia 4 acre, Chandaka 1 acre, Pitapalli 2 acre. Contact. Mplanets:9861022055, 9938219397. D-9741

ସୁନ୍ଦରପଦା ବିରିବନ୍ଧ ପାଖରେ 70ଗୁଣ୍ଠ ଘରବାରି ପ୍ଲଟ 30ଫୁଟ ରୋଡଥାଇ ଗୁଣ୍ଠପ୍ରତି Rs. 2,50,000 ବିକ୍ରିହେବ। Contact: 9861684725, 7854882020. D-59838




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan– SMPL: 9439483779.** D-9755

### GENERAL

### SALE

**The following plants in good operating conditions situated at Nabarangpur, Odisha are for sale on 'As is where is basis'. Wetmix plant- Shitala 100TPH, Wetmix plant- Macons 200TPH, Asphalt Batchmix plant- Speco Korea 160TPH. For details contact: 9825083274, 9725057777, 9879583267, 7682866007.** D-9718




Desk- Furnished office space on sharing available at Samantarapur, Bhubaneswar. No security. Rent Rs. 1800 (start). Mobile: 6309629747. D-9738

### ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟ ବାର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65202

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65204

Rejuvenate and Ayurvedic full body massage by smart therapist. 9114402304. D-65205

Roshni ayurvedic massage club fully relaxed by smart lady, home service facility available. 9937637219. D-9600

Ayurvedic full body massage ladies / gents smart experts therapist. 9114697517. D-64645

Newly open herbal full body massage with refreshment well trained therapist. 7381239385. D-64650

All type of full body massage by expert therapist. 7609005923. D-65207

Herbal full body massage by smart/ expert therapist. Contact: 8338067247. D-65208

Newly opening ayurvedic massage smart therapist, Shree herbal. 7750020754. D-65209

Experience full body massage with us by experts. Enquiry: 06742597822, 7377048581. D-65212

Saishree ayurvedic full body massage ladies & gents. Contact: 7438896074. D-64653

### AFFIDAVIT

By virtue of an affidavit before Executive Magistrate, Nayagarh Dated 19.11.18. I Nrusingh Charan Mohanty have changed my minor Daughter's name from Chinmai Mohanty to Chinmayee Mohanty. Henceforth she shall be known as Chinmayee Mohanty for all purposes. D-61033

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



(ରିଚା)

**ସିଦ୍ଧିଶ୍ରୀୟା ସାହୁ**

ଡମଣା, ବଣିଆ ସାହି, ଚନ୍ଦ୍ରଶେଖରପୁର

ସରଧା ବାଲିର ଶ୍ରଦ୍ଧାଟିଏ, ଫୁଲ ପରି କୋମଳଟିଏ ସଖାଳ ଫୁଲର କାକରଟିଏ। ମନକୁ ଛୁଁଇ ତାର ପ୍ରତି କଥାଟିଏ ଆଜି ଗେହ୍ଲାର ଝିଅଟିଏ 'ରିଚା' ବୋଲି ତାର ନାଁଟିଏ। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ବାପା- ସାଗର ସାହୁ, ମାଆ- ସସ୍ମିତା, ସାହୁ ଏବଂ ବନ୍ଧୁ ଓ ପରିବାରବର୍ଗ। ଧ-୫୯୫୨୪

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(Mithi)


**Baisnabi**

Delanga, Puri

ଜନ୍ମଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ଯେ ତୋ ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ବାପା, ମା, ଜେଜେବାପା, ଜେଜେମା, ଅଜା, ଆଈ, ବିଷ୍ଣୁ, ଦୀପା, ପ୍ରଦୀପ, ରିଙ୍କି ଏବଂ ବନ୍ଧୁପରିବାରବର୍ଗ।

ଧ-୯୭୫୪

### ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



**ସାଇ ସୌରଭ ସ୍ୱାଇଁ**

ନୂଆଶାସନ, ପିପିଲି

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ପିତା- ରତ୍ନାକର ସ୍ୱାଇଁ, ମାତା- ସୁଶାନ୍ତି ସ୍ୱାଇଁ, ଭାଇ- ଅମୃ, ଭଉଣୀ- ସମୀକ୍ଷା, ଶିବାନୀ, ଜେଜେ, ଜେଜେମା, ଦାଦା, ଖୁଡୀ ଏବଂ ବନ୍ଧୁପରିବାରବର୍ଗ। ଧ-୯୭୧୪

### 7th Birthday Wish



**Ayusman Koustuv Bidyapati**

Balarampur, Kujang, Jagatsinghpur

May God bless you a good long life with prosperous healthy wealthy and bright career. Well Wishers- Jejaji, Jejamaa, Father, Mother, Aja, Uncle and Aunt, Sister- Barsa, Brother- Adi. D-9399

### ଷଷ୍ଠ ଜନ୍ମଦିନ ଶୁଭେଚ୍ଛା



**ଆୟୁସ ନାୟକ**

ବଘିଆପଡ଼ା

ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ ଓ ତୋତେ ଦୀର୍ଘାୟୁ କରନ୍ତୁ। ଶୁଭେଚ୍ଛା ସହ: ପିତା- ପବିତ୍ର ନାୟକ, ମା- ସସ୍ମିତା ମଲ୍ଲିକ, ବନ୍ଧୁ ଓ ପରିବାରବର୍ଗ। ଧ-୯୭୫୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ



**ରଞ୍ଜୁଲତା ମହାରଣା**


ତିରୋଧାନ: ୧୧.୧୧.୨୦୧୭

ସୁନାମୁହିଁ, ଜିଲା-ନୟାଗଡ଼

ଆଜି ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭେମାନେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାଥନା କରୁଛୁ। ଶ୍ରଦ୍ଧାଞ୍ଜଳୀ ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣି ଧ-୯୭୫୮

### Loving Memory

### 18th Death Anniversary



**Late Sulochana Nayak**

On 1st December

(Margasira Sukla Panchami)

A tribute of love from your's Husband, Son and Family. 464/ 2791, Lingaraj Vihar, Pokhariput, Bhubaneswar. D-9715


ପ୍ରଥମ ପୃଷ୍ଠାରୁ...

## ଭାଜପାରୁ ସମ୍ପର୍କ ଛିନ୍ନକଲେ ...

ଇସ୍ତଫା ଗୃହୀତ ହୋଇଛି। ଦିଲୀପଙ୍କ ଇସ୍ତଫା ପରେ ଗୃହରେ ଭାଜପା ବିଧାୟକ ସଂଖ୍ୟା ୧୦ରୁ ୯କୁ ଖସି ଆସିଛି। ଅନ୍ୟପଟେ ଉଭୟ ନେତା ଭାଜପା ଛାଡିବା ନେଇ ଦଳର ଦୋଷ, ତ୍ରୁଟିକୁ ନିଜ ମୁହଁରେ ପ୍ରକାଶ କରିଛନ୍ତି। ଏହାସହ ଭାଜପାରେ ଯୋଗଦାନ ଏକ ଭୁଲ୍ ନିଷ୍ପତ୍ତି ଥିଲା ବୋଲି ବିଜୟ କହିଛନ୍ତି।

ଅନ୍ୟପଟେ ଦିଲୀପ ନିଜ ଇସ୍ତଫା ସମ୍ପର୍କରେ ୩ ପୃଷ୍ଠା ସମ୍ବଳିତ ଏକ ଚିଠି ନିଜ ଟୁଇଟର୍‌ରେ ଅପ୍‌ଲୋଡ କରିଛନ୍ତି। ଏଥିରେ ଦିଲୀପ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଉରକେଲାର ଦ୍ରୁତ ବିକାଶ କଥା କୁହାଯାଇଥିଲା। ଏପରି କି, ପ୍ରଧାନମନ୍ତ୍ରୀ ନିଜେ ପ୍ରତ୍ୟକ୍ଷଭାବେ ରାଉରକେଲାବାସୀଙ୍କ ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟ ଏବଂ ଆଇଜିଏଚ୍‌କୁ ସୁପର ସ୍ପେଶାଲିଟି ହସ୍ପିଟାଲରେ ପରିଣତ କରାଗଲାନାହିଁ, ଏହା ସ୍ଥାନୀୟ ଜନପ୍ରତିନିଧି ହିସାବରେ ତାଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। ସେହିପରି ଉକ୍ତ କାର୍ଯ୍ୟ ହୋଇଥିଲେ ସେ ଶ୍ରେୟ ନେଇଯାଇ ଥାଆନ୍ତେ ବୋଲି ଭାଜପାରେ କେତେଜଣ ଭାବିଲେ। ଦିଲୀପ ବିଧାୟକ ଥିବା ପର୍ଯ୍ୟନ୍ତ ବ୍ରାହ୍ମଣୀ ସେତୁ, ଆଇଜିଏଚ୍ କାର୍ଯ୍ୟ ଯେପରି ନ ହୋଇପାରିବ ସେଥିପାଇଁ ଭାଜପା ମଧ୍ୟରେ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏସବୁ ତାଙ୍କୁ ବ୍ୟଥିତ ଏବଂ ଅପମାନିତ କରିଥିବା ଦିଲୀପ କହିଛନ୍ତି। ଭାଜପା ଛାଡିଥିଲେ ମଧ୍ୟ ନିଜର ପରବର୍ତ୍ତୀ ରଣନୀତି ନେଇ ନିଜ ଆଭିମୁଖ୍ୟ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି। ମାତ୍ର ୨୦୧୯ ନିର୍ବାଚନରେ ସେ ରାଉରକେଲାରୁ ଲଢିବେ ନାହିଁ ବୋଲି କହିଛନ୍ତି।

ଦିଲୀପ ବିଧାୟକ ଇସ୍ତଫା ଦେବାର ପ୍ରାୟ ଦୁଇଘଣ୍ଟା ପରେ ଭାଜପା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ବାସଭବନରେ ଏକ ଖବରଦାତା ସମ୍ମିଳନୀ ଡକାଯାଇଥିଲା। ସେଠାରେ ବିଜୟ ଭାଜପା ଛାଡୁଥିବା ନେଇ ବିଧିବଦ୍ଧ ଘୋଷଣା କରିଥିଲେ। ଇସ୍ତଫା ସମ୍ପର୍କରେ ବିଜୟ କହିଛନ୍ତି ଯେ, ଭାଜପାର ମନ୍ଦିର ଛୋଟ ହେଲେ ମୁଖଶାଳା ବହୁ ବଡ। ଗତ ୨ବର୍ଷ ଧରି ଭାଜପା ମୋ ସହ କୌଣସି ସମ୍ପର୍କ ରଖିନାହିଁ। ସବୁ ଜିନିଷ ଚରମସୀମାରେ ପହଞ୍ଚିଥିଲା। ତେଣୁ ଦଳ ଛାଡିବା ଛଡା ଅନ୍ୟ କୌଣସି ରାସ୍ତା ନ ଥିଲା। ଦିଲ୍ଲୀପ ରାୟଙ୍କ ସହ ମଧ୍ୟ ଅନୁରୂପ ବ୍ୟବହାର କରାଗଲା, ଯେଉଁଥିପାଇଁ ଉଭୟ ମିଳିତଭାବେ ଏକ ଘଣ୍ଟା ଆଲୋଚନା ପରେ ଇସ୍ତଫା ନିଷ୍ପତ୍ତି ନେଇଥିଲୁ ବୋଲି ବିଜୟ କହିଛନ୍ତି। ୨୦୧୪ପରେ ଭାଜପାରେ ବହୁତ କିଛି ଘଟିଛି। ଏ ସମ୍ପର୍କରେ ସମସ୍ତଙ୍କୁ ଜଣାଅଛି। ରାଜ୍ୟ ସ୍ୱାର୍ଥ ପାଇଁ କାହାରି ଚିନ୍ତାନାହିଁ। ନିଜ ସ୍ୱାର୍ଥ ଲାଗି ଆତ୍ମଘୋଷିତ ନେତୃତ୍ୱଗଣ ବ୍ୟସ୍ତ। ୨୦୦୯ରେ ଭଜପାରେ ଯୋଗଦେବା ଏକ ତରବରିଆ ନିଷ୍ପତ୍ତି ଥିଲା ବୋଲି ବିଜୟ କହିଛନ୍ତି। ପରବର୍ତ୍ତୀ ଆଭିମୁଖ୍ୟ ନେଇ ସେ କୌଣସି ସୂଚନା ଦେଇନାହାନ୍ତି। ଦିଲୀପ ବିଦେଶ ଗସ୍ତରୁ ୧୫ଦିନପରେ ଫେରିଲେ ଉଭୟ ନିଜର ପରବର୍ତ୍ତୀ ଆଭିମୁଖ୍ୟ ସମ୍ପର୍କରେ ଗଣମାଧ୍ୟମକୁ ଜଣାଇବେ ବୋଲି ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଭିନ୍ନ ପ୍ରସଙ୍ଗ ନେଇ ଭାଜପାର ଆଭିମୁଖ୍ୟ ଉପରେ ବିଜୟ ପ୍ରଶ୍ନ ଉଠାଇଛନ୍ତି। ସେ ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରି କହିଛନ୍ତି, କେବଳ ବ୍ରାହ୍ମଣୀ ସେତୁ, ଆଇଜିଏଚ୍ ହସ୍ପିଟାଲ କାର୍ଯ୍ୟର ପ୍ରସଙ୍ଗ ନୁହେଁ, ମହାନଦୀ ଜଳବିବାଦ, ପାରାଦୀପ ତୈଳ ବିଶୋଧନାଗାରରେ ଓଡିଆ ଯୁବକଙ୍କ ନିଯୁକ୍ତି ନ ହେବା ଦୁର୍ଭାଗ୍ୟଜନକ। ଏପରି ଅନେକ ଉଦାହରଣ ଥିଲେ ମଧ୍ୟ ଦଳୀୟ ନେତୃତ୍ୱ ତାହାକୁ ଅଣଦେଖା କରିଛି। ଗଣତାନ୍ତ୍ରିକ ଦଳରେ ଏହା ଭଲ ସୂଚନା ନୁହେଁ। ଭାଜପାରେ ସେ ଦୁହେଁ ଜୀବନ୍ତ ବ୍ୟକ୍ତି ଅପେକ୍ଷା ଆସବାବପତ୍ର ଭଳି ରହିଥିବା ବିଜୟ କହିଛନ୍ତି। ଆତ୍ମଘୋଷିତ ନେତାଙ୍କ ପାଇଁ ବିଜେପୁର ଉପନିର୍ବାଚନରେ ଦଳ ୪୦ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ ହୋଇଛି। ମାତ୍ର ଏଥିରୁ ଦଳ କୌଣସି ଶିକ୍ଷା ଗ୍ରହଣ କଲାନାହିଁ। ଏସବୁ ବରଦାସ୍ତ ନ ହେବାରୁ ଦଳ ଛାଡିଥିବା ବିଜୟ କହିଛନ୍ତି। ଉଭୟ ନେତା ଅଣକଂଗ୍ରେସ ରାଜନୀତି କରିଆସିଥିବାରୁ ବିଜେଡିରେ ସେମାନଙ୍କ ଯୋଗଦେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ହେଲେ ଦୁହେଁ ଏ ସମ୍ପର୍କରେ ମୁହଁ ଖୋଲିନାହାନ୍ତି। କେତେଜଣ ସମୀକ୍ଷକଙ୍କ କହିବା ଅନୁଯାୟୀ, ବିଗତ ଦିନରେ ବିଜେଡିରେ ପ୍ରଭାବଶାଳୀ ଥିବା ବିଜୟ ଦଳରୁ ଆଶ୍ଚର୍ଯ୍ୟଜନକଭାବେ ବିଦା ହୋଇଥିଲେ। ଏହାପରେ ରାଜ୍ୟ ରାଜନୀତିରେ ନିଜର ପ୍ରଭାବ ବିସ୍ତାର ଲାଗି ଶତଚେଷ୍ଟା କରିଥିଲେ ମଧ୍ୟ ସେ ସଫଳ ହୋଇପାରି ନ ଥିଲେ। ଶେଷରେ ସେ ଏକ ଆଞ୍ଚଳିକ ଦଳ ଗଠନ କରିଥିଲେ ମଧ୍ୟ ତାଙ୍କୁ ସେତେଟା ସଫଳତା ମିଳି ନ ଥିଲା, ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ସେ ଭାଜପାରେ ସାମିଲ ହୋଇଥିଲେ। ତେଣୁ ଏବେ ଭାଜପା ଛାଡିବାପରେ ସେ ପୁଣିଥରେ କୌଣସି ଆଞ୍ଚଳିକ ଦଳ ଗଠନ କରିବେ ବା ବିଜେଡିରୁ ବାହାରି ନୂଆ ଦଳ ଗଠନ କରିଥିବା ନେତାଙ୍କ ସହ ରହିବେ ତାହା ଅସମ୍ଭବ। ତେଣୁ ଏହିସବୁ କଥାକୁ ଚିନ୍ତା କରି ବିଜୟ ବିଜେଡିରେ ଯୋଗଦେବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖିଛନ୍ତି। ଅନ୍ୟପଟେ ବିଜେଡି ନେତା ପ୍ରତାପ ଜେନା କହିଛନ୍ତି ଯେ, ବିଜୟ କି ଦିଲୀପ ବାବୁ ନୁହନ୍ତି ଭାଜପାର ବହୁ ନେତା ଅଛନ୍ତି, ଯେଉଁମାନେ ବିଜେଡିକୁ ଆସିଲେ ସେମାନଙ୍କୁ ସ୍ୱାଗତ କରାଯିବ। ସେମାନେ ଯଦି ଆସିବେ ସେକଥା ଦଳର ସଭାପତି ନିଷ୍ପତ୍ତି ନେବେ।

## ମିଶିକି କାମ କରିବା...

ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉ ନ ଥିଲେ। ଏପରି କି ରାଷ୍ଟ୍ରୀୟ ଓ ରାଜ୍ୟ କାର୍ଯ୍ୟକାରିଣୀକୁ ମଧ୍ୟ ଉଭୟ ଆସୁ ନ ଥିଲେ। ସେ ଦଳରେ ରହିଲେ ବା ଛାଡିଲେ ଭାଜପା ଉପରେ ଏହାର କୌଣସି ବି ପ୍ରଭାବ ପଡିବ ନାହିଁ। କୋଲ ବ୍ଲକ ଆବଣ୍ଟନ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀପ ରାୟ ସିବିଆଇ ତଦନ୍ତର ସାମ୍ନା କରୁଛନ୍ତି। ଏହି ମାମଲାରୁ ବଞ୍ଚାଇବାକୁ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଆସୁଥିଲେ। ହେଲେ କେନ୍ଦ୍ର ଏହା ଉପରେ ଗୁରୁତ୍ୱ ନ ଦେବାରୁ ତାଙ୍କର ରାଗ। ରାଉରକେଲାବାସୀଙ୍କ ସ୍ୱାର୍ଥକୁ ନେଇ ସେ ମିଛ ନାଟକ କରୁଛନ୍ତି। ବ୍ରାହ୍ମଣୀ ଦ୍ୱିତୀୟ ପୋଲକୁ ଚାରି ଲେନରୁ ଛଅ ଲେନ କରିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ମାତ୍ର ରାଜ୍ୟ ସରକାର ଜମି, ଜଙ୍ଗଲ ନିୟମ, ଗଛ କଟା ଅନୁମତି ଆଳରେ ଏହି ପ୍ରକଳ୍ପକୁ ନ କରାଇଦେବାର ଷଡ଼ଯନ୍ତ୍ର କରୁଛନ୍ତି। ଦିଲୀପ ବାବୁ ସବୁଜାଣି ସୁଦ୍ଧା କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଦିଲୀପ ରାୟ ଏବଂ ବିଜୟ ମହାପାତ୍ରଙ୍କ ଅନ୍ୟକିଛି ରାଜନୈତିକ ଉଦ୍ଦେଶ୍ୟ ଅଛି। ସେଥିପାଇଁ ଭାଜପା ଉପରେ ଦୋଷାରୋପ କରିବାକୁ ଉଭୟ ନିଷ୍ପତ୍ତି ନେଇଛନ୍ତି। ମାତ୍ର ସେମାନଙ୍କ ଭିତ୍ତିହୀନ ସଫେଇକୁ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରିବେ ବୋଲି ସମୀର କହିଛନ୍ତି।

## କୋଇଲା ଦୁର୍ନୀତି: ପୂର୍ବତନ...

ପର୍ଯ୍ୟନ୍ତ କୋଇଲା ସଚିବ ଭାବେ କାର୍ଯ୍ୟରତ ଥିବା ଏଚ୍.ସି. ଗୁପ୍ତା ଏହା ପୂର୍ବରୁ ଅନ୍ୟ ଦୁଇଟି କୋଇଲା ଆବଣ୍ଟନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୫ ବର୍ଷ ଜେଲ ଦଣ୍ଡାଦେଶ ପାଇସାରିଛନ୍ତି। ଉଭୟ ମାମଲାରେ ସେ ଜାମିନରେ ମୁକୁଳିଛନ୍ତି। ସେହିପରି କୋଇଲା ମନ୍ତ୍ରଣାଳୟର ତତ୍କାଳୀନ ଯୁଗ୍ମ ସଚିବ କେ.ଏସ୍. କ୍ରୋଫା ୨୦୧୭ ଡିସେମ୍ବରରେ ମେଘାଳୟର ମୁଖ୍ୟ ଶାସନ ସଚିବ ଭାବେ ଅବସର ନେଇଥିଲେ। ସେ ମଧ୍ୟ ଅନ୍ୟ ଏକ କୋଇଲା ଆବଣ୍ଟନ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ପରେ ଜାମିନରେ ମୁକୁଳିଛନ୍ତି। ଅନୁରୂପ ଭାବେ ପୂର୍ବରୁ କୋଇଲା ମନ୍ତ୍ରଣାଳୟର ନିର୍ଦ୍ଦେଶକ ତଥା ବର୍ତ୍ତମାନ ସଂଖ୍ୟାଲଘୁ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିବା କେ.ସି. ସମିରା ମଧ୍ୟ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇବା ପରେ ଜାମିନରେ ଅଛନ୍ତି। ସଦ୍ୟ ମାମଲାରେ ସମସ୍ତ ଦୋଷୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଡିସେମ୍ବର ୩ରେ ସିବିଆଇ ବିଚାରପତି ଭରତ ପରାଶର ସେମାନଙ୍କ ଦଣ୍ଡବିଧାନ କରିବେ। ଦୋଷୀମାନଙ୍କୁ ସର୍ବାଧିକ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ।

ପଶ୍ଚିମବଙ୍ଗର ମୋଇରା ଓ ମଧୁଜୋର (ଉତ୍ତର ଓ ଦକ୍ଷିଣ) କୋଲ୍ ବ୍ଲକ୍ ବିକାଶ ମେଟାଲ୍ସ ଆଣ୍ଡ ପାୱାର ଲିମିଟେଡ୍ (ଭିଏମ୍‌ପିଏଲ୍)କୁ ଆବଣ୍ଟନ କରାଯାଇଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ୨୦୧୨ ସେପ୍ଟେମ୍ବରରେ ଅଭିଯୋଗ ଆସିବା ପରେ ସିବିଆଇ ମାମଲା ଦାଏର କରିଥିଲା। ଭିଏମ୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ବିକାଶ ପଟନି ଓ ଅଧିକୃତ ସ୍ୱାକ୍ଷରକାରୀ ଆନନ୍ଦ ମଲିକ ମଧ୍ୟ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପ୍ରକାଶ ଯେ, ଉପା-୧ ଓ ଉପା-୨ ଅମଳରେ କୋଲ୍ ବ୍ଲକ୍ ଆବଣ୍ଟନରେ ହୋଇଥିବା ୪୦ଟି ଦୁର୍ନୀତି ମାମଲାରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିସାରିଛି। ୨୦୧୪ ଜୁଲାଇ ୨୫ରେ ସୁପ୍ରିମକୋର୍ଟ ଏହି ମାମଲାଗୁଡ଼ିକର ଶୁଣାଣି ପାଇଁ ଅତିରିକ୍ତ ସେସନ୍ସ ଜଜ୍ ପରାଶରଙ୍କୁ ସ୍ୱତନ୍ତ୍ର ବିଚାରପତି ଭାବେ ନିଯୁକ୍ତ କରିଥିଲେ। ଅଦ୍ୟାବଧି ସ୍ୱତନ୍ତ୍ର ସିବିଆଇ ଅଦାଲତ ଏହିପରି ୬ଟି ମାମଲାର ରାୟ ଦେଇସାରିଲେଣି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ


**ମେଷ**
ଆଜି ଚନ୍ଦ୍ରଙ୍କ ସପ୍ତମ କେନ୍ଦ୍ରରେ ରାଶ୍ୟାଧିପ ମଙ୍ଗଳ ପାରିବାରିକ ସମସ୍ୟାର ଅନ୍ତ ଘଟାଇବ। ବିବାଦର ସମାଧାନ ସାଙ୍ଗକୁ ଋଣ ପରିଶୋଧକରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ତଥା ଚଳଚ୍ଚିତ୍ର ପ୍ରଭୃତି ସପ୍ତମସ୍ଥ ଶୁକ୍ରଙ୍କ ସ୍ୱଗୃହୀ ପ୍ରଭାବରୁ ଉନ୍ନତ ରହିବ।

**ବୃଷ**
ରାଶି ପ୍ରତି ମଙ୍ଗଳଙ୍କ ଚତୁର୍ଥ ଦୃଷ୍ଟି ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରତିଯୋଗିତା ପ୍ରଭୃତିରେ ସଫଳତା ପ୍ରଦାନ କରିବେ। କୌଣସି ଯାନ୍ତ୍ରିକ ଜିନିଷ କିମ୍ବା ଜମିଜମା କିଣିବା ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**
ଶନିଙ୍କ ଦୃଷ୍ଟି ଆପଣଙ୍କୁ ନିରୁତ୍ସାହିତ କରି ଅବସାଦ ଯୁକ୍ତ କରାଇପାରେ। ଅବଶ୍ୟ କାର୍ଯ୍ୟରେ ବିଫଳତା ଓ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବଜନିତ ମନସ୍ତାପ କରିବେ। ଅବଶ୍ୟ ଚନ୍ଦ୍ରଙ୍କ ପ୍ରଭାବରେ ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ, ଏପରିକି ବକେୟା ମଧ୍ୟ ପାଇପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ।

**କର୍କଟ**
ବନ୍ଧୁମାନଙ୍କ ଆଦର, ଗୌରବ ଓ କାର୍ଯ୍ୟରେ ସଫଳତା ପୃଷ୍ଠଭୂମି ହୋଇପାରେ। ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସାଙ୍ଗକୁ ଚତୁର୍ଥସ୍ଥ ଶୁକ୍ର ଜନିତ କଳ୍ପନା ବିଳାସୀ ହୋଇପାରନ୍ତି। ଘରେ ନ ଥିବା ସମୟରେ କୌଣସି ଶୁଭଖବର ପାଇ ବିସ୍ମୟ ପ୍ରକାଶ କରିବେ। ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ସିଂହ**
ରାଶିରେ ଚନ୍ଦ୍ର ଓ ତୃତୀୟସ୍ଥ ଶୁକ୍ର ପ୍ରଭାବରେ ଆପଣ ମନ ଭୁଲାଣିଆ ପଦେ ମଧୁର କଥାରେ ବିମୋହିତ ହୋଇ ଅନ୍ୟମାନଙ୍କ ଦ୍ୱାରା ସହଜରେ ପ୍ରଭାବିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବା ଯୋଗ ରହିଛି।

**କନ୍ୟା**
ଶୁକ୍ରଙ୍କ ସ୍ଥିତି ଜନିତ ମନର ଦୁଃଖକୁ ମନରେ ରଖି ମୁହଁରେ ହସ ଫୁଟାଇ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବେ। ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇବେ। ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ।

**ତୁଳା**
ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ବିବାଦୀୟ ଘଟଣାର ସମାଧାନରୁ ଆଶ୍ୱସ୍ତି ଲାଭ କରିବେ। ତଥାପି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**
ମଙ୍ଗଳଙ୍କ ପ୍ରତି ରାଶିସ୍ଥ ଶନିଙ୍କ ଦୃଷ୍ଟି ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରୁ ମାନସିକ କଷ୍ଟ ପ୍ରଦାନ କରିବେ। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇଦେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ**
ଅଷ୍ଟମସ୍ଥ ରାହୁ ଚନ୍ଦ୍ରଙ୍କ ପୃଷ୍ଠଦେଶରେ ଅବସ୍ଥାନ କରି ମନକୁ ଶଙ୍କାକୁଳ ରଖିବ। ଆପଣଙ୍କ କାର୍ଯ୍ୟ ଓ ଚିନ୍ତାଧାରା ନିଜ ଲୋକମାନଙ୍କ ମନରେ ଭିନ୍ନ ଭାବ ପୋଷଣ କରିପାରେ। ଅଯଥା ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ।

**ମକର**
ମଙ୍ଗଳଙ୍କ ପ୍ରଭାବରେ ଇଚ୍ଛାବିରୋଧୀ ପରିସ୍ଥିତିର ସମ୍ମୁଖୀନ ହୋଇ ଆପଣଙ୍କ କଠୋର ବାକ୍ୟ ନିଜ ଲୋକମାନଙ୍କୁ ଆଘାତ ଦେଇପାରେ। ଆଜି ସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବା ଆଶଙ୍କା ରହିଛି। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ।

**କୁମ୍ଭ**
ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ନିର୍ବିଘ୍ନରେ ସମାପନ କରିପାରିବେ। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ସଭାସମିତିରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ**
ସ୍ୱାସ୍ଥ୍ୟର କ୍ରମୋନ୍ନତି ସାଙ୍ଗକୁ ଇଚ୍ଛା ମୁତାବକ ମୂଲ୍ୟବାନ ଜିନିଷ ପ୍ରାପ୍ତ ହୋଇ ସାମୟିକ ଆନନ୍ଦ ଅନୁଭବ କରିପାରନ୍ତି। ଅଷ୍ଟମସ୍ଥ ଶୁକ୍ର ଆପଣଙ୍କୁ ଭୋଗବିଳାସ ପ୍ରତି ଆକୃଷ୍ଟ କରାଇବ। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ। ଭଲ ସମ୍ପର୍କ ନ ଥିବା ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିବେ।

ଆଜି ମାର୍ଗଶିର କୃଷ୍ଣ ନବମୀ ଶନିବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ରାଶି ନକ୍ଷତ୍ର-ଉତ୍ତରାଫାଲ୍‌ଗୁନୀ/ସିଂହ, ଦିବା ଘ୧୦।୫୩ମି. ଗତେ, କନ୍ୟା ଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୩୬ମି. ଗତେ ଘ୧୨।୫୮ମି. ମଧ୍ୟେ, ଘ୨।୧୮ମି. ଗତେ ଘ୩।୪୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୧ମି. ଗତେ ଘ୮।୫୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୫୨ମି. ଗତେ ଘ୧୦।୧୪ମି. ମଧ୍ୟେ ରାହୁକାଳ।




■ ପାରାଦୀପ ମଡେଲ ଥାନା ପୋଲିସକୁ ଖୋଲା ଚ୍ୟାଲେଞ୍ଜ

# ଗୁଳିମାରି ଲୁଟିନେଲେ ୭ ଲକ୍ଷ

**ପାରାଦୀପ,୩୦।୧୧(ସ୍ୱ.ପ୍ର.)**

ଅପରାଧ ରୋକିବାକୁ ପାରାଦୀପ ଥାନାକୁ ଜଗତ୍‌ସିଂହପୁର ଜିଲାର ପ୍ରଥମ ମଡେଲ ଥାନା କରାଯାଇଛି। ତେବେ ମଡେଲ ଥାନା ଘୋଷଣାର ୩ ଦିନ ପରେ ଶୁକ୍ରବାର ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ସ୍ପଷ୍ଟ ଦିବାଲୋକରେ ଜଣେ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କୁ ଗୁଳି କରି ୭ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏଥିରେ କର୍ମଚାରୀ ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବନ୍ଦର ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଗୁରୁବାର ଅପରାଧୀଙ୍କୁ ଧରିବାର କୌଶଳ ଶିକ୍ଷା ଦେବାକୁ ଯାଇ ପାରାଦୀପ



ଗୁଳିମାଡ଼ରେ ଆହତ ସଞ୍ଜୟ।

ପୋଲିସ ମକ୍‌ଡ୍ରିଲ କରିବାର ୨୪ଘଣ୍ଟା ନ ପୂରୁଣୁ ସତରେ ଏଭଳି ଲୁଟ୍ ହେବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ସୂଚନା ଅନୁଯାୟୀ, ସିଏମ୍‌ଏସ୍ ନାମକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀ ସଞ୍ଜୟ କୁମାର ଦାସ ବିଭିନ୍ନ ସ୍ଥାନରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସଂଗ୍ରହ କରି ଇଫ୍‌କୋ ଛକ ପାଖ ତଥା ୫ନଂ.(କ) ଜାତୀୟ ରାଜପଥ କଡ଼ରେ ଥିବା ସାହୁ କମ୍ପ୍ଲେକ୍ସର ୩ ତାଲାରେ

■ ଜଣେ ଗୁରୁତର
■ ମକ୍‌ଡ୍ରିଲର ୨୪ ଘଣ୍ଟା ନ ପୂରୁଣୁ ସତ ଲୁଟ୍
■ ସିସିଟିଭି ଯାଞ୍ଚ କରୁଛି ପୋଲିସ

ଥିବା ଆଉ ଏକ ସଂସ୍ଥାକୁ ଯାଉଥିଲେ। ସେ ସିଡିରେ ଯାଉଥିବାବେଳେ ଏକ କଳା ପଲ୍‌ସର ବାଇକରେ ୩ଜଣ ଦୁର୍ବୃତ୍ତ ଆସି ପହଞ୍ଚିଥିଲେ। ୨ଜଣ ସଞ୍ଜୟଙ୍କୁ ଅଟକାଇ ଟଙ୍କା ଛଡ଼ାଇବାକୁ ଉଦ୍ୟମ କରିଥିଲେ ଓ ଜଣେ ବାହାରେ ବାଇକ୍ ଷ୍ଟାର୍ଟ କରି ଅପେକ୍ଷା କରିଥିଲେ। ସଞ୍ଜୟ ଟଙ୍କା ବ୍ୟାଗ ନ ଛାଡିବାରୁ ଲୁଟେରାଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଏଥିରେ ଜଣେ ଲୁଟେରା ତଳେ ପଡିଯାଇଥିଲେ। ଅନ୍ୟ ଜଣେ ବନ୍ଧୁକ କାଢି ସଞ୍ଜୟଙ୍କ ଗୋଡକୁ ଗୁଳି କରିଥିଲେ। ଏହା ସତ୍ତ୍ୱେ ସେ ଟଙ୍କା ବ୍ୟାଗ୍ ନ ଛାଡ଼ିବାରୁ ତାଙ୍କ ମୁଣ୍ଡକୁ ବନ୍ଧୁକରେ ପିଟି ଦେଇଥିଲେ। ଫଳରେ ସଞ୍ଜୟ ତଳେ ପଡିଯାଇଥିଲେ ଓ ଟଙ୍କା ବ୍ୟାଗ୍ ନେଇ ୩ ଲୁଟେରା ଫେରାର ହୋଇଯାଇଥିଲେ। ଆହତ ସଞ୍ଜୟଙ୍କ ଘର ତିର୍ତ୍ତୋଲ ଥାନା ପଣ୍ଡୁଆ ପଞ୍ଚାୟତ ଅଧୀନ ପରୁଡ଼ି ଗ୍ରାମରେ ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ଓ ସିଏମ୍‌ଏସ୍ ସଂସ୍ଥାର କର୍ମଚାରୀମାନେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ବନ୍ଦର ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରୁ ଏକ ଖୋକା ଜବତ କରିଛି। ଏଥିସହ ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରା ଅନୁଧ୍ୟାନ କରି ତଦନ୍ତ ଚଳାଇଛି।

# ୧୦୦ ଫୁଟ ତଳକୁ ଖସିଲା ଟ୍ରକ: ୩ ମୃତ

**ଆର.ଉଦୟଗିରି,୩୦।୧୧(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନା ବାଦପୁର ଛକରେ ଶୁକ୍ରବାର ଏକ କମ୍ବଳ ବୋଝେଇ ଟ୍ରକ ଓଲଟି ପଡିବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଚାଳକ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ପାଲ୍‌କୁଣ୍ଡାର ଏ. ନାରାୟଣ ରେଡ୍ଡୀ, ଗାଡି ମାଲିକ ପାରଳାଖେମୁଣ୍ଡି କାଶୀନଗରର ଏଲ୍. ରାମାରାଓ ଓ କଳାହାଣ୍ଡି ଜିଲା ଭବାନୀପାଟଣା ରାମନଗରର ମଳୟ ତ୍ରିପାଠୀ। ଟ୍ରକ୍‌ଟି ପାରଳାଖେମୁଣ୍ଡିରୁ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ପାଇଁ ରିଲିଫ କମ୍ବଳ ଧରି ମୋହନା ଯାଉଥିଲା। ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ ଜିଲାପାଳ ଅନୁପମ ଶାହ ଘୋଷଣା କରିଛନ୍ତି।

ଶୁକ୍ରବାର ଅପରାହ୍ଣ ପ୍ରାୟ ୧ଟାରେ ପାରଳାଖେମୁଣ୍ଡିରୁ କମ୍ବଳ ଧରି ଆସୁଥିବା ଟ୍ରକ୍ (ନଂ.ଏପି୦୭ଟିଟି-୩୨୯୯) ଆର.ଉଦୟଗିରି ଥାନା ନିକଟସ୍ଥ ବାଦପୁର ଛକ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିଥିଲା। ପ୍ରାୟ ୧୦୦ ଫୁଟ ତଳକୁ ଖସିପଡି ଟ୍ରକ୍‌ଟି ଚୂର୍‌ମାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏନେଇ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ କର୍ମଚାରୀମାନେ ପହଞ୍ଚି ଘଟଣାସ୍ଥଳରୁ ୩ ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆର୍.ଉଦୟଗିରି ପୋଲିସ ପହଞ୍ଚି ମୃତଦେହ ୩ଟି ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ପଠାଇଥିଲା। ଏନେଇ ନଂ.୭୭/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




# ତିର୍ତ୍ତୋଲରେ ଯୁବକଙ୍କୁ ଗୁଳିମାଡ଼

**ଜଗତ୍‌ସିଂହପୁର ଅଫିସ, ୩୦।୧୧:** ତିର୍ତ୍ତୋଲ ଥାନା ଅଧୀନ ଛପଡ଼ା ରେଳ ଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଏଥିରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଛପଡ଼ା ଗ୍ରାମର ସମୀର ଦାସ। ତାଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗୁଳିକାଣ୍ଡ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପ୍ରଥମେ ଦୁର୍ବୃତ୍ତ ଆସି ସେଠାରେ ବୋମାମାଡ଼ କରିଥିଲେ। ଫଳରେ ସେହି ସ୍ଥାନ ଖାଲି ହୋଇଯାଇଥିଲା। ଏହି ସମୟରେ ସେଠାରେ ଛିଡ଼ା ହୋଇଥିବା ସମୀର ଷ୍ଟେଶନ ଆଡ଼କୁ ଦୌଡ଼ି ପଳାଉଥିବାବେଳେ ଦୁର୍ବୃତ୍ତ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ସମୀରଙ୍କ ଡାହାଣ ଜଂଘରେ ଗୋଟିଏ ଗୁଳି ବାଜିଛି। ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



ଆହତ ସମୀର ଦାସ।

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା

# ଜାନୁୟାରୀ ଦ୍ୱିତୀୟ ସପ୍ତାହକୁ ଘୁଞ୍ଚିଲା ଶୁଣାଣି

**ପୁରୀ ଅଫିସ,୩୦।୧୧**

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ତାଙ୍କ ଦାୟିତ୍ୱରୁ ଅବ୍ୟାହତ ଦିଆଯାଇଛି। ସୁପ୍ରିମକୋର୍ଟ ଶୁକ୍ରବାର ମାମଲାର ଶୁଣାଣି କରି ତାଙ୍କ ଅବ୍ୟାହତ ଆବେଦନକୁ ଗ୍ରହଣ କରିଛନ୍ତି। ଏହାସହିତ ମାମଲାର ଶୁଣାଣିକୁ ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ଅନ୍ୟପକ୍ଷରେ ଡିସେମ୍ବର ସୁଦ୍ଧା ସୁପ୍ରିମକୋର୍ଟ ନୂତନ ଆମିକସ୍ କ୍ୟୁରିଙ୍କୁ ନିଯୁକ୍ତି ଦେବା ସମ୍ଭାବନା ରହିଛି। ତେବେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଜ୍ଞାନ ରହିଥିବା ଜଣେ ବରିଷ୍ଠ ଆଇନଜୀବୀଙ୍କୁ ନୂତନ ଆମିକସ୍ କ୍ୟୁରି ଭାବେ ନିଯୁକ୍ତି ଦିଆଯାଉ ବୋଲି

■ ଆମିକସ୍ କ୍ୟୁରି ଦାୟିତ୍ୱରୁ ଓହରିଲେ ଗୋପାଳ ସୁବ୍ରମଣ୍ୟମ୍
■ ଡିସେମ୍ବର ସୁଦ୍ଧା ନୂତନ ନିଯୁକ୍ତି ସମ୍ଭାବନା

ଆଇନଜୀବୀ ଦେବାଶିଷ ମିଶ୍ର ନିବେଦନ କରିଛନ୍ତି।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢ଼ୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାଖଲ କରିଥିଲେ। ଜୁନ୍ ୮ରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ମାମଲାରେ କୋର୍ଟଙ୍କୁ ସହଯୋଗ କରିବା ପାଇଁ ପୂର୍ବତନ ସଲିସିଟର ଜେନେରାଲ ତଥା ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଇନଜୀବୀ ଗୋପାଳ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ସୁବ୍ରମଣ୍ୟମ୍ ପୁରୀ ଆସି ସେପ୍ଟେମ୍ବର ୨୧ ଓ ୨୨ରେ ସ୍ଥିତି ଅନୁଧ୍ୟାନ କରିବା ସହ ଶଙ୍କରାଚାର୍ଯ୍ୟ, ଗଜପତି, ଶ୍ରୀମନ୍ଦିର ପ୍ରଶାସନ ସମେତ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିଥିଲେ। ହେଲେ ସେ କୌଣସି ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ କରିନାହାନ୍ତି। ଅକ୍ଟୋବର ୩୦ରେ ସଂସ୍କାର ମାମଲାର ଶୁଣାଣି ଥିଲା। କିନ୍ତୁ ସେ ଅସୁସ୍ଥ ଥିବା ଦର୍ଶାଇ ସୁପ୍ରିମକୋର୍ଟଙ୍କୁ ସମୟ ମାଗିଥିଲେ। ଫଳରେ ସୁପ୍ରିମକୋର୍ଟ ଶୁଣାଣିକୁ ନଭେମ୍ବର ୩୦କୁ ଘୁଞ୍ଚାଇ ଦେଇଥିଲେ। ହେଲେ ଗତ ୨୫ ତାରିଖରେ ବ୍ୟକ୍ତିଗତ କାରଣରୁ ଦାୟିତ୍ୱରୁ ଓହରିଯିବା ପାଇଁ ସେ ସୁପ୍ରିମକୋର୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ।

# ଫୁଲବାଣୀରେ ୮ ଡିଗ୍ରୀ

**ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ):** ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ବଣ, ପାହାଡଘେରା ଆଭ୍ୟନ୍ତରୀଣ ଜିଲାଗୁଡିକରେ ପାରଦ ତଳ ମୁହାଁ ହେବାରେ ଲାଗିଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୮ରୁ ୧୫ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗୀବାଡି ୧୦, ବାଲେଶ୍ୱର ୧୪.୮, ଅନୁଗୋଳ ୧୨.୬, କେନ୍ଦୁଝର ୧୪.୨, ତାଳଚେର ୧୪, ଭବାନୀପାଟଣା ୧୩.୨, ବଲାଙ୍ଗୀର ୧୪.୫, କୋରାପୁଟ ୧୨.୬, ଟିଟିଲାଗଡ ୧୩ ଏବଂ ସୋନପୁରରେ ସର୍ବନିମ୍ନ ତାପମାତ୍ରା ୧୩.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବ। ସମୁଦ୍ର ଆଡୁ ଜଳୀୟ ବାଷ୍ପ ମିଶା ବାୟୁ ପ୍ରବାହ ହେବ। ଏଥିଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ଯାଏ ହ୍ରାସ ପାଇବା ସମ୍ଭାବନା ରହିଛି ବୋଲି ପୂର୍ବାନୁମାନ କରାଯାଇଛି।

# ଷ୍ଟାର୍ଟ ଅପ୍‌ରେ ମହିଳାଙ୍କୁ ଗୁରୁତ୍ୱ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ):** 'ମହିଳାଙ୍କ ମାଲିକାନାରେ ଥିବା ଷ୍ଟାର୍ଟ ଅପ୍-ଆହ୍ୱାନ ଓ ସୁଯୋଗ' ଶୀର୍ଷକ କର୍ମଶାଳା ଶୁକ୍ରବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଷ୍ଟାର୍ଟ ଅପ୍/ଉଦ୍ୟୋଗ ଆରମ୍ଭ କରିଥିବା ୧୦୦ଜଣ ମହିଳା ପ୍ରତିଷ୍ଠାତ୍ରୀ/ସହ-ପ୍ରତିଷ୍ଠାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସାମଲ କହିଛନ୍ତି ଯେ, ଗତ ୧୮ ମାସ ମଧ୍ୟରେ ୩୧୦ ଷ୍ଟାର୍ଟ ଅପ୍, ୯ ଇନ୍‌କ୍ୟୁବେଟର ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛନ୍ତି। ତନ୍ମଧ୍ୟରୁ ୧୦୦ରୁ ଅଧିକ ଷ୍ଟାର୍ଟ ଅପ୍ ମହିଳାଙ୍କ ମାଲିକାନାରେ ରହିଛି। ଆସନ୍ତା ୨୦୨୦ ସୁଦ୍ଧା ପ୍ରାୟ ୧୦୦୦ଟି ଷ୍ଟାର୍ଟ ଅପ୍‌କୁ ସହାୟତା ଯୋଗାଇ ଦିଆଯିବ। ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ୪୦ଟି ଷ୍ଟାର୍ଟ ଅପ୍‌କୁ ୫୨ଟି ଅନୁଦାନ ମାଧ୍ୟମରେ ସହାୟତା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୧୫ଟି ମାଲିକାନା ମହିଳାମାନଙ୍କ ନିକଟରେ ରହିଛି। ଗତ ମାର୍ଚ୍ଚ, ୨୦୧୮ରେ ଓଡ଼ିଶା ଷ୍ଟାର୍ଟ ଅପ୍ ନୀତିରେ ସଂଶୋଧନ ଅଣାଯାଇ ମୋଟ ଷ୍ଟାର୍ଟ ଅପ୍ ସଂଖ୍ୟାର ଅନ୍ୟୂନ ୩୩ ପ୍ରତିଶତ ମହିଳାଙ୍କ ମାଲିକାନାରେ ରଖିବା ପାଇଁ ବ୍ୟବସ୍ଥା ରହିଥିବା ଗୁପ୍ତା କହିଛନ୍ତି। ଏହି ଅବସରରେ ଜୁ ଫ୍ରେସ୍‌ର ଅମ୍ବିକା ଶତପଥୀ, କଳାଘରର ମେଘା ଅଗ୍ରୱାଲ୍, ପ୍ରାନ୍ତିର ସୁମନ କାର୍ଜି, ବତିଘରର ପଲକ ଅଗ୍ରୱାଲ, ବିଷ୍ଟ୍ରେର ଲୀନା ଦତ୍ତା, ଇନ୍‌ଫ୍ଲୁଇଡିଟିର ପ୍ରତିଷ୍ଠାତ୍ରୀ ପ୍ରିୟଙ୍କା ପାଢ଼ୀ ସେମାନଙ୍କର ଔଦ୍ୟୋଗିକ ଯାତ୍ରା ଓ ସଫଳ କାହାଣୀ ଅବତାରଣା କରିଥିଲେ। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ତୃଣମୂଳସ୍ତରର ମହିଳା ଉଦ୍ୟୋଗୀ ଏବଂ ମହିଳାଙ୍କ ମାଲିକାନାରେ ଥିବା ଷ୍ଟାର୍ଟ ଅପ୍‌ମାନଙ୍କ ମଧ୍ୟରେ ସଂଯୋଜନାର ବ୍ୟାପକ ସୁଯୋଗ ରହିଛି। ମିଶନଶକ୍ତିର କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ମଧ୍ୟ ମହିଳାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଷ୍ଟାର୍ଟ ଅପ୍‌କୁ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ସାଧାରଣ ପ୍ରବନ୍ଧକ ପ୍ରବୀଣ କାଲା ବ୍ୟାଙ୍କ ଦ୍ୱାରା ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ମତ ରଖିଥିଲେ।

# ମସ୍‌ଜିଦ୍ ଗଲେ ପାକିସ୍ତାନ ଖେଳାଳି

**ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ):** ପାକିସ୍ତାନ ହକି ଦଳର ଖେଳାଳିମାନେ ଗୁରୁବାର ଏସ୍‌ପ୍ଲାନେଡ୍ ମଲ୍ ଯାଇ ବୁଲାବୁଲି ଓ ଶପିଂ କରିବା ପରେ ଶୁକ୍ରବାର ମସ୍‌ଜିଦ୍ ଯାଇ ନମାଜପାଠ କରିଥିଲେ। ଭୁବନେଶ୍ୱର ମସ୍‌ଜିଦ୍‌ରେ ପାକିସ୍ତାନ ଖେଳାଳିଙ୍କୁ ଦେଖି ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ବଢ଼ିଯାଇଥିଲା। ଖେଳାଳିମାନେ ନମାଜ ପାଠ କରିବାକୁ ଆସିଥିବା ଜାଣିବା ପରେ ଘଟଣାସ୍ଥଳରେ ହକିପ୍ରେମୀମାନେ ଭିଡ଼ ଜମାଇଥିଲେ। ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ସୁରକ୍ଷା ବଳୟ ମଧ୍ୟରେ ଖେଳାଳିମାନଙ୍କୁ ହୋଟେଲରୁ ମସ୍‌ଜିଦ୍‌କୁ ଅଣାଯାଇଥିଲା। ମସ୍‌ଜିଦ୍‌ରେ ଖେଳାଳିମାନଙ୍କ ସହ ଟିମ୍ କୋଚ୍ ସ୍ଥାନୀୟ ମୁସ୍‌ଲିମ୍ ସମ୍ପ୍ରଦାୟ ଲୋକଙ୍କ ସହ ମିଶି ନମାଜ ପାଠ କରିଥିଲେ।



ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେ ବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା

# ସିଏଜିଙ୍କ ନୀରବତା

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) କ'ଣ ସାଧାରଣ ନିର୍ବାଚନ ପୂର୍ବରୁ ମୋଦି ସରକାରକୁ ବଞ୍ଚାଇବା ପାଇଁ ବିମୁଦ୍ରୀକରଣ ଏବଂ ରାଫାଲ ଚୁକ୍ତି ସମ୍ପର୍କରେ ନିଜର ଅଡିଟ୍ ରିପୋର୍ଟ ପ୍ରକାଶ କରିବାରେ ଜାଣିଶୁଣି ବିଳମ୍ବ କରୁଛନ୍ତି ? ଅନେକ ଅବସରପ୍ରାପ୍ତ ବାବୁ ସେପରି ଭାବୁଛନ୍ତି ଏବଂ ଏ ସମ୍ପର୍କରେ ନିଜର ଉଦ୍‌ବେଗ ପ୍ରକାଶ କରି ସିଏଜି ରାଜୀବ ମହର୍ଷିଙ୍କ ପାଖକୁ ଚିଠି ଲେଖିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଉକ୍ତ ଚିଠିରେ ଦସ୍ତଖତ କରିଥିବା ପୂର୍ବତନ ବାବୁମାନଙ୍କ ମଧ୍ୟରେ ଅଛନ୍ତି ପଞ୍ଜାବର ପୂର୍ବତନ ଡିଜିପି ଜୁଲିଓ ରିବେରିଓ, ପୂର୍ବତନ ଆଇଏଏସ୍ ଅଫିସରରୁ ସାମାଜିକ କର୍ମୀ ହୋଇଥିବା ଅରୁଣା ରାୟ, ପୂର୍ବତନ ପୁଣେ ପୋଲିସ କମିଶନର ମୀରନ ବୋର୍‌ୱାଙ୍କର, ପ୍ରସାର ଭାରତୀର ପୂର୍ବତନ ସିଇଓ ଜୱାହର ସରକାର, ଇଟାଲିର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ କେ.ପି. ଫାବିୟାନ୍, ବରିଷ୍ଠ ଅମଲାତନ୍ତ୍ରୀ ଭି. ରମଣି ଏବଂ କେନ୍ଦ୍ରୀୟ ଓ ସର୍ବଭାରତୀୟ ସେବାର ଅନେକ ଅଧିକାରୀ। ସେମାନେ ପାର୍ଲାମେଣ୍ଟର ଆଗାମୀ ଶୀତ ଅଧିବେଶନରେ ବିମୁଦ୍ରୀକରଣ ଓ ରାଫାଲ ଚୁକ୍ତି ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରିବା ପାଇଁ ସିଏଜିଙ୍କ ଆଗରେ ଦାବି କରିଛନ୍ତି। ତେବେ କେତେକ ସୂତ୍ରରୁ ଶୁଣିବାକୁ ମିଳିଛି ଯେ, ସିଏଜି ଚଳିତ ଡିସେମ୍ବର ମାସରେ ଏହି ରିପୋର୍ଟ ଉପସ୍ଥାପନ କରିବେ। କିନ୍ତୁ ସରକାରୀ ଭାବେ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ସିଏଜିଙ୍କ ପୂର୍ବ ଅଡିଟ୍ ରିପୋର୍ଟଗୁଡ଼ିକ ବ୍ୟାପକ ପ୍ରଭାବ ପକାଇଥିଲା। ତେଣୁ ବର୍ତ୍ତମାନ ସିଏଜିଙ୍କ ନୀରବତାକୁ ନେଇ ଅନେକ ଆଶଙ୍କା ପ୍ରକାଶ ପାଇଛି। ସର୍ବୋପରି ସାଧାରଣ ନିର୍ବାଚନ ଆଉ ମାତ୍ର ପ୍ରାୟ ଛଅମାସ ବାକି ଥିବାବେଳେ ଏହି ରିପୋର୍ଟ ଉପରେ ଅନେକ କିଛି ନିର୍ଭର କରୁଛି।

### ଉତ୍ତମ ଶାସନ ପାଇଁ

ପ୍ରଶାସନକୁ ଜନସାଧାରଣଙ୍କ ନିକଟତର କରାଇବା ପାଇଁ ମୋଦି ସରକାର ପ୍ରତି ରାଜ୍ୟରେ କେନ୍ଦ୍ରୀୟ ସଚିବାଳୟ ପ୍ରତିଷ୍ଠା ଲାଗି ଯୋଜନା କରୁଛନ୍ତି, ଯେଉଁଠାରେ ନିଜର ଅଫିସରମାନଙ୍କୁ ନିଯୁକ୍ତି ଦେଇପାରିବେ। କିନ୍ତୁ ଏହାକୁ ନେଇ ଦେଶର ସଂଘୀୟ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ସଚିବାଳୟର କାମ ହେଲା ଜନସାଧାରଣଙ୍କ କାମକୁ ସହଜ କରିବା ଏବଂ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟ ମଧ୍ୟରେ ଯୋଗାଯୋଗ ତଥା ଭାବବିନିମୟକୁ ସୁଗମ କରିବା। ସାଧାରଣତଃ ରାଜ୍ୟ ସରକାରଗୁଡ଼ିକର ନିଜସ୍ୱ ସଚିବାଳୟ ଥାଏ, ଯେଉଁଠି ବିଭିନ୍ନ ବିଭାଗର କାର୍ଯ୍ୟାଳୟ ଥାଏ। କିନ୍ତୁ କେନ୍ଦ୍ର ସରକାରୀ ଅଫିସରମାନଙ୍କୁ ସ୍ଥାନ ଦେବା ଲାଗି ରାଜ୍ୟରେ କୌଣସି ସ୍ଥାନ ନ ଥାଏ। ମୋଦି ସରକାର ଯୋଜନା କରୁଛନ୍ତି ରାଜ୍ୟ ରାଜଧାନୀଗୁଡ଼ିକରେ କେନ୍ଦ୍ରୀୟ ଅଫିସରମାନଙ୍କ ଲାଗି ସ୍ୱତନ୍ତ୍ର ସ୍ଥାନର ବିକାଶ ଘଟାଇବା, ଯେପରି ଦିଲ୍ଲୀରେ କେନ୍ଦ୍ରୀୟ ସଚିବାଳୟ ଓ ସିଜିଓ କମ୍ପ୍ଲେକ୍ସ ରହିଛି। ଏହି କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରଗୁଡ଼ିକରେ ଉଚ୍ଚସ୍ତରର ସୁରକ୍ଷା ଓ ସର୍ବାଧୁନିକ ସୁବିଧାମାନ ରହିବ। ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ତ୍ୱରିତ ଗତିରେ ପ୍ରଚେଷ୍ଟା ଚଳାଇଛନ୍ତି। କ୍ୟାବିନେଟ୍‌ରେ ଆଲୋଚନା ହେବା ପରେ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରୁ କେନ୍ଦ୍ରୀୟ ଲୋକ ନିର୍ମାଣ ବିଭାଗ (ସିପିଡବ୍ଲ୍ୟୁଡି)କୁ ପଠାଯାଇଛି। ଏହି ବିଭାଗ ରାଜ୍ୟ ରାଜଧାନୀଗୁଡ଼ିକରେ ଜମି ଚିହ୍ନଟ କରିବ, ଯାହାକୁ କେନ୍ଦ୍ରୀୟ ସଚିବାଳୟ ନିର୍ମାଣ ନିମନ୍ତେ ବ୍ୟବହାର କରାଯାଇପାରିବ। ସିପିଡବ୍ଲ୍ୟୁଡି ମହାନିର୍ଦ୍ଦେଶକ ପ୍ରଭାକର ସିଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରୁ ରାଜ୍ୟ ରାଜଧାନୀଗୁଡ଼ିକରେ ଆବଶ୍ୟକ ଜମିର ଉପଲବ୍ଧତା ବିଷୟରେ ଜାଣିବାକୁ ଚାହିଁଛନ୍ତି। ଏ ସମ୍ପର୍କିତ ବିବରଣୀ ମିଳିଗଲା ପରେ ସିପିଡବ୍ଲ୍ୟୁଡି ଅଧିକାରୀମାନେ ନିର୍ମାଣ କାର୍ଯ୍ୟ ପାଇଁ କେତେ ଖର୍ଚ୍ଚ ଲାଗିବ ତା'ର ଆକଳନ କରି ଗୃହନିର୍ମାଣ ଓ ନଗରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରସ୍ତାବ ପଠାଇବେ।

### ଫଡ଼ନବିସଙ୍କ ପାତରଅନ୍ତର

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସଙ୍କ ସରକାର ତାଙ୍କ ବାବୁମାନଙ୍କ ଉପରେ ଖଡ୍‌ଗହସ୍ତ ହୋଇ ଯେଉଁମାନେ ସରକାରୀ ଗୃହରେ ଅଧିକ କାଳ ରହିଛନ୍ତି, ସେମାନଙ୍କୁ ଦଣ୍ଡିତ କରି ଆସୁଛନ୍ତି। କିନ୍ତୁ ଏହି ନିୟମ ସବୁ ବାବୁଙ୍କ ପାଇଁ ବାଧ୍ୟତାମୂଳକ ନ ଥିବା ଜଣାପଡ଼ିଛି। ଦେଖାଯାଇଛି ଯେ, ଫଡ଼ନବିସ ସରକାର ନିୟମ ଭଙ୍ଗ ଅଭିଯୋଗରେ ଅନ୍ୟ ବାବୁମାନଙ୍କୁ ଦଣ୍ଡିତ କରୁଥିବା ବେଳେ ୧୨ ଆଇଏଏସ୍ ଓ ୩ ଆଇପିଏସ୍ ବା ୧୫ ଜଣ ଅଫିସରଙ୍କ ପ୍ରତି ସ୍ୱତନ୍ତ୍ର ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କୁ ଏହି ନିୟମ ଭାଙ୍ଗିବାକୁ ଅନୁମତି ଦେଇଛନ୍ତି। ଆଇପିଏସ୍ ଅଫିସର ରଶ୍ମି ଶୁକ୍ଲା ଓ ସୁରେନ୍ଦ୍ର ବାଗାଡ଼େଙ୍କ ସମେତ କେତେକ ବରିଷ୍ଠ ଅଫିସର ସରକାର ବାହାରେ ନିଯୁକ୍ତି ପାଇଥିଲେ ମଧ୍ୟ ସେମାନଙ୍କୁ ସରକାରୀ ଘରେ ରହିବାକୁ ଅନୁମତି ଦିଆଯାଇଛି। ସେହିପରି ବିନୀତ ଅଗ୍ରୱାଲ, ବଳଦେବ ସିଂ ଓ ସଞ୍ଜୟ ଚହାଣ୍ଡେ କେନ୍ଦ୍ରୀୟ ଡେପୁଟେଶନରେ ଥିଲେ ମଧ୍ୟ ସେମାନଙ୍କୁ ସରକାରୀ ଘର ରଖିବାକୁ ଅନୁମତି ଦିଆଯାଇଛି। ଜେ.ପି. ଡାଙ୍ଗେ ଓ ଭି. ଗିରିରାଜଙ୍କ ପରି କେତେକ ବାବୁ ଅବସର ପରେ ମଧ୍ୟ ସେମାନଙ୍କ ସରକାରୀ ଘର ଛାଡ଼ି ନାହାନ୍ତି। କେ.ପି. ବକ୍ସି ଓ ଦିଲୀପ ଯାଦବଙ୍କ ପରି ଆଉ କେତେକ ବାବୁ ଅବସର ପରେ ପୁନର୍ନିଯୁକ୍ତି ପାଇଥିବାରୁ ସେମାନଙ୍କୁ ସରକାରୀ ଘର ରଖିବାକୁ ଅନୁମତି ଦିଆଯାଇଛି। ସୁତରାଂ ଫଡ଼ନବିସ ସରକାରଙ୍କ ଏହି ପାତରଅନ୍ତର ନୀତି ଅନେକ ବାବୁଙ୍କୁ ବ୍ୟଥିତ କରିବା ସ୍ୱାଭାବିକ। ବାବୁ ମହଲରେ ଏହାକୁ ନେଇ ଅନେକଙ୍କର ଗାତ୍ରଦାହ ସୃଷ୍ଟି ହେଉଥିବା ଦେଖାଯାଉଛି।

Email: dilipcherian@gmail.com

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | | | | | | E | | | 0 |
| | | | | | 5 | 3 | | | | | | | | B |
| | 2 | | | | D | | C | | | 6 | | 1 | 4 | |
| | | | 9 | | | | | 7 | | 8 | B | E | | |
| 9 | | D | | | | B | 6 | 4 | | | 2 | 3 | 5 | |
| | | | | 7 | | | 2 | D | 6 | | | A | E | |
| 8 | | | | | 6 | | 0 | | 3 | A | 7 | | D | |
| | | | | 5 | 3 | | B | C | | | | | | |
| 2 | 6 | | | | 0 | | 3 | | 9 | E | 4 | | C | |
| | | | | 9 | | 1 | | E | 8 | | D | | | |
| B | | 8 | | | A | 7 | | | 2 | | C | | | 4 |
| 1 | C | | | | 2 | | 8 | 0 | | 4 | | 7 | | |
| | | 5 | 3 | | B | | | | | 7 | | 6 | | |
| | | 6 | | | 8 | 9 | 1 | | | D | | | | E |
| | | | 4 | D | | | | | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 6 | A | 1 | C | 9 | 8 | D | E | B | 4 | 3 | 2 | 0 | 7 |
| B | 1 | 3 | 5 | 8 | 0 | 4 | 9 | 2 | 6 | A | 7 | C | E | D |
| 7 | 8 | C | D | B | 2 | A | 5 | 3 | 1 | 0 | E | 4 | 9 | 6 |
| 9 | 4 | 2 | E | 6 | 7 | 1 | 0 | C | D | 5 | 8 | B | A | 3 |
| D | 0 | E | 4 | 3 | A | 6 | B | 7 | C | 9 | 2 | 8 | 5 | 1 |
| 4 | 7 | 6 | A | D | 8 | B | 2 | 9 | E | C | 1 | 5 | 3 | 0 |
| C | 9 | 8 | 3 | 0 | B | D | 4 | A | 5 | 7 | 6 | 1 | 2 | E |
| 1 | D | 5 | 2 | 9 | 4 | E | C | 6 | 3 | B | 0 | A | 7 | 8 |
| 2 | E | B | 6 | 7 | 1 | 0 | 3 | 5 | 4 | 8 | A | 9 | D | C |
| A | 3 | 0 | C | 5 | E | 7 | 8 | 1 | 9 | 2 | D | 6 | B | 4 |
| 6 | 5 | 9 | 8 | A | 3 | 2 | 1 | 0 | 7 | D | 4 | E | C | B |
| 3 | B | D | 0 | 1 | 6 | 5 | A | 4 | 2 | E | C | 7 | 8 | 9 |
| E | C | 7 | 9 | 2 | D | 3 | 6 | 8 | A | 1 | B | 0 | 4 | 5 |
| 8 | A | 4 | B | E | C | 9 | 7 | D | 0 | 6 | 5 | 3 | 1 | 2 |
| 0 | 2 | 1 | 7 | 4 | 5 | C | E | B | 8 | 3 | 9 | D | 6 | A |

ଗତକାଲିର ଉତ୍ତର

# ସଂକଟରେ ଗୋସମ୍ପଦ

ଡ. ପ୍ରଫୁଲ୍ଲ କୁମାର ସାହୁ

ଏକଦା ଆମ କୃଷିଭିତ୍ତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଗୃହପାଳିତ ଗାଈଗୋରୁଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଗୋରୁଙ୍କୁ ଅର୍ଥନୈତିକ ଓ ସାମାଜିକ ମାନ୍ୟତା ପ୍ରଦାନ କରି ଆମେ କହୁ ଗୋଧନ ବା ଗୋସମ୍ପଦ। ଏଥି ସହିତ ଗାଈକୁ କୁହାଯାଏ ଗୋମାତା– ଗାବୋ ବିଶ୍ୱସ୍ୟ ମାତରଃ। ତା'ର କ୍ଷୀର, ଦହି, ଘିଅ, ଗୋବର ଓ ଗୋମୂତ୍ରରେ ପ୍ରସ୍ତୁତ ପଞ୍ଚଗବ୍ୟ ସେବନ ଦ୍ୱାରା ଧୋଇଯାଏ ଯାବତୀୟ ପାପ। ଏହି ବିଶ୍ୱାସ ଯୋଗୁ ଏକଦା ପ୍ରତ୍ୟେକ ହିନ୍ଦୁ ପରିବାର ଖୁବ୍ ଶ୍ରଦ୍ଧା ଓ ଯତ୍ନର ସହିତ ଗୋରୁ ପାଳୁଥିଲେ। ସେମାନଙ୍କୁ ଖାଇବାକୁ ନ ଦେବା ପର୍ଯ୍ୟନ୍ତ ଆହାର ଗ୍ରହଣ କରୁ ନ ଥିଲେ ପରିବାରର ମୁଖିଆ। ୧୯୬୦ ମସିହା ବେଳକୁ ଦେଶରେ ଗୋସମ୍ପଦର ବାର୍ଷିକ ବୃଦ୍ଧିହାର ଦୁଇ ଶତାଂଶ ଥିଲାବେଳେ ୨୦୦୭ରୁ ୨୦୧୨ ମଧ୍ୟରେ ୪.୫୯ ହାରରେ ହ୍ରାସ ପାଉଛି ଗୋରୁ ସଂଖ୍ୟା।

ଏକଦା କୃଷି କ୍ଷେତ୍ରରେ ହଳ କରିବା, ଶଗଡ଼ ଟାଣିବା ଓ ବେଙ୍ଗଳା ପକାଇବା ଆଦି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଥିଲେ ବଳଦ। ମାତ୍ର କୃଷିକ୍ଷେତ୍ରକୁ ଯନ୍ତ୍ରପାତି ପ୍ରବେଶ କରିବା ପରେ ହଳଲଙ୍ଗଳ ଯୁଗର ଅବସାନ ହେଲା। ମେଶିନ୍ ଯୋଗେ ଫସଲ ଅମଳ ହେଲା। ଶଗଡ଼ ପରିବର୍ତ୍ତେ ଟ୍ରାକ୍ଟରରେ ବୁହାହେଲା ଫସଲ। ଗାଁ ମଝି କଂକ୍ରିଟ ରାସ୍ତା ଅମଳ ଖଳାର ଭୂମିକା ନିର୍ବାହ କରିବା ଫଳରେ ଚାଷୀ ଘରେ ଆଉ ଖଳା ଲିପିବା ପାଇଁ ଦରକାର ହେଲାନି ଗୋବର। ତୁଟିଗଲା କୃଷକ ଓ ବଳଦ ଭିତରେ ଗଢ଼ିଉଠିଥିବା ଆବେଗିକ ସମ୍ପର୍କ।

ରାଜ୍ୟରେ ବଢ଼ିଚାଲିଥିବା ଚାଷୀ ଅସନ୍ତୋଷକୁ ଦେଖିଲେ ମନେହୁଏ ଚାଷ ଆଉ ଲାଭଜନକ ବୃତ୍ତି ନୁହେଁ। ସେଥିପାଇଁ ଏକବିଂଶ ଶତାବ୍ଦୀର ଆରମ୍ଭରୁ ଜାରି ରହିଛି କୃଷି କ୍ଷେତ୍ରରୁ ଦ୍ରୁତ ପଳାୟନ ପ୍ରକ୍ରିୟା। ରାଜ୍ୟରେ କମି କମି ଯାଉଛି ଚାଷଜମିର ପରିମାଣ। ଓଡ଼ିଶାର ପ୍ରାୟ ୧୬.୫ ଭାଗ ଚାଷଜମି ଏବେ ପରିତ୍ୟକ୍ତ ଅବସ୍ଥାରେ। ମୂଳରୁ କୃଷି ଉପରେ ନିର୍ଭର କରି ବଞ୍ଚୁଥିବା ଗ୍ରାମାଞ୍ଚଳ ଲୋକେ ନିଜ ବୃତ୍ତିରୁ ବିସ୍ଥାପିତ ହେବା କାରଣରୁ ହ୍ରାସ ପାଉଛି ଗୋପାଳନ ପ୍ରତି ଆଗ୍ରହ। ଯେଉଁମାନେ ଗୋପାଳନକୁ ବୃତ୍ତି ଭାବରେ ଗ୍ରହଣ କରିନେଇଥିଲେ ସେମାନଙ୍କ ପାଇଁ ସମସ୍ୟା ହୋଇ ଉଭା ହୋଇଛି ଚାରଣଭୂମିର ଅଭାବ, ଗୋଖାଦ୍ୟର ଦରବୃଦ୍ଧି ଓ କ୍ଷୀରର ଅଭାବୀ ବିକ୍ରି ଇତ୍ୟାଦି।

ଓଡ଼ିଶା ସରକାରଙ୍କ ବନ୍ଦୋବସ୍ତ ଆଇନ–୧୯୭୪ କହେ ପ୍ରତି ଗ୍ରାମରେ ସମୁଦାୟ ଜମିର ୫ ପ୍ରତିଶତ ଜମି ସଂରକ୍ଷିତ ହୋଇ ରହିବ ଗୋଚାରଣ ପାଇଁ। ମାତ୍ର ଏବେ ଏ ସଂରକ୍ଷିତ ଗୋଚର କେଉଁଠି ଖେଳପଡ଼ିଆରେ ପରିଣତ ହେଲାଣି ତ ଅନ୍ୟ କେଉଁଠି ଚାଲିଗଲାଣି ବେସରକାରୀ ଅନୁଷ୍ଠାନ କବ୍‌ଜାକୁ। ସରକାରଙ୍କ ଆଖିଆଗରେ ପ୍ରଭାବଶାଳୀ ଲୋକଙ୍କ ଦଖଲକୁ ଚାଲିଯାଉଛି ଗୋଚର ଜମି। ରାଜନୈତିକ ସ୍ୱାର୍ଥସାଧନ ପାଇଁ ସରକାର ଭୁଲି ଯାଉଛନ୍ତି ଗୋସମ୍ପଦର ସୁରକ୍ଷା ନିମନ୍ତେ ଚାରଣଭୂମି ସଂରକ୍ଷଣର ଗୁରୁତ୍ୱ। ଏ କ୍ଷେତ୍ରରେ ରାଜଧର୍ମ ସମ୍ପର୍କରେ ପରାମର୍ଶ ଦେଇ ଆଦିକବି ସାରଳାଦାସ ଲେଖିଛନ୍ତି– ''କୃଷି କର୍ମଚାରୀ ଜନେ ନ ଦଣ୍ଡିବୁ ଧନ, ଗୋଚର ନିମନ୍ତେ ଛାଡ଼ିଦେବୁ ବହୁ ସ୍ଥାନ।''

ଗୋସମ୍ପଦ ହ୍ରାସର ସବୁଠାରୁ ସମ୍ବେଦନଶୀଳ କାରଣଟି ହେଉଛି ଗୋହତ୍ୟା ଓ ବିଦେଶକୁ ଗୋମାଂସ ରପ୍ତାନି। ଗୋଟିଏ ସମ୍ପ୍ରଦାୟ ଏଠି ଅତି ନିର୍ଦ୍ଦୟ ଭାବରେ ଗୋରୁଙ୍କୁ ହାଣି ତା'ର ମାଂସକୁ ଭକ୍ଷଣ କରୁଛନ୍ତି ଏବଂ ରପ୍ତାନି କରୁଛନ୍ତି ବିଦେଶକୁ। ଆଉ ଏକ ଗୋଷ୍ଠୀ ଗୋହତ୍ୟା ପ୍ରତିବାଦ ନାଁରେ ଆପଣାଉଛନ୍ତି ଆକ୍ରମଣାତ୍ମକ ଆଭିମୁଖ୍ୟ। ଏହାଦ୍ୱାରା ଗୋହତ୍ୟା କମିବା ପରିବର୍ତ୍ତେ ଦେଶରେ ସୃଷ୍ଟିହେଉଛି ସାମ୍ପ୍ରଦାୟିକ ବିଭେଦ ଓ ବିଦ୍ୱେଷର ବାତାବରଣ। ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ବି ବହୁସଂଖ୍ୟକ ହିନ୍ଦୁଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଭାରତୀୟ ସମ୍ବିଧାନ (୪୮ଧାରା)ରେ ରହିଛି ଗୋହତ୍ୟା ଉପରେ ପ୍ରତିବନ୍ଧକ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟଗୁଡ଼ିକ ଉପରେ ନ୍ୟସ୍ତ ହୋଇଛି କ୍ଷମତା। ମାତ୍ର କୌଣସି ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାମାତ୍ରେ, ତାକୁ ବିରୋଧ କରି ରାସ୍ତାକୁ ଓହ୍ଲାଉଛନ୍ତି ଲୋକେ। ସେମାନଙ୍କ ଯୁକ୍ତି ହେଉଛି ଦେଶର ପ୍ରତ୍ୟେକ ଲୋକଙ୍କୁ ନିଜ ରୁଚି ଅନୁସାରେ ଖାଇବାକୁ ଅନୁମତି ମିଳିବା ଉଚିତ। ମାତ୍ର ସେମାନେ ଭୁଲିଯାଆନ୍ତି ଯେ ଏଠାରେ ଖାଇବା ପାଇଁ ନୁହେଁ, ମୁଖ୍ୟତଃ ଗୋହତ୍ୟା କରାଯାଉଛି ବ୍ୟବସାୟ ପାଇଁ। ୨୦୧୬ ମସିହାରେ କେନ୍ଦ୍ର ପରିବେଶ ମନ୍ତ୍ରୀ ମାନେକା ଗାନ୍ଧୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲେଖିଥିବା ଏକ ଚିଠିରୁ ଜଣାଯାଏ ପ୍ରତି ମାସ ଓଡ଼ିଶାରୁ ବେଆଇନ ଭାବେ ପଶ୍ଚିମବଙ୍ଗ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ ହୁଅନ୍ତି ପାଖାପାଖି ଅଢେଇଲକ୍ଷ ଗୋରୁ।

ତେବେ ଗୋହତ୍ୟା ପାଇଁ ନିର୍ଦ୍ଦିଷ୍ଟ ଗୋଟିଏ ସମ୍ପ୍ରଦାୟକୁ ଦାୟୀ କରିବା ଓ ଗୋରକ୍ଷା ନାଁରେ ସେମାନଙ୍କୁ ଆକ୍ରମଣ କରି ଆଇନକୁ ହାତକୁ ନେବା କେବଳ ରାଜନୈତିକ ସୁବିଧାବାଦର ପରିଚାୟକ। ଗୋଟିଏ ଗୋଷ୍ଠୀର ଖାଦ୍ୟ ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଇ ତାଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଦାବିକରୁଥିବା ଲୋକେ ବରଂ ପ୍ରଥମେ ସେହି ଗୋପାଳକମାନଙ୍କୁ ପରାମର୍ଶ ଦେବା ଉଚିତ, ଯେଉଁମାନେ ଗାଈ ବୁଢ଼ୀ ହୋଇଗଲେ ବା ବଳଦ ହଡ଼ା ହୋଇଗଲେ ତାକୁ କଂସେଇ ହାତକୁ ଟେକି ଦେଉଛନ୍ତି ଅତି ନିର୍ଦ୍ଦୟ ଭାବରେ। ଗୋରୁ ଅକ୍ଷମ ହେଲା ପରେ ବି ବଞ୍ଚିଥିବା ପର୍ଯ୍ୟନ୍ତ ଯଦି ତା'ର ଯତ୍ନ ନିଆଯାଇ ପାରନ୍ତା, ତେବେ ଦେଶରେ ଗୋମାଂସ ଉତ୍ପାଦନ କମିଯାଆନ୍ତା ଆପେ ଆପେ। ଉତ୍କଳମଣି ଗୋପବନ୍ଧୁ ଗୋ ମାହାତ୍ମ୍ୟରେ ଲେଖିଛନ୍ତି– ''ବଳଦ କରୁଛନ୍ତି ହଳ, ସରିଲେ ସେ ବଳଦ ବଳ। ବିକନ୍ତି ବୃଦ୍ଧକାଳେ ହାଟେ, କଂସେଇ କିଣି ନେଇ କାଟେ।'' ଲାଭକ୍ଷତିର ହିସାବ ଯୋଡୁଥିବା ଲୋକଙ୍କୁ ପରାମର୍ଶ ଦେଇ କହିଛନ୍ତି– ''ଗୋସେବା କର ଅନୁକ୍ଷଣ, ଗୋହିତେ ବ୍ୟୟକର ଧନ।'' ମାତ୍ର ଗୋଧନ ପ୍ରତି ଏହି ଭାବନା ଯଦି ଆମ ପାଖରେ ଥାଆନ୍ତା, ତେବେ ଏଠାରେ ଖାଇବାକୁ ନ ପାଇ ରାସ୍ତାଘାଟରେ ବୁଲିବୁଲି ପ୍ଲାଷ୍ଟିକ ଜରିରେ ପେଟ ଭର୍ତ୍ତି କରୁ ନ ଥାନ୍ତେ ଅସଂଖ୍ୟ ଗୋରୁ।

ଗାନ୍ଧିଜୀ ତାଙ୍କ ନବଜୀବନ ପତ୍ରିକା (ଫେବୃୟାରୀ ୧୯୨୫)ରେ ଲେଖିଥିଲେ ଗୋସୁରକ୍ଷା ପ୍ରଶ୍ନ ସ୍ୱରାଜ୍ୟ ପ୍ରଶ୍ନଠାରୁ ଗୁରୁତ୍ୱପୂର୍ଣ୍ଣ। ୧୯୨୧ ମସିହାରେ ସେ ଘୋଷଣା କରିଥିଲେ, ଯଦି ଗୋହତ୍ୟା ଉପରେ ଇଂରେଜ ସରକାର କଟକଣା ଲାଗୁ ନ କରନ୍ତି ତେବେ କଂଗ୍ରେସ ବାଧହୋଇ ଆରମ୍ଭ କରିବ ଅସହଯୋଗ ଆନ୍ଦୋଳନ। ଏବେ ଗୋସୁରକ୍ଷା ଦିଗରେ କାହାରି ଯଦି ସେମିତି ଆନ୍ତରିକତା ଥାଆନ୍ତା, ତେବେ ସେମାନେ ଗୋମାଂସ ଭକ୍ଷଣକାରୀଙ୍କୁ ଆକ୍ରମଣ କରିବା ପରିବର୍ତ୍ତେ ଗୋହତ୍ୟା ନିଷେଧ ପାଇଁ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ଆରମ୍ଭ କରିଦିଅନ୍ତେ ଅନଶନ।

ଏହି ପରିପ୍ରେକ୍ଷୀରେ ଆମେ ଜାଣିରଖିବା ଉଚିତ ଯେ ଧାର୍ମିକତା ନୁହେଁ, ଗୋହତ୍ୟା ନିଷେଧ କରିବାକୁ ହେଲେ ଆମକୁ ପ୍ରତିପାଦନ କରିବାକୁ ହେବ ତା'ର ଯୁକ୍ତିନିଷ୍ଠ ଓ ବିଜ୍ଞାନଭିତ୍ତିକ କାରଣ। ଆମ ଶରୀର ପାଇଁ ଆବଶ୍ୟକ ହେଉଥିବା ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବ ଲବଣ ଆଦି ସମସ୍ତ ଉପାଦାନ କ୍ଷୀରରେ ସୁଷମ ଭାବରେ ରହୁଥିବାରୁ ଏହା ମଣିଷର ଉତ୍ତମ ଖାଦ୍ୟଭାବେ ପରିଚିତ। ଗାଈ କ୍ଷୀର ବ୍ୟତୀତ ତା'ର ଗୋବର ଓ ଗୋମୂତ୍ରର ସାମାଜିକ ଓ ଔଷଧୀୟ ଗୁଣବତ୍ତା ଦୃଷ୍ଟିରୁ ମଧ୍ୟ ଗୋମାତାର ସ୍ଥାନ ଊର୍ଦ୍ଧ୍ୱରେ। କେବଳ ଗୋମାଂସ ଭକ୍ଷଣକାରୀ ନୁହନ୍ତି, ଛେଳି, କୁକୁଡ଼ା ମାଂସ ଖାଉଥିବା ଲୋକେ ବି ମନରେ 'ଜୀବେ ଦୟା' ଭାବ ପୋଷଣ କରି ଜୀବ ହତ୍ୟାଠାରୁ ଦୂରେଇ ରହିବା ଉଚିତ।

ଅବିଚାରିତ ଭାବେ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଫଳରେ ବନ୍ଧ୍ୟା ପାଲଟିଗଲାଣି ମାଟି। ବିଷାକ୍ତ ହେଲାଣି ମାଟି, ପାଣି, ପବନ, ସବୁ କିଛି। ବ୍ୟାପିଲାଣି ଦୁରାରୋଗ୍ୟ ବ୍ୟାଧି। ଏଥିରୁ ମୁକୁଳିବା ପାଇଁ ଗୋ–ଆଧାରିତ ଜୈବିକ ଚାଷ ହିଁ ଏକମାତ୍ର ବିକଳ୍ପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ମଣିଷ ଭିତରେ ଏ ଉପଲବ୍ଧି ଯେତେ ନିବିଡ଼ ହେବ, ସେତେ ସୁନିଶ୍ଚିତ ହେବ ଗୋସମ୍ପଦର ସୁରକ୍ଷା ଓ ସମୃଦ୍ଧି।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ, ମୋ– ୯୪୩୮୪୫୫୦୮

# ସଚେତନତା ହିଁ ସୁରକ୍ଷା

ଅବନୀକାନ୍ତ ପଟ୍ଟନାୟକ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ପାଳନ କରିବା ନିଷ୍ପତ୍ତିକୁ ୧୯୮୮ ମସିହାରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ସ୍ୱୀକୃତି ମିଳିଥିଲା। ଏହା ପରଠାରୁ ପ୍ରତିବର୍ଷ ଏହି ଦିନଟିକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ସମସ୍ତେ ପାଳନ କରୁଛନ୍ତି। ଚଳିତବର୍ଷ ବିଶ୍ୱ ଏଡ୍‌ସ ଦିବସର ବାର୍ତ୍ତା ହେଉଛି 'know your HIV status.' ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ରକ୍ତ ପରୀକ୍ଷା କରି ଏଡ୍‌ସ ସମ୍ବନ୍ଧୀୟ ତଥ୍ୟ ଜାଣିବା ଉଚିତ। ଜାତିସଂଘ ଦ୍ୱାରା କରାଯାଇଥିବା ଏକ ସମୀକ୍ଷାରୁ ଜଣାପଡ଼େ ଯେ, ୯.୪ ନିୟୁତ ବ୍ୟକ୍ତି ସେମାନଙ୍କୁ ଏଡ୍‌ସ ହୋଇଥିବା ଜାଣିନାହାନ୍ତି। ସାମାଜିକ ପ୍ରତିବନ୍ଧକ ଯୋଗୁ ଲୋକମାନେ ସେମାନଙ୍କର ଏଚ୍‌ଆଇଭି/ଏଡ୍‌ସ ସ୍ଥିତି ଜାଣିପାରୁନାହାନ୍ତି। ଅନେକ ଲୋକ ଏଡ୍‌ସରେ ପୀଡ଼ିତ ହେଲା ପରେ ରକ୍ତ ପରୀକ୍ଷା କରୁଛନ୍ତି। ଏହାଦ୍ୱାରା ଏଚ୍‌ଆଇଭି ଆକ୍ରାନ୍ତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାରେ ବିଳମ୍ବ ଘଟୁଛି ଏବଂ ଏହାର ନିରାକରଣ କରାଯାଇ ପାରୁନାହିଁ। ଗୁପ୍ତଭାବେ ଏଚ୍‌ଆଇଭି ପରୀକ୍ଷା ଏକ ବାଧକ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏଡ୍‌ସ ସମ୍ବନ୍ଧୀୟ ରକ୍ତ ପରୀକ୍ଷା ପାଇଁ କେତେକ ନୂଆ ପଦ୍ଧତି ବାହାରିଛି। ସେଥିମଧ୍ୟରୁ ନିଜ ରକ୍ତ ପରୀକ୍ଷା, ବହୁ ରୋଗ ଏବଂ ଗୋଷ୍ଠୀ ସମ୍ବନ୍ଧୀୟ ରକ୍ତ ପରୀକ୍ଷା ସୁବିଧା ଉପଲବ୍ଧ, ଯାହାଦ୍ୱାରା ଲୋକମାନେ ସେମାନଙ୍କର ଏଚ୍‌ଆଇଭି ସ୍ଥିତି ଜାଣିପାରିବେ । ଏଥିପାଇଁ ରାଜନୈତିକ ତଥା ସାମାଜିକ ସଂଗଠନଗୁଡ଼ିକର ଗୁରୁଦାୟିତ୍ୱ ରହିଛି।

ଏଡ୍‌ସ ଏକ ମାରାତ୍ମକ ଭୂତାଣୁଜନିତ ରୋଗ, ଯାହାକି ଏଚ୍‌ଆଇଭି (ହ୍ୟୁମ୍ୟାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍) ନାମକ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ। ଏହା କ୍ରମଶଃ ମଣିଷର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରିଥାଏ, ଫଳରେ ଏଡ୍‌ସ ଦ୍ୱାରା ଆକ୍ରାନ୍ତ ମଣିଷ ମଧ୍ୟରେ ବିଭିନ୍ନ ରୋଗର ଲକ୍ଷଣ ଦେଖିବାକୁ ମିଳିଥାଏ। ଏହି ରୋଗର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିଲେ ମଧ୍ୟ ସତର୍କତା ଅବଲମ୍ବନ କଲେ ଏଥିରୁ ମଣିଷ ମୁକ୍ତି ପାଇପାରିବ। ଏଣୁ ସଚେତନତା ହିଁ ସୁରକ୍ଷା। ଏହି ଭୂତାଣୁ କେବଳ ତରଳ ପଦାର୍ଥରେ ବଞ୍ଚି ରହିଥାନ୍ତି, ଯଥା ମଣିଷର ଲାଳ, ରକ୍ତ ଓ ସ୍ତନରୁ ନିର୍ଗତ କ୍ଷୀର ଇତ୍ୟାଦି। ଏହି ଭୂତାଣୁ ମୁଖ୍ୟତଃ ଚାରୋଟି ମାଧ୍ୟମରେ ମଣିଷ ଶରୀରରେ ପ୍ରବେଶ କରିଥାଏ– ୧) ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା, ୨) ସଂକ୍ରମିତ ଛୁଞ୍ଚି ଦ୍ୱାରା, ୩) ଅଶୋଧିତ ରକ୍ତ ନେବା ଦ୍ୱାରା ଏବଂ ୪) ସଂକ୍ରମିତ ମା'ଠାରୁ ତା'ର ଜନ୍ମିତ ଶିଶୁକୁ।

କିନ୍ତୁ ଏହା ମନେରଖିବା ଉଚିତ ଯେ ରୋଗୀ ସହିତ ସାଧାରଣ ଭାବେ ମିଳାମିଶା କଲେ ବା ତା'ର ପାଇଖାନା ବ୍ୟବହାର କଲେ ବା ରୋଗୀକୁ ଚୁମ୍ବନ ଦେଲେ, ହାତ ମିଳାଇଲେ ବା ଲୁଗାପଟା ବ୍ୟବହାର କଲେ ଏହି ରୋଗ ସଂକ୍ରମଣ ହୁଏନାହିଁ। ଏ ପର୍ଯ୍ୟନ୍ତ ଏ ରୋଗରୁ ମୁକ୍ତି ପାଇଁ କୌଣସି ଔଷଧ ବାହାରି ନ ଥିଲେ ମଧ୍ୟ ଏଆର୍‌ଟି (ଆଣ୍ଟି ରିଟ୍ରୋଭିଆଲ ଥେରାପି) ସେବନ ଦ୍ୱାରା ଏହି ରୋଗର ସଂକ୍ରମଣକୁ ଅନେକାଂଶରେ ନିୟନ୍ତ୍ରିତ କରାଯାଇପାରୁଛି ଏବଂ ରୋଗୀ ପୂର୍ବାପେକ୍ଷା ଅଧିକ ଦିନ ବଞ୍ଚିବାକୁ ସମର୍ଥ ହୋଇପାରୁଛି।

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ



ଆମ ରାଜ୍ୟରେ ୧୯୯୨ରେ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ୧୯୯୯ ପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳତାର ସହ ଚାଲିଥିଲା ଏବଂ ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ପର୍ଯ୍ୟାୟକ୍ରମେ ପାଞ୍ଚବର୍ଷିଆ ଯୋଜନା ମାଧ୍ୟମରେ ବିଭିନ୍ନ ରାଜ୍ୟରେ ବିଶ୍ୱ ବ୍ୟାଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ପରିଚାଳନା କଲା। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟରେ ଓଡ଼ିଶା ଏଡ୍‌ସ ନିୟନ୍ତ୍ରଣ ସମିତି ନାମରେ ଏକ ସଂସ୍ଥା ଗଠନ କରାଯାଇ ୨୦୦୪ ପରଠାରୁ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟ କରୁଛି। ୨୦୧୭ରେ ସମଗ୍ର ଭାରତରେ ଏଚ୍‌ଆଇଭି ସଂକ୍ରମିତ ରୋଗୀଙ୍କ ସଂଖ୍ୟା ୨.୧ ନିୟୁତ ଥିଲା ବୋଲି ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି। ସମଗ୍ର ପୃଥିବୀରେ ସଂକ୍ରମଣ କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ଏବଂ ଏହି ସଂକ୍ରମଣ ବିଶେଷ ଭାବରେ ଯୌନ ସଂକ୍ରମଣ ଯୋଗୁ ଅତ୍ୟଧିକ ଓ ୧୫–୪୯ ବର୍ଷ ବୟସ୍କଙ୍କ ମଧ୍ୟରେ ଏବଂ ପୁରୁଷମାନଙ୍କ କ୍ଷେତ୍ରରେ ଅଧିକ ବୋଲି ଜଣାପଡିଛି। ପୂର୍ବ ଭାରତର ତିନିଗୋଟି ରାଜ୍ୟ ମଣିପୁର, ମିଜୋରାମ ଓ ନାଗାଲାଣ୍ଡ ଅତ୍ୟଧିକ ଆଶଙ୍କାପ୍ରବଣ ରାଜ୍ୟ ଏବଂ ଓଡ଼ିଶା ଏ କ୍ଷେତ୍ରରେ ଚତୁର୍ଦ୍ଦଶ ରାଜ୍ୟ ବୋଲି ଏହି ସର୍ଭେରୁ ଜଣାପଡିଛି।

ଆମ ରାଜ୍ୟରେ ସର୍ବପ୍ରଥମେ ୧୯୯୩ ମସିହାରେ ପ୍ରଥମ ଏଡ୍‌ସ ରୋଗୀ ଗଞ୍ଜାମ ଜିଲାରେ ଚିହ୍ନଟ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଆଶଙ୍କାପ୍ରବଣ ଗୋଷ୍ଠୀଙ୍କୁ ଚିହ୍ନଟ କରାଯାଇ ଏଡ୍‌ସ ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ଆଇସିଟିସି ଖୋଲାଯାଇ ମାଗଣାରେ ଏଚ୍‌ଆଇଭି ରକ୍ତ ପରୀକ୍ଷା ଓ କାଉନସେଲିଂ କରାଯାଇ ଏଡ୍‌ସ ରୋଗୀଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ଓଡ଼ିଶାରେ ଏଡ୍‌ସ ସଂକ୍ରମିତଙ୍କ ସଂଖ୍ୟା ୪୬,୨୪୬ ଓ ସେଥିମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୮,୫୩୩ ବୋଲି ଜଣାପଡିଛି। ଓଡ଼ିଶାରେ ଏଡ୍‌ସ ଯୋଗୁ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂଖ୍ୟା ୫୧୬୨ ଏବଂ ସର୍ବାଧିକ ସଂକ୍ରମିତ ରୋଗୀ ଗଞ୍ଜାମ ଜିଲାର ହୋଇଥିବା ବେଳେ ତା' ପଛକୁ କଟକ ଜିଲା ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶା ଯଦିଓ ଏକ ନିମ୍ନ ଆଶଙ୍କାପ୍ରବଣ ରାଜ୍ୟ, ତଥାପି ଆମେ ଯଦି ବେଳହୁଁ ସାବଧାନ ନ ହେବା ତେବେ ଭବିଷ୍ୟତରେ ଏହା ଭୟାବହ ପରିସ୍ଥିତି ଯେ ସୃଷ୍ଟି ନ କରିବ ତାହା କିଏ କହିବ ?

## ଏଇ ଭାରତରେ

ଆମେ ଜାଣୁ ପୁରୁଣା ଅବ୍ୟବହୃତ କୋଠା ଭୂତପ୍ରେତଙ୍କ ଆଶ୍ରୟସ୍ଥଳୀ। ସେଠାକୁ ଦିନବେଳା ମଧ୍ୟ ଲୋକେ ଯିବାକୁ ଭୟ କରିଥାଆନ୍ତି। କିନ୍ତୁ ରେଳଷ୍ଟେଶନ୍‌ରେ ପ୍ରେତ ରହିବା କଥା ଅବିଶ୍ୱାସ୍ୟ ହେଲେ ମଧ୍ୟ ସତ। ଭାରତରେ ଏପରି ଏକ ରେଳଷ୍ଟେଶନ୍ ରହିଛି ଯେଉଁଠାରେ ଯାତ୍ରୀମାନେ ଟ୍ରେନ୍‌କୁ ଅପେକ୍ଷା କରନ୍ତି ନାହିଁ କି କୌଣସି ଯାତ୍ରୀ ଏଠାରେ ଓହ୍ଲାନ୍ତି ନାହିଁ। କୋଲକାତାଠାରୁ ୨୬୦ କିମି ଦୂରରେ ରହିଛି ବେଗୁନକୋଦର ଷ୍ଟେଶନ। ଏଠାରେ କୌଣସି ଟ୍ରେନ୍ ଅଟକେ ନାହିଁ। ଦୀର୍ଘ ୫୧ ବର୍ଷ ହେଲା ଏପରି ଅବସ୍ଥା ଜାରି ରହିଛି। ତେଣୁ ଷ୍ଟେଶନଟି ଜନଶୂନ୍ୟ ଅବସ୍ଥାରେ ରହିଥିବାରୁ ନିଛାଟିଆ ଲାଗେ। ରେଳଯାତ୍ରୀମାନେ ମଧ୍ୟ ଯାତ୍ରା କରିବାବେଳେ ସେମାନଙ୍କୁ ଛାନିଆ ଲାଗେ। ଏହା ପଛରେ ରହିଥିବା କାରଣ ହେଉଛି ଏଠାରେ କାଳେ ପ୍ରେତାତ୍ମା ବୁଲୁଥିବାର ଅନେକେ କହିଥାଆନ୍ତି। ୧୯୬୨ରେ ଏହି ଷ୍ଟେଶନ୍ ନିର୍ମାଣ କରାଯାଇଥିଲା। ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ ଟ୍ରେନ୍ ରହଣି ଏବଂ ଯାତ୍ରୀ ଚଳାଚଳ ସ୍ୱାଭାବିକ ଚାଲିଥିଲା। ୫ବର୍ଷ ପରେ ୧୯୬୭ରେ ଟ୍ରେନ୍ ଲାଇନ୍‌ରେ ଜଣେ ମହିଳା ଆତ୍ମହତ୍ୟା କରିଥିଲେ। ଏହା ପରଠାରୁ ସେଠାରେ ଉକ୍ତ ମହିଳାଙ୍କ ପ୍ରେତାତ୍ମା ଘୂରି ବୁଲୁଥିବାର ଲୋକମୁଖରେ ପ୍ରଚାର ହେଲା। ସେହିଦିନଠାରୁ ଏଠାକୁ କୌଣସି ଯାତ୍ରୀ ଆସିବାକୁ ଭୟକଲେ। ଏପରି କି ଟ୍ରେନ୍ ଯାତ୍ରୀମାନେ ଏହି ଷ୍ଟେଶନ୍‌ର ପୂର୍ବ କିମ୍ବା ପର ଷ୍ଟେଶନ୍‌ରେ ଓହ୍ଲାଇଥାଆନ୍ତି। ସ୍ଥାନୀୟ ରେଳ କର୍ତ୍ତୃପକ୍ଷ ଏ ସମ୍ପର୍କରେ କିଛି ପଦକ୍ଷେପ ନେଇପାରି ନାହାନ୍ତି।

## ଚିରନ୍ତନୀ

ନିଦାଘ ପଥେ ରଖି ନୟନ
ସ୍ୱପନ କଲି କେତେ ଚୟନ
ଶରତ ଆକାଶର ଇନ୍ଦ୍ରଧନୁ ଟାଣି
କରିଲି କେତେ ଶର ମୋଚନ।
(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧ ଡିସେମ୍ବର ୧୯୯୩

- ବିଶିଷ୍ଟ ଶିଳ୍ପପତି ଭାରତରତ୍ନ ଜେ.ଆର.ଡି. ଟାଟାଙ୍କର ୮୯ ବର୍ଷ ବୟସରେ ଜେନେଭାଠାରେ ପରଲୋକ।
- ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟିରୁ ସର୍ବାଧୁନିକ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ ପୃଥ୍ୱୀ କ୍ଷେପଣାସ୍ତ୍ରର ସଫଳ ଉତ୍‌କ୍ଷେପଣ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଚ୍ଛ ଭାରତ ଓ ପାଇଖାନା

ମହାଶୟ,

ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ନିର୍ମାଣ ଭାରତ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପ୍ରୟାସ। ଏବେ ଗାଁଗୁଡ଼ିକରେ ସବୁ ପରିବାରରେ ପାଇଖାନା ନିର୍ମାଣ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ହିତାଧିକାରୀଙ୍କୁ ଏଥିପାଇଁ ୧୨,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି। ହେଲେ କାମ ସରିବା ପରେ ସରକାର ଟଙ୍କା ଦେଉଛନ୍ତି। ଲୋକେ ଚାହୁଁଛନ୍ତି ଆଗ ଟଙ୍କା ଦେଲେ କରିବେ। ତେଣୁ ସରକାରଙ୍କ ତରଫରୁ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଏହାକୁ ହାତକୁ ନେଇ ନିମ୍ନମାନର କାମ କରୁଛନ୍ତି। ତେଣୁ ସେ ପାଇଖାନା ଅଳ୍ପ ଦିନରେ ନଷ୍ଟ ହୋଇଯାଉଛି ଓ ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଏମିତି ହେଲେ ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ। ସରକାର ଏ ଦିଗରେ ତଦନ୍ତ କରି ପଦକ୍ଷେପ ନିଅନ୍ତୁ।

ପ୍ରଦୀପ କୁମାର ନାଏକ, ହାତୀସରା, ଦେଓଗାଁ, ବଲାଙ୍ଗୀର

### ନୂଆ କଥା ଉତ୍ଥାପନ କରାଯାଉ

ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦେବା ଲାଗି ଆମ ନେତାମାନେ ଦାବି କରିଆସୁଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ମାନ୍ୟତା ଦେବା ଲାଗି ୨୦୧୬ ମାର୍ଚ୍ଚ ୩ରେ ଲୋକ ସଭାରେ ଆଲୋଚନା ହୋଇଥିଲା। ସେଥିପାଇଁ ସପକ୍ଷରେ ୭୨ ଓ ବିପକ୍ଷରେ ୨୨୨ଟି ଭୋଟ୍ ମିଳିଥିଲା। ଏହି ଦାବି ଉପସ୍ଥାପନ ବେଳେ ଆମର ୬ ଜଣ ରାଜ୍ୟ ଶାସକ ଦଳ ସଦସ୍ୟ ଗୃହରେ ଅନୁପସ୍ଥିତ ଥିଲେ। ପୁଣି ଚତୁର୍ଦ୍ଦଶ ଅର୍ଥ କମିଶନ ତାଙ୍କ ସୁପାରିସରେ ଲେଖିଛନ୍ତି, ଆଉ କୌଣସି ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ଦିଆଯିବ ନାହିଁ। ଏ ପରିପ୍ରେକ୍ଷୀରେ ରାଜନୈତିକ ବୟାନବାଜି ଆଉ ଭଲ ଲାଗୁନାହିଁ। ବରଂ ନୂଆ କଥା କିଛି ଉତ୍ଥାପନ କରାଯିବା ଉଚିତ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ଭିଆଇପି କ'ଣ ଆଇନରୁ ଊର୍ଦ୍ଧ୍ୱରେ

ଭିଆଇପିଙ୍କୁ ପାସ୍ ଦେବା ଅର୍ଥ ସାଧାରଣ ଲୋକଙ୍କୁ ଅବହେଳା କରିବା। ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ, ଶିଶୁଙ୍କ ସମେତ ଶ୍ରଦ୍ଧାଳୁମାନେ ଘଣ୍ଟା ଘଣ୍ଟା ଧାଡ଼ିରେ ଠିଆ ହୋଇଥିବା ବେଳେ ଭିଆଇପିଙ୍କୁ ସ୍ୱତନ୍ତ୍ର ସୁବିଧା ଦେବା ଦ୍ୱାରା ଅନ୍ୟମାନଙ୍କ ପ୍ରତି ଅବିଚାର ହେଲା ନାହିଁ କି ?

ରାମଚନ୍ଦ୍ର ଦାଶ, ପୂର୍ବ ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଶିଶୁଗୃହରେ ଯୌନଶୋଷଣ

**ଢେଙ୍କାନାଳ ଅଫିସ, ୩୦।୧୧**

- ଅନ୍ତେବାସୀ ନାବାଳିକା ଆଣିଲେ ସଙ୍ଗିନ ଅଭିଯୋଗ
- ହରଡ଼ଘଣାରେ ଅନୁଷ୍ଠାନ ମୁଖ୍ୟ, କେୟାରଟେକର
- ସିଡବ୍ଲ୍ୟୁସି ପକ୍ଷରୁ ଥାନାରେ ଏତଲା

ଓପନ ଶେଲ୍‌ଟର ଗୃହରେ ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା। ଏଥର ବି ଚର୍ଚ୍ଚାର ଶିରୋନାମାରେ ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲା। ଶିଶୁଗୃହର ନାବାଳିକା ଅନ୍ତେବାସୀ ଏପରି ସଙ୍ଗିନ ଅଭିଯୋଗ ଆଣିବା ପରେ ହରଡ଼ଘଣାରେ ପଡ଼ିଛନ୍ତି ବେଲଟିକିରିସ୍ଥିତ 'ଗୁଡ୍‌ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' କର୍ତ୍ତୃପକ୍ଷ। ଏପରି ସମ୍ବେଦନଶୀଳ ଘଟଣା ପ୍ରଘଟ ହେବାପରେ ଜିଲାପାଳ ନିଖିଲ ପଡ୍ମନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି), ଶିଶୁ ସୁରକ୍ଷା ବିଭାଗ, ଆଇନସେବା ପ୍ରାଧିକରଣ ଏବଂ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ତନାଘନା। ଅନ୍ୟପଟେ ଦୀର୍ଘ ଦୁଇବର୍ଷ ହେଲା ଜୁଭେନାଇଲ୍ ଜଷ୍ଟିସ୍ (ଜେଜେ) ଆକ୍ଟ ଉଲ୍ଲଂଘନ କରି ରାସ୍ତାପାର୍ଶ୍ୱ ନିକାଞ୍ଚନ ସ୍ଥାନରେ ଖୁଲମଖୁଲା ଉକ୍ତ ଶେଲ୍‌ଟର ହୋମ୍ ଚାଲିଥିବାବେଳେ ଏ ସମ୍ପର୍କରେ ସାମାନ୍ୟତମ ଟେର୍ ନ ମିଳିବା ଜିଲା ପ୍ରଶାସନ ଏବଂ ଶିଶୁ ସୁରକ୍ଷା ବିଭାଗର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ଅନ୍ତେବାସୀଙ୍କ ଅଭିଯୋଗ ଅନୁଯାୟୀ, ଅନୁଷ୍ଠାନର ମୁଖ୍ୟ ଡ. ଫୈଜ ରେହମାନ ଗୃହ ପରିଦର୍ଶନ କରିବାକୁ ଆସିବାବେଳେ ନାବାଳିକାଙ୍କୁ ଆଲିଙ୍ଗନ କରିବା ସହ ବିଭିନ୍ନ ସମ୍ବେଦନଶୀଳ ସ୍ଥାନକୁ ସ୍ପର୍ଶ କରୁଥିଲେ। ଅନେକ ସମୟରେ ଏପରି କରିବାକୁ ନାବାଳିକାଙ୍କୁ ବାଧ୍ୟ କରାଯାଉଥିଲା। ଏପରି କାର୍ଯ୍ୟକୁ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ସୀମାଞ୍ଚଳ ନାୟକ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା। ଅପରପକ୍ଷେ ଅନ୍ୟ କେତେଜଣ ନାବାଳିକା ନାମ ଗୋପନ ରଖି ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି। ସୀମାଞ୍ଚଳ ବିଭିନ୍ନ ସମୟରେ ଅନ୍ତେବାସୀଙ୍କୁ ମାଡ଼ମାରିବା ସହ ଧମକଚମକ ଦେଇ ଯୌନଶୋଷଣ କରୁଥିଲେ। ଏ ନେଇ ଅନୁଷ୍ଠାନର ମୁଖ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ତାଙ୍କୁ କାମରୁ ଅନ୍ତର ହେବାକୁ ନିର୍ଦ୍ଦେଶ ଦେଇଥିଲେ ରେହମାନ। ଏଥିସହ ତାଙ୍କ ସ୍ଥାନରେ କାର୍ଯ୍ୟ କରିବାକୁ ଗଜପତିରୁ ଷ୍ଟିଫେନ୍‌ସନ୍ ରାଉଳ ନାମକ ଜଣେ ବ୍ୟକ୍ତିଙ୍କୁ ପଠାଇଥିଲେ। ହେଲେ ସୀମାଞ୍ଚଳ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଏପରି କି ଅଭିଯୋଗ ଆଣିଥିବା ୧୩ଜଣ ଅନ୍ତେବାସୀଙ୍କୁ ଅନୁଷ୍ଠାନରୁ ବାହାର କରି ଦିଆଯାଇଥିଲା। ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ନାବାଳିକା ନିର୍ଯାତନା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ।

ଏପରି ସମ୍ବେଦନଶୀଳ ପ୍ରସଙ୍ଗର ନିରପକ୍ଷେ ତଦନ୍ତ କରିବାକୁ ଜିଲାପାଳ ତୁରନ୍ତ ଜିଲା ଶିଶୁ ସୁରକ୍ଷା ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଅପରାହ୍ନରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସିଡବ୍ଲ୍ୟୁସି ସଭ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି, ନିବେଦିତା ରଥ, ପ୍ରଦୀପ୍ତ କୁମାର ସାହୁ ଏବଂ ସନ୍ଧ୍ୟାରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ ପୋଲିସସହ ଶେଲ୍‌ଟର ହୋମରେ ତଦନ୍ତ କରିଛନ୍ତି।

ଏ ସମ୍ପର୍କରେ ଅଭିଯୁକ୍ତ ସୀମାଞ୍ଚଳ କୁହନ୍ତି, ଅନୁଷ୍ଠାନର ମୁଖ୍ୟ ଡ. ଫୈଜ ରେହମାନ ଝିଅଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ। ଏହାକୁ ପ୍ରଶ୍ରୟ ନ ଦେବାକୁ ସେ ଓ ତାଙ୍କ ସ୍ତ୍ରୀ ଅନ୍ତେବାସୀ ତଥା ନାବାଳିକାଙ୍କୁ ବାରଣ କରିଥିଲେ। ଏହି କଥାକୁ କେହିଜଣେ ଅନୁଷ୍ଠାନର ମୁଖିଆଙ୍କୁ ଜଣାଇଦେଲେ। ଫଳରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦେଉଥିବା ପାଲଟା ଅଭିଯୋଗ ଅଣାଯାଇଛି, ଯାହା ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସୀମାଞ୍ଚଳ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଉକ୍ତ ଶିଶୁଗୃହରେ ୬୨ ନାବାଳିକାଙ୍କ ସମେତ ୯୪ଜଣ ଅନ୍ତେବାସୀ ରହୁଛନ୍ତି। ଭୁବନେଶ୍ୱର ଉପକଣ୍ଠ ଫୁଲନଖରାରେ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟାଳୟ ରହିଥିବାବେଳେ ବେଲଟିକିରିରେ ୨ ବର୍ଷ ହେଲା ଅନୁଷ୍ଠାନର ନୂତନ ଶିଶୁଗୃହ ଖୋଲିଛି।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି

# ୪୮ ଘଣ୍ଟା ମହାବନ୍ଦ ଶେଷ



ସମ୍ବଲପୁରରେ ଆନ୍ଦୋଳନକାରୀ ରେଲରୋକୋ କରିଛନ୍ତି।

**ସମ୍ବଲପୁର,୩୦।୧୧(ବ୍ୟୁରୋ)**

- ଦାବିପୂରଣ ପାଇଁ ସମସ୍ତେ ଏକାଠି
- ୨୧ଟି ଟ୍ରେନ ଚଳାଚଳ ବାତିଲ
- ୫ଟି ଟ୍ରେନର ଗତିପଥ ପରିବର୍ତ୍ତନ
- ସାଧାରଣ ଜୀବନ ଯାତ୍ରା ପ୍ରଭାବିତ

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗୁରୁବାର ସକାଳ ୬ଟାରୁ ଆରମ୍ଭ ହୋଇଥିବା ମହାବନ୍ଦ ଶନିବାର ସକାଳ ୬ଟା ଅର୍ଥାତ୍ ୪୮ ଘଣ୍ଟାରେ ଶେଷ ହୋଇଛି। ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି(ସିଏସି)ର ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ମହାବନ୍ଦ ଯୋଗୁ ଗତ ୨ ଦିନ ଧରି ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ଅଖଚକ ବନ୍ଦ ରହିଥିଲା । ସହରର ରାଜରାସ୍ତା ଜନଶୂନ୍ୟ ହୋଇପଡିଥିଲା । ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ପିକେଟିଂ କରି ବନ୍ଦପାଳନକୁ ସମର୍ଥନ କରିଥିଲେ । ଦୋକାନବଜାର, ଗାଡିମୋଟର ବନ୍ଦ ରହିଥିଲା। ଏହାର ପ୍ରଭାବ ଗ୍ରାମାଞ୍ଚଳରେ ପଡିଥିଲା । ଜିଲା କୃଷକ ସଙ୍ଗଠନ ସଦସ୍ୟମାନେ ଅଇଁଠାପାଲି ଛକରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସମ୍ବଲପୁର ରେଳ ମଣ୍ଡଳରେ ରେଳସେବା ବନ୍ଦ ହୋଇଯାଇଥିଲା । ଶୁକ୍ରବାର ସମୁଦାୟ ୨୧ଟି ଟ୍ରେନ ବାତିଲ ସହ ୫ଟି ଟ୍ରେନର ଗତିପଥ ପରିବର୍ତ୍ତନ କରାଯାଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାରାଣସୀ-ସମ୍ବଲପୁର ଟ୍ରେନକୁ ସଙ୍କର୍ମା ଗ୍ରାମ ନିକଟରେ ଅଟକ ରଖାଯାଇଥିଲା। ଟ୍ରେନ ଯାତ୍ରୀ ଓ ରାସ୍ତାରୋକୋରେ ଫସି ରହିଥିବା ଟ୍ରକ୍ ଚାଳକମାନଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ଓକିଲ ସଂଘ ପକ୍ଷରୁ ଖାଦ୍ୟ, ପାନୀୟ ଯୋଗାଇ ଦିଆଯାଇଥିଲା। ଆନ୍ଦୋଳନ ସମର୍ଥନରେ କଂଗ୍ରେସ, ବିଜୁ ଜନତା ଦଳ, ଭାରତୀୟ ଜନତା ପାର୍ଟି, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଆମ ଆଦମୀ ପାର୍ଟି, ବହୁଜନ ସମାଜ ପାର୍ଟି କର୍ମୀଙ୍କ ସହ ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ । ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନକୁ ସମର୍ଥନ ମିଳିଥିଲା। ଅନ୍ୟପକ୍ଷେ ଝାରସୁଗୁଡ଼ା, ଦେବଗଡ଼, ସୋନପୁର ଜିଲାରେ ସମ୍ପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ସୁନ୍ଦରଗଡ଼ ଜିଲାର ବଣାଇ ଓ ସୁନ୍ଦରଗଡ଼ ସବ୍‌ଡିଭିଜନ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାଉରକେଲାରେ ମହାବନ୍ଦ ପ୍ରଭାବଶୂନ୍ୟ ରହିଥିଲା । ବରଗଡ ଜିଲାର ପଦ୍ମପୁର ସବ୍‌ଡିଭିଜନର ଅତାବିରା ସମ୍ପୂର୍ଣ୍ଣ ବନ୍ଦ ଥିବା ବେଳେ ବରପାଲିରେ ମିଶ୍ରିତ ପ୍ରଭାବ ରହିଥିଲା । ତେବେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା ଜିଲା ଏହି ଆନ୍ଦୋଳନରେ ସାମିଲ ହୋଇ ନ ଥିଲେ ।

# ଅସିତ୍ ତ୍ରିପାଠୀ ଉନ୍ନୟନ କମିଶନର



**ଭୁବନେଶ୍ୱର, ୩୦।୧୧ (ବ୍ୟୁରୋ):** ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ପରବର୍ତ୍ତୀ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିବେ। ଏଥିସହିତ ପୂର୍ବରୁ ତାଙ୍କ ପାଖରେ ଥିବା ଗୃହ ବିଭାଗ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇବେ। ଉନ୍ନୟନ କମିଶନର ଥିବା ଆର. ବାଲକ୍ରିଷ୍ଣନ ଚାକିରିରୁ ଶୁକ୍ରବାର ଅବସର ନେଇଛନ୍ତି। ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ସଂଗ୍ରାମ ମିଶ୍ର ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ସମବାୟ ବିଭାଗ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରାଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଛୁଟିରେ ଥିବା ରଞ୍ଜନା ପୂର୍ବପରି ସମବାୟ ସଚିବ ଭାବେ ମଧ୍ୟ କାର୍ଯ୍ୟ କରିବେ। ରଞ୍ଜନା ଛୁଟିରୁ ଫେରିବା ପର୍ଯ୍ୟନ୍ତ କୃଷି ସଚିବ ସୌରଭ ଗର୍ଗ ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇବେ। ଅପରପକ୍ଷରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଛି। ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀଙ୍କ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉନ୍ନୟନ କମିଶନରଙ୍କ ହାତରେ ଯୋଜନା ଓ ସଂଯୋଜନ ପରି ଗୁରୁତ୍ୱ ବିଭାଗ ରହିଆସିଛି। ତେଣୁ ଅସିତ୍ ତ୍ରିପାଠୀଙ୍କ ଠାରୁ ଅଳ୍ପ କିଛିଦିନ ପରେ ଗୃହ ବିଭାଗ କାଢି ନିଆଯିବ ବୋଲି ସୂତ୍ରରୁ ପ୍ରକାଶ। ଗୃହ ସଚିବ ପଦ ପାଇଁ ଏକାଧିକ ବରିଷ୍ଠ ଅଧିକାରୀଙ୍କ ନାଁ ଚର୍ଚ୍ଚାରେ ରହିଛି। ହେଲେ ବର୍ତ୍ତମାନ ଜଳସମ୍ପଦ ସଚିବ ଥିବା ପ୍ରଦୀପ ଜେନାଙ୍କୁ ଗୃହ ବିଭାଗ ମିଳିବା ନେଇ ସମ୍ଭାବନା ରହିଛି। ସେହିପରି ଆର.ବାଲକ୍ରିଷ୍ଣନ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୂଚାରୁ ରୂପରେ ନିର୍ବାହ କରିଆସିଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କର ପୁନଃ ନିଯୁକ୍ତି ନେଇ ଚିନ୍ତା କରୁଥିବା ଜଣାପଡିଛି। ବାଲକ୍ରିଷ୍ଣନଙ୍କୁ ସଂସ୍କୃତି ବିଭାଗର ପରାମର୍ଶଦାତା ଭାବେ ପୁନଃ ନିଯୁକ୍ତି ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

# ବାଇକ ଡିକି ଭାଙ୍ଗି ୨.୭୯ ଲକ୍ଷ ଲୁଟ୍

**ବିରିଡ଼ି/ବାଲିଆ,୩୦/୧୧(ଡି.ଏନ୍.ଏ.):** ବିରିଡ଼ି ଥାନା ଅନ୍ତର୍ଗତ ବାଲିଆ ଷ୍ଟୋର ଛକରୁ ଶୁକ୍ରବାର ମଧ୍ୟାହ୍ନ ୧ଟାରେ ଏକ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୨ ଲକ୍ଷ ୭୯ ହଜାର ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ମହାତୋଳ ଗ୍ରାମରେ ଥିବା ଜୟଦୁର୍ଗା ଦୁଗ୍ଧ ସଂଗ୍ରହ ସମବାୟ ସମିତିର ସମ୍ପାଦକ ଭାସ୍କର ବେହେରା ଓ ହଳଦିଆପଡ଼ା ଶୁଭଦ୍ରା ଦୁଗ୍ଧ ସଂଗ୍ରହ ସମବାୟ ସମିତିର ସମ୍ପାଦକ ନାରାୟଣ ବେହେରା ଜଗତ୍‌ସିଂହପୁର ୟୁକୋ ବ୍ୟାଙ୍କ ଶାଖାରୁ ୨ ଲକ୍ଷ ୭୯ ହଜାର ଟଙ୍କା ଉଠାଇଥିଲେ। ଏଥିରେ ଭାସ୍କରଙ୍କ ୧ ଲକ୍ଷ ୧୯ ହଜାର ଓ ନାରାୟଣଙ୍କ ୧ ଲକ୍ଷ ୬୦ ହଜାର ଟଙ୍କା ଥିଲା। ଏହି ଟଙ୍କା ସେମାନେ ଦୁଗ୍ଧ ଚାଷୀଙ୍କୁ ଦେଇଥାନ୍ତେ। ଟଙ୍କା ବ୍ୟାଗ୍ ବାଇକ ଡିକିରେ ରଖି ସେମାନେ ଘରକୁ ଆସୁଥିବାବେଳେ ବାଲିଆ ଷ୍ଟୋରଠାରେ ଔଷଧ କିଣିବା ପାଇଁ ଅଟକିଥିଲେ। ଔଷଧ କିଣିସାରି ବାଇକ୍ ପାଖକୁ ଫେରିବା ବେଳକୁ ଡିକି ଖୋଲାଥିବା ଓ ସେଥିରେ ଟଙ୍କା ବ୍ୟାଗ୍ ନ ଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

**ପୂର୍ବ ତଟ ରେଳପଥ**

**ତାଳଚେର ଠାରୁ କଣିହାଁ (ଏନ୍‌ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍ ପର୍ଯ୍ୟନ୍ତ ଓଭରହେଡ୍ ଟ୍ରାକ୍ସନ୍ ତାରରେ ବିଦ୍ୟୁତ୍ ପ୍ରବାହ ସମ୍ବନ୍ଧୀୟ ସାର୍ବଜନିକ ଅଧିସୂଚନା** ପ୍ରୋଫର୍ମା-10.01

ପୂର୍ବ ତଟ ରେଳପଥ ଅଧୀନସ୍ଥ ନିମ୍ନ ବର୍ଣ୍ଣିତ ସେକ୍ସନର ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନରେ ଅବସ୍ଥିତ ରେଳବାଇ ଲାଇନ୍ ଏବଂ ପରିସରକୁ ବ୍ୟବହାର କରୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏତଦ୍ୱାରା ଅବଗତ କରାଇ ଦିଆଯାଉଅଛି ଯେ, ନିର୍ଦ୍ଦିଷ୍ଟ ସେକ୍ସନ ନିମନ୍ତେ ନିର୍ଦ୍ଧାରିତ ତାରିଖରେ କିମ୍ବା ଏହା ପରେ 25000 ଭୋଲ୍ଟ, 50 Hz, AC ଓଭରହେଡ୍ ଟ୍ରାକ୍ସନ୍ ତାରରେ ବିଦ୍ୟୁତ୍ ପ୍ରବାହ କରାଯିବ । ସେହି ତାରିଖ ଦିନ ଓ ତାହା ପର ଠାରୁ ଓଭରହେଡ୍ ଟ୍ରାକ୍ସନ ଲାଇନ୍‌ରେ ସବୁ ସମୟ ପାଇଁ ବିଦ୍ୟୁତ୍ ପ୍ରବାହିତ ହେବ । ଏଥିପାଇଁ ଯେକୌଣସି ଅନଧିକୃତ ବ୍ୟକ୍ତି ଉକ୍ତ ଓଭର ହେଡ୍ ଲାଇନ୍ ନିକଟକୁ ଯିବେ ନାହିଁ କିମ୍ବା ତାହାର ଆଖପାଖରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ | ମଣ୍ଡଳ | ବିଦ୍ୟୁତ୍ ପ୍ରବାହ ତାରିଖ |
|---|---|---|
| ତାଳଚେର ଠାରୁ କଣିହାଁ (ଏନ୍‌ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍ | ଖୋର୍ଦ୍ଧା ରୋଡ଼ | ତା.30.12.2018ରିଖ |

ଦ୍ରଷ୍ଟବ୍ୟ : ତାଳଚେର ସ୍ଥିତ ଷ୍ଟେସନ ୟାର୍ଡ଼ଗୁଡ଼ିକର OHE ଲାଇନ୍‌ଗୁଡ଼ିକରେ ପୂର୍ବରୁ 25000 ଭୋଲ୍ଟ AC ଦ୍ୱାରା ବିଦ୍ୟୁତ୍ ପ୍ରବାହ ହୋଇସାରିଛି ।

**AC 25 KV ଟ୍ରାକ୍ସନର ପ୍ରଚଳନ**
**'ସଡ଼କ ବ୍ୟବହାରକାରୀମାନଙ୍କ ପାଇଁ ସତର୍କତା'** ପ୍ରୋଫର୍ମା-10.02

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ, ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ତାଳଚେର ଠାରୁ କଣିହାଁ (ଏନ୍‌ଟିପିସି ସାଇଡିଂ) ବ୍ରଡ୍ ଗେଜ୍ ଲାଇନ୍‌ରେ 25,000 ଭୋଲ୍ଟ AC ଇଲେକ୍ଟ୍ରିକ୍ ଟ୍ରାକ୍ସନର ପ୍ରବର୍ତ୍ତନ ସମ୍ପର୍କରେ ସମସ୍ତ ଲେଭେଲ କ୍ରସିଂ ଗୁଡ଼ିକଠାରେ କୌଣସି ବୋଝେଇ ଗାଡ଼ି ଜୀବନ୍ତ ଟ୍ରାକ୍ସନ ତାର ସଂସ୍ପର୍ଶରେ ନ ଆସିବା କିମ୍ବା ଏହାର ନିକଟବର୍ତ୍ତୀ ବିପଦାଞ୍ଚଳକୁ ପ୍ରବେଶ ନିଷିଦ୍ଧ ନିମନ୍ତେ ସଡ଼କ ସ୍ତର ଠାରୁ 4.67 ମିଟର ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି ।
ତେଣୁ ସର୍ବସାଧାରଣଙ୍କୁ ଏତଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ସଡ଼କ ଗାଡ଼ିରେ ମାଲ ବୋଝେଇ କରିବା ସମୟରେ ଉପର ଲିଖିତ ଉଚ୍ଚତାକୁ ଧ୍ୟାନରେ ରଖି ମାଲ ବୋଝେଇ କରିବେ ଏବଂ ଏହା ଯେପରି କୌଣସି ପରିସ୍ଥିତିରେ ହାଇଟ୍ ଗେଜ୍ ସୀମା ଉଲ୍ଲଙ୍ଘନ ନ କରେ, ସେଥିପ୍ରତି ଦୃଷ୍ଟି ଦେବେ ।
ଅଧିକ ଉଚ୍ଚତାରେ ମାଲ୍ ବୋଝେଇ କରିବା ଦ୍ୱାରା ନିମ୍ନଲିଖିତ ବିପଦ ରହିଛି :
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣାମ ସ୍ୱରୂପ ରେଳ ଲାଇନ୍ ଓ ରାସ୍ତା ଅବରୋଧ ।
ii) ପରିବହନ ହେଉଥିବା ମାଲ କିମ୍ବା ଯନ୍ତ୍ରାଂଶ କିମ୍ବା ସେହି ଗାଡ଼ି ପ୍ରତି ବିପଦ ।
iii) ବିଦ୍ୟୁତ୍ ପରିବାହୀ ସଂସ୍ପର୍ଶରେ ଆସିବା କିମ୍ବା ନିକଟବର୍ତ୍ତୀ ହେବା ଦ୍ୱାରା ଅଗ୍ନି ଭୟ ସହିତ ଜୀବନ ହାନୀର ବିପଦ ଆଶଙ୍କା ।

PR-88/CB/18-19 | ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-II), ଭୁବନେଶ୍ୱର

# ଓକେଏଚ୍‌ଏଲ୍‌ଏସ୍ ବକ୍ତୃତାମାଳା ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୧ (ବ୍ୟୁରୋ):** ଯୋଜନା ଓ ସଂଯୋଜନା ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପୁସ୍ତକର ପ୍ରଥମ ଭାଗ 'ଲିସନିଂ ୱିଣ୍ଡୋ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ଅନୁଷ୍ଠିତ ଓଡିଶା ନଲେଜ ହବ ବକ୍ତୃତାମାଳାରେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଶାସକ, ନୀତି ନିର୍ଦ୍ଧାରକ, ଛାତ୍ରୀଛାତ୍ର ଏବଂ ସମାଜର ବିଭିନ୍ନ କୋଣରୁ ଆସୁଥିବା ଲୋକମାନଙ୍କ ପାଇଁ ଏହା ଏକ ଉତ୍ତମ ପ୍ରେରଣାର ଉତ୍ସ। ବିଭିନ୍ନ କ୍ଷେତ୍ରର ୧୮ ଜଣ ବକ୍ତା ଓଡିଶା ନଲେଜ ହବ ବକ୍ତୃତାମାଳାରେ କହି ସାରିଛନ୍ତି। ଉନ୍ନୟନ କମିଶନର ଆର. ବାଲକ୍ରିଷ୍ଣନ କଠିନ ପରିଶ୍ରମ ଯୋଗୁ ଏହି ବକ୍ତୃତାମାଳା ସଫଳ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗଚୀ କହିଲେ ଯେ ଏକ ଉତ୍ତମ ଗୁଣବତ୍ତା ବକ୍ତୃତାମାଳା ଓଡିଶା ପାଇଁ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛି। ଅଜଣା ଉତ୍ସରୁ କିଛି ଶୁଣିବା ସବୁବେଳେ ଚିନ୍ତାଧାରାରେ ପ୍ରଗତି ଆଣି ଥାଏ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଲେ ବୃତ୍ତିଗତ ଜୀବନକୁ ସହାୟତା କରିବାରେ ଓକେଏଚଏଲଏସ ବକ୍ତୃତାମାଳା ଅତ୍ୟନ୍ତ ଉପାଦେୟ। ଜ୍ଞାନ ହିଁ ଶକ୍ତି। ଏହି ଚିନ୍ତାଧାରାକୁ ଆଗାକୁ ବଢାଇବାରେ ନଲେଜ ହବ ବକ୍ତୃତାମାଳା ଏକ ଉତ୍ତମ ପଦକ୍ଷେପ । ଓକେଏଚଏଲଏସ ବକ୍ତୃତାମାଳାର ସମସ୍ତ ଆଲୋଚନା http://Okh.nic.in/ ରେ ଉପଲବ୍ଧ ହୋଇ ପାରିବ। ଯୋଜନା ଓ ସମଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମଗମ ପୁସ୍ତକ ବିଷୟରେ ସୂଚନା ଦେଇଥିଲେ।

**ଲିସନିଂ ୱିଣ୍ଡୋ ଉନ୍ମୋଚିତ**

ଓକେଏଚଏଲଏସ ଉପରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ଏହି ବକ୍ତୃତାମାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍ସ୍ ମ୍ୟାନେଜମେଣ୍ଟ ଶାଖା, ଭୁବନେଶ୍ୱର
**ସଂଶୋଧନ ପତ୍ର**
ତା.୨୬.୧୧.୨୦୧୮ ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ଇ-ନିଲାମ ବିକ୍ରୟ ବିଜ୍ଞପ୍ତି"ରେ କ୍ର. ନଂ. ୩ ରେ ଦର୍ଶିତ ଋଣଗ୍ରହୀତା: ଜଗନ୍ନାଥ ସଜ୍ଜ ପ୍ରା. ଲିଃ.ର 'ସମ୍ପତ୍ତିର ବିବରଣୀ' ସ୍ତମ୍ଭରେ ସମ୍ପତ୍ତି (ଖ)ରେ ଦର୍ଶିତ 'ପ୍ଲଟ୍ ନଂ. ୧୭୫/୭୩୬' ପରିବର୍ତ୍ତେ 'ପ୍ଲଟ୍ ନଂ. ୪୭୫/୭୩୬' ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ, ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।
ତା.୩୦.୧୧.୨୦୧୮ / କ୍ଷମତାପ୍ରାପ୍ତ ଅଧିକାରୀ

**ପୂର୍ବ ତଟ ରେଳପଥ**
**ସମ୍ବଲପୁର ଷ୍ଟେସନରେ ବିଜ୍ଞାପନ ଅଧିକାର**
ଟେଣ୍ଡର ବିଜ୍ଞପ୍ତି ସଂ. SDCM/Comml.Pub/Sole Advt./2018, ତା : 26.11.2018
କାର୍ଯ୍ୟର ନାମ : 05 (ପାଞ୍ଚ) ବର୍ଷ ସମୟ ଅବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସମ୍ବଲପୁର ଷ୍ଟେସନ ଠାରେ ଏକକ ବିଜ୍ଞାପନ ଅଧିକାର।
ବିଜ୍ଞାପନର ମାଧ୍ୟମ : ହୋର୍ଡିଂ (4000 ବର୍ଗଫୁଟ, ଷ୍ଟେସନ ବାହ୍ୟ ପାର୍ଶ୍ୱରେ), ଗ୍ଲୋ ସାଇନ୍ (2120 ବର୍ଗଫୁଟ, ଷ୍ଟେସନ ଭିତର ପାର୍ଶ୍ୱରେ), ବୋର୍ଡ଼ (1000 ବର୍ଗଫୁଟ, ଷ୍ଟେସନ ଭିତର ପାର୍ଶ୍ୱରେ)।
ପ୍ରଥମ ବର୍ଷ ନିମନ୍ତେ ଆରକ୍ଷଣ ମୂଲ୍ୟ (ଟଙ୍କାରେ) : ₹22,10,622/- EMD (ଟଙ୍କାରେ) : ₹11,73,840/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : ₹3,000 + GST @18% ₹540 = ₹3,540/-
ଟେଣ୍ଡର ଫର୍ମ ଜାରି ହେବାର ଅନ୍ତିମ ତାରିଖ ଓ ସମୟ : ତା 21.12.2018 ରିଖ 1800 ଘ. ପର୍ଯ୍ୟନ୍ତ, ଟେଣ୍ଡର ଫର୍ମ ଜମା କରିବାର ଅନ୍ତିମ ତାରିଖ ଏବଂ ସମୟ : ତା 24.12.2018 ରିଖ 1600 ଘଟିକା ପର୍ଯ୍ୟନ୍ତ,
ଟେଣ୍ଡର କାଗଜପତ୍ର ଖୋଲାଯିବାର ତାରିଖ ଓ ସମୟ : ତା 24.12.2018 ର 1630 ଘ.ରେ
ଟେଣ୍ଡର ଫର୍ମ ଉପଲବ୍ଧ ହେବା ସ୍ଥାନ : ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ପୂର୍ବ ତଟ ରେଳପଥ, ସମ୍ବଲପୁର-768002, ଜିଲ୍ଲା-ସମ୍ବଲପୁର, ଓଡ଼ିଶାଙ୍କ କାର୍ଯ୍ୟାଳୟ ।
ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ଉପଲବ୍ଧ ହେବ : www.eastcoastrail.indianrailways.gov.in । ଯଦି ଇଣ୍ଟରନେଟରୁ ଡାଉନଲୋଡ୍ କରାଯାଇଥିବା ଟେଣ୍ଡର କାଗଜପତ୍ର ଏବଂ କାର୍ଯ୍ୟାଳୟରେ ଉପଲବ୍ଧ ମାଷ୍ଟର କପି ମଧ୍ୟରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ, ତେବେ ସେ କ୍ଷେତ୍ରରେ କାର୍ଯ୍ୟାଳୟର ମାଷ୍ଟର କପି ହିଁ କାଏମ୍ ରହିବ ତଥା ଟେଣ୍ଡର ଆବେଦନକାରୀ(ମାନେ) ତାହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ। ଏ କ୍ଷେତ୍ରରେ ସେମାନଙ୍କର କୌଣସି ଦାବିକୁ ଗ୍ରହଣ କରାଯିବ ନାହିଁ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ସମ୍ବଲପୁର
PR-396/J/18-19

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

सत्यमेव जयते

**ରାଜ୍ୟ ସଚିବାଳୟ**
ଭୁବନେଶ୍ୱର



**ବାର୍ତ୍ତା**

ଏଡ୍‌ସ୍ ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ପ୍ରତିଷେଧକ ବ୍ୟବସ୍ଥା ହିଁ କେବଳ ଏହି ସଂକ୍ରମଣକୁ ପ୍ରତିହତ କରିପାରିବ । ଜନସାଧାରଣଙ୍କ ମଧ୍ୟରେ ସଚେତନତା, ବ୍ୟବହାରରେ ପରିବର୍ତ୍ତନ ଏବଂ ସଂକ୍ରମିତ ରୋଗୀର ନିୟମିତ ଔଷଧ ସେବନ ଦ୍ୱାରା ଆମେ ଏହାକୁ ନିୟନ୍ତ୍ରଣ କରିପାରିବା । ଏଡ୍‌ସ୍ ସଚେତନତା ଦିଗରେ ଓଡ଼ିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତିର କାର୍ଯ୍ୟ ପ୍ରଶଂସନୀୟ ।

ବିଶ୍ୱ ଏଡ୍‌ସ୍ ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ନିବେଦନ ଯେ ଏଚ୍.ଆଇ.ଭି. ସଂକ୍ରମଣର ପରୀକ୍ଷଣ ଓ ଚିକିତ୍ସା ଠିକ୍ ସମୟରେ କରାନ୍ତୁ ଏବଂ ନିଜେ ସଚେତନ ହୋଇ ଏକ ସୁସ୍ଥ ସମାଜ ଗଠନ ଦିଗରେ କାର୍ଯ୍ୟ କରନ୍ତୁ ।

(ନବୀନ ପଟ୍ଟନାୟକ)



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ଶିକ୍ଷକତା ଜୀବନରେ ଅବସର ନାହିଁ

**ତିର୍ତ୍ତୋଲ, ୩୦।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କଟରା ରାଧାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ବିଜ୍ଞାନ ଶିକ୍ଷକ ସୁକାନ୍ତ ଚନ୍ଦ୍ର ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ମହିଲୋ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ବଳ ଯୋଗଦେଇ ଶିକ୍ଷକତା ଏକ ସମ୍ମାନଜନକ ପେଶା ଓ ଶିକ୍ଷକ ଜୀବନରୁ କେବେ ହେଲେ ଅବସର ମିଳିନଥାଏ ବୋଲି ମତବ୍ୟକ୍ତ କରିଥିଲେ। କଟରା ସମିତିସଭ୍ୟ ବାଇଧର ବଳ ମୁଖ୍ୟବକ୍ତା, ବାଁବରଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ସିଆରସିସି ଦୀପକ କୁମାର ବିଶ୍ୱାଳ, ଶିକ୍ଷକ ଶଙ୍କର୍ଷଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ବୀରକିଶୋର ମହାନ୍ତି, ଅକ୍ଷୟ ମହାନ୍ତି, ଗନ୍ଧର୍ବ ଖଟୁଆ, ସୁରେନ୍ଦ୍ରନାଥ ତ୍ରିପାଠୀ, ସାରଦା ପ୍ରସନ୍ନ ଚଇନୀ, ଧୃରେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ବାଗୋଇରେ ଭାଜପାର ପଦଯାତ୍ରା

**କୁଜଙ୍ଗ,୩୦।୧୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ବାଗୋଇ ପଞ୍ଚାୟତରେ ଭାଜପାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାରେ ପ୍ରାକ୍ତନ ଜିଲା ସଭାପତି ଉପେନ୍ଦ୍ର କୁମାର ବିଶ୍ୱାଳ ଓ ଜିଲା ଯୁବ ମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ ଯୋଗଦେଇ ରାଜ୍ୟ ତଥା ନିର୍ବାଚନ ମଣ୍ଡଳୀରେ ବିଜେଡିର କୁଶାସନ ତଥା ଅଞ୍ଚଳର ଆଶାନୁରୂପ ପ୍ରଗତିରେ ବାଧକ ସାଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ପଞ୍ଚାୟତର ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ, କୃଷିଜାତ ଦ୍ରବ୍ୟର ଉପଯୁକ୍ତ ବଜାର ପ୍ରବେଶ, ମୁଗ ମଣ୍ଡି ଖୋଲିବା ପାଇଁ ଜନସାଧାରଣଙ୍କ ପରାମର୍ଶ ନେଇଥିଲେ। ବାଗୋଇ ଛକ ଓ ବଟ ମହାପୁରୁଷ ପୀଠରେ ପଥପ୍ରାନ୍ତ ସଭା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକାଶ କୁମାର ପ୍ରଧାନ, ମନୋଜ ଚୌଧୁରୀ, କୈଳାସ ସାହୁ, ଶରତ ପ୍ରଧାନ, ଅଭୟ ମହାପାତ୍ର, ନିର୍ଭୟ କୁମାର ମହାପାତ୍ର, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ଆମ ପୋଲିସ ସମିତି ବୈଠକ

**ବାଲିକୁଦା,୩୦।୧୧(ସ୍ୱ.ପ୍ର.):** ବାଲିକୁଦା ପୋଲିସ ପକ୍ଷରୁ 'ଆମ ପୋଲିସ' ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଗୌରାଙ୍ଗ ଚରଣ ଦାସ ସଭାପତିତ୍ୱ କରିଥିଲେ। ଥାନା ଅଧିକାରୀ ସର୍ବେଶ୍ୱର ବେହେରା, ସରପଞ୍ଚ ଶରତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅବାଧରେ ଚାଲିଛି ଗଛ କଟା

**ଜଗତ୍‌ସିଂହପୁର ଅଫିସ,୩୦।୧୧**

- ବନ ବିଭାଗ କର୍ମଚାରୀଙ୍କୁ ହାତ କରିଛନ୍ତି ମାଫିଆ
- ରାସ୍ତା ପାର୍ଶ୍ୱରୁ କାଟି ନିଆଯାଉଛି ଗଛ

ସରକାର ବୃକ୍ଷରୋପଣକୁ ଗୁରୁତ୍ୱ ଦେଇ ବନୀକରଣ ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ନ୍ୟାୟରେ ଯେତିକି ଗଛ ଲାଗୁଛି, ସେତିକି କଟା ଚାଲିଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ନାଳିବର-ରେଡ୍ଡୁଆ ରାସ୍ତା ପାର୍ଶ୍ୱରେ। ୨୦୦୫-୦୬ରେ ୪ କିଲୋମିଟର ପର୍ଯ୍ୟନ୍ତ ଏହି ରାସ୍ତା ନବୀକରଣ ହୋଇଥିଲା। ସେତେବେଳେ ରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରକାର ଗଛ ଲଗାଯାଇଥିଲା। ସେଥିମଧ୍ୟରୁ ଆକାଶିଆ ଗଛଗୁଡ଼ିକର ଗୋଲେଇ ପାଖାପାଖି ୧ ଫୁଟ ହୋଇଗଲାଣି।

କିନ୍ତୁ ଅନ୍ୟ ଗଛଗୁଡ଼ିକ ବିଶେଷ ବଡ଼ ହୋଇନାହିଁ। ଯେହେତୁ କାଠ ସାମଗ୍ରୀ ତିଆରି ପାଇଁ ଆକାଶିଆର ଚାହିଦା ରହୁଛି, ତେଣୁ ମାଫିଆମାନେ ରାସ୍ତା ପାର୍ଶ୍ୱର ଏହି ଗଛ କାଟି ନେଉଛନ୍ତି। ବନ ବିଭାଗ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଅବାଧରେ ଦିନ ଦି ପହରେ ସେମାନେ ଗଛ କାଟି ଚାଲିଛନ୍ତି। ଲୋକେ ଏହାର ପ୍ରତିବାଦ କଲେ, ସେମାନଙ୍କୁ ଗଛ କାଟିବାକୁ ନିଲାମ ଦିଆଯାଇଥିବା କୁହାଯାଉଛି। ରେଡ୍ଡୁଆ-ପୁରୁଣାବସନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଇତିମଧ୍ୟରେ ଶତାଧିକ ଗଛ କଟାସରିଲାଣି।

ନିକଟରେ କେତେଜଣ ଲୋକ ଏହାର ପ୍ରତିବାଦ କରିଥିଲେ। କିନ୍ତୁ ସମ୍ପୃକ୍ତ ମାଫିଆ ସେମାନଙ୍କୁ ନାଲିଆଖି ଦେଖାଇଥିଲେ। କହିଥିଲେ ସେମାନେ ଗଛ ନିଲାମ ନେଇଛନ୍ତି, କେହି କିଛି ପାଟି ଫିଟାଇ ପାରିବେ ନାହିଁ। ବନ ବିଭାଗକୁ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଜଣେ ତଳିଆ କର୍ମଚାରୀ ପହଞ୍ଚି ଲୋକଙ୍କୁ ଭକୁଆ ବନାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଗଛ ନିଲାମ ହୋଇ ନ ଥିବା ଜଣାପଡିଥିଲା। ଏହାର ଉପଯୁକ୍ତ ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବନରକ୍ଷୀ ମହାଦେବ ମୂଳିଆଙ୍କୁ ପଚାରିବାରୁ ସେ କହିଲେ, ଏଣିକି ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଧଳତଙ୍ଗଗଡ଼ ରେଞ୍ଜ ଅଫିସର ବଳରାମ ସାହୁଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ସମ୍ପର୍କରେ କୌଣସି ସୂଚନା ନାହିଁ। ସେ ଏହା ଉପରେ ତୁରନ୍ତ ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ୧୯୯୬ କମର୍ସ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ପୁରାତନ ଛାତ୍ର।

**ରଘୁନାଥପୁର,୩୦।୧୧(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କୁଳସାହି ଡାକବଙ୍ଗଳାରେ ସ୍ୱାମୀ ଅରୁପାନନ୍ଦ ଜୁନିୟର କଲେଜର ୧୯୯୬ ବାଣିଜ୍ୟ ବିଭାଗ ଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନିମନ୍ତ୍ରିତ ଅତିଥି ଭାବେ କଲେଜର ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ବାଣିଜ୍ୟ ଅଧ୍ୟାପକ କମଳ ଲୋଚନ ଆଚାର୍ଯ୍ୟ ଓ ରବୀନ୍ଦ୍ର କୁମାର ଓଝା ଯୋଗ ଦେଇଥିଲେ। ଅଧ୍ୟକ୍ଷ ମହାନ୍ତି ପ୍ଲାଷ୍ଟିକ, ପଲିଥିନ ଭଳି ପଦାର୍ଥ କିପରି ପରିବେଶ ଉପରେ କୁପ୍ରଭାବ ପକାଉଛି ଏ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତେ ଏକତ୍ରିତ ହୋଇ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନର ସଂକଳ୍ପ ନେବାର ସମୟ ଆସିଛି ବୋଲି ସେ ଆହ୍ୱାନ ଦେଇଥିଲେ। ପ୍ରତ୍ୟେକ ଛାତ୍ର ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ହୋଇ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିବାକୁ ତୋଫାନ ମହାନ୍ତି ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ବଦ୍ରିନାରାୟଣ ବେହେରା ସଭା ପରିଚାଳନା କରିଥିଲେ। ସାରଦା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ। ମନୋଜ ସାହୁ, ରବି ନାରାୟଣ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସୌରଭ ପ୍ରସାଦ ଦାସ, ସୁଶୀଲ ଦାସ ଓ ସୁଶାନ୍ତ ସାମଲ ପ୍ରମୁଖ ନିଜ ଅନୁଭୂତି ସମ୍ପର୍କରେ କହିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତ୍ୟର ସଙ୍ଗେ ତପ ଗଲା,**
**ଶଉଚ ତ୍ରେତାରେ ରହିଲା ।**
**ଦ୍ୱାପର ଗଲା ଦୟା ସଙ୍ଗେ**
**ମିଥ୍ୟା ରହିଲା କଳିଯୁଗେ ।**

ସତ୍ୟଯୁଗରେ ଲୋକେ ଜପତପ କରୁଥିଲେ। ତ୍ରେତୟା ଯୁଗରେ ଧର୍ମ ଓ ପବିତ୍ରତାକୁ ଶ୍ରେଷ୍ଠ ମଣୁଥିଲେ। ଦ୍ୱାପର ଯୁଗରେ ଲୋକେ ଅନ୍ୟପ୍ରତି ଦୟାଭାବ ରଖୁଥିଲେ। ସେହିପରି ଆଜିର କଳିଯୁଗରେ ଲୋକେ ମିଥ୍ୟା ଓ କଳହ ପ୍ରତି ବେଶି ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସହି ନ ଥିଲି ମୁଁ ଫୁଲର ଭାର**
**ଏବେ ସହୁଅଛି ପଥର ଭାର ।**

ଝିଅ ବାପଘରେ ବେଶ୍ ଫୁଲାଫାଙ୍କିଆ ହୋଇଥାଏ। କିନ୍ତୁ ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ତାକୁ ଅନେକ ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ିଥାଏ। ବାପଘରେ କାମ ନ କରି ଅଲିଅଳ ହୋଇ ବଢ଼ି ଆସିଥିବା ଝିଅ ଶାଶୁଘରେ କାର୍ଯ୍ୟର ଭାରା ସହି ନ ପାରି ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

GOVERNMENT OF ODISHA

**DAM REHABILITATION AND IMPROVEMENT PROJECT (DRIP)**
**World Bank - IBRD LOAN NO-7943-IN AND IDA CREDIT NO-4787-IN**

E-PROCUREMENT NOTICE / INVITATIONS FOR BIDS (IFB)
NATIONAL COMPETITIVE BIDDING
ITEM RATE e-TENDER

No.874-A:- e_mail = executiveengineereddckd@gmail.com

1. Name of the work : Electrical Works.
2. Total No. of Works : 01 No.
3. Estimated Cost : Approx. Estimated Cost Rs. 8.50
4. Bid Security : Rs. 17,000/-
5. Period of completion : 01(One) Calendar Months
6. Other details :

| Procurement Officer | Bid Identification No | Available of tender on-line for bidding | | Date & time of opening of tender in the office of the Sub-Divisional Officer, Satiguda Irrigation Sub-Division, Malkangiri |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda, Dist.Malkangiri. | EE CKD NCB/01/ ORDRIP W-01/ 2018-19 (On Line) | 01.12.2018 at 11.30 AM | 10.12.2018 up to 5.00 PM | 12.12.2018 at 11.30 AM |

Further details can be seen from the e-procurement portal http://tendersorissa.gov.in.

Sd./- Executive Engineer,
Earth Dam Division, Chitrakonda

32019/11/0006/1819

**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**

L. No. 19145/ X-E-3-31/2017 dated 24.11.18

Invitation for Bids
NATIONAL COMPETITIVE BIDDING THROUGH e-procurement
No.362-C:- Bid Identification No. BMC(BAM) 180/2018-19

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure 'A'. | |
| 2 | Nature o work | Civil Work |
| 3 | No. of work | 1 (One) |
| 4 | Bid Cost | The bidder shall remit online the cost of bid document of amount through the process as mentioned in the DTCN as per Annexure 'A'. |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN, Bidders desirous to hire machineries or equipments from outside the state or owned but deployed outside the state are required to remit online 2% of the amount put to tender as Bid Security. Exemption from EMD is permissible as per codal provision of Govt. of Odisha. As per Annexure 'A'. |
| 6 | Class of Contractor | As per the Annexure 'A'. |
| 7 | Availability of Bid Documents in the website | From 15.05 hrs of Dt. 29.11.18 to 17.00 hrs of dt. 19.12.18 |
| 8 | Date & Time of opening of the Technical Bids | 11.30 hrs onwards on Dt. 20.12.18 |
| 9 | Date and time of opening of the Financial Bids | Shall be intimated to the responsive bidder after evaluation of technical Bid |
| 10 | Mode of submission of tender | Tender should submitted on line in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

13035/11/0159/1819 Sd./- Commissioner, Berhampur Municipal Corporation

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (03.12.2018 – 51st E-auction)**
**IRON ORE CLO**

**No.CAD-1081:-** The Odisha Mining Corporation Ltd intends to sell various grades of Iron ore produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on 03.12.2018.

For details, please visit the website of MSTC i.e. www.mstcecommerce.com

GM (S&M)

30005/11/0139/1819

**OFFICE OF THE CHIEF ENGINEER**
DAM SAFETY, Secha Sadan, Unit – V, Odisha
BHUBANESWAR – 751001, Phone – 0674 2531935/
Fax – 0674 2531934, e-mail – cedamsafety.odisha@gmail.com

No.876-A:- **'e' Procurement Notice**
**WORLD BANK FUNDED PROJECT**

| | | |
|---|---|---|
| 1 | Nature of the works | Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organisation of Odisha under DRIP at Bhubaneswar. Project funded by World Bank |
| 2 | No of works | 01 (One) |
| 3 | Value of works | 670 lakhs |
| 4 | Period of completion | 6(Six) Calendar Month |
| 5 | Class of contractors | PSU of State or Central Government, Private Firm or Joint Ventures |
| 6 | Procurement Officer | CHIEF ENGINEER, DAM SAFETY, Secha Sadan, Unit – V, Odisha, BHUBANESWAR |
| 7 | Bid Identification No | OD/WRD/DRIP/CEDS/NCB/07/2018-19 |
| 8 | Availability of tender for On-line bidding | From 11.00hrs of 01.12. 2018 to 31.12.2018 up to 15.00hrs |
| 9 | Last date and time of seeking tender clarification | 07.12.2018 up to 17.00hrs |
| 10 | Pre Bid Conference | 10.12.2018 11.00hrs / O/O Chief Engineer, Dam Safety Conference Hall, Bhubaneswar. |
| 11 | Date and time of opening of Bid | 01.01.2019 at 11.00hrs |

Further details conditions can be seen from the Govt. website www.tendersorissa.gov.in.

CHIEF ENGINEER, DAM SAFETY
Odisha, BHUBANESWAR

32390/11/0001/1819

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ୍ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ୍ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ୍ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

# ଜିପିଟିଏଙ୍କୁ ଆକ୍ରମଣ ଅଭିଯୋଗ

ସାଲେପୁର,୩୦।୧୧(ଡି.ଏନ.ଏ.)

ରାସ୍ତା କାମର ବିଲ୍ କରାଇ ଦେବାକୁ ମନାକରିବାରୁ ସାଲେପୁର ବ୍ଲକ କାର୍ଯ୍ୟାଳୟର ଜିପିଟିଏ ଜୟନ୍ତ କୁମାର ସାହୁଙ୍କୁ ଗୁରୁବାର ଆକ୍ରମଣ ହୋଇଛି। ଏ ନେଇ ସେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବାପରେ ଶୁକ୍ରବାର ଏକ ମାମଲା ନଂ-୨୭୪/୧୮ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖୁବଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଜିପିଟିଏ ସାହୁ କାର୍ଯ୍ୟ କରୁଥିବା ସମୟରେ ବ୍ଲକ ଅଧୀନ ସମିତଙ୍ଗା ଗ୍ରାମର ରମେଶ ଚନ୍ଦ୍ର ରାଉତ ହଠାତ୍ ପହଞ୍ଚି ସେ କରିଥିବା ରାସ୍ତା କାମର ବିଲ୍ କରାଇ ଦେବାକୁ କହିଥିଲେ। ତେବେ ରାସ୍ତାର ମାପଚୁପ ହୋଇ ନ ଥିବାରୁ ବିଲ୍ ହୋଇ ପାରିବ ନାହିଁ ବୋଲି ଜିପିଟିଏ ସାହୁ ତାଙ୍କୁ ଜଣାଇଥିଲେ। ଏହାପରେ ରମେଶ୍ ଜିଦି କରିଥିଲେ। ତେବେ କାମ ନ ହେବାରୁ ଶେଷରେ ରମେଶ ରାଗିଯାଇ ଜିପିଟିଏ ସାହୁଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏନେଇ ସାହୁ ବିଡିଓଙ୍କୁ ଲିଖିତ ଭାବେ ଜଣାଇବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟରେ ପଶି ଜଣେ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଯୁବକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ କୁମାର ଦାଶ ଓ ଦ୍ୱୀପାଞ୍ଚଳ ବିଜେଡି ନେତା ଚିତ୍ତରଞ୍ଜନ ପୁହାଣ ପ୍ରମୁଖ ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ଦିନରେ ବ୍ଲକ ଓ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ: ଧାରଣା ଦେବ କଂଗ୍ରେସ

ବାଲିଆ,୩୦।୧୧

ବିରିଡି ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ଲକ ଅଧ୍ୟକ୍ଷ ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ଉପେକ୍ଷା କରି ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ କଂଗ୍ରେସର ଏକ ୩ ଜଣିଆ ପ୍ରତିନିଧି ଦଳ ଜଗତ୍‌ସିଂହପୁର ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଜିଲାପାଳ ଅନୁପସ୍ଥିତ ଥିବାରୁ ସ୍ୱତନ୍ତ୍ର ଡାକ ଯୋଗେ ସେମାନେ ଏହି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପରେ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ ଦାସଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାସନିକସ୍ତରରେ ଏହି ଅଭିଯୋଗର ସମାଧାନ କରା ନ ଗଲେ, କଂଗ୍ରେସ ପକ୍ଷରୁ ବିରିଡ଼ି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଓବିସି ସେଲ ଅଧ୍ୟକ୍ଷ ଗୋପବନ୍ଧୁ ସ୍ୱାଇଁ, ୧ ନଂ ଜୋନ ସଭାପତି ସୀତାଂଶୁ ସେଖର ରାୟ ଓ ବରିଷ୍ଠ ନେତା କିଶୋର ପାଳ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି ଯେ, କିଛିଦିନ ତଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜନପ୍ରତିନିଧିଙ୍କ ଅଗୋଚରରେ ଆମ ଗାଁ ଆମ ବିକାଶ ଯୋଜନାରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତି କରାଯାଇଛି। ପ୍ରସ୍ତାବିତ ଅନେକ ପ୍ରକଳ୍ପର ନିଜସ୍ୱ ଜମି ନ ଥିବା ସତ୍ତ୍ୱେ ବିଭିନ୍ନ ମଠ ମନ୍ଦିର ଜମିକୁ ପ୍ରକଳ୍ପ ନିର୍ମାଣ ପାଇଁ ଦର୍ଶାଯାଇଛି। ତେଣୁ ଏସବୁ ପ୍ରକଳ୍ପ ବାତିଲ କରି ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ପୁନର୍ବାର ପ୍ରକଳ୍ପ ଚୟନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ପାନୀୟଜଳ ଯୋଗାଣ ଦାୟିତ୍ୱ ପଞ୍ଚାୟତକୁ ହସ୍ତାନ୍ତର କରାଯିବା ପୂର୍ବରୁ ବିଭାଗ ନିକଟରେ ୧ କୋଟି ୨୦ଲକ୍ଷ ଟଙ୍କା ଥିଲା। ସେହି ଅର୍ଥ ହଡ଼ପ କରାଯାଇଥିବା ଦଳ ଅଭିଯୋଗ କରିଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ଗରିବ ହିତାଧିକାରୀ ବାଦ୍ ପଡିଛନ୍ତି। କେତେଜଣ ସ୍ୱଚ୍ଛଳ ବର୍ଗର ଲୋକେ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧିମାନଙ୍କୁ ହିତାଧିକାରୀ ଚୟନ ପ୍ରକ୍ରିୟାରେ ସାମିଲ କରିବାକୁ କଂଗ୍ରେସ ନେତାମାନେ ଦାବି କରିଛନ୍ତି।

ନିରପେକ୍ଷ ଓ ନିର୍ଭୀକ ଦୈନିକ ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧାନଚେଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କ ସ୍ନେହ ଓ ଆଶୀର୍ବାଦ କାମନା କରୁଛି।
କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ, ଧାନଚେଙ୍ଗଡ଼ା, ଭାପୁର



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉପଲକ୍ଷେ ପଥରଚକଡ଼ା ଓ ମାଧପୁର ଗ୍ରାମର ସମସ୍ତ ଗୁରୁଜନ, ଭାଇ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ତ୍ରିନାଥ ମୁଦୁଲି
ସରପଞ୍ଚ, ପଥରଚକଡ଼ା, ଭାପୁର



ଓଡ଼ିଶାର ଅଗ୍ରଣୀ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଅବସରରେ ବହୁତ ବହୁତ ଶୁଭ କାମନା।
ଅଖିଳ କୁମାର ମହାରଣା
ସଭାପତି, ନିଖିଳ ଉତ୍କଳ କଂସାରି ସମାଜ, ମହାନଦୀ ବରିଷ୍ଠ ନାଗରିକ ସଂଘ, ନାଗରିକ ମଞ୍ଚ, କଣ୍ଟିଲୋ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ, କଣ୍ଟିଲୋ



# ଯୁବତୀଙ୍କ ଆତ୍ମହତ୍ୟା

ସାଲେପୁର,୩୦।୧୧(ଡି.ଏନ.ଏ.)

ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ଜଣେ ଯୁବତୀ କୌଣସି କାରଣରୁ ଶୁକ୍ରବାର ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବତୀ ଜଣଙ୍କ ରଶି ଲଗାଇଥିବା ପରିବାର ଲୋକେ ଦେଖିବା ପରେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।




CURE-WELL HOSPITAL, Jagatsinghpur

ଡେରାବିଶର ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମସ୍ତ ଚାଷୀ ଭାଇଙ୍କୁ ଅଭିନନ୍ଦନ। ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆସନ୍ତୁ ଶପଥ ନେବା।
ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ
ପ୍ରସନ୍ନ କୁମାର ପାତ୍ର
ସଂପାଦକ
ପ୍ରସନ୍ନ କୁମାର ସାହୁ
ସଭାପତି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପୀୟୂଷ ପାଣି
ସମାଜସେବୀ, କୋରେଇ ନିର୍ବାଚନ ମଣ୍ଡଳୀ, ଯାଜପୁର ଜିଲ୍ଲା




ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।
GITA TVS
JAGATSINGHPUR



GITA TVS M- 7788901717
GITA TVS, Naugaon M- 9438914171
GITA TVS, Biridi M- 9090256717

With Best Compliments From:-
PRINCIPAL & STAFF
NEELAMADHAB MAHAVIDYALAYA, KANTILO, NAYAGARH
Sukant Kumar Nayak
Principal,
NM College, Kantilo



ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ୍। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମବାୟ ଆନ୍ଦୋଳନକୁ ଆମ ସମିତି ପ୍ରତ୍ୟେକ ଚାଷୀଭାଇଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ସଂକଳ୍ପବଦ୍ଧ।
ଗୋଳରାହାଟ ପ୍ରାଥମିକ କୃଷି ସମବାୟ ସମିତି ଗୋଳରାହାଟ, ଡେରାବିଶ
ସୁରେନ୍ଦ୍ର ସାହୁ
ସମ୍ପାଦକ
ବୈଷ୍ଣବ ଚରଣ ସାହୁ
ସଭାପତି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବେଣାଗାଡ଼ିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉନ୍ନତି ସହ ଶୁଭ କାମନା କରୁଛି।
ସୁଷମା ସ୍ୱାଇଁ
ସରପଞ୍ଚ, ବେଣାଗାଡ଼ିଆ, ଖଣ୍ଡପଡ଼ା



ଧରିତ୍ରୀର ୪୫ତମ ଜନ୍ମବାର୍ଷିକ ଅବସରରେ ସମସ୍ତ ଜନସାଧାରଣ ଓ ମା' ଭଉଣୀମାନଙ୍କୁ ମୋର ଆନ୍ତରିକ ସ୍ନେହ, ଶୁଭେଚ୍ଛା ଓ ସମ୍ମାନ।
ବିପିନ ବିହାରୀ ସାମଲ
ସରପଞ୍ଚ, ଗଡିଆସାହି, ଖଣ୍ଡପଡ଼ା



ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

With best compliments from:
M/S B.C. MOHANTY & SONS PRIVATE LTD.
MINE OWNERS & EXPORTERS
Ph.: 0671 - 2349546/48, Mobile No.: 9861054266/9437054347/9437391345, Fax: 0671 - 2620347
Producer of all grades of chromite ore and chromite fines suitable for metallurgical, chemical and refractory use
Mines at:
KAMARDA CHROMITE MINE, P.O.: KANSA, VIA.: KALARANGIATTA
DIST.- JAJPUR (ORISSA), PIN: 755028
Head Office: Rajabagicha, Cuttack - 753009
(Opposite to S.B.I. JHANJIRIMANGALA), ORISSA, INDIA

ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମବାର୍ଷିକ ଅବସରରେ କଣ୍ଟିଲୋ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ମାଧବ ଚନ୍ଦ୍ର ସାହୁ
ସଭାପତି, ବିଜୁ ଜନତା ଦଳ, କଣ୍ଟିଲୋ।



ନିର୍ଭୀକ ଓ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଉପଲକ୍ଷେ ଖଣ୍ଡପଡ଼ା ଓ କିଆଝର ଅଞ୍ଚଳବାସୀଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା।
'ପରିବେଶ ସୁରକ୍ଷା ରଖନ୍ତୁ ଓ ନିଶା ସେବନଠାରୁ ଦୂରେଇ ରୁହନ୍ତୁ'
ଚନ୍ଦ୍ରକାନ୍ତ ବଳିୟାର ସିଂ
ସରପଞ୍ଚ, କିଆଝର ତଥା ସଭାପତି ଖଣ୍ଡପଡ଼ା ବିଜୁ ଜନତା ଦଳ



ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। କୃଷି ପ୍ରଧାନ ପାଟକୁରା ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ଅଧିକ ସମୃଦ୍ଧ କରିବା ପାଇଁ ତଥା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଯୁବକ, ଛାତ୍ର ଓ ମହିଳାଙ୍କ ସମେତ ସମସ୍ତ ଭାଇ ଭଉଣୀ ଆସନ୍ତୁ ସଂକଳ୍ପ ନେବା। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ମୁଁ ସଂକଳ୍ପବଦ୍ଧ।
ରବି ସାମଲ
ବରିଷ୍ଠ ବିଜେଡି ନେତା



ଡିଡିୟୁ-ଜିକେୱାଇ : ସରକାରଙ୍କ ଅଭିନବ ରୋଜଗାର ଯୋଜନା
ଦକ୍ଷତା ହିଁ କ୍ଷମତା
ଓଡ଼ିଶାରେ ଅଗଷ୍ଟ ୨୦୧୭ ସୁଦ୍ଧା ଟ୍ରେନିଂ ନେଇଛନ୍ତି ୭୬, ୦୦୦ ତନ୍ମଧ୍ୟରୁ ଚାକିରି ପାଇଛନ୍ତି ୪୬, ୦୦୦
ସ୍କିଲ୍ ଟ୍ରେନିଂରେ ଓଡ଼ିଶା, ୨୦୧୬-୧୭ରେ ଦେଶର ସବୁଠାରୁ ଆଗୁଆ ରାଜ୍ୟଭାବେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ
ORMAS
DDU-GKY
ଅଧିକ ଜାଣିବା ପାଇଁ ଗ୍ରାମପଞ୍ଚାୟତ ଅଫିସ୍/ବ୍ଲକ୍ ଅଫିସ୍/ଡି.ଆର୍.ଡି.ଏ.ଅଫିସ/ଓରମାସ୍ ଅଫିସ୍/ ନିକଟସ୍ଥ ଡିଡିୟୁ-ଜିକେୱାଇ ଟ୍ରେନିଂ ସେଣ୍ଟର ସହ ଯୋଗାଯୋଗ କରନ୍ତୁ।
ଟୋଲ୍ ଫ୍ରି ଫୋନ୍ ନମ୍ବର - 1800 345 7118,
ଇ-ମେଲ୍: skillquery@gmail.com, ୱେବ୍‌ସାଇଟ୍: www.ormas.org

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜମଧର ପଞ୍ଚାୟତର ସମସ୍ତ ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। କେନ୍ଦ୍ରାପଡ଼ା ବ୍ଲକରେ ଆମ ପଞ୍ଚାୟତକୁ ୧ ନମ୍ବର କରିବା ପାଇଁ ମୁଁ ସଂକଳ୍ପବଦ୍ଧ।
ସିସମା ଦାସ
ସରପଞ୍ଚ, ଜମଧର ପଞ୍ଚାୟତ(କେନ୍ଦ୍ରାପଡା ବ୍ଲକ)



ଦୈନିକ ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମର୍ଦ୍ଦରାଜପୁର ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ ମର୍ଦ୍ଦରାଜପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରୁଛି।
ବୈକୁଣ୍ଠନାଥ ଗୋଛି
ସରପଞ୍ଚ, ମର୍ଦ୍ଦରାଜପୁର ଖଣ୍ଡପଡ଼ା



SRCKMS
ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଖଣି ଅଞ୍ଚଳବାସୀଙ୍କୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ତରଫରୁ ଶୁଭେଚ୍ଛା।



ବିଜୁ ଜନତା ଦଳ
ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡ଼ଚଣାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ...
ଅମର ପ୍ରସାଦ ଶତପଥୀ
ମୁଖ୍ୟ ସଚେତକ, ଓଡ଼ିଶା ସରକାର



## ସଂକ୍ଷେପରେ

### ଘର ଆଗରେ ଯୁବକଙ୍କୁ ହାଣି ହତ୍ୟା

**ରାଜକନିକା, ୩୦।୧୧ (ଡି.ଏନ୍.ଏ):** ରାଜକନିକା ଥାନା ଅଧୀନ ଓଲାଭର ଗ୍ରାମ ବାଇ ସାହିରେ ପୂର୍ବ ଶତ୍ରୁତାରୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ବାଇ ସାହିର ସୁରେନ୍ଦ୍ର ବାଇଙ୍କ ପୁଅ ବିନୋଦ(୩୦)। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ସୁରେନ୍ଦ୍ରଙ୍କ ଘରକୁ ସ୍ଥାନୀୟ ଅଞ୍ଚଳର ଜନୈକ ବ୍ୟକ୍ତି ଅଧିକାଂଶ ସମୟ ଯା'ଆସ କରୁଥିଲେ। କୌଣସି କାରଣରୁ ବିନୋଦ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେବେ ଶୁକ୍ରବାର ସନ୍ଧ୍ୟାରେ ବିନୋଦଙ୍କ ଘରଠାରୁ ପ୍ରାୟ ୨ଶହ ମିଟର ଦୂରରେ ସମ୍ପୃକ୍ତ ବ୍ୟକ୍ତି ଓ ବିନୋଦଙ୍କ ମଧ୍ୟରେ ପୁଣି ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ସମ୍ପୃକ୍ତି ବ୍ୟକ୍ତି, ତାଙ୍କ ପରିବାରବର୍ଗ ଏକ ଭୁଜାଲିରେ ବିନୋଦଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିନୋଦଙ୍କ ମୃତ୍ୟୁ ଘଟିଥିଲା। ବିନୋଦଙ୍କ ଦୁଇ ଭାଇ ବାହାରେ ରହୁଥିବା ବେଳେ ଏହି ସମୟରେ ତାଙ୍କ ବାପା ଓ ୨ ଭାଉଜ କୌଣସି କାର୍ଯ୍ୟରେ ଗାଁ ବାହାରକୁ ଯାଇଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ରୁଣ୍ଡ ହେବା ପରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବିନୋଦଙ୍କୁ ହତ୍ୟା କରିଥିବା ବ୍ୟକ୍ତି ଓ ତାଙ୍କ ପରିବାରବର୍ଗ ଫେରାର ଥିବା ଜଣାପଡିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ହତ୍ୟାକାରୀଙ୍କ ପରକୀୟା ପ୍ରୀତି ଯୋଗୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

### ଲୁଣା ବ୍ରିଜ୍‌ରୁ ୨୫ ଫୁଟ ତଳକୁ ଖସିପଡିଲେ ବାଇକ ଆରୋହୀ

**ମାର୍ଶାଘାଇ,୩୦।୧୧( ଡିଏନଏ):** ମାର୍ଶାଘାଇ ଦେଇ ଯାଉଥିବା ୫ ନଂ (କ) ଜାତୀୟ ରାଜପଥର ଲୁଣା ବ୍ରିଜ ଉପରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୨୫ ଫୁଟ ତଳେ ଥିବା ଲୁଣା ନଦୀ ଗର୍ଭକୁ ଖସି ପଡି ଗୁରୁତର ହୋଇଛନ୍ତି। ସ୍ଥାନୀୟ କୁସୁନପୁର ଗ୍ରାମର ଯୁବକମାନେ ଉଭୟଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ପ୍ରକାଶ ଯେ, ଶୁକ୍ରବାର ଭୋର୍ ପ୍ରାୟ ସାଢେ ୪ଟା ସମୟରେ ଏରସମା ଅଞ୍ଚଳର ମନୋଜ ମଲିକ (୨୭) ଏବଂ ଚାନ୍ଦବାଲିର ସୁବାସ ଦାସ(୩୧) ବାଇକ ଯୋଗେ ଏରସମାରୁ କେନ୍ଦ୍ରାପଡା ଯାଉଥିଲେ। ଲୁଣା ବ୍ରିଜ ଉପରେ ଯାଉଥିବା ସମୟରେ ଏକ ଟ୍ରକ ସାଇଡ ମାରିବାରୁ ଭାରସାମ୍ୟ ହରାଇ ବ୍ରିଜ୍‌ର ଫୁଟ୍‌ପାଥ ଉପରେ ଉଭୟ ଛିଟିକି ପଡି ଯାଇଥିଲେ। ତେବେ ଫୁଟପାଥର ସ୍ଲାବ ଦୀର୍ଘଦିନ ହେବ ଫାଙ୍କା ଥିବାରୁ ସୁବାସ ସେହି ଫାଙ୍କରେ ନଦୀଗର୍ଭକୁ ଖସି ପଡିଥିଲେ। ଅନ୍ୟଜଣକ କୌଣସି ମତେ ବାଇକ ସହିତ ବ୍ରିଜ ବାଡକୁ ଧରି ରହି ଯାଇଥିଲେ । ସେହି ସମୟରେ ଲୁଣା ନଦୀକୁ ଗାଧୋଇବାକୁ ଯାଇଥିବା କୁସୁନପୁରର ସୁଜିତ ନାୟକ,ଦିପ୍ତି ରଞ୍ଜନ ସାହୁ,ବିଶ୍ୱଜିତ ନାୟକ,ସଚ୍ଚିଦାନନ୍ଦ ନାୟକ,ଅଜୟ ନାୟକ ପ୍ରମୁଖ ଯୁବକମାନେ ବାଲି ବୋହୁଥିବା ଭୁଟୁଭୁଟି ଡଙ୍ଗା ସାହାଯ୍ୟରେ ପାଣିରେ ଖସି ପଡିଥିବା ସୁବାସ ଏବଂ ବ୍ରିଜ ଫୁଟ୍‌ପାଥ ଉପରେ ପଡିଥିବା ମନୋଜଙ୍କୁ ଉଦ୍ଧାର କରିବା ସହିତ ମାର୍ଶାଘାଇ ପୋଲିସକୁ ଖବର ଦେଇଥିଲେ। ସୁବାସ ନଦୀରେ ବୁଡିଯାଇ ପାଣି ପିଇ ଯାଇଥିବା ବେଳେ ତାଙ୍କ ଛାତିରେ ଆଘାତ ଲାଗିଛି । ମନୋଜଙ୍କ ମୁହଁ ଏବଂ କାନ୍ଧରେ ଆଘାତ ଲାଗିଥିବା ଜଣାପଡିଛି। ସୂଚନା ଥାଉ କି,ଲୁଣା ବ୍ରିଜ ନିକଟ ତୁଳସୀପୁର ବାଲିଖାଦାନରୁ ଟ୍ରକ୍,ହାଇୱା ଯୋଗେ ବାଲି ଉଠାଣ ହୋଇ ଜାତୀୟ ରାଜପଥରେ ବାଲି ବୋଝେଇ ଗାଡି ଯାତାୟତ କରୁଛି। ସେହି ଗାଡିଗୁଡିକରୁ ବାଲି ଖସି ଜାତୀୟ ରାଜପଥର ଅର୍ଦ୍ଧାଧିକ ସ୍ଥାନରେ ବାଲିର ସ୍ତର ପଡି ରହୁଛି। ଏଥିପ୍ରତି ତହସିଲଦାର ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି । ସେହିପରି ଦୀର୍ଘ ଦିନ ହେବ ବ୍ରିଜ୍‌ର ଫୁଟ୍‌ପାଥର ସ୍ଲାବ ଭାଙ୍ଗିରୁଜି ମୁକୁଳା ପଡି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଜୟଙ୍କ ଉପରେ ଏବେ ସମସ୍ତଙ୍କ ନଜର

- ରାଜ୍ୟର ସ୍ୱାର୍ଥ ପାଇଁ ସେ ସର୍ବଦା ସ୍ୱର ଉତ୍ତୋଳନ କରିଛନ୍ତି- ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା
- ମୁଖ୍ୟମନ୍ତ୍ରୀ ତାଙ୍କୁ ଦଳରେ ସାମିଲ କଲେ ଆମେ ସ୍ୱାଗତ କରିବୁ- କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ
- ଇସ୍ତଫା ପତ୍ରରେ ଦର୍ଶାଯାଇଥିବା ଆରୋପ ସମ୍ପୂର୍ଣ୍ଣ ଭୁଲ- ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା

**କେନ୍ଦ୍ରାପଡା ଅଫିସ, ୩୦।୧୧**

ଭାଜପାରୁ ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଶୁକ୍ରବାର ଇସ୍ତଫା ଦେବା ପରେ କେନ୍ଦ୍ରାପଡ଼ା ଜିଲାରେ ତାଙ୍କ ଆଗାମୀ ରାଜନୈତିକ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସେ ତାଙ୍କ ଇସ୍ତଫା ପତ୍ରରେ ଓଡ଼ିଶା ପ୍ରତି ଭାଜପାର ବୈମାତୃକ ମନୋଭାବ, ନେତା ଓ କର୍ମୀଙ୍କ ମଧ୍ୟରେ ସମନ୍ୱୟ ଅଭାବ, ବିଚାର ବିମର୍ଷ ଆଦି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି। ବିଜୟଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଜିଲାରେ ତାଙ୍କ ସମର୍ଥକମାନେ ଉତ୍ସାହିତ ହୋଇଥିବାବେଳେ ବିଜେଡି ଶିବିର ଚଳଚଞ୍ଚଳ ହୋଇଛି।

ଏକଦା ବିଜୁ ବାବୁଙ୍କ ପ୍ରିୟ ଥିବା ବିଜୟ ମହାପାତ୍ର ଜନତା ଦଳ, ବିଜେଡି, ଓଜିପି, ଏନ୍‌ସିପି ଓ ଭାଜପାରେ ରହି ଚର୍ଚ୍ଚିତ ହୋଇଛନ୍ତି। ୨୦୦୯ରୁ ଅଦ୍ୟାବଧି ଭାଜପାରେ ରହିଥିଲେ ମଧ୍ୟ ଗତ ଦୁଇ ବର୍ଷ ଧରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସମାଲୋଚନା କରିଛନ୍ତି। ତେବେ ଶୁକ୍ରବାର ଦେଇଥିବା ଇସ୍ତଫା ପତ୍ରରେ ବିଜୟ ଭାଜପାରେ ଥିବା ଦଳୀୟ କନ୍ଦଳକୁ ପଦାରେ ପକାଇଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଥିବା ଭାଜପା ସର୍ବଦା ଦର୍ଶାଇଥାଏ। ଏ କ୍ଷେତ୍ରରେ ଦୀର୍ଘ ୯ ବର୍ଷ ଧରି ଦଳୀୟ ଅଭିଜ୍ଞତା ହାସଲ କରି ବିଜୟ ମହାପାତ୍ର ଖୋଲାସା କରିଛନ୍ତି। ଓଡ଼ିଶା ରାଜନୀତିରେ ବିଜୟ ଜଣେ ଦୃଢ଼ମନା ବ୍ୟକ୍ତି। ରାଜ୍ୟର ସ୍ୱାର୍ଥ ପାଇଁ ସର୍ବଦା ସେ ସ୍ୱର ଉତ୍ତୋଳନ କରିଛନ୍ତି। ଏହାକୁ ଭାଜପାର କେତେଜଣ ନେତା ମଧ୍ୟ ସ୍ୱୀକାର କରନ୍ତି ବୋଲି ବରିଷ୍ଠ ନେତା ଗଣେଶ୍ୱର ପ୍ରକାଶ କରିଛନ୍ତି। ପୂର୍ବତନ ଭାଜପା ଜିଲା ସଭାପତି ସୁକାନ୍ତ ଦ୍ୱିବେଦୀ କହିଛନ୍ତି, ୨୦୦୯ରେ ବରିଷ୍ଠ ରାଜନେତା ବେଦପ୍ରକାଶ ଅଗ୍ରୱାଲ ଭାଜପା ଛାଡ଼ିଥିଲେ। ଏହି ଦୁର୍ବଳ ସମୟରେ ଜିଲା ଭାଜପା ବିଜୟଙ୍କ ହାତ ଧରି ନିଜର ସ୍ଥିତିକୁ ସମତୁଳ କରିବା ପାଇଁ ଚେଷ୍ଟା କରିଥିଲା। ୨୦୧୪ ପଞ୍ଚାୟତ ନିର୍ବାଚନରେ ତାଙ୍କ ସୁପରିଚାଳନାରେ ଜିଲା ଭାଜପାର ୧୦ ଜୋନ୍ ସଭ୍ୟ ନିର୍ବାଚିତ ହେଲେ। ପାରଦୀପରେ ତୈଳ ବିଶୋଧନାଗାରରେ ଓଡ଼ିଆ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ଲାଗି ବିଜୟ ମହାପାତ୍ର ସମର୍ଥକଙ୍କ ସହ ସାଇକେଲ ଶୋଭାଯାତ୍ରାରେ ଯାଇ ରାଜ୍ୟପାଳଙ୍କୁ ଦାବିପତ୍ର ଦେଇଥିଲେ। ଯାହା ଏଯାଏଁ ସମ୍ଭବ ହୋଇନାହିଁ। ବିଜୟଙ୍କ ଇସ୍ତଫା ପରେ କେନ୍ଦ୍ରପଡ଼ାରେ ଭାଜପା ଏକ ସାଇନ୍ ବୋର୍ଡ ପାର୍ଟି ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ କୁହନ୍ତି ଯେ, ବିଜୟଙ୍କ ଇସ୍ତଫା ପରେ ଭାଜପାର ଓଡ଼ିଶାରେ ୧୨୦ ପ୍ଲସ ମିଶନ ନିଶ୍ଚିତ ଭାବେ ଫେଲ ମାରିବ। ସେ ଜଣେ ଦୃଢ଼ମନା ଓ ସ୍ୱାଭିମାନୀ ରାଜନୈତିକ ବ୍ୟକ୍ତିତ୍ୱ। ରାଜ୍ୟ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରେ ସାମିଲ କଲେ ଆମେ ସ୍ୱାଗତ କରିବୁ ବୋଲି ଧଳ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡା ଜିଲାର ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା କୁହନ୍ତି ଯେ, ଇସ୍ତଫା ପତ୍ରରେ ଥିବା ଆରୋପ ସମ୍ପୂର୍ଣ୍ଣ ଭୁଲ। କେନ୍ଦ୍ରୀୟ ନେତା ଓଡ଼ିଶାର ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱାରୋପ କରିଛନ୍ତି। ଗତ ସାଢ଼େ ଚାରି ବର୍ଷ ଶାସନ କାଳରେ କେନ୍ଦ୍ର ସରକାର ୩.୫ ହଜାର କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ଓଡ଼ିଶାର ଜନସାଧାରଣଙ୍କ ଉନ୍ନୟନ ପାଇଁ ବହୁ ପ୍ରକଳ୍ପ ଓ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଭାଜପାର ମୂଳଦୁଆ ବଂଶଗତ ରାଜନୀତି ନୁହେଁ। ଜଣେ ସାଧାରଣ କର୍ମୀ ଦେଶର ପ୍ରଧାନମନ୍ତ୍ରୀ ପଦ ପାଇବା କେବଳ ଭାଜପାରେ ହିଁ ସମ୍ଭବ। ବ୍ୟକ୍ତିଗତ ଭାବେ ବିଜୟଙ୍କୁ ଜଣେ ବିଚକ୍ଷଣ ରାଜନେତା ଭାବେ ଜାଣିଛି ବୋଲି ସେ କହିଛନ୍ତି।

## 'ଜିଲା ଭାଜପା ବନ୍ଧନମୁକ୍ତ'



ଭାଜପା ଜିଲା କାର୍ଯ୍ୟାଳୟରେ ଦଳର ବରିଷ୍ଠ କର୍ମକର୍ତ୍ତାମାନେ।

**କେନ୍ଦ୍ରାପଡା ଅଫିସ, ୩୦।୧୧**

ବରିଷ୍ଠ ରାଜନେତା ବିଜୟ ମହାପାତ୍ର ଭାଜପାରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ନିଜର ୩ପୃଷ୍ଠା ସମ୍ବଳିତ ଇସ୍ତଫା ପତ୍ର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନିକଟକୁ ପଠାଇଛନ୍ତି। ଏହା ଜଣାପଡ଼ିବା ପରେ ଜିଲା ଭାଜପା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ସହରର ଗୋପସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ କର୍ମୀମାନେ ବାଣ ଫୁଟାଇ ଖୁସି ପ୍ରକଟ କରିବା ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ ଯୋଗଦେଇ ଜିଲା ଭାଜପା ଏବେ ବନ୍ଧନମୁକ୍ତ ବୋଲି କହିଥିଲେ। ସେ ଏଠାରେ ପ୍ରକାଶ କରିଥିଲେ ଯେ, ବିଜୟ ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ କରୁ ନଥିଲେ। ତାଙ୍କ ବିନା ପରାମର୍ଶରେ କୌଣସି କାର୍ଯ୍ୟ ହେଉ ନଥିବାରୁ ଜିଲାର ଦଳୀୟ କାର୍ଯ୍ୟକ୍ରମ ଶିଥିଳ ହୋଇଥିଲା। ଜିଲା ଭାଜପାକୁ ଗତିଶୀଳ କରିବା ପାଇଁ ଜିଲା କମିଟିରୁ ୧୬ ମାସ ପୂର୍ବେ ତାଙ୍କୁ ବହିଷ୍କୃତ କରାଯାଇଛି। ଏଥିସହ ଜିଲା ସଭାପତି ସାହୁ କହିଛନ୍ତି ଯେ, ଓଡ଼ିଶାରେ ଭାଜପା ପକ୍ଷରୁ ୧୨୦ ପ୍ଲସ୍ ମିଶନ ଲକ୍ଷ୍ୟ ରଖାଯାଇଛି। ବିଜୟ ଏଥିରେ ବାଧା ସୃଷ୍ଟି କରୁଥିବା ବେଳେ ତାଙ୍କ ଇସ୍ତଫା ପରେ କେନ୍ଦ୍ରାପଡାରେ ଏଥିପାଇଁ ପଥ ପରିଷ୍କାର ହୋଇଛି। ଜିଲାର ସାଧାରଣ କର୍ମୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତାମାନେ ଦଳୀୟ ଶୃଙ୍ଖଳାରେ କାର୍ଯ୍ୟ କରି ଆସନ୍ତା ସାଧାରଣ ନିର୍ବାଚନରେ ସମସ୍ତ ବିଧାନସଭା ଓ ଲୋକସଭା ଆସନ ହାସଲ କରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲାର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜିଲାରେ ଖୋଲିବ ୧୩୨ ନୂଆ ପେଟ୍ରୋଲ ପମ୍ପ




ଖବରଦାତା ସମ୍ମିଳନୀରେ ତୈଳ କମ୍ପାନୀର ବରିଷ୍ଠ ପଦାଧିକାରୀମାନେ।

**କେନ୍ଦ୍ରାପଡ଼ା ଅଫିସ, ୩୦।୧୧**

କେନ୍ଦ୍ରାପଡ଼ା ଜିଲାରେ ଏବେ ୬୮ଟି ପେଟ୍ରୋଲ ପମ୍ପ ଅଛି। ତେବେ ଭାରତୀୟ ତୈଳ କମ୍ପାନୀ ପକ୍ଷରୁ ଆଗାମୀ ଦିନରେ ୧୩୨ଟି ନୂଆ ପେଟ୍ରୋଲ ପମ୍ପ ଖୋଲିବ। ତନ୍ମଧ୍ୟରୁ ଆଇଓସିଏଲ୍‌ର ୩୮ଟି, ବିପିସିଏଲ୍‌ର ୨୦ଟି, ଏଚ୍‌ପିସିଏଲ୍‌ର ୮ଟି ଓ ଘରୋଇ ଇଣ୍ଡଷ୍ଟ୍ରିର ୬୬ଟି ପେଟ୍ରୋଲ ପମ୍ପ ରହିଛି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି।

ସହରସ୍ଥିତ ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ତୈଳ କମ୍ପାନୀର ବରିଷ୍ଠ ପଦାଧିକାରୀ କେ କିରଣ ପାତ୍ର, ଅଭିଷେକ ବାନାର୍ଜି, ସୌମ୍ୟରଞ୍ଜନ ପ୍ରଧାନ, ସୁଶାନ୍ତ ଗୋଏଲ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ଦେଶରେ ବୃଦ୍ଧି ପାଉଥିବା ଅର୍ଥନୈତିକ ବ୍ୟବସ୍ଥାରେ ତୈଳ ଯୋଗାଣ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ଗ୍ରାହକଙ୍କ ସୁବିଧା, ବୃଦ୍ଧି ପାଉଥିବା ଚାହିଦା ଓ କର୍ମନିଯୁକ୍ତି ଲକ୍ଷ୍ୟରେ ଏହାର ବିସ୍ତାର ଯୋଜନା ଅଛି। ଏଥିପାଇଁ ଅନଲାଇନରେ ୨୧ରୁ ୬୦ ବର୍ଷର ଭାରତୀୟ ନାଗରିକ ଆବେଦନ କରିପାରିବେ। ଆବେଦନକାରୀଙ୍କୁ ଏହାର ସୁଯୋଗ ନେବା ପାଇଁ ଆବେଦନ ପତ୍ରରେ ବହୁ ସୁବିଧା ଦିଆଯାଇଥିବା ସେମାନେ ପ୍ରକାଶ କରିଥିଲେ।

## କ୍ଷତ୍ରିୟ ସଂଘର ବୈଠକ

**ମାର୍ଶାଘାଇ,୩୦।୧୧(ଡିଏନଏ)**

ମାର୍ଶାଘାଇ ବ୍ଲକର କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ମାର୍ଶାଘାଇ ଏବଂ ମହାକାଳପଡା ବ୍ଲକ କ୍ଷତ୍ରିୟ ସଂଘର ଏକ ବୈଠକ କେନ୍ଦ୍ରାପଡା ଜିଲା ସଂଘର ସଭାପତି ରାଜକିଶୋର ଜେନାଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଦୁଇଟି ବ୍ଲକ ଶାଖା ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ମାର୍ଶାଘାଇ ବ୍ଲକ ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁନାକର ସ୍ୱାଇଁ,କାର୍ଯ୍ୟକାରୀ ସଭାପତି ପୂର୍ବତନ ସରପଞ୍ଚ ବିଜୟ କେତନ ମହାନ୍ତି,ସଂପାଦକ ଶ୍ରୀବଲ୍ଲଭ ନାୟକ, ଯୁଗ୍ମ ସଂପାଦକ ସୁଧୀର କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଭାବେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ଜେନା, ଖବରଦାତା ମାଧବ ନାୟକ,ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ସ୍ୱାଇଁ ମନୋନୀତ ହୋଇଥିଲେ। କମିଟି ସଦସ୍ୟ ଭାବେ ରାଜକିଶୋର ଦାସ,ଶିଶିର କୁମାର ନାୟକ,ମଦନ ମୋହନ ସାହୁ,ମନୋଜ ରାଉତ,ପର୍ଶୁରାମ ଲେଙ୍କା,କୈଳାଶ ଚନ୍ଦ୍ର ସ୍ୱାଇଁ,ରଞ୍ଜନ କୁମାର ସ୍ୱାଇଁ ଚୟନ ହୋଇଛନ୍ତି। ସେହିପରି ମହାକାଳପଡା ବ୍ଲକ ଶାଖା ସଭାପତି ଭାବେ ପ୍ରଦୀପ କୁମାର ଚୌଧୁରୀ,କାର୍ଯ୍ୟକାରୀ ସଭାପତି ଭାବେ ସୌରୀ ପ୍ରସାଦ ମଲ୍ଲ,ସଂପାଦକ ଭାବେ ନିରାକାର ଜେନାଙ୍କୁ ମନୋନୀତ କରାଯାଇଥିଲା। ପର୍ଯ୍ୟବେକ୍ଷକ ଭାବେ ଜିଲା ସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପ ସଭାପତି କାର୍ତ୍ତିକ ଚରଣ ନାୟକ,ସଂପାଦକ ମଦନ ମୋହନ ବେହେରା,ସହସଂପାଦକ ସୁରେନ୍ଦ୍ରନାଥ ସ୍ୱାଇଁ,ସ୍ଥାନୀୟ ସରପଞ୍ଚ ସତ୍ୟ ନାରାୟଣ ନାୟକ, ରଞ୍ଜନ କୁମାର ନାୟକ,ପ୍ରଶାନ୍ତ କୁମାର ନାୟକ,ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ମହାକାଳପଡ଼ା ଗସ୍ତ

- ସ୍ଥାନ ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ

**ମହାକାଳପଡା, ୩୦।୧୧ (ଡି.ଏନ୍.ଏ.)**



କୋଟିଳା-ସରୁମୁହିଁ ରେଡକ୍ରସ ପଡ଼ିଆଠାରେ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳ ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ପେଟ୍‌ଛେଲା ପଞ୍ଚାୟତର କୋଟିଳା-ସରୁମୁହିଁ ରେଡକ୍ରସ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପୂର୍ବରୁ ପ୍ରଶାସନିକ ଅଧିକାରୀମାନେ ଶୁକ୍ରବାର ପେଟ୍‌ଛେଲା ରେଡ୍‌କ୍ରସ ପଡ଼ିଆଠାରେ ପହଞ୍ଚି ସଭା ନିମନ୍ତେ ସ୍ଥାନ ନିରୂପଣ କରିବା ସହ ସର୍ଭେ କରି ଫେରିଛନ୍ତି। ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ସୁମନ୍ତ କୁମାର ହରିଚନ୍ଦନ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦେହୁରୀ, ଇଂ. ପ୍ରଶାନ୍ତ କୁମାର ନାୟକ, ଏଲ୍ ଆଣ୍ଡ ଟି କମ୍ପାନୀର ପ୍ରକଳ୍ପ ପରିଚାଳକ ଏସ୍ ଶିବଶଙ୍କରଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ପୂର୍ବରୁ ସ୍ଥାନୀୟ ବିଧାୟକ ଅତନୁସବ୍ୟସାଚୀ ନାୟକ ଗସ୍ତ କରିବା ସହ କାର୍ଯ୍ୟକ୍ରମ ସ୍ଥଳ ପରିଦର୍ଶନ କରିଥିଲେ।

## ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ କାର୍ଯ୍ୟକ୍ରମ

**ରାଜନଗର, ୩୦।୧୧(ଡିଏନଏ)**



ଉଦ୍‌ଯାପନୀ ଅବସରରେ ବିଜେଡି ନେତାମାନେ।

ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ରାଜନଗର ବ୍ଲକ କୋଇଲିପୁର ପଞ୍ଚାୟତରୁ ଆରମ୍ଭ ହୋଇଥିବା ବିଜୁ ଜନତା ଦଳର ଜନ ସଂପର୍କ ପଦଯାତ୍ରା ଶୁକ୍ରବାର ରାଜନଗର ବ୍ଲକ ହେଡକ୍ୱାର୍ଟରରେ ଶେଷ ହୋଇଛି। ରାଜନଗର ପଞ୍ଚାୟତର ମଲିଆବୁଦାରୁ ବାହାରିଥିବା ଏହି ପଦଯାତ୍ରା ସାନଓର ଓ ରାଜନଗର ଗ୍ରାମ ପରିକ୍ରମା କରି ଦୁର୍ଗାମଣ୍ଡପ ନିକଟରେ ପହଞ୍ଚିଥିଲା। ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ଜଗବନ୍ଧୁ ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ନାଥ ସେଠୀ, ସବିତା ସେଠୀ, ରବିନ୍ଦ୍ର କୁମାର ସେଠୀ, ଯୁବନେତା ବାଇଧର ସେଠୀ, ନାରାୟଣ ଦାସ, ଗୋବର୍ଦ୍ଧନ ପ୍ରଧାନ, ସୁଦର୍ଶନ ଦାସ, ପାରେଶ୍ୱର ନାୟକ, ସୁବାଷ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ।

ରାଜନଗରସ୍ଥିତ ଦୁର୍ଗାମଣ୍ଡପ ସମ୍ମୁଖରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ କହିଥିଲେ ଯେ, ବିଜେଡି ସରକାର ଅମଳରେ ରାଜନଗରରେ ବିକାଶର ଧାରା ଆରମ୍ଭ ହୋଇଛି। ଏହାକୁ ଆଗେଇ ନେବା ପାଇଁ ବିକାଶ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସେ ରାଜନଗରବାସୀଙ୍କୁ ନିବେଦନ କରିଥିଲେ।

## ଗାଁ ଉତ୍ସବ ଉଦ୍‌ଯାପିତ

- ଡା. ବିଦ୍ୟୁତ୍ ଦାଶଙ୍କୁ ବସୁଧା ସମ୍ମାନ



ପଛପଡା-ଅଇନିପଡା ଗାଁ ଉତ୍ସବରେ ଜିଲାପାଳ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ, ୩୦।୧୧ (ସ୍ୱ.ପ୍ର)**

ଗ୍ରାମାଞ୍ଚଳରେ ଭାଇଚାରା ବଜାୟ ରଖିବା ପାଇଁ ୩ ଦିନ ଧରି ଚାଲିଥିବା ପଛପଡା-ଅଇନିପଡା ଗାଁ ଉତ୍ସବ ବସୁଧା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହିପରି ଉତ୍ସବ ଗ୍ରାମ୍ୟ ସଂସ୍କୃତିର ବାର୍ତ୍ତାବହ ଓ ବିକାଶର ଧାରାକୁ ଆଗେଇ ନେବାକୁ ସହାୟକ ବୋଲି ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ମତ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପଛପଡା-ଅଇନିପଡା ଗ୍ରାମ କମିଟି ପକ୍ଷରୁ ଆୟୋଜିତ ସଭାରେ କମିଟି ସଭାପତି ରଜନୀକାନ୍ତ ନାଥ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ସଞ୍ଜୟ ଶତପଥୀ ଯୋଗ ଦେଇ ଗ୍ରାମର ସାମଗ୍ରିକ ଉନ୍ନତି ଓ ବିକାଶ ସମସ୍ତଙ୍କର ଧ୍ୟେୟ ହେବା ଉଚିତ ବୋଲି କହିଥିଲେ । ଶିକ୍ଷାବିତ୍ ପ୍ରହ୍ଲାଦ ନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମର୍ପିତ ଏହି ଉତ୍ସବରେ ଅନୁଷ୍ଠାନର ମର୍ଯ୍ୟାଦାଜନକ ବସୁଧା ସମ୍ମାନ ପ୍ରଖ୍ୟାତ ଚିକିତ୍ସକ ପ୍ରଫେସର ଡ଼ା. ବିଦ୍ୟୁତ ଦାଶଙ୍କୁ ପ୍ରଦାନ କରାଯାଇଥିଲା । ଏଥିସହିତ ବିଶିଷ୍ଟ ପାଲା ଗାୟକ ଦଉହରି ପଣ୍ଡାଙ୍କୁ ଗାୟକ ରତ୍ନ ସମ୍ମାନ, ଶରତ ନାୟକଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ସୁଶାନ୍ତ କୁମାର ପାଣିଙ୍କୁ ଶ୍ରେଷ୍ଠ ସାଂସ୍କୃତିକ ସଂଗଠକ ସମ୍ମାନ, ନୃସିଂହ ଚରଣ ବେହେରାଙ୍କୁ ବରିଷ୍ଠ ନାଗରିକ ସମ୍ମାନ ଓ ରଞ୍ଜନ ସେନାପତିଙ୍କୁ ଅଗ୍ରଣୀ କୃଷକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାଛଡା ଜିଲାର ମାଟ୍ରିକ ଟପ୍ପର ସ୍ୱର୍ଣ୍ଣମଣି ସାହୁ , ନୃତ୍ୟଶିଳ୍ପୀ ସୁଦୀପ୍ତା କର, କୃତୀ ଚେସ୍ ଖେଳାଳି ସମି ସ୍ୱୀକୃତିଙ୍କୁ ଗାଁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାଇକୋର୍ଟ ଆଇନଜୀବୀ ସୂର୍ଯ୍ୟରଞ୍ଜନ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ମାଟିରେ ବସୁଧା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଏହି ଅବସରରେ ୧୯୭୧ ମସିହା ଯୁଦ୍ଧରେ ନୌସେନାର ଯୋଦ୍ଧା ସନାତନ ସାହୁଙ୍କୁ ଅତିଥିମାନେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ଗାଁ କମିଟି ସମ୍ପାଦକ ସଞ୍ଜିତ୍ କୁମାର ବେହେରା ବିବରଣୀ ପାଠ କରିଥିଲେ । ସଞ୍ଜିକାନ୍ତ ନାଥ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଆର୍ଦ୍ରଭୂମି ସୁରକ୍ଷା ସଚେତନତା ଶୋଭାଯାତ୍ରା

**ରାଜନଗର, ୩୦।୧୧(ଡିଏନଏ)**



ଆର୍ଦ୍ରଭୂମି ସୁରକ୍ଷା ଅଭିଯାନ ଓଡିଶା ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା ।

ଉପକୂଳ ଓଡିଶାର ଆର୍ଦ୍ରଭୂମି ଏବେ ଅବକ୍ଷୟମୁଖୀ। ବିଶେଷକରି ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରୁ ଅନେକ ପ୍ରାକୃତିକ ବୃକ୍ଷରାଜି ବିଲୁପ୍ତ ହେବାରେ ଲାଗିଛି। ଜଙ୍ଗଲ ଜମି ଜବରଦଖଲ, ଜଙ୍ଗଲ ଜମିରେ ଜନବସତି, ଅବାଧ ଶିକାର, ବେଆଇନ ଅନୁପ୍ରବେଶ, ଶହ ଶହ ସଂଖ୍ୟାରେ ବେଆଇନ ଚିଙ୍ଗୁଡି ଘେରି, ଚିଙ୍ଗୁଡି ଘେରିରେ ରାସାୟନିକ ଦ୍ରବ୍ୟର ବ୍ୟବହାର, କାଗଜପତ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଦି ଘଟଣାକୁ ନେଇ ଭିତରକନିକା ଆର୍ଦ୍ରଭୂମି ନଷ୍ଟ ହେବାରେ ଲାଗିଛି । ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଆଦ୍ରଭୂମିର ସୁରକ୍ଷା ପାଇଁ ସରକାରଙ୍କ ନର୍ଦ୍ଦିଷ୍ଟ ଯୋଜନା ନାହିଁ। ବିଶ୍ୱ ଐତିହ୍ୟ ଦୌଡରୁ ଭିତରକନିକା ବାଦ୍ ପଡିଲା। ଏହାପରେ ବି ରାଜ୍ୟ ସରକାର ଓ ବନବିଭାଗର ଚେତା ପଶିନି। ଏହାକୁ ନେଇ ଶୁକ୍ରବାର ଆଦ୍ରଭୂମି ସୁରକ୍ଷା ଅଭିଯାନ ଓଡିଶା ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ବାହାରିବା ସହ ଏ ନେଇ ରାଜନଗର ଡିଏଫଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଆଦ୍ରଭୂମି ଅଞ୍ଚଳରେ ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା, ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ, ଅଲିଭ ରିଡଲେଙ୍କ ପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା, ପର୍ଯ୍ୟାପ୍ତ ବୃକ୍ଷରୋପଣ, ଅଧିକ ସଂଖ୍ୟକ ସୁରକ୍ଷା କର୍ମୀ ନିୟୋଜିତ, ଭିତରକନିକାର ସମସ୍ତ ପ୍ରବେଶ ପଥରେ ସିସି ଟିଭି ଲଗାଇବାକୁ ଦାବି କରାଯାଇଛି। ଆଦ୍ରଭୂମି ସୁରକ୍ଷା ଅଭିଯାନ ଓଡିଶାର ଆବାହକ ରଞ୍ଜନ କୁମାର ଦାସ, ସଂଯୋଜକ, ଶୁଭେନ୍ଦୁ ପ୍ରସାଦ ରାୟ ପ୍ରମୁଖ ଏହି ସଚେତନତା ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଶୋଭାଯାତ୍ରା ରାଜନଗରରୁ ତାଳଚୁଆ ଯାଏଁ ପରିକ୍ରମା କରି ଲୋକଙ୍କୁ ଏନେଇ ସଚେତନ କରାଯାଇଥିଲା।

## ସଂକ୍ଷେପରେ

### ମିଥ୍ୟା ତଥ୍ୟ ପ୍ରଚାର କରୁଛନ୍ତି ରାଜ୍ୟ ସରକାର

#### ଏଜି ଧରିଲେ ପଞ୍ଚାୟତିରାଜ ବିଭାଗର ଡାଟା ଜାଲିଆତି

ଭୁବନେଶ୍ୱର,୩୦।୧୧(ବ୍ୟୁରୋ): ରାଜ୍ୟ ସରକାର ବିଭିନ୍ନ ଜାତୀୟ, ଆଞ୍ଚଳିକ ଖବରକାଗଜ ଓ ଟେଲିଭିଜନରେ ମିଥ୍ୟା ତଥ୍ୟ ଦେଉଛନ୍ତି। ପିସିସି ଗଣମାଧମ ପ୍ରମୁଖ ସତ୍ୟ ପ୍ରକାଶ ନାୟକ ଶୁକ୍ରବାର କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀ କରି ଏହି କଥା କହିଛନ୍ତି। ସତ୍ୟପ୍ରକାଶ କହିଛନ୍ତି ଯେ, ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ଗତ ଅକ୍ଟୋବର ମାସରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ବିଭିନ୍ନ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାରେ କିଭଳି ମିଥ୍ୟା ଓ ଅତିରଞ୍ଜିତ ତଥ୍ୟ ନେଇ ସ୍ପଷ୍ଟୀକରଣ ମାଗିଛନ୍ତି। ଏପ୍ରିଲ ୨୦୧୪ରୁ ସେପ୍ଟେମ୍ବର ୨୦୧୮ ମଧ୍ୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୧୯,୫୩,୩୬୩ଟି ପକ୍କାଘର ନିର୍ମାଣ ନେଇ ଦାବି କରାଯାଇଛି। ଏହାକୁ ନେଇ ବିଜ୍ଞାପନ ମଧ୍ୟ ପ୍ରସ୍ତୁତ କରାଯାଇଛି। ବାସ୍ତବରେ କେନ୍ଦ୍ର ଗ୍ରାମୀଣ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (Awaassoft) ଦ୍ୱାରା ସରଜମିନ୍ ତର୍ଜମା କରାଯାଇଛି। ସେଥିରୁ ମିଳିଥିବା ତଥ୍ୟ ଅନୁଯାୟୀ କେବଳ ୧୧,୦୯,୦୦୦ ପକ୍କାଘର ନିର୍ମାଣ ହୋଇଛି। ଅର୍ଥାତ୍ ବାହାବା ନେବା ପାଇଁ ରାଜ୍ୟ ସରକାର ପ୍ରାୟ ୮ ଲକ୍ଷ ୪୪ ହଜାର ନିର୍ମାଣ ନେଇ ମିଥ୍ୟା ତଥ୍ୟ ଦେଇଛନ୍ତି। ସେହିପରି ନିର୍ମାଣ ହୋଇଥିବା ଗୃହର ସଂଖ୍ୟା ମାତ୍ର ୪୫% ପ୍ରତିଶତ।

# ଅନୁପାଳନ ହେଉନାହିଁ ଅଦାଲତ ରାୟ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

## ସଚିବାଳୟରେ ବିଜ୍ଞପ୍ତିଠାରୁ ଅଧିକ ନିଯୁକ୍ତି ପ୍ରସଙ୍ଗ



ସଚିବାଳୟରେ ୧୯୯୭-୧୯୯୯ ମଧ୍ୟରେ ବିଜ୍ଞପିତ ପଦବୀଠାରୁ ଅଧିକ ସଂଖ୍ୟକ କନିଷ୍ଠ ସହାୟକ ନିଯୁକ୍ତି କରାଯାଇଥିଲା। ଏହାକୁ ନେଇ ବିବାଦ ହେବାରୁ ମାମଲା ଶେଷରେ ଅଦାଲତରେ ପହଞ୍ଚିଥିଲା। ଉକ୍ତ ମାମଲାରେ ସୁପ୍ରିମକୋର୍ଟ ଓ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଏଯାବତ୍ ରାଜ୍ୟ ସରକାର ଅନୁପାଳନ କରୁନାହାନ୍ତି। ସ୍ପଷ୍ଟ ଭାବେ ହାଇକୋର୍ଟ ବିଜ୍ଞପିତ ପଦବୀ ବାହାରେ ହୋଇଥିବା ନିଯୁକ୍ତିକୁ ନେଇ ଗତ ଅଗଷ୍ଟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହିତ ନିୟମ ବାହାରେ ହୋଇଥିବା ନିଯୁକ୍ତିର ତାଲିକା ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶକୁ ଅଦ୍ୟାବଧି ଅନୁପାଳନ କରାଯାଇନାହିଁ। ଉକ୍ତ ପଦକ୍ରମ ତାଲିକାକୁ ସଂଶୋଧନ ନ କରିବା ଯୋଗୁ କାର୍ଯ୍ୟରତ ସଂଖ୍ୟାଧିକ ତଫସିଲଭୁକ୍ତ ଜାତି (ଏସ୍‌ସି) ଓ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ବର୍ଗର କର୍ମଚାରୀଙ୍କ ପଦୋନ୍ନତି ଇତ୍ୟାଦି ହୋଇପାରୁ ନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଗୃହ ବିଭାଗ ୧୯୯୬ ମସିହାରେ ସଚିବାଳୟର ବିଭିନ୍ନ ବିଭାଗରେ ନିଯୁକ୍ତି ସକାଶେ ୩୦୦ କନିଷ୍ଠ ସହାୟକ ଚୟନ ପାଇଁ ପଦକ୍ଷେପ ନେଇଥିଲା । ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ୩୦୦ ବଦଳରେ ୬୭୧ ପ୍ରାର୍ଥୀଙ୍କର ଏକ ତାଲିକା ଗୃହ ବିଭାଗକୁ ଦେଇଥିଲେ । ପରେ ବିଭାଗ ୧୯୯୭ରୁ ୧୯୯୯ ମଧ୍ୟରେ ଉକ୍ତ ତାଲିକାରୁ ୩୬୧ ଜଣଙ୍କୁ ନିଯୁକ୍ତି ଦେଇଥିଲା ଓ ଅବଶିଷ୍ଟ ପ୍ରାର୍ଥୀ ତାଲିକାକୁ ବାତିଲ କରିଦେଇଥିଲା । ନିଯୁକ୍ତିରୁ ବଞ୍ଚିତ କେତେକ ପ୍ରାର୍ଥୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପ୍ରଥମେ ରାଜ୍ୟ ପ୍ରଶାସନିକ ନ୍ୟାୟାଧିକରଣ ଏବଂ ପରେ ଓଡ଼ିଶା ହାଇକୋର୍ଟ ଅବଶିଷ୍ଟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଏହି ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ସୁପ୍ରିମକୋର୍ଟ ରାଜ୍ୟ ସରକାର-ବନାମ-ସସ୍ମିତା ପଟ୍ଟନାୟକ ମାମଲାର ବିଚାର କରି ୨୦୧୬ରେ ତାଙ୍କ ରାୟରେ କହିଲେ, ବିଜ୍ଞପିତ ପଦବୀଠାରୁ ଅଧିକ ନିଯୁକ୍ତି ଆଇନସମ୍ମତ ନୁହେଁ । ଏଥିସହିତ ନିଯୁକ୍ତି ସମୟରେ ଆଇନ ଠିକ୍ ଭାବେ ଅନୁପାଳନ କରାଯାଇଛି କି ନାହିଁ, ତାହା ତର୍ଜମା କରିବାକୁ ରାଜ୍ୟ ଉଚ୍ଚ ନ୍ୟାୟାଳୟକୁ ଉକ୍ତ ରାୟରେ ନିର୍ଦ୍ଦେଶ ଦେଲେ । ସେହି ଅନୁସାରେ ଉଚ୍ଚ ନ୍ୟାୟାଳୟ ସମସ୍ତ ପକ୍ଷଙ୍କ ଶୁଣାଣି କରି ଚଳିତ ବର୍ଷ ଅଗଷ୍ଟରେ ତାଙ୍କ ରାୟରେ କହିଲେ -'ମେଧା ତାଲିକା ପ୍ରସ୍ତୁତିରେ ଭୁଲ୍ ହୋଇଛି, ନିଯୁକ୍ତି କାଳରେ ସଂରକ୍ଷଣ ଆଇନର ଉଲ୍ଲଂଘନ ହୋଇଛି।' ଏହାସହିତ ଯେଉଁମାନଙ୍କର ନିଯୁକ୍ତି ବିଜ୍ଞପିତ ପଦବୀ ବାହାରେ ହୋଇଛି, ତା'ର ଏକ ତାଲିକା ପ୍ରକାଶ କରାଯାଇଛି । ଉକ୍ତ ତାଲିକାରେ ସର୍ବାଧିକ ୨୨ ଜଣ ସାଧାରଣ ବର୍ଗର କର୍ମଚାରୀ ଅଛନ୍ତି।

ଅଦାଲତଙ୍କ ନିର୍ଦ୍ଦେଶକୁ ଇତିମଧ୍ୟରେ ୪ ମାସ ବିତିଥିଲେ ବି ଗୃହ ବିଭାଗ ବିଭିନ୍ନ ଆଳ ଦେଖାଇ ପ୍ରସଙ୍ଗକୁ ଏଡ଼ାଇ ଚାଲିଛି । ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଙ୍କ ରାୟ ଆଧାରରେ ବଳକା କର୍ମଚାରୀଙ୍କୁ ଅଯୋଗ୍ୟ ଘୋଷିତ କରୁଛନ୍ତି ନା ସେମାନଙ୍କୁ କ୍ୟାଡର ବାହାରେ ପଦବୀ ସୃଷ୍ଟିକରି ଥଇଥାନ କରୁଛନ୍ତି । ଏହାଦ୍ୱାରା ଏସ୍‌ସି, ଏସ୍‌ଟି କର୍ମଚାରୀଙ୍କ ବରିଷ୍ଠତା ବାଧାପ୍ରାପ୍ତ ହେବା ସାଙ୍ଗକୁ ସେମାନଙ୍କ ପଦୋନ୍ନତିରେ ବିଳମ୍ବ ହେବାର ଆଶଙ୍କା ଦେଖାଦେଇଛି । ଗୃହ ବିଭାଗ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ଆଇନ କିମ୍ବା ସାଧାରଣ ପ୍ରଶାସନ ବିଭାଗ ଅଥବା ଆଡ୍‌ଭୋକେଟ ଜେନେରାଲଙ୍କ ସହିତ ପରାମର୍ଶ କରିନାହାନ୍ତି, ଯାହାକୁ କେତେକ ସଂରକ୍ଷିତ ବର୍ଗର ଏକାଧିକ ଜନପ୍ରତିନିଧି ନିନ୍ଦା କରିଛନ୍ତି । ଏଥିଯୋଗୁ ପ୍ରଭାବିତ ହେବାକୁ ଥିବା କର୍ମଚାରୀମାନେ ଏସ୍‌ଟି,ଏସ୍‌ସି କମିଶନଙ୍କ ଦ୍ୱାରସ୍ଥ ହେବା ସାଙ୍ଗକୁ ଉଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ମାମଲା ଦାଏର କରିବାକୁ ଯୋଜନା କରୁଥିବା ସୂତ୍ରରୁ ପ୍ରକାଶ । ସେହିପରି ଗୃହ ବିଭାଗ ଏହି ମାମଲାରେ ଓଡ଼ିଶା ହାଇକୋର୍ଟକୁ ଭୁଲ୍ ତଥ୍ୟ ଦେଇଥିବା ଅଭିଯୋଗ ହୋଇଛି। ଅଦାଲତକୁ ଠିକ୍ ତଥ୍ୟ ପ୍ରଦାନ କରାଗଲେ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ବଳକା ନିଯୁକ୍ତି ସଂଖ୍ୟା ଆହୁରି ବୃଦ୍ଧି ପାଇବ।

■ କପିଳାସ ଜୁ'ରେ ଅବ୍ୟବସ୍ଥା ଜଳଜଳ

## ହାତୀଛୁଆ 'ରାଜା' ମୃତ



ମୃତ ହାତୀ ଛୁଆ।

ଢେଙ୍କାନାଳ ଅଫିସ, ୩୦।୧୧

ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ଅଣ୍ଡିରା ହାତୀଛୁଆ 'ରାଜା'ର ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ହାତୀ ଶାବକ ୩ ଦିନ ହେଲା ଥଣ୍ଡା ଜ୍ୱରରେ ପୀଡ଼ିତ ଥିଲା। ଚିଡ଼ିଆଖାନା କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଆବଶ୍ୟକ ଚିକିତ୍ସା ଅଭାବରୁ ରାଜାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ଛେଣ୍ଡିପଦା ଅଞ୍ଚଳର ଜଙ୍ଗଲରୁ ୬ମାସ ତଳେ ରାଜାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପ୍ରଥମେ ତାକୁ ଅନୁଗୋଳ ଅଣାଯାଇଥିଲା। ୨୦୧୮ ମେ' ୧୪ରେ ହାତୀ ଛୁଆକୁ କପିଳାସ ଚିଡ଼ିଆଖାନାକୁ ଅଣାଯାଇଥିଲା। ହାତୀ ରେସ୍କ୍ୟୁ ସେଣ୍ଟରରେ ଥିବା ଉମା, କାର୍ତ୍ତିକ, ଚନ୍ଦୁ ପରେ ନୂଆ ଅତିଥି ସାଜିଥିଲା 'ରାଜା'। କେବଳ ଏତିକି ନୁହେଁ, 'ରାଜା' ପାଇଁ ସରକାର ମାସକୁ ଖର୍ଚ୍ଚ କରୁଥିଲେ ୬୫ହଜାର ଟଙ୍କା। ଏସବୁ ସତ୍ତ୍ୱେ ଚିକିତ୍ସା ଅଭାବରୁ ହାତୀଛୁଆ ପ୍ରାଣ ହରାଇବା ଚିଡ଼ିଆଖାନା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାପାଇ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁଦର୍ଶନ ପାତ୍ର, ରେଞ୍ଜର ଦର୍ଶନିଆ ଭୋଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚିଡ଼ିଆଖାନା ପରିସରରେ ଥିବା ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଭୁବନେଶ୍ୱର ଓୟୁଏଟିରୁ ଆସିଥିବା ବିଶେଷଜ୍ଞ ଅଭିଷେକ ପାହାଳ, ଅଶୋକ କୁମାର ଦାସ, ବିଶ୍ୱରଞ୍ଜନ ସାହୁଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ରେଞ୍ଜର କୁହନ୍ତି, ହାତୀକୁ ଥଣ୍ଡାଜ୍ୱର ହୋଇଥିଲା। ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆବଶ୍ୟକ ଚିକିତ୍ସା ସୁବିଧା କରାଯାଇଥିଲା। ଶୁକ୍ରବାର ତାହାର ମୃତ୍ୟୁ ଘଟିଛି। ସେହିପରି ରିପୋର୍ଟ ମିଳିବା ପରେ ହାତୀମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

## ଫେବୃୟାରୀ ୨୦ରୁ ଦିଲ୍ଲୀରେ ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ

ଭୁବନେଶ୍ୱର,୩୦।୧୧(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ, ସଂସ୍କୃତି ଓ କଳାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ଅନୁଷ୍ଠାନ ପୁଣିଥରେ ଆୟୋଜନ କରିବାକୁ ଯାଉଛି ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ 'ଆମରି ଭାଷା ପଥେ'। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତିର ୫ମ ବର୍ଷ ପୂର୍ତ୍ତି ଏବଂ ବିଶ୍ୱ ମାତୃଭାଷା ଦିବସ ଅବସରରେ ୨୦୧୯ ଫେବୃୟାରୀ ୨୦ ଓ ୨୧ରେ ଏହା ଆୟୋଜନ ହେବ। ୫ମ ଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମିଳନୀ ଚଳିତବର୍ଷ ଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର ପରିସରରେ ଅନୁଷ୍ଠିତ ହେବ। ଦେଶର ପ୍ରମୁଖ ସାହିତ୍ୟିକ ଏବଂ ଭାଷାବିତ୍‌ଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ମାତୃଭାଷା ମହାକୁମ୍ଭ ରାଜ୍ୟ ବାହାରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଓଡ଼ିଆ ଭାଷାର ନେତୃତ୍ୱରେ ସମସ୍ତ ଶାସ୍ତ୍ରୀୟ ଭାଷା ବିଶାରଦ ଏବଂ ଅନ୍ୟ ଆଞ୍ଚଳିକ ଭାଷା ବିଜ୍ଞାନୀମାନେ ଯୋଗଦେଇ ମାତୃଭାଷାର ଆବଶ୍ୟକତା, ସମସ୍ୟା, ପରିସୀମା ଓ ପ୍ରଗତିର ବିଭିନ୍ନ ଦିଗ ଉପରେ ଆଲୋଚନା କରିବେ। ଚଳିତବର୍ଷ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସଙ୍ଗଠନ ତରଫରୁ ସ୍କୁଲ ପିଲାମାନଙ୍କ ମଧ୍ୟରେ ଏକ ଓଡ଼ିଆ ଭାଷା ପ୍ରବନ୍ଧ ପ୍ରତିଯୋଗିତା 'ମାତୃଭାଷା ହିଁ ପ୍ରଗତି ଓ ସ୍ୱାଭିମାନର ପ୍ରତୀକ' ଆୟୋଜନ କରାଯିବ ବୋଲି ସଙ୍ଗଠନ ଅଧକ୍ଷ ଦେବେନ୍ଦ୍ର ନାଥ ରାଉତ କହିଛନ୍ତି।


ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
CORPORATE IDENTITY NUMBER (CIN) U4G1Q2OR2Q04GCOG7553
O/O GENERAL MANAGER, EHT (O&M) CIRCLE, BERHAMPUR, PO: ENGINEERING SCHOOL, DIST: GANJAM-760010, FAX/PH.: 0680-2291905, 0680-2291904

Advt. No.06/2018-19 **EXPRESSION OF INTEREST**

Sealed tenders are invited from **VEHICLE OWNERS/TRAVEL AGENCIES** for Engagement of One Number Hired A/C Bolero/Indica or equivalent required for the official & field works of General Manager,EHT (O&M).Circle, Berhampur on monthly basis with daily hiring rate along with copies of required documents of the Vehicle, copy of valid PAN and GST Registration Certificate of the owner/Travel agency. The said vehicle should not be more than 3 years old from the date of initial Registration. Commencement of Sale of Tender Paper : From **Dated 01.12.2018 to Dated 20.12.2018 up to 5.00 PM** on working days only. Last Date of Submission of Tender Paper: **Dated 21.12.2018 up to 2.00 PM**. Date of Opening f Tender Paper: **Dated 21.12.2018 at 3.00 PM**. Tender Paper Cost :Rs 4.000/-+ (GST@12%)=Rs.4,480/-. For details please visit our website www.optcl.co.in Corrigendum if any will be published in the website only.

*General Manager (Elect.)*

**PARADIP PORT TRUST**
**e-TENDERING NOTICE :**
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from interested bidder for supply of **LED Strip Light**. The last date and time of submission of the tender is 17.00 Hours on Dt. 12/12/2018. For details log on to website : http://eprocure.gov.in/eprocure/app.
**Sd/- Sr. Dy. Material Manager**
PPT/PR/502/18-19 Dt. 30.11.2018

**DISTRICT RURAL DEVELOPMENT AGENCY, BALANGIR**
**CORRIGENDUM NOTICE**
**Tender Notice No.: 4632/DRDA/18-19 Dt.19.11.2018**
**Notice No.: 4777 Date: 29.11.2018**
This notification is in continuation of the Notice Inviting Tender published by District Rural Development Agency, Balangir No. 4632 on 19.11.2018 for "Supply of display and affixing of Poster" under Ama Gaon Ama Bikash and Flex Hoarding under Rural Housing Scheme.
Revised date and time for opening of bids is by 11.00 A.M. on 04.12.2018. All other tender conditions remain unchanged.
**Sd./- Collector & CEO, DRDA, Balangir**

**ROURKELA MUNICIPAL CORPORATION, ROURKELA**
**Email ID: rourkelamunicipality@gmail.com**
**Tel.: 0661-2500388, PIN - 769012**
**No.: 13061 Dt.29.11.2018**
**2nd CORRIGENDUM TO RFP FOR WALL PAINTING & BEAUTIFICATION OF WALL**
The last date for submission of Offer (RFP) for Wall Painting and Beautification of walls is further extended to 28.12.2018 and the bid will be opened on 29.12.2018 at 11.00 A.M. The pre bid meeting is fixed on 18.12.2018 at 4.00 P.M. in Rourkela Municipal Corporation Office. The other conditions remain unchanged as notified in Notice No. 11112 Dt.12.10.2018 remain unchanged which is available in the website: **rmc.nic.in**.
**Sd./- Commissioner**
**Rourkela Municipal Corporation**

**PARADIP PORT TRUST**
**CORRIGENDUM-IV TO E-TENDER CALL NOTICE NO.EM/MM/P/HW/05/2018/ 1808TDR162, DT.18/08/2018 FOR SUPPLY OF HARDWARE MATERIALS**
The due date of submission of Tender & opening of Technical Bid is hereby further extended as below : (1)Last date of submission of tender upto 5.00PM of Dt.13.12.2018 (2)Opening of EMD Bid at 3.30PM of Dt.15.12.2018. All other terms and conditions in the original tender remained unaltered. For details, log on to our website https://eprocure.gov.in/eprocure/app or contact the office of the undersigned.
**Sr.Dy.Materials Manager**
**PPT/PR/505/18-19 Dt.30.11.2018**

See Career Appointment on every Wednesday & Saturday

**OFFICE OF THE NOTIFIED AREA COUNCIL, ATHMALLIK**
**No.: 2191** **eonacathmallik.hud2012@gmail.com** **Dt.:29.11.18**
**QUOTATION CALL NOTICE**
Sealed quotations are invited from the reputed Company/Firms/Suppliers having GST Registration Number, PAN Card number and other related documents for supply of the following materials to the NAC, Athmallik during the year 2018-19. The quotation should be dropped in box kept in the Office of the undersigned from Dt.01.12.2018 to Dt.07.12.2018 upto 1.00 P.M. and the same will be opened on Dt.07.12.2018 at 3.00 P.M. in the Office Chamber of the Executive Officer, NAC, Athmallik. Quotation may also be sent through Registered Post/Speed Post so as to reach to the undersigned on or before the specified date & time as above. Quotation received by the office after the scheduled date & time as mentioned above shall not be entertained. The authority reserves the right to reject any or all quotations without assigning any reason thereof.

| Sl. No. | Description | Quoted Rate per each Unit | % of GST & other Tax |
|---|---|---|---|
| 01 | Try Cycle Riskashwa with arrangement of Six numbers of 35 Ltr. fiber Dustbin with cover HDPE make nature-blue & green colour (03 bins from each) with writing NAC, Athmallik for door to door collection. | | |
| 02 | 100 × 2 = 200 Ltr. twin pole mounted Fiber Dustbin with cover HDPE make (nature green and blue with writing NAC, Athmallik) including fixing the same in the site. | | |

**Sd./- Executive Officer, N.A.C., Athmallik**

**ODISHA STATE CIVIL SUPPLIES CORPORATION LIMITED**
(A Government of Odisha Undertaking)
C/2, Nayapalli, Bhubaneswar - 752012.
CIN: U51211OR1980SGC000894
**TENDER CALL NOTICE**
PII-45/16(Pt) No.18475 Dt.30.11.2018
Sealed tenders are invited from reputed firms / companies / persons engaged in the trade of transportation of rice or food grains for appointment as State Level Transport Contract for transportation of rice (CMR) for OSCSC by road through trucks from surplus districts to deficit districts as detailed in the tender document.
The interested firms / companies / persons will have to download the tender document from the Corporation website: **www.oscsc.in.** The tender document shall be sent through **Registered Post / Speed Post / Courier only.** Tender document sent in other than the above mode shall not be entertained. The tender papers should reach OSCSC Head Office **on or before 5.00 P.M. of 14.12.2018.** The tender paper will be opened **on 15.12.2018 at 11.00 A.M.** in the office chamber of FA & CAO in the presence of tenderers or their authorized representatives. **The Corporation shall not be responsible for any postal / courier delay. Tender paper received after the schedule date & time shall not be considered.**
The authority reserves the right to reject any or all the tenders without assigning any reason thereof.
**General Manager (PDS)**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) CIRCLE, JEYPORE**
**e-Procurement Notice**
**No.960-B:-**
**Bid Identification No. S.E.J.C. (R&B) - 14/2018-19**
**No.: 3504 Date: 28.11.2018**
1. Name of the Work : Road Work
2. Total No. of Works : 01 (One) No.
3. Estimated Cost : Rs.163.66 Lakhs
4. Period of Completion : 05 (Five) Months
5. Date & time of availability of bid document in the portal : From 11.00 hours of 06.12.2018 to 16.00 hours of 21.12.2018
6. Last date/time for receipt of bid in the portal : 16.00 hours of 21.12.2018
7. Name and address of the Officer Inviting Bid : Superintending Engineer Jeypore (R&B) Circle, Jeypore

Further details can be seen from the e-procurement portal **https://tendersodisha.gov.in**.
**Sd./- Superintending Engineer**
**Jeypore (R&B) Circle, Jeypore**
34108/11/0024/1819

**INTEGRATED TRIBAL DEVELOPMENT AGENCY, BARIPADA**
**(Ph & Fax No. (06792) 260250, E-mail: itdabpd@nic.in)**
**EXPRESSION OF INTEREST**
**No.: 6021/ITDA Dt.29.11.2018**
No.: CAD-1085: Expression of Interest are invited by the Project Administrator, ITDA, Baripada from reputed Fabricators/Contractors/Suppliers for finalization of rate/ bidder towards **"Supply and Erection of Pre-fabricated Stainless Steel Bus Stop Shelters"** as described below to be constructed at various places of Mayurbhanj District. The bidder has to submit their bid documents in two separated sealed covers i.e. Technical Bid and Financial Bid prominently superscribed on the cover. The bids will be received by the undersigned upto 5.00 P.M. of 11.12.18 during office hours by Speed Post/Registered Post/Courier services only and the bids so received will be opened at 11.00 A.M. of 12.12.18 in the office chamber of P.A., ITDA, Baripada in presence of the available bidders or their authorized representatives.
(The details can be had from the Office of the Project Administrator, ITDA, Baripada in Person/District website **www.mayurbhanj.nic.in**.
**Sd./- Project Administrator**
**ITDA, Baripada**
26033/11/0034/1819

**OFFICE OF THE EXECUTIVE ENGINEER LIFT IRRIGATION DIVISION, BARGARH**
**E-mail: eeolicbgh@gmail.com**
**TENDER CALL NOTICE FOR HIRING OF VEHICLE**
No.: CAD-1086: Sealed tenders are invited from interested reputed Travel Agencies/Tour Operators/Private Individuals for providing 04 (Four) Nos. Non A/C Diesel driven vehicle (Bolero) which shall confirm to the terms and conditions for official use of various offices under the Executive Engineer, L.I. Division, Bargarh on monthly rent basis. The tender schedule containing General Bid Information & Terms and conditions for Hiring of Vehicles etc. will be available with Office of the Executive Engineer, L.I. Division, Bargarh/Assistant Engineer, L.I. Sub-Division, Padampur on payment of Rs.500/- in shape of Demand Draft (DD) drawn in favour of Executive Engineer, L.I. Division, Bargarh from **03.12.2018 to 07.12.2018** during office hours. The tenders completed in all respect should be submitted to the **Office of the Executive Engineer, L.I. Division, Bargarh - 768028 on 10.12.2018 by 03.00 P.M.** and shall be opened on the same day at **04.00 P.M.**
1. 01 No. Vehicle for L.I. (Mech.) Sub-Division, Win-II, Padampur, Bargarh.
2. 01 No. Vehicle for L.I. (Mech.) Sub-Division, Bargarh
3. 01 No. Vehicle for L.I. Sub-Division, Sohela
4. 01 No. Vehicle for L.I. Sub-Division, Padampur

**Sd./- Executive Engineer**
**L.I. Division, Bargarh**
32277/11/0014/1819

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
idco Your power to grow | ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022
OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. HO/CIVIL/T&E-E-4138/04/2017/24005 Dt.27.11.18
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
**Name of the Work :** Supply, installation, testing, and commissioning of 400KVA D.G. set for power supply to Convention Centre of NOU, Baripada. (Makes: Kirloskar / Jakson / Greaves power / Sterling or equivalent.)

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| CGM (Civil), IDCO, IDCO Tower, Janpath, Bhubaneswar. | Bid ID. No. CIVIL/EST /56/2018-19 | 11.00 Hours of dt.03.12..2018 | 17.00 Hours of dt.13.12.2018 |

Further details can be seen from the e-procurement portal. **www.tendersodisha.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**
Sd/-
Chief General Manager (Civil)I/C
IDCO,Bhubaneswar

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ**
**ସମଗ୍ର ଶିକ୍ଷା ଅଭିଯାନ, ବାଲେଶ୍ୱର**
**ବିଜ୍ଞାପନ**
କ୍ର. ସଂ: ୩୭୫୧ ତା: ୩୦।୧୧।୧୮
ଏତଦ୍ୱାରା ବାଲେଶ୍ୱର ଜିଲ୍ଲା ପାଇଁ ତା୨୫।୦୮।୧୮ ରିଖରେ ପ୍ରକାଶିତ ହୋଇଥିବା Part Time Instructor (PET/VA) ପଦବୀ ନିମନ୍ତେ ଆବେଦନ କରିଥିବା ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ ସେମାନଙ୍କର Draft Eligible ଏବଂ Rejected list www.balasore.nic.in ଏବଂ www.opepa.odisha.gov.in ରେ ଉପଲବ୍ଧ ଅଟେ। ଯଦି ପ୍ରାର୍ଥୀ ବା ପ୍ରାର୍ଥିନୀମାନଙ୍କର ଏହି ତାଲିକା ସମ୍ବନ୍ଧୀୟ କୌଣସି ଅଭିଯୋଗ ଥାଏ ସେମାନେ ଲିଖିତ ଭାବେ ତା୦୯।୧୨।୧୮ ରିଖ ସୁଦ୍ଧା ଏହି କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିପାରିବେ। ଏହାପରେ କୌଣସି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।
ଏତଦ୍‌ବ୍ୟତୀତ ସମସ୍ତଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ସମସ୍ତ ମୂଳ ପ୍ରମାଣପତ୍ର ଏବଂ ତାହାର ନକଲ, ସଦ୍ୟ ଆବାସିକ ପ୍ରମାଣପତ୍ର ବାହାର ବିଶ୍ୱବିଦ୍ୟାଳୟର Equivalence ପ୍ରମାଣପତ୍ର ତଥା CGPA, SPGA ର ସଠିକ୍ ତଥ୍ୟ ଧରି ଦିବା ୧୦.୩୦ ମିନିଟରେ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ନିଜେ ଉପସ୍ଥିତ ରହି ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ସହ ଅନ୍ୟାନ୍ୟ ନଥିପତ୍ରକୁ ଯାଞ୍ଚ କରାଇନେବେ। ଉକ୍ତ ଦିବସରେ ଅନୁପସ୍ଥିତ ରହିଲେ ସେମାନଙ୍କ କଥା ବିଚାରକୁ ନିଆଯିବ ନାହିଁ।

| ତାରିଖ | ପଦବୀ | ସ୍ଥାନ |
|---|---|---|
| ୧୦।୧୨।୧୮ | ପି.ଇ.ଟି (ସି.ପିଏଡ୍) | ଜେ.ଆର୍.ସି. ଭବନ |
| ୧୧।୧୨।୧୮ | ପି.ଇ.ଟି. (ବି.ପିଏଡ୍) | ଜେ.ଆର୍.ସି. ଭବନ |
| ୧୨।୧୨।୧୮ | ସ୍ପୋର୍ଟ୍ସ ଓ ଭିଜୁଆଲ ଆର୍ଟ | ଜେ.ଆର୍.ସି. ଭବନ |

**ସ୍ୱା./- ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଅଭିଯାନ, ବାଲେଶ୍ୱର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)**
**ବିଜ୍ଞାପନ**
ପତ୍ର: ୬୩୭ ତାରିଖ: ୨୯।୧୧।୨୦୧୮



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଗତ ତା ୧୧।୧୧।୨୦୧୮ରିଖ ଦିନ ଚାଇଲ୍ଡ ଲାଇନଙ୍କ ଦ୍ୱାରା ଏକ ଅଜଣା ମାନସିକ ଅନଗ୍ରସର ଓ ମୂକ ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ନବରଙ୍ଗପୁରଙ୍କ ନିର୍ଦ୍ଦେଶ କ୍ରମେ ଆଶା କିରଣ ଶିଶୁ ଅନୁଷ୍ଠାନରେ ରଖାଯାଇଛି। ଉକ୍ତ ଶିଶୁର ଯଦି କେହି ପିତାମାତା/ଅଭିଭାବକ ବା ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।
**ଯୋଗାଯୋଗ ଠିକଣା:**
**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର: ୦୬୮୫୮-୨୨୩୩୨୨, ୮୮୯୫୧୮୬୪୦୩, ଅଧକ୍ଷ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନବରଙ୍ଗପୁର: ୯୪୩୮୧୦୩୯୮୭, ଶ୍ରୀଜଗନ୍ନାଥ ବେହେରା, ଆଶା କିରଣ - ପ୍ରିନ୍ସିପାଲ, ନବରଙ୍ଗପୁର - ୯୪୩୭୬୮୫୧୫୮।**
**ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନବରଙ୍ଗପୁର**

**INTEGRATED TRIBAL DEVELOPMENT AGENCY, GUNUPUR**
**SHORT QUOTATION CALL NOTICE**
**No.: 2144/2018 Dated: 29.11.2018**
Sealed quotations are invited in the prescribed form from interested reputed Manufacturers/Authorized Dealers for supply of **Frame Looms & Weaving Accessories** to ITDA, Gunupur in Rayagada District, which shall conform the terms and conditions (Annexure-I). The sealed quotations should reach to the Project Administrator, ITDA, Gunupur on or before **12.12.2018 by 1.00 P.M.** by Registered Post/Speed Post only and will be opened on the **same day at 3.00 P.M.** in the Office Chamber of the Project Administrator, ITDA, Gunupur in the presence of the bidders or their autorized representatives. If this day is declared later as Government Holiday, the quotations will be received and opened on the next working day as per the scheduled time. The detailed term and conditions and General Bid information can be downloaded from the district website **www.rayagada.nic.in**.
The authority reserves the right to reject any or all the quotation without assigning any reason thereof.
**By Order of the Collector**
**Sd./- Project Administrator, ITDA, Gunupur**

## ସଂକ୍ଷେପରେ

### ମୋହନଗିରି ଅଞ୍ଚଳରେ ମାଓବାଦୀ ପୋଷ୍ଟର




**ମୋହନଗିରି,୩୦।୧୧(ଡି.ଏନ.ଏ.):** ଦୀର୍ଘଦିନର ନୀରବତା ପରେ ଶୁକ୍ରବାର କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ମାଓବାଦୀମାନେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି । ମୋହନଗିରିରୁ କନ୍ଧମାଳ ଜିଲା ବାଲିଗୁଡାକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ଏକାଧିକ ପୋଷ୍ଟର ମାରିଛନ୍ତି । ଉକ୍ତ ପୋଷ୍ଟର ଦେଖି ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳିଯାଇଛି। ମାଓବାଦୀଙ୍କୁ ଦମନ କରିବା ଉଦ୍ଦେଶ୍ୟରେ ଏଠାରେ ସିଆରପିଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି । କିନ୍ତୁ କ୍ୟାମ୍ପର ମାତ୍ର ଅଧ କିଲୋମିଟର ଦୂରରେ ମାଓବାଦୀମାନେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ମୋଦି ଓ ନବୀନ ସରକାର ମୁର୍ଦ୍ଦାବାଦ୍ ନାରା ଦିଆଯାଇଛି । ପୁଣି ସୁନ୍ଦରୀ ବାଘୁଣୀ ଆକ୍ରମଣର ଶିକାର ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ, ସାତକୋଶିଆବାସୀଙ୍କ ଆନ୍ଦୋଳନକୁ ବ୍ୟାପକ କରିବା, ପଲ୍ଲିସଭାରେ ହେଉଥିବା ଅନିୟମିତତାକୁ ବିରୋଧ, ମୋଦି ନବୀନ ସରକାରଙ୍କ ଫାସିବାଦ ଦମନ ଅପରେଶନ ଗ୍ରୀନ ହଣ୍ଟକୁ ବିରୋଧ, ପିଏଲଜିଏ ଜିନ୍ଦାବାଦ, ସିପିଆଇ ମାଓବାଦୀ ଜିନ୍ଦାବାଦ୍ ଆଦି ଉକ୍ତ ପୋଷ୍ଟରରେ ଲେଖାଯାଇଛି । ଉଭୟ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାକୁ ନେଇ କଟୁ ସମାଲୋଚନା କରାଯାଇଛି ।

ପ୍ରଥମ ପୃଷ୍ଠାରୁ...

### ତଦନ୍ତ କମିଶନ ଦାଖଲ...

ଖୋଲାଯିବାକୁ ସ୍ଥିର ହୋଇଥିଲା। କିନ୍ତୁ ଭିତର ଭଣ୍ଡାରର ଚାବି ମିଳି ନ ଥିଲା। ବୈଷୟିକ ଟିମ୍ ଏବଂ ଅଧିକାରୀ ବାହାର ଭଣ୍ଡାରରୁ ଭିତର ଭଣ୍ଡାରର ସ୍ଥିତି ଦେଖି ଫେରିଥିଲେ। ଭିତର ଭଣ୍ଡାର ଚାବି ହଜିବା ଘଟଣାକୁ ଗୋପନ ରଖାଯାଇ ସେହିଦିନ ସନ୍ଧ୍ୟାରେ ଭୁବନେଶ୍ୱର ସର୍କିଟ ହାଉସ୍‌ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ଜରୁରୀ ବୈଠକରେ ଆଲୋଚନା ହୋଇଥିଲା। ହେଲେ ବୈଠକର ବିବରଣୀ ଗତ ମେ ୨୮ରେ ପଦାକୁ ଆସିବା ପରେ ଚାବି ହଜିଥିବା ସ୍ପଷ୍ଟ ହୋଇଥିଲା। ଏନେଇ ଆଲୋଡ଼ନ ସୃଷ୍ଟି ହେବା ସହ ଭକ୍ତଙ୍କ ମଧ୍ୟରେ ଦେଖାଦେଇଥିଲା ଅସନ୍ତୋଷ। ଜୁନ୍ ୬ରେ ସରକାର ଘଟଣାର ତଦନ୍ତ ପାଇଁ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାଶଙ୍କୁ କମିଶନ ଭାବେ ନିଯୁକ୍ତ କରିଥିଲେ। ୩ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କୁହାଯାଇଥିଲା। କମିଶନ କଟକ ଏବଂ ପୁରୀରେ ବୈଠକ କରି ବିଭିନ୍ନ ପକ୍ଷଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ହେଲେ ଜୁନ୍ ୧୩ରେ ଜିଲା ଟ୍ରେଜେରିରେ ଏକ ଲଫାପା ମଧ୍ୟରେ ଭିତର ରତ୍ନଭଣ୍ଡାରର ଡୁପ୍ଲିକେଟ ଚାବି ରହିଥିବା ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଚାବି ହଜିବା ଓ ମିଳିବା ଘଟଣାକୁ ନେଇ ବିବାଦ ଜୋର୍ ଧରିଥିଲା। ଅନ୍ୟପକ୍ଷରେ ଧାର୍ଯ୍ୟ ସମୟ ମଧ୍ୟରେ ତଦନ୍ତ ସରିପାରି ନ ଥିଲା। ଏହାପରେ ସରକାର ସେପ୍ଟେମ୍ବର ୭ରେ କମିଶନଙ୍କ କାର୍ଯ୍ୟକାଳ ଆଉ ୩ ମାସକୁ ବୃଦ୍ଧି କରିଥିଲେ। କମିଶନଙ୍କ ତଦନ୍ତ ବେଳେ ୧୨ଟି ଶୁଣାଣି ହୋଇଥିଲା। କେତେଜଣ ବ୍ୟକ୍ତିଙ୍କଠାରୁ କମିଶନ ସାକ୍ଷ୍ୟ ଗ୍ରହଣ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ସତ୍ୟପାଠ ମାଧ୍ୟମରେ ତଥ୍ୟ ପ୍ରଦାନ କରିଥିଲେ। କମିଶନଙ୍କ ସଚିବ କାଶିନାଥ ପାଣିଗ୍ରାହୀ କହିଛନ୍ତି ଯେ, ମୋଟ ୧୦ଟି ସତ୍ୟପାଠ ଗ୍ରହଣ କରାଯାଇଛି। ସେଥିରୁ ୫ଟି ସତ୍ୟପାଠ ଗୁରୁତ୍ୱ ବହନ କରୁଛି। ମିଳିଥିବା ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କମିଶନଙ୍କ ସୁପାରିଶ ଆଧାରରେ ପଦକ୍ଷେପ ନିଆଯିବ। ସରକାର କାର୍ଯ୍ୟାନୁଷ୍ଠାନ ନେବା ପରେ ରିପୋର୍ଟକୁ ବିଧାନସଭାରେ ଆଗତ କରାଯିବ।

■ କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ପ୍ରସଙ୍ଗ

# ଡିସେମ୍ବର ୧୦ରେ ଭୁବନେଶ୍ୱରରେ ବୈଠକ

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ରକ୍ଷଣାବେକ୍ଷଣା ସମ୍ପର୍କରେ ଆଲୋଚନା କରିବାକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆସନ୍ତା ଡିସେମ୍ବର ୧୦ରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ଏହି ବୈଠକରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେବେ। ଏ ନେଇ ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମହେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ସ୍ଥିର ହୋଇଛି। ଓଡ଼ିଶା ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ ପ୍ରମୁଖ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ଶର୍ମା, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏଏସ୍ଆଇ ଡିଜିଙ୍କୁ ଭେଟି କୋଣାର୍କ ସୂର୍ଯ୍ୟମନ୍ଦିର ସହ ରାଜ୍ୟର ପ୍ରମୁଖ ଐତିହ୍ୟସ୍ଥଳୀର ସମସ୍ୟା ସମ୍ପର୍କରେ ଅବଗତ କରିବା ପରେ କେନ୍ଦ୍ରମନ୍ତ୍ରୀ ଡ. ଶର୍ମା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି।


ନୂଆଦିଲ୍ଲୀରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ସଂସ୍କୃତି ମନ୍ତ୍ରୀ ଅଶୋକ ପଣ୍ଡା ପ୍ରମୁଖ ଆଲୋଚନାରତ।

**ମନ୍ଦିର ପ୍ରତି ବିପଦ ନାହିଁ: କେନ୍ଦ୍ରମନ୍ତ୍ରୀ**

ଏ ସମ୍ପର୍କରେ ଡ. ଶର୍ମା କହିଛନ୍ତି, ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କ ସହ ଏଏସ୍ଆଇ ଅଧିକାରୀମାନେ କୋଣାର୍କର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣା ସମ୍ପର୍କରେ ଆଲୋଚନା କରିବେ। ଏହି ବୈଠକ ପାଇଁ କେତେଜଣ ବିଶେଷଜ୍ଞ ଏବଂ ଅଧିକାରୀଙ୍କୁ ପଠାଇବାକୁ ଆମେ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିବୁ। କେତେକ ଗଣମାଧ୍ୟମରେ କୋଣାର୍କ ଅସୁରକ୍ଷିତ ଥିବା ନେଇ ଯେଉଁ ରିପୋର୍ଟ ବାହାରିଥିଲା, ତାହା ସମ୍ପୂର୍ଣ୍ଣ ମିଥ୍ୟା। କୋଣାର୍କ ସୂର୍ଯ୍ୟମନ୍ଦିର ପ୍ରତି କୌଣସି ବିପଦ ନ ଥିବା ରୁଡ୍‌କୀର ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ସ୍ପଷ୍ଟ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଏହି ଅବସରରେ କହିଥିଲେ। ପ୍ରଧାନମନ୍ତ୍ରୀ କୋଣାର୍କର ସୁରକ୍ଷା ଲାଗି ସଂସ୍କୃତି ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିବା ମଧ୍ୟ ସେ କହିଥିଲେ। ଏହି ବୈଠକରେ ପାଇକ ବିଦ୍ରୋହ ମେମୋରିଆଲ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା।

■ ୧୫ହଜାର ଟଙ୍କା ଲାଞ୍ଚ

# ବିଦ୍ୟୁତ୍ ବିଭାଗ ଜୁନିୟର ମ୍ୟାନେଜର ଗିରଫ

**ଭବାନୀପାଟଣା, ୩୦।୧୧ (ଡି.ଏନ.ଏ.)**


ଗିରଫ ଧରମବୀର ସାହୁ।

ୱେସ୍‌କୋର କଳାହାଣ୍ଡି ଇଷ୍ଟ ଇଲେକ୍ଟ୍ରିକାଲ ଡିଭିଜନ ଭବାନୀପାଟଣାର ଜୁନିୟର ମ୍ୟାନେଜର ଧରମବୀର ସାହୁ ୧୫ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଗିରଫ ହୋଇଛନ୍ତି। ଶୁକ୍ରବାର ଭବାନୀପାଟଣା ମଦନମୋହନପଡ଼ାର ଅବସରପ୍ରାପ୍ତ କୋର୍ଟ ପିଅନ ତ୍ରିନାଥ ନାୟକଙ୍କଠାରୁ ସେ ଉପରୋକ୍ତ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଛନ୍ତି । ଅଭିଯୋଗକାରୀ ନାୟକଙ୍କ ବକେୟା ବିଦ୍ୟୁତ୍ ବିଲ ୯ ହଜାର ୧୧ ଟଙ୍କା ଥିଲା । ତାଙ୍କ ମିଟର ଅଚଳ ଅବସ୍ଥାରେ ଥିବାରୁ ଏହି ବାବଦକୁ ବିଦ୍ୟୁତ୍ ବିଭାଗ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରିଥିଲା । ଏହାକୁ ସଂଶୋଧନ କରିବା ଓ ଅସ୍ଥାୟୀ ମିଟର ଲଗାଇବା ପାଇଁ ଜୁନିୟର ମ୍ୟାନେଜର ସାହୁ ତାଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ ନାୟକ ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ଯୋଜନା ଅନୁସାରେ ଜୁନିୟର ମ୍ୟାନେଜର ସାହୁ ସେହି ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନଙ୍କ ହାତରେ ଧରାପଡିଥିଲେ । କୋରାପୁଟ ଡିଭିଜନ ଭିଜିଲାନ୍ସ ଏସ୍‌ପି ହରେକୃଷ୍ଣ ବେହେରାଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ, ଇନ୍‌ସପେକ୍ଟର ବାସୁଦେବ ରାଓ, ଶିବରାମ ସାହୁ ଓ ଭିଜିଲାନ୍ସ କର୍ମଚାରୀମାନେ ପହଞ୍ଚି ଲାଞ୍ଚଟଙ୍କା ଜବତ କରିବା ସହ ଜୁନିୟର ମ୍ୟାନେଜର ସାହୁଙ୍କୁ ଗିରଫ କରିଥିଲେ। ଏ ନେଇ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ. ୩୨/୨୦୧୮) ରୁଜୁ ହୋଇଛି ।

# ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡୁଛି

**ଭୁବନେଶ୍ୱର, ୩୦।୧୧(ବ୍ୟୁରୋ)**

- ■ ମାନସିକ ସ୍ଥିତି ଭଲନାହିଁ
- ■ ୯ କି.ଗ୍ରା. ଓଜନ କମିଛି
- ■ କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ହେଲା

ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିର ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହୋଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ସେ ଜେଲ୍‌ରେ କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିବାବେଳେ ତାଙ୍କ ମାନସିକ ସ୍ଥିତି ଭଲ ନାହିଁ। ତେଣୁ ଚିକିତ୍ସା କରାଇବା ଲାଗି ଶୁକ୍ରବାର ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲା। ପୂର୍ବାହ୍ନ ପ୍ରାୟ ୯ଟାରେ ଝାରପଡ଼ା ଜେଲରୁ ଅଭିଜିତଙ୍କୁ କଡ଼ା ସୁରକ୍ଷାରେ ହସ୍ପିଟାଲକୁ ନିଆଯିବା ପରେ ବହିର୍ବିଭାଗ ମାନସିକ ବିଭାଗ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ୩ ଘଣ୍ଟା ଧରି ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ତାଙ୍କର ମାନସିକ ସ୍ଥିତି ଭଲ ନ ଥିବା ଚିକିତ୍ସା ପରେ ଡାକ୍ତର କହିଥିଲେ।

ଅନ୍ୟପଟେ ଅଭିଜିତ କ୍ୟାପିଟାଲ ହସ୍ପିଟାଲରେ ହଟହଟା ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ବସିବା ପାଇଁ କୌଣସି ଚେୟାର ଦିଆଯାଇ ନ ଥିଲା। ଏପରିକି ସେ ଚେୟାର ମାଗିଥିଲେ ମଧ୍ୟ ତାହା ମିଳି ନ ଥିଲା। ଅନେକ ସମୟ ପରେ ପୋଲିସ ଖୋଜି ଖୋଜି କେଉଁଠୁ ଏକ ଚେୟାର ଆଣିବା ପରେ ସେ ବସିଥିଲେ। ସେପଟେ ଅସୁସ୍ଥତା ଯୋଗୁ ଅଭିଜିତଙ୍କ ଶରୀରର ଓଜନ ୯ କି.ଗ୍ରା. ହ୍ରାସ ପାଇଛି। ୨ ଦିନ ତଳେ ତାଙ୍କୁ ଦେଖା କରିବା ପାଇଁ ଝାରପଡା ଜେଲକୁ କେତେଜଣ ଜାତୀୟ ସ୍ତରର ସାମ୍ବାଦିକ ଆସିଥିଲେ। ଅଭିଜିତ ସେମାନଙ୍କୁ ଦେଖି କାନ୍ଦି ପକାଇଥିଲେ। ତାଙ୍କ ଅବସ୍ଥା ଦେଖି ସାମ୍ବାଦିକମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଓଡ଼ିଶା ପୋଲିସ ଫାଶୀବାଦ ଶାସନ ଚଳାଇଛି ବୋଲି ବିଶିଷ୍ଟ ସାମ୍ବାଦିକ ମିନ୍ ହାଜ୍ ମର୍ଚାଣ୍ଟ ଟୁଇଟ୍ କରିଥିଲେ।

■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା

# ପୀଡ଼ିତା ରିମାଙ୍କୁ ମିଳିଲା ଆର୍ଥିକ ସହାୟତା


ପୀଡିତା ରିମା ସାହୁଙ୍କୁ ଜିଲା ଜଜ ଚିତ୍ତରଞ୍ଜନ ମହାପାତ୍ର ଚେକ୍ ପ୍ରଦାନ କରୁଛନ୍ତି ।

**ବଲାଙ୍ଗୀର ଅଫିସ,୩୦।୧୧**

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ପୀଡିତା ରିମା ସାହୁଙ୍କୁ ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଦେଢ଼ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବଲାଙ୍ଗୀର ଜିଲା ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ରିମାଙ୍କୁ ଚେକ୍ ଆକାରରେ ଏହି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ୱଶୁର ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଉପସ୍ଥିତିରେ ରିମାଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି ।

ଚଳିତବର୍ଷ ଫେବୃୟାରୀ ମାସରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ରିମାଙ୍କ ସ୍ୱାମୀ ସୌମ୍ୟଶେଖର ଓ ସମ୍ପର୍କୀୟା ଜେଜେମା ଜେମାମଣି ଦେବୀଙ୍କ ମୃତ୍ୟୁ ଘଟିଥିଲା । ଏହି ବିସ୍ଫୋରଣରେ ରିମା ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଥିଲେ । ଏହି ଘଟଣାକୁ ନେଇ ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ରିମାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବାକୁ ସ୍ଥିର କରାଯାଇ ପ୍ରାରମ୍ଭିକ ଭାବେ ଦେଢ଼ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ବାକି ଦେଢ଼ ଲକ୍ଷ ଟଙ୍କାର ସହାୟତା ଏହି ମାମଲା ଫଇସଲା ହେବା ପରେ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି । ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଭଇଁଷା କଲେଜର ଇଂଲିଶ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଅଭିଯୁକ୍ତଭାବେ ଗିରଫ କରାଯାଇଛି । ସେ ଏବେ ପାଟଣାଗଡ଼ ଉପଖଣ୍ଡ କାରାଗାରରେ ଅଛନ୍ତି । ଜିଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମରେ ଅନ୍ୟ ପୀଡ଼ିତଙ୍କୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏଥିରେ ସମୁଦାୟ ୧୧ ଜଣ ପୀଡ଼ିତଙ୍କୁ ୧୫ ଲକ୍ଷ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

# ନବୀନଙ୍କୁ ଭେଟିଲେ ନବ ନିଯୁକ୍ତ ଆଇଟି ସେଲ୍ କର୍ମକର୍ତ୍ତା

**ଭୁବନେଶ୍ୱର,୩୦।୧୧(ବ୍ୟୁରୋ)**

ବିଜୁ ଜନତା ଦଳର ନବଗଠିତ ଆଇଟି ସେଲ୍ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆଇଟି ସେଲ୍ ମୁଖ୍ୟ ଡ. ଅମର ପଟ୍ଟନାୟକଙ୍କ ନେତୃତ୍ୱରେ ଶୁକ୍ରବାର ସମସ୍ତ ସଭ୍ୟ ନବୀନ ନିବାସରେ ଦଳର ସଭାପତିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସୁଲୋଚନା ଦାସ, ଶ୍ରୀମୟୀ ମିଶ୍ର, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର, ପ୍ରସେନଜିତ ପତି ଏବଂ ଡ. ସସ୍ମିତ ପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ନବୀନ ପଟ୍ଟନାୟକ ଦଳର ଆଭିମୁଖ୍ୟକୁ ଯଥାର୍ଥ ଭାବେ ସୋସିଆଲ ମିଡିଆରେ ଉପସ୍ଥାପନ କରିବା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଇଟି ସେଲ ମାଧ୍ୟମରେ ଯେପରି ଭାବେ ଜନସାଧାରଣଙ୍କ କିଭଳି ନିକଟତର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ସଭାପତି ପରାମର୍ଶ ଦେଇଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 25,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

WANTED
YOUNG MALE BODY MASSAGE (BOY)
For Body Massage Parlour
Ph : 9861550765

URGENTLY REQUIRED
Urgently required for BBSR Office. Office Exe. / Counsellor (M/F). Asst. Office Exe./ Telecaller (M/F) & Senior Accounts Executive. Salary Negotiable with other incentives and Accommodation.
Walk in 02.12.2018 between 12.00 - 3.00 pm.
Plot No. 12, Budheswari Colony, Cuttack Road, Bhubaneswar, Odisha
Call : 2573332, 9776833302, 9776830500

SWIGGY REQUIRES
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at
Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012
or give a missed call or call us on
011 30017619

Urgent Requirement for FIELD EXECUTIVE. 10th Pass. Salary: 7000 to 10000.
Ph. No.: 7290035795

REQUIRED
ଆନ୍ଧ୍ରପ୍ରଦେଶର ବିଜୟୱାଡା ଓ ବିଶାଖାପାଟଣା ଫାର୍ମା (କେମିକାଲ) କମ୍ପାନୀରେ କାମ କରିବା ପାଇଁ ଶ୍ରମିକ ଏବଂ ଶ୍ରମିକ ଠିକାଦାର ଆବଶ୍ୟକ।
ଯୋଗାଯୋଗ: ୯୯୪୯୮୨୫୭୪୦ / ୯୩୪୮୫୫୯୬୮୨ / ୮୦୯୬୬୬୨୪୪୧

ଭୁବନେଶ୍ୱର ବସ୍ ଷ୍ଟାଣ୍ଡ ପାଖରେ ଥିବା ଏକ ଲଜ୍‌ପାଇଁ STAFF ଆବଶ୍ୟକ
MARKETING EXECUTIVE / RECEPTIONIST / COOK / KITCHEN HELPER / ROOM BOY
(ରହିବା ଓ ଖାଇବା ମାଗଣା)
ମାହେଶ୍ୱରୀ ପାନ୍ଥ ନିବାସ, ଭୁବନେଶ୍ୱର
9437007055, 7381066155

See Career Appointment on every Wednesday & Saturday

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
07303520928

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. ମାସିକ ଦରମା upto Rs.25000/-.
Contact Immediately: Mob: 8763257042

CONTACT:- 9938414918
ଭୁବନେଶ୍ୱର ପାଇଁ Accountant, Computer Operator, Field Officer, Office Assistant, Receptionist & Supervisor ଆବଶ୍ୟକ। ଯୋଗ୍ୟତା: 10th/above. ବୟସ: (17-30) yrs. Monthly Salary upto Rs. 24000/-.

ପଟି କାର୍ଡ୍‌ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.27000/-.
(Part Time / Full Time)
Contact: 9938676412

ARCHIES REQUIRES
1. MARKETING EXECUTIVE Experience in gift line
2. ACCOUNTANT
3. SALES MAN 4. PEON
Contact: G-17, Metro House, Vanivihar Sqr. BBSR. Mob.: 9437388056
Email: ramjisls@yahoo.co.in

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱରଠାରେ କାର ଚଳାଇବା ପାଇଁ ପରମାନେଣ୍ଟ ଲାଇସେନ୍ସଧାରୀ ଡ୍ରାଇଭର ଆବଶ୍ୟକ। ରହିବା ପାଇଁ ସୁବିଧା ଓ ଉପଯୁକ୍ତ ବେତନ ଦିଆଯିବ। ବୟସ ୩୦ରୁ ୪୦ ବର୍ଷ ହୋଇଥିବ। ଯୋଗାଯୋଗ ନମ୍ବର-୭୭୫୦୮୯୯୩୯୨ ସହିତ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରିପାରିବେ।

BACHPAN a play school
Requires : TEACHERS
MINIMUM 2 YEARS OF EXPERIENCE WITH FLUENCY IN ENGLISH
KAPIL PRASAD, BDA COLONY, HIG 1/17, NEAR LINGARAJ RAILWAY STATION, BBSR-2
Mob.: 9437143495

IISER भारतीय विज्ञान शिक्षा एवं अनुसंधान संस्थान बरहमपुर
Indian Institute of Science Education and Research Berhampur
Established by the Ministry of HRD, Govt. of India

Vacancy Notice

Applicants are invited to attend Screening Test followed by Walk-in-Interview on December 12, 2018 at 0930 hrs onwards for the post of **Jr. Site Engineer (Civil)-1(0ne) & Jr.Site Engineer (Electrical)-1(0ne)** on outsourcing basis through work contract assigned to M/s G A Digital Web Word Pvt Ltd for deployment at IISER Berhampur.

| | |
|---|---|
| Post | 1. Jr. Site Engineer (Civil)- 1<br>2. Jr.Site Engineer (Electrical)-1 |
| No. of Posts | Two (02) Nos. |
| Essential Qualifications | 1. Jr. Site Engineer (Civil) Diploma in Civil Engineering (AICTE Approved) & 2 Years' experience in Civil Construction Work.<br>2. Jr. Site Engineer (Electrical) Diploma in Electrical Engineering (AICTE Approved) & 2 Years' experience in maintenance of electrical equipments. |
| Consolidated Pay | ₹20,520/- per month |

**For more details, please visit:**
http://www.iiserbpr.ac.in/index.php?category=pages&pid=temp-positions
**IISER Berhampur**

SANTANU ENGLISH MEDIUM SCHOOL
Affiliated to CBSE, New Delhi
Chintamaniswar Temple Road, Bhubaneswar - 751 006
Ph : (0674) 2312784/2972080, Mail : semsbbsr@gmail.com
**WANTED :** Teachers in Science (CBZ) English, Hindi, Computer, Activity, Peon (Gents) and a Driver. Apply within 7 days to the Principal.

TEAM ADMARK (P) LTD
99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007
Phone-0674-6532628/7205006004/9238121210
Mail id- careerteamadmark@gmail.com

URGENTLY REQUIRED
1. **Sr. Marketing Executive (outdoor)** - Graduate (Male & Female) with min. 5-7 years marketing experience in outdoor advertising trade or in space selling. Preferably MBA, **Salary- ₹15, 000/- to ₹20,000/- per month**, Fuel and Mob. Expenses Extra, Two wheeler must.
2. **Marketing Executive (outdoor)** - BBA Graduate (Male & Female) with min. 2-3 years marketing experience in outdoor advertising trade or in space selling., **salary- ₹10, 000/- to ₹12,000/- per month**, Fuel and Mob. Expenses Extra.
3. **Field Supervisor (outdoor):** Graduate with Min. 2-3 years experience in Outdoor advertising business/construction in managing field works, **salary- ₹7,000/- to ₹9,000/- per month**, fuel and mob. Expenses extra, Computer Knowledge & Two wheeler must.
4. **Electrician:** ITI Pass out with Min 2-3 years experience in Electrical Trade/ outdoor advertising business/ construction in managing field work, **salary- ₹7,000/- to ₹9, 000/- per month**, Fuel and Mob. Expenses Extra, Two wheeler must.
5. **Office Peon:** 10th Pass with min. 1 year experience in Office/field work, **salary- ₹6, 000/-per month** with own bicycle or two wheeler.

Interested candidates may apply to our above address & mail ID with complete Bio-data and photo within 7 days from the date of advertisement.

24 x 7 Satellite News Channel ODISHA NEWS9 ଆପଣଙ୍କ ସ୍ୱର
An upcoming Satellite News Channel of Odisha
Requires
• Reporter (All Block/District) • Anchor, • Input incharge, • Output incharge, • IT & Broadcast head & executives, • Graphics Offline Head & executives, • Graphics Designer, • PCR, • Switcher, • Sting clint, • Sound engineer, • MCR- Executive, • Visual Editor, • Camera-video Journalist, • Promo Dept. Designer, • Research Executives, • Library Associates, • Makeup associates, • Marketing & Sales Manager & Associates, • Operation Coordinator, • Drivers, • Distribution executives, • HR & Admin. executives, • Store incharge, • Current Affairs Head, • Producer, Asst./Tr.producer, • Art Dept. executives, • Animation designer, • Public relations-executive, • Digital contain executives,
Preference will be given to experienced, highly motivated creative candidates having flair for initiating innovative programmes & activities. Very Attractive Incentives to really deserving candidates with proven merit and talent.
Interested candidates are requested to send the duly filled Biodata to: **news9odisha@gmail.com** within 7 days of publication of this advertisement.
Walk-in-Interview
At 09:00 AM to 05:00 PM on 1st, 2nd, 8th & 9nd December 2018 at Hotel Royal Suites, Near Durga Mandap, Satyanagar, Bhubaneswar.

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

## ସଂକ୍ଷେପରେ

### ୧୩୩ କମିଲା ଅଣସବ୍‌ସିଡି ଏଲ୍‌ପିଜି

ନୂଆଦିଲ୍ଲୀ,୩୦-୧୧: ପୂର୍ବ ନିର୍ଦ୍ଧାରିତ ବ୍ୟବସ୍ଥା ଅନୁଯାୟୀ ତୈଳ କମ୍ପାନୀମାନେ ଶୁକ୍ରବାର ଏଲ୍‌ପିଜି ଦର ଧାର୍ଯ୍ୟ କରିଛନ୍ତି। ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୬.୫୨ଟଙ୍କା କମିଥିବା ବେଳେ ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦାମ୍ ୧୩୩ ଟଙ୍କା ହ୍ରାସ କରାଯାଇଛି। ଫଳରେ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ୍ ଶୁକ୍ରବାର ମଧ୍ୟରାତ୍ରରୁ ଦିଲ୍ଲୀରେ ୫୦୦.୯୦ଟଙ୍କା ଧାର୍ଯ୍ୟ ହୋଇଛି, ଯାହାକି ପୂର୍ବରୁ ୫୦୭.୪୨ଟଙ୍କା ଥିଲା ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଜୁନ୍‌ରୁ କ୍ରମାଗତ ୬ ଥର ଦରବୃଦ୍ଧି ପରେ ଏଥର ଏହା ହ୍ରାସ ପାଇଛି। ଏହି ହ୍ରାସ ପୂର୍ବରୁ ପ୍ରତି ସିଲିଣ୍ଡର ପିଛା ୧୪.୧୩ଟଙ୍କା ବଢ଼ିଥିଲା। ଫଳରେ ଗ୍ରାହକଙ୍କୁ ସବ୍‌ସିଡି ବାବଦରେ ଆସନ୍ତା ମାସରେ ୩୦୮.୬୦ ଟଙ୍କା ମିଳିବ। ସେହିପରି ଅଣସବ୍‌ସିଡିଯୁକ୍ତ ସିଲିଣ୍ଡର ଦରରେ ୧୩୩ ଟଙ୍କା ହ୍ରାସ କରାଯିବା ପରେ ଏହା ଏବେ ଦିଲ୍ଲୀରେ ୮୦୯.୫୦ ଟଙ୍କାରେ ଉପଲବ୍ଧ ହେବ।



### ଟିଡିଏସ୍ ରିଟର୍ନ ଦାଖଲ ସମୟସୀମା ବୃଦ୍ଧି

ନୂଆଦିଲ୍ଲୀ,୩୦-୧୧: କେନ୍ଦ୍ର ସରକାର ଅକ୍ଟୋବର-ଡିସେମ୍ବର ଅବଧି ଲାଗି ଜିଏସ୍‌ଟି ନିୟମ ଅନ୍ତର୍ଗତରେ ଉତ୍ସ ଉପରେ ଟିକସ(ଟିଡିଏସ୍) ରିଟର୍ନ ଦାଖଲ କରିବାର ସମୟସୀମାକୁ ୨୦୧୯ ଜାନୁୟାରୀ ୩୧ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଜିଏସ୍‌ଟି ଅଧୀନରେ ଚଳିତ ବର୍ଷ ଅକ୍ଟୋବରରୁ ଟିଡିଏସ୍ ରିଟର୍ନ ଦାଖଲ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ସିଜିଏସ୍‌ଟି ଆଇନ ଅନୁସାରେ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ଦେୟ ଉପରେ ୧% ଟିଡିଏସ୍ କାଟିବାର ନିୟମ ରହିଛି।

### ବଜାର କୋଲକାତାର ପ୍ରଥମାଷ୍ଟମୀ ଅଫର


ଭୁବନେଶ୍ୱର,୩୦-୧୧: ବଜାର କୋଲକାତା ପକ୍ଷରୁ ପ୍ରଥମାଷ୍ଟମୀ ଅଫର 'ଓଡ଼ିଶା ସପିଙ୍ଗ ଫେଷ୍ଟିଭାଲ' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଗ୍ରାହକ ଶୋ'ରୁମ୍‌ରୁ ପ୍ରତ୍ୟକ୍ଷ କ୍ରୟ କ୍ଷେତ୍ରରେ ସ୍କ୍ରାଚ୍ ଆଣ୍ଡ ୱିନ୍ କାର୍ଡ ମାଧ୍ୟମରେ ଉପହାର ଏବଂ ରିହାତି ଲାଭ କରିବାକୁ ସକ୍ଷମ ହେବେ। ଏହି ଅଫର ସୀମିତ ସମୟ ଲାଗି ଉପଲବ୍ଧ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ବଜାର କୋଲକାତା ପକ୍ଷରୁ ପୁରୁଷ, ମହିଳା ଏବଂ ଶିଶୁଙ୍କ ଲାଗି ଅତ୍ୟାଧୁନିକ ଫ୍ୟାଶନ ସହ ଶୀତ ପୋଷାକ ଉପଲବ୍ଧ। ଏହା ବଜାର ଶୋ'ରୁମରେ ଆସେସୋରିଜ ମଧ୍ୟ ଗ୍ରାହକ ଲାଭ କରିପାରିବେ। ସାରା ଦେଶରେ ବଜାର କୋଲକାତାର ୬୨ ଶୋ'ରୁମ ରହିଥିବା ବେଳେ ଓଡ଼ିଶାରେ ୧୪ ଶୋ'ରୁମ ରହିଛି।

---

> ବଜାରରେ ପ୍ରମୁଖ ସ୍ଥାନ ସହ ସେଲ୍‌କୁ ଅଧିକ ଲାଭ ପ୍ରଦାନକାରୀ ସଂସ୍ଥା ଭାବେ ରୂପାନ୍ତରିତ କରିବାକୁ ପଦକ୍ଷେପ ଜାରି ରହିଛି।
> – ଚୌଧୁରୀ ବିରେନ୍ଦର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ




> ଟିକସଦାତାଙ୍କ ଲାଗି ବ୍ୟବହାର ଉପଯୋଗୀ ସିଷ୍ଟମ ସହ ଟିକସ-ଜିଡିପି ଅନୁପାତରେ ଉନ୍ନତି ଆଣିବା ଉପରେ ଫୋକସ ରହିଛି।
> – ଅଜୟ ଭୂଷଣ ପାଣ୍ଡେ, ରାଜସ୍ୱ ସଚିବ



## ୪୦,୦୦୦ କୋଟିର ଟିକସ ବିବାଦ
# ବନ୍ଦ ହୋଇପାରେ ବ୍ୟାଙ୍କ୍‌ର ମାଗଣା ସେବା

- ଜିଏସ୍‌ଟି ଲାଗୁ ହୋଇପାରେ
- ପିଏମ୍‌ଓ କରିବ ସମାଧାନ
- ଚଳିତ ସପ୍ତାହରେ ରାଜସ୍ୱ ବିଭାଗ-ସେବା ବିଭାଗ ଅଧିକାରୀ ବୈଠକ
- ବିଫଳ ହୋଇଥିଲା ଜୁନ୍ ବୈଠକ



ନୂଆଦିଲ୍ଲୀ,୩୦-୧୧

ସର୍ବନିମ୍ନ ଜମା ରଖିବା, ଚେକ୍ ବହି ଜାରି କରିବା ଆଦି ବିଭିନ୍ନ ପ୍ରକାର ମାଗଣା ସେବା ଆଉ ମାଗଣା ହୋଇ ରହିବ ନାହିଁ। ଆୟକର ବିଭାଗ ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ୪୦ ହଜାର କୋଟି ଟଙ୍କାର ଟିକସକୁ ନେଇ ବିବାଦ ଉପୁଜିବା ପରେ ଗ୍ରାହକଙ୍କ ମୁଣ୍ଡରେ ଚଡ଼କ ପଡିବାକୁ ଯାଉଛି। ଏବେ ବିବାଦର ସମାଧାନ ଲାଗି ଉଭୟ ରାଜସ୍ୱ ବିଭାଗ ଓ ଅର୍ଥ ମନ୍ତ୍ରଣାଳୟ ଅଧୀନ ସେବା ବିଭାଗ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ର ଦ୍ୱାରସ୍ଥ ହୋଇଛନ୍ତି। ଚଳିତ ସପ୍ତାହରେ ଏ ସଂକ୍ରାନ୍ତରେ ପିଏମ୍‌ଓଙ୍କ ମଧ୍ୟସ୍ଥତାରେ ଏକ ବୈଠକ ବସିବାକୁ ଯାଉଛି। ଏଥିରେ ଉକ୍ତ ଦୁଇ ବିଭାଗର ଶୀର୍ଷ ଅଧିକାରୀମାନେ ଯୋଗ ଦେବେ। ଏଥିରେ କୌଣସି ସମାଧାନର ରାସ୍ତା ନ ଫିଟିଲେ ବ୍ୟାଙ୍କଗୁଡ଼ିକ ଯୋଗାଉଥିବା ମାଗଣା ସେବା ଉପରେ ୧୮% ଜିଏସ୍‌ଟି ଆଦାୟ କରିବେ। ଏ ନେଇ ସେମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହା ହେଲେ ବ୍ୟାଙ୍କଗୁଡ଼ିକ ପ୍ରଦାନ କରୁଥିବା ମାଗଣା ସେବା ବନ୍ଦ ହୋଇଯିବ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଦିଆଯାଉଥିବା ମାଗଣା ସେବା ଉପରେ ଟିକସ ଦେବାକୁ ପଡିବ ବୋଲି ବିଚାର କରି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ(ଏସ୍‌ବିଆଇ), ଆଇସିଆଇସିଆଇ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ପିଏନ୍‌ବି ଓ ଆକ୍ସିସ୍ ବ୍ୟାଙ୍କ ଏହାର ବୋଝକୁ ଗ୍ରାହକଙ୍କ କାନ୍ଧରେ ପକାଇବାକୁ ସଜବାଜ ହେଉଛନ୍ତି। ଗତ ଦୁଇ ମାସ ପୂର୍ବେ ଆୟକର ବିଭାଗ ପକ୍ଷରୁ ଟିକସ ଦେବାକୁ ଦାବି କରି ବ୍ୟାଙ୍କଗୁଡ଼ିକୁ ପ୍ରିଲିମ୍‌ନାରି ନୋଟିସ ଜାରି କରାଯାଇଥିଲା। ଆୟକର ବିଭାଗ(ଆଇଟି) ନିଜ ଜିଦ୍‌ରେ ଅଟଳ ରହିଲେ ବ୍ୟାଙ୍କଗୁଡ଼ିକ ଚେକ୍ ବୁକ୍, ଆଡିଶନାଲ କ୍ରେଡିଟ କାର୍ଡ, ଆଡିଶନାଲ ଏଟିଏମ୍ ବ୍ୟବହାର, ଫୁଏଲ ରିଫଣ୍ଡ ସରଚାର୍ଜ ଉପରେ ମାସିକ ଅଥବା ତ୍ରୈମାସିକ ଭିତ୍ତିରେ ୧୮% ଜିଏସ୍‌ଟି ଆଦାୟ କରିବାକୁ ଯାଉଛନ୍ତି। ଏହା ଏପ୍ରିଲର ନୋଟିସଠାରୁ ଭିନ୍ନ। ଏପ୍ରିଲରେ ଯେଉଁ ନୋଟିସ ଜାରି କରିଥିଲେ ସେଥିରେ ୪୦ ହଜାର କୋଟି ଟଙ୍କା ଜିଏସ୍‌ଟି ଦାବି କରାଯାଇଥିଲା। ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ)ର ସିଇଓ ବି.ଜି. କନନ କହିଛନ୍ତି ଯେ, ଅଧିକାଂଶ ବ୍ୟାଙ୍କ ଜିଏସ୍‌ଟି ବୋଝ ଗ୍ରାହକଙ୍କ କାନ୍ଧରେ ଲଦିବା ପାଇଁ ବିଚାର କରୁଛନ୍ତି। ଆଦାୟ ହେବାକୁ ଥିବା ଅର୍ଥ ବ୍ୟାଙ୍କ ନିଜ ପାଖରେ ରଖିବେ ନାହିଁ। ଯାହା ଆଦାୟ ହେବ, ତାକୁ ସିଧାସଳଖ ସରକାରଙ୍କ ନିକଟରେ ଜମା କରାଯିବ। ଗ୍ରାହକଙ୍କଠାରୁ କେତେ ଟଙ୍କାର ଚାର୍ଜ ଆଦାୟ କରାଯିବ, ଏହା ସମ୍ପୃକ୍ତ ବ୍ୟାଙ୍କ ସ୍ଥିର କରିବେ। ମାଗଣା ସେବାର ମୂଲ୍ୟ କେତେ ତାହା ନିର୍ଦ୍ଧାରଣ ପରେ ହିଁ ସେହି ହିସାବରେ ଟିକସ ଆଦାୟ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ସୁଯୋଗ ଦିଅନ୍ତି। ପ୍ରତ୍ୟେକ ଆକାଉଣ୍ଟ ଲାଗି କିଛି ବିଶେଷ ପ୍ରକାର ସେବା ଯୋଗାଇ ଦିଆଯାଏ। ସର୍ବନିମ୍ନ ଜମା(ମିନିମମ୍ ବାଲାନ୍ସ) ରଖିବା ଏକମାତ୍ର ସର୍ତ୍ତ ରହିଥାଏ। ଏହାକୁ ମାନୁଥିବା ଗ୍ରାହକଙ୍କୁ ବ୍ୟାଙ୍କ କିଛି ମାଗଣା ସେବା ଯୋଗାଇଦିଏ। ଆୟକର ବିଭାଗ ଏହା ଉପରେ ଅପ୍ରତ୍ୟକ୍ଷ ଟିକସ ଆଦାୟ କରିବାକୁ ଚାହୁଁଛନ୍ତି। ଟିକସ ବିଶେଷଜ୍ଞଙ୍କ କହିବାନୁଯାୟୀ ଏପ୍ରିଲରେ ଦିଆଯାଇଥିବା ନୋଟିସ ଉପରେ ସ୍ପଷ୍ଟୀକରଣ ପ୍ରଦାନ କରାଯାଇଥିଲା। ଏହାସତ୍ତ୍ୱେ ଏବେ ବ୍ୟାଙ୍କଗୁଡ଼ିକୁ ପୁନର୍ବାର ନୋଟିସ ପଠାଯାଇଛି। ଏହାପରେ ବ୍ୟାଙ୍କ ଉଦ୍ୟୋଗ ଟିକସ ପ୍ରଶାସନ ଲାଗି ଅର୍ଥ ମନ୍ତ୍ରଣାଳୟକୁ ଜଣାଇଥିଲା। ଜୁନରେ ଆୟକର ବିଭାଗ ଓ ବ୍ୟାଙ୍କର ଶୀର୍ଷ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ଏବେ ପୁନର୍ବାର ନୋଟିସ ପଠାଯିବା ପରେ ବ୍ୟାଙ୍କିଙ୍ଗ ଉଦ୍ୟୋଗ ଏହାର ସମାଧାନ ଲାଗି ଏବେ ପିଏମ୍‌ଓରେ ହସ୍ତକ୍ଷେପ ଲୋଡ଼ିଛି। ଚଳିତ ସପ୍ତାହରେ ପିଏମ୍‌ଓର ମଧ୍ୟସ୍ଥତାରେ ରାଜସ୍ୱ ବିଭାଗ ଓ ଅର୍ଥ ମନ୍ତ୍ରଣାଳୟ ଅଧୀନ ସେବା ବିଭାଗ ଏବଂ ବ୍ୟାଙ୍କିଙ୍ଗ ଉଦ୍ୟୋଗର ଶୀର୍ଷ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହେବାକୁ ଯାଉଛି। ଏଥିରେ ସମାଧାନର ବାଟ ନ ବାହାରିଲେ ବ୍ୟାଙ୍କଗୁଡ଼ିକରେ ମିଳୁଥିବା ମାଗଣା ସେବା ବନ୍ଦ ହୋଇଯିବ।

### ୨୫ ଟଙ୍କାକୁ ବଢ଼ିପାରେ ଏଟିଏମ୍ ଚାର୍ଜ



ନୂଆଦିଲ୍ଲୀ: ଖୁବ୍‌ଶୀଘ୍ର ଏଟିଏମ୍ ବ୍ୟବହାର କରିବା ମହଙ୍ଗା ପଡ଼ିପାରେ। କାରଣ ବ୍ୟାଙ୍କଗୁଡ଼ିକ ଏଟିଏମ୍‌ରେ ମିଳୁଥିବା ଏକାଧିକ ସେବା ଉପରେ ଶୁଳ୍କ ବଢ଼ାଇବାକୁ ଚିନ୍ତା କରୁଛନ୍ତି। ଏଟିଏମ୍ ଚଳାଇବା ଦିନକୁ ଦିନ ବଢୁଥିବାରୁ କ୍ଷତି କମାଇବା ଉଦ୍ଦେଶ୍ୟରେ ଚାର୍ଜ ବଢ଼ାଇବା ଛଡ଼ା ବ୍ୟାଙ୍କଗୁଡ଼ିକ ନିକଟରେ ଦ୍ୱିତୀୟ ବିକଳ୍ପ ନାହିଁ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏଟିଏମ୍‌ରେ ମିଳୁଥିବା ଅଣ ବ୍ୟାଙ୍କିଙ୍ଗ ଫିସ୍ ବାବଦରେ ବ୍ୟାଙ୍କଗୁଡ଼ିକ ଏବେ ୧୮ ଟଙ୍କା କାଟୁଛନ୍ତି। ଏହାକୁ ୨୫ ଟଙ୍କାକୁ ବଢ଼ାଇବାକୁ ବ୍ୟାଙ୍କଗୁଡ଼ିକ ବିଚାର କରୁଛନ୍ତି। କାରଣ ଶେଷ ଥର ପାଇଁ ୨୦୧୨ରେ ଏଟିଏମ୍ ଚାର୍ଜ ଧାର୍ଯ୍ୟ ହୋଇଥିଲା। ସୂଚନାଥାଉ କି, ପ୍ରତ୍ୟେକ ଏଟିଏମ୍ ଟ୍ରାଞ୍ଜାକଶନରେ ଗୋଟିଏ ଦିନରେ ୨୩ ଟଙ୍କା ଖର୍ଚ୍ଚ ହୁଏ। ବର୍ତ୍ତମାନ ବ୍ୟାଙ୍କ ଗୁଡ଼ିକ ମାଗଣା ସେବା ବାହାରେ ପ୍ରତି କ୍ୟାଶ୍ ଟ୍ରାଞ୍ଜାକଶନ ଲାଗି ୧୫ ଟଙ୍କା ଏବଂ ଅଣ କ୍ୟାଶ୍ ଟ୍ରାଞ୍ଜାକଶନ ଲାଗି ୫ ଟଙ୍କା ଆକାଉଣ୍ଟରୁ କାଟି ନେଉଛନ୍ତି। ଏଟିଏମ୍ ପରିଚାଳନା ଲାଗି ରିଜର୍ଭ ବ୍ୟାଙ୍କ ନିୟମକୁ ଅଧିକ କଡ଼ାକଡ଼ି କରିଛନ୍ତି। ଫଳରେ ଏଟିଏମ୍ ଅପରେଟର୍ସ ଏବେ ଟ୍ରାଞ୍ଜାକଶନ ଚାର୍ଜ ବଢ଼ାଇବାକୁ ଦାବି କରୁଛନ୍ତି। ସେମାନେ ଏଥିପାଇଁ ପ୍ରତି ଟ୍ରାଞ୍ଜାକଶନରେ ୩ରୁ ୫ ଟଙ୍କା ବଢ଼ାଇବାକୁ କହୁଛନ୍ତି।

### ଜୁଆରେ ୧୪୪ ନିୟୁତ ଡଲାର ହାରିଲେ ଜିଓନି ଅଧ୍ୟକ୍ଷ



ନୂଆଦିଲ୍ଲୀ,୩୦-୧୧

ଚାଇନାର ସ୍ମାର୍ଟଫୋନ ନିର୍ମାଣ କରୁଥିବା କମ୍ପାନୀ ଜିଓନି ଖରାପ ସମୟ ଦେଇ ଗତି କରୁଛି। କମ୍ପାନୀ ଏବେ ଦେବାଳିଆ ହେବାର ଦ୍ୱାରଦେଶରେ ପହଞ୍ଚିଛି। କମ୍ପାନୀର ଅଧ୍ୟକ୍ଷ ତଥା ଏହାର ପ୍ରତିଷ୍ଠାତା ଲିୟୁ ଲିରୋଙ୍ଗ ସାଇପେନର କ୍ୟାସିନୋରେ ଜୁଆ ଖେଳିବା ବେଳେ ୧୪୪ ମିଲିୟନ ଡଲାର(ପ୍ରାୟ ୨.୪ ଲକ୍ଷ କୋଟି ଟଙ୍କା) ହାରିଯାଇଛନ୍ତି। ଚାଇନାର ଏକ ଓ୍ୱେବସାଇଟ ସାଉଥ ଚାଇନା ମର୍ନିଙ୍ଗ ପୋଷ୍ଟରେ ପ୍ରକାଶିତ ଖବର ଅନୁଯାୟୀ ଜିଓନି ଅଧ୍ୟକ୍ଷଙ୍କ ଜୁଆ ଅଭ୍ୟାସ କମ୍ପାନୀ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ତେବେ ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନି। ପ୍ରତିଷ୍ଠାତା ଜୁଆ ଖେଳିବା ବେଳେ କମ୍ପାନୀର ସମ୍ପତ୍ତି ଦାବିଭୁକ୍ତ ସାଇପେନରେ କମ୍ପାନୀର ସମ୍ପତ୍ତିକୁ ବାଜି ଲଗାଇଥିଲେ। ସପ୍ତାହରକୁ ଜିଓନି ଅର୍ଥ ପୈଠ କରିପାରୁନି ବୋଲି ଖବର ପ୍ରକାଶିତ ହେବାରେ ଲାଗିଛି। ଗତ ୨୦ରେ କମ୍ପାନୀ ଶେନଜେନ ଇଣ୍ଟରମିଡିଏଟ ପିପୁଲ୍ସ କୋର୍ଟରେ ଦେବାଳିଆ ଘୋଷଣା ଲାଗି ଆବେଦନ କରିଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ୭.୧%କୁ ଖସିଲା ଜିଡିପି

ନୂଆଦିଲ୍ଲୀ,୩୦-୧୧

କେନ୍ଦ୍ର ସରକାର ଯୁଦିଏ ସମୟର ଜିଡିପିକୁ ନେଇ ବ୍ୟାକ୍ ଡାଟା ଜାରି କରିଛନ୍ତି। ଏହାକୁ ନେଇ ରାଜନୀତି କୋର୍ ଧରିଥିବା ବେଳେ ଶୁକ୍ରବାର ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ହାର ପ୍ରକାଶ ପାଇଛି। ଆର୍ଥିକ ବର୍ଷ ୨୦୧୮-୧୯ର ଦ୍ୱିତୀୟ ତ୍ରୈମାସିକ(ଜୁଲାଇ-ସେପ୍ଟେମ୍ବର)ରେ ଦେଶର ଅର୍ଥନୀତିର ବିକାଶ ହାର ୭.୧ ପ୍ରତିଶତକୁ ହ୍ରାସ ପାଇଛି, ଯାହାକି ପ୍ରଥମ ତ୍ରୈମାସରେ ୮.୨ ପ୍ରତିଶତ ଥିଲା। ତେବେ ବର୍ଷକ ପୂର୍ବେ ଏହା ୬.୩% ରହିଥିଲା। କ୍ରମାଗତ ତିନୋଟି ତ୍ରୈମାସ ମଧ୍ୟରେ ଏହା ସର୍ବନିମ୍ନ ହୋଇଥିଲେ ହେଁ ଚାଇନାଠାରୁ ଅଧିକ ରହିଥିବାରୁ ବିଶ୍ୱରେ ଏହା ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ ଭାବେ ଭାରତ ଉଭା ହୋଇଛି। ଗ୍ରାମାଞ୍ଚଳରେ ଚାହିଦା ଏବଂ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କମିବା ଜିଡିପି ହ୍ରାସର ମୁଖ୍ୟ କାରଣ ବୋଲି କୁହାଯାଉଛି। ମୋଟ୍ ମୂଲ୍ୟ ଯୁକ୍ତ(ଜିଭିଏ)ରେ ପ୍ରଥମ ତ୍ରୈମାସର ୮ ପ୍ରତିଶତ ତୁଳନାରେ ଏହା ୬.୯% ରହିଥିଲା। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଅଶୋଧିତ ତେଲ, ପ୍ରାକୃତିକ ବାଷ୍ପ, ସାର ଉତ୍ପାଦନ ହ୍ରାସ ସହ ୮ କୋର୍ ସେକ୍ଟର ଉଦ୍ୟୋଗ ବୃଦ୍ଧି ହାର ୪.୮ ପ୍ରତିଶତ ରହିଥିଲା ବେଳେ ସେପ୍ଟେମ୍ବରରେ ଏହା ୪.୩% ଥିଲା। ଗର୍ଗ ଟୁଇଟ୍ କରିଥିବାରେ କହିଛନ୍ତି ଯେ, ଜିଡିପି ୭.୧% ଅଭିବୃଦ୍ଧି ହାସଲ ନିରାଶଜନକ କୁହାଯାଇପାରେ। ବିନିର୍ମାଣ କ୍ଷେତ୍ରରେ ୭.୪% ଓ କୃଷି କ୍ଷେତ୍ରରେ ୩.୮% ଅଭିବୃଦ୍ଧି ହାସଲ ଠିକ୍ ରହିଛି। ସେହିପରି ନିର୍ମାଣ କ୍ଷେତ୍ରରେ ୬.୮% ଓ ଖଣନରେ ୨.୪% ଅଭିବୃଦ୍ଧି ହାସଲ ହୋଇଛି। ସେ ଟୁଇଟରରେ ଲେଖିଛନ୍ତି ଯେ, ଏପ୍ରିଲ-ସେପ୍ଟେମ୍ବରରେ ଅଭିବୃଦ୍ଧି ହାର ୭.୬% ରହିଥିଲା, ଯାହାକି ଅତ୍ୟନ୍ତ ଶୁଭ ସଙ୍କେତ। ଏହା ବିଶ୍ୱରେ ସର୍ବାଧିକ ଅଭିବୃଦ୍ଧି ବୋଲି ଜଣାପଡ଼ିଛି। ତେବେ ଦ୍ୱିତୀୟାର୍ଦ୍ଧରେ ୭.୧% ହାସଲ ଦେଶ ପାଇଁ ନୈରାଶ୍ୟଜନକ ହେଲେ ହେଁ ଏହା ଚାଇନାଠାରୁ ଆଗରେ ରହିଛି। ଏହି ସମୟରେ ଚାଇନାର ଜିଡିପି୬.୫% ରହିଛି।




ଗ୍ଲୋବାଲ କର୍ପୋରେଟ ପାର୍ଟନର ରୂପକୁ ପରିବର୍ତ୍ତିତ କରିବାକୁ ହିରୋ ମୋଟୋକର୍ପ ଲିମିଟେଡ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଗଲ୍ଫର ଟାଇଗର ଉଡସଙ୍କ ସହ ଚୁକ୍ତିରେ ସାମିଲ ହୋଇଛି। ଟାଇଗରଙ୍କୁ ବ୍ରାଣ୍ଡ ହିରୋ ଭାବେ ନାମିତ କରାଇବା ଏକ ଗର୍ବର ବିଷୟ ବୋଲି କମ୍ପାନୀର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପବନ ମୁଞ୍ଜାଲ କହିଛନ୍ତି।

---

# ବ୍ୟାଙ୍କିଙ୍ଗ ଶିଳ୍ପ ଲାଗି ଓଡ଼ିଶାରେ ବିପୁଳ ସମ୍ଭାବନା

ଧରିତ୍ରୀ ଆଳାପ
ସିଦ୍ଧାର୍ଥ ରଥ



ପୂର୍ବରୁ ବିଦେଶୀ ବ୍ୟାଙ୍କଗୁଡ଼ିକ ଦେଶରେ କେବଳ ନିଜର ଶାଖା ଖୋଲିବା ସହ ବ୍ୟାଙ୍କିଙ୍ଗ ସେବା ଯୋଗାଇ ଦେଉଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ବ୍ୟାଙ୍କିଙ୍ଗ ରେଗୁଲେଶନ ଆକ୍ଟ ୧୯୪୯ ମୁତାବକ ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସ(ଇଣ୍ଡିଆ)କୁ ଦେଶରେ ଏକ ବାଣିଜ୍ୟିକ ବ୍ୟାଙ୍କ ସ୍ଥାପନ କରିବାକୁ ଲାଇସେନ୍ସ ପ୍ରଦାନ କରିଛି। ଏହା ଡିସେମ୍ବର ୧ ଠାରୁ ଦେଶରେ କାର୍ଯ୍ୟ କରିବ। ଷ୍ଟେଟ୍ ବ୍ୟାଙ୍କ ଅଫ ମରିସସ ଏହାର ଇଣ୍ଡିଆ ଅପରେଶନ ଲାଗି ଆକ୍ସିସ ବ୍ୟାଙ୍କର ଗ୍ରୁପ ଏକ୍‌ଜିକ୍ୟୁଟିଭ୍ ତଥା କର୍ପୋରେଟ, ଟ୍ରାଞ୍ଜାକ୍ସନ ଓ ଇଣ୍ଟରନ୍ୟାଶନାଲ ବ୍ୟାଙ୍କିଙ୍ଗର ମୁଖ୍ୟ ସିଦ୍ଧାର୍ଥ ରଥଙ୍କୁ ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରିଛି। କଟକରେ ଜନ୍ମିତ ରଥ ବ୍ୟାଙ୍କର ଗୁରୁଦାୟିତ୍ୱ ଭାର ସମ୍ଭାଳିବେ। ଇଣ୍ଡଷ୍ଟ୍ରିଆଲ ଫାଇନାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଆଇଏଫ୍‌ସିଆଇ)ରେ ୯ ବର୍ଷରୁ ଊର୍ଦ୍ଧ୍ୱ ସମୟ ପ୍ରକଳ୍ପ ଫାଇନାନ୍ସିଂ, ଭିତ୍ତିଭୂମି କ୍ଷେତ୍ରକୁ ଋଣ ଯୋଗାଣ ଭଳି ପ୍ରମୁଖ ବିଭାଗରେ ସେ କାର୍ଯ୍ୟ କରିଛନ୍ତି। ୟୁଟିଆଇ ବ୍ୟାଙ୍କ (ବର୍ତ୍ତମାନର ଆକ୍ସିସ ବ୍ୟାଙ୍କ) ରେ ଯୋଗ ଦେବା ସହ ୧୭ ବର୍ଷରୁ ଅଧିକ ସମୟ କାର୍ଯ୍ୟ ଅଭିଜ୍ଞତା ହାସଲ କରିଛନ୍ତି। ମେଟ୍ରୋ ରେଳ, ବିମାନ ବନ୍ଦର, ପିପିପିରେ ରାଜପଥ ପ୍ରକଳ୍ପ ଭଳି ଭିତ୍ତିଭୂମି ପ୍ରକଳ୍ପ ଫାଇନାନ୍ସ ସହ କ୍ୟାପିଟାଲ ମାର୍କେଟ କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ନିକଟରେ ଓଡ଼ିଶା ଆସିଥିବା ବେଳେ ବ୍ୟାଙ୍କର ଭବିଷ୍ୟତ ଯୋଜନା ତଥା ଘରୋଇ ବଜାର ସମ୍ପର୍କରେ 'ଧରିତ୍ରୀ'କୁ ସେ ଦେଇଥିବା ସାକ୍ଷାତ୍କାର...

**● ପିଲା ଦିନେ କ'ଣ ହେବାକୁ ସ୍ୱପ୍ନ ଦେଖୁଥିଲେ?**

ବାପା ମା ଡାକ୍ତର ଥିଲେ। ଡାକ୍ତର ହେବାକୁ ଇଚ୍ଛା ଥିଲା। ବଡ଼ ହେବା ବେଳକୁ ଫାଇନାନ୍ସ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ଇଚ୍ଛା ପ୍ରକଟ କରିଥିଲି। କଟକର ରେଭେନ୍ସା, ବ୍ରହ୍ମପୁର ଖଲ୍ଲିକୋଟ କଲେଜରୁ ଶିକ୍ଷା ଶେଷ ପରେ ଭୁବନେଶ୍ୱର ଜାଭିଅରରୁ ଏମ୍‌ବିଏରେ ଡିଗ୍ରୀ। ଏହା ପରେ ଫାଇନାନ୍ସ କ୍ଷେତ୍ରକୁ ଆସିଥିଲି।

**● ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସ୍ ଆର୍‌ବିଆଇ ନିୟନ୍ତ୍ରଣାଧୀନ ହୋଇ ପାରିଥିବା ପ୍ରଥମ ବିଦେଶୀ ବ୍ୟାଙ୍କ ଯେ'କି ଶାଖା ରୁହେଁ ଏହା ଭାରତରେ ସମ୍ପୂର୍ଣ୍ଣ କମ୍ପାନୀ ଭାବେ ଗଢି ଉଠିଛି। ଏହି ବ୍ୟାଙ୍କର ବିଶେଷତ୍ୱ କ'ଣ?**

ପୂର୍ବରୁ ବିଦେଶୀ ବ୍ୟାଙ୍କଗୁଡ଼ିକର ଶାଖା ଦେଶରେ ଖୋଲୁଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ୍ ମରିସସ ଇଣ୍ଡିଆ ପ୍ରଥମ ବ୍ୟାଙ୍କ ଭାବେ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସବସିଡିଆରୀ ଏଠାରେ ଖୋଲିଛି। ଏହା ଆମ ପାଇଁ ଏକ ପରିଚୟ ସଦୃଶ। ଏକ ସମ୍ପୂର୍ଣ୍ଣ ଭାରତୀୟ ବ୍ୟାଙ୍କ ଭାବେ କାର୍ଯ୍ୟ କରିବାକୁ ଆମେ ଏଠାରେ ଭଲ ସୁଯୋଗ ପାଇବୁ। ଘରୋଇ ବଜାରରେ କାର୍ଯ୍ୟ କରିବା ଆମ ପାଇଁ ସୁଗମ ହେବ। ଏକ ଭାରତୀୟ ବ୍ୟାଙ୍କକୁ ଧାନରେ ରଖି ବିଭିନ୍ନ ପ୍ରଡକ୍ଟ ଏବଂ ସର୍ଭିସ ଯୋଗାଇବୁ। ଏହା ବାଦ୍ ଇଣ୍ଡୋ-ଆଫ୍ରିକାନ୍ ଟ୍ରେଡ ଫାଇନାନ୍ସ, ରପ୍ତାନି-ଆମଦାନି ଫାଇନାନ୍ସ, କ୍ୟାପିଟାଲ ମାର୍କେଟ ପ୍ରଡକ୍ଟ, ଇନଭେଷ୍ଟମେଣ୍ଟ ବ୍ୟାଙ୍କିଂ, କଷ୍ଟଡି ସର୍ଭିସେସ, ଓ୍ୱେଲଥ ଏବଂ ଫଣ୍ଡ ମ୍ୟାନେଜମେଣ୍ଟ ଭଳି ବିଭିନ୍ନ କ୍ଷେତ୍ର ଫୋକସରେ ରହିବ।

**● ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଓଡ଼ିଶା ପଛରେ ରହିବାର ମୁଖ୍ୟ କାରଣ କ'ଣ ବୋଲି ଭାବୁଛନ୍ତି?**

ଏ କ୍ଷେତ୍ରରେ ଓଡ଼ିଶା ବିଶେଷ କିଛି ଅଗ୍ରଗତି କରି ପାରିନି। ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକରେ ବିଭିନ୍ନ ବ୍ୟାଙ୍କ ସ୍ଥାପନ ହୋଇ ଆଗକୁ ବଡ଼ ବ୍ୟାଙ୍କ ହୋଇପାରିଛନ୍ତି। ଓଡ଼ିଶାରେ ଏପରି ସ୍ଥିତି ଆସିନାହିଁ। ଏଠାରେ ଏକ ବ୍ୟାଙ୍କ ଆସିଲେ ଭଲ ହେବ। ଏଠାରେ ଉନ୍ନତ ସୁଯୋଗ ଏବଂ ସମ୍ଭାବନା ରହିଛି। ଧାତୁ ଶିଳ୍ପ, ସୁଦୀର୍ଘ ବେଳାଭୂମି,ବନ୍ଦର, ମେରାଇନ ପ୍ରଡକ୍ଟ, କୃଷି, ଆଇଟି ଭଳି ଭଲ କ୍ଷେତ୍ର ରହିଛି। ଭଲ ପ୍ରୋଜେକ୍ଟ ଏଠାରେ ଅଛନ୍ତି। ଦେଶର ପ୍ରମୁଖ ବ୍ୟାଙ୍କଗୁଡ଼ିକରେ ବହୁ ଓଡ଼ିଆ ଶୀର୍ଷ ପଦ ପଦବୀରେ ଅଛନ୍ତି। ସାରା ଦେଶରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଏକ ବ୍ୟାଙ୍କ ଓଡ଼ିଶାରେ ଆରମ୍ଭ ହେଲେ ଭଲ ହୁଅନ୍ତା। ସେହିଭଳି ଅନେକ ଓଡ଼ିଆ ଯୁବକ ଅଛନ୍ତି, ଯେଉଁମାନେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଆସିବାକୁ ଆଗ୍ରହ ରଖନ୍ତି ସେହି ସୁଯୋଗ ନାହିଁ। ଏପରି ଅବସ୍ଥାରେ ବ୍ୟାଙ୍କ ସେବା ନେଇ ଏଠାରେ ସୁଯୋଗ ରହିଛି। ବାଙ୍ଗାଲୋର, ହାଇଦ୍ରାବାଦ ଏବଂ ଗୁରଗାଓଁରେ ଅନେକ ଓଡ଼ିଆ ଏକ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସୁଯୋଗ ସୃଷ୍ଟି ହେଲେ ସେମାନେ ରାଜ୍ୟ ମଧ୍ୟରେ କାର୍ଯ୍ୟ କରିବାକୁ ଆଗ୍ରହୀ ହୁଅନ୍ତେ। ଏଥି ଲାଗି ଏକ ଉନ୍ନତ ଭିତ୍ତିଭୂମି ଆଣିବାକୁ ହେବ। ଉଭୟ ସରକାର ଏବଂ ବେସରକାରୀ ସ୍ତରରେ ଏହାକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ।

**● ଆପଣ ଆକ୍ସିସ ବ୍ୟାଙ୍କ ଛାଡି ଏହି ବ୍ୟାଙ୍କରେ ନିଶ୍ଚିତ ଭାବେ ଭବିଷ୍ୟତ ଦେଖୁଛନ୍ତି। କିନ୍ତୁ ଏଭଳି ବିଦେଶୀ ବ୍ୟାଙ୍କ ତାଙ୍କର ଲାଭାଂଶକୁ ବିଦେଶକୁ ନେଇଗଲେ ତାହା ଭାରତ ଅର୍ଥନୀତିକୁ ଶକ୍ତିଶାଳୀ ନା ଦୁର୍ବଳ କରିବ?**

ପ୍ରଥମତଃ ଏହା ଭାବିବାକୁ ହେବ ଯେ, ସଂସ୍ଥାଗୁଡିକ ଦେଶକୁ ପୁଞ୍ଜି ଆଣୁଛନ୍ତି। ଏହା ଅର୍ଥନୀତି ଲାଗି ଶୁଭ ସଙ୍କେତ। ପ୍ରଭାବକୁ ଆମକୁ ସକାରାତ୍ମକ ଭାବେ ନେବାକୁ ପଡିବ। ଦେଶକୁ କ୍ୟାପିଟାଲ ଆସିବା ଫଳରେ ଅର୍ଥନୀତି ଉପରେ ଏହା ଭଲ ପ୍ରଭାବ ପକାଇବ। ଲୋକଙ୍କୁ ରୋଜଗାର ଏବଂ ବିଭିନ୍ନ କ୍ଷେତ୍ରକୁ ଋଣ ପ୍ରଦାନର ବାଟ ଖୋଲିବ। ପ୍ରତିଷ୍ଠାନ ତା'ର ଲାଭକୁ ପୁଣି ଥରେ ଏଠାରେ ଖଟାଇ ଭାଲ୍ୟୁ ଆଡିଶନ କରିବ।

**● ଆର୍‌ବିଆଇ ମଙ୍ଗ ଧରିଥିବା ବ୍ୟକ୍ତି ବିଶେଷ ଅନେକ ସମୟରେ ଦୁର୍ବଳତା ପ୍ରଦର୍ଶନ କରୁଛନ୍ତି। ନଭେମ୍ବର ୨୦୧୬ର ବିମୁଦ୍ରୀକରଣ ଏବଂ ସାମ୍ପ୍ରତିକ ଆର୍‌ବିଆଇ-କେନ୍ଦ୍ର ଟଣାଓଟରାରେ ଦେଶର ବୀର୍ଯ୍ୟ ମିଥ୍ୟାରୀ ମଙ୍ଗଳ ନେଇ ଆର୍‌ବିଆଇର ପକ୍ଷରୁ କେମିତି ବିଚାର କରୁଛନ୍ତି?**

ଆର୍‌ବିଆଇ ଭଳି ପ୍ରତିଷ୍ଠାନ ପ୍ରତି କ୍ଷେତ୍ରରେ ଦୃଢ଼ତାର ସହ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଦେଶରେ ଏକ ଦୃଢ଼, ସ୍ୱାଧୀନ ରେଗୁଲେଟର ରହିଲେ ଏହା ଘରୋଇ ବଜାର ତଥା ଫାଇନାନ୍ସ କ୍ଷେତ୍ର ପାଇଁ ଭଲ। ସେହିଭଳି ପ୍ରତିଷ୍ଠାନ ସ୍ୱୟଂସମ୍ପୂର୍ଣ୍ଣ ହେବାର କ୍ଷମତା ରଖିବା ମଧ୍ୟ ଆବଶ୍ୟକ। ଭାରତରେ ଅଧିକାଂଶ ପ୍ରତିଷ୍ଠାନ ସ୍ୱାଧୀନ ଚିନ୍ତାଧାରା ଦ୍ୱାରା ପରିଚାଳିତ ଏବଂ ଦୃଢ଼। ବ୍ୟାଙ୍କିଙ୍ଗ ଶିଳ୍ପରେ ଏଭଳି ପ୍ରତିଷ୍ଠାନଗୁଡିକ ଉନ୍ନତ ସ୍ଥିତିରେ ରହିଛନ୍ତି। ଅନ୍ୟାନ୍ୟ ଅଭିବୃଦ୍ଧିଶୀଳ ବଜାର କଥା ଦେଖିବାକୁ ଗଲେ ଭାରତରେ ସ୍ଥିତି ଭଲ ରହିଛି। ଏଥିଲାଗି ଭାରତ ଉପରେ ନିବେଶକଙ୍କ ଆସ୍ଥା ରହିଛି।

**● ଓଡ଼ିଶାରେ ଶାଖା ଖୋଲିବାର ଯୋଜନା ସମ୍ପର୍କରେ ଚିନ୍ତା କରୁଛନ୍ତି କି? ଭବିଷ୍ୟତ ପ୍ଲାନ ସମ୍ପର୍କରେ କିଛି କହିବେ ?**

ଷ୍ଟେଟ ବ୍ୟାଙ୍କ ଅଫ୍ ମରିସସ୍ ଇଣ୍ଡିଆ ସାରା ଦେଶରେ ନିଜର ଶାଖା ସହ କାର୍ଯ୍ୟ କରିବ। ଏଥି ଲାଗି କାର୍ଯ୍ୟ ଆରମ୍ଭ ହୋଇଛି। ଆସ୍ତେ ଆସ୍ତେ ନେଟ୍‌ଓ୍ୱର୍କ ଏବଂ ଶାଖାକୁ ବୃଦ୍ଧି କରାଯିବ। ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ନିକଟ ଭବିଷ୍ୟତରେ ଓଡ଼ିଶା ଆସିବା ନେଇ ଯୋଜନା ରଖିଛୁ। ଭିତ୍ତିଭୂମି ଅନ୍ୟାନ୍ୟ କାର୍ଯ୍ୟ ସକାଡିବାକୁ ଆମେ ଗୋଟିଏ ବର୍ଷ ମଧ୍ୟରେ ପ୍ରସ୍ତୁତ ହୋଇଯିବୁ। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦେଶରେ ୧୫ରୁ ୧୭ ଶାଖା ଖୋଲିବାର ଯୋଜନା ରହିଛି। ୧୭ ଶାଖା ମଧ୍ୟରେ ଗ୍ରାମାଞ୍ଚଳରେ ୪ ଶାଖା ରହିବ। ଅନ୍ୟଗୁଡ଼ିକ ଅର୍ବାନ ସେଣ୍ଟର ଭାବେ କାର୍ଯ୍ୟ କରିବ।

**● ଓଡ଼ିଶାର ବଜାର ଏବଂ ଯୁବପ୍ରତିଭାଙ୍କୁ କ'ଣ କହିବେ?**

ବର୍ତ୍ତମାନ ଓଡ଼ିଶା ବଜାର ପରିବର୍ତ୍ତନ ଧାରା ଦେଇ ଗତି କରୁଛି। ଏଠାକୁ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନଗୁଡିକ ଆସିଛନ୍ତି। ଏହାର ପ୍ରଭାବ ଉଭୟ ଭିତ୍ତିଭୂମି ଏବଂ ନିଯୁକ୍ତି କ୍ଷେତ୍ରରେ ପଡ଼ିଛି। ରପ୍ତାନିରେ ଉନ୍ନତି ହୋଇଛି। ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନମାନ ସ୍ଥାପନ ହୋଇଛି। ରାଜ୍ୟ ଦେଶ ଲାଗି ବହୁ ଉଦୀୟମାନ ଲୋକଙ୍କୁ ଛିଡ଼ା କରାଇଛି। ଯୁବବର୍ଗ ଛୋଟ ହେଉ ପଛେ ନିଜର ଏକ ଉଦ୍ୟୋଗ ସ୍ଥାପନ କରନ୍ତୁ। ଚାକିରି ସୁଯୋଗ କମ୍ ରହିବା ଯୋଗୁ ପ୍ରତିଭା ରାଜ୍ୟ ବାହାରକୁ ଯାଉଛି। ଯୁବବର୍ଗ ନିଜେ କିଛି ଉଦ୍ୟୋଗ ସ୍ଥାପନ କରି ପାରିଲେ ନିଯୁକ୍ତି ସୃଷ୍ଟି ସହ ରାଜ୍ୟର ବିକାଶରେ ଏହା ସହାୟକ ହେବ। ସେମାନେ ନ ଡରି ଆଗକୁ ବଢ଼ିବାକୁ ହେବ। କେବଳ ସରକାର କିମ୍ବା ବଡ଼ ପୁଞ୍ଜିପତି ନୁହଁନ୍ତି ସାମୂହିକ ଭାବେ ନିଯୁକ୍ତି ସୃଷ୍ଟି କଥା ଚିନ୍ତା କରିଲେ ସ୍ଥିତିରେ ପରିବର୍ତ୍ତନ ଆସିବ।

– ରିପୋର୍ଟ: ସତ୍ୟାନନ୍ଦ ନାୟକ


## କଳିଙ୍ଗ କର୍ନର

### ଓକେନଡେନ୍ ଅଧିନାୟକ

ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି): ଚଳିତ ହକି ବିଶ୍ୱକପରେ ଅଷ୍ଟ୍ରେଲିଆ ୨ ଅଧିନାୟକ ରଣନୀତିରେ ଖେଳୁଛି। ଆରନ ଜେଲସ୍କି ଓ ଇଡି ଓକେନଡେନ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ବୋଲି ପୂର୍ବରୁ କୋଚ୍ କଲିନ ବ୍ୟାଚ୍ ଘୋଷଣା କରିଥିଲେ। ତେବେ ଅଷ୍ଟ୍ରେଲିଆ ଓକେନଡେନଙ୍କ ନେତୃତ୍ୱରେ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। ଅର୍ଥାତ୍ ଶୁକ୍ରବାର ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚରେ ଓକେନଡେନ ଅଧିନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

### ପଦାର୍ପଣ କଲା ଚାଇନା

ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି): ଏସୀୟ ହକିରେ ଉତ୍ଥାନ ପଥରେ ଥିବା ଚାଇନାପାଇଁ କଳିଙ୍ଗ ଷ୍ଟାଡିୟମ ସ୍ମରଣୀୟ ସ୍ମୃତି ବହନ କରିଛି। କାରଣ ଦର୍ଶକଭରା ଷ୍ଟାଡିୟମରେ ଶୁକ୍ରବାର ଇଂଲଣ୍ଡ ବିପକ୍ଷ ମ୍ୟାଚ ଖେଳିବା ସହ ବିଶ୍ୱକପ୍ ପଦାର୍ପଣ କରିଛି ଏହି ଦଳ। ବିଶ୍ୱର ୨୬ତମ ଦଳଭାବେ ବିଶ୍ୱକପ ଖେଳିଛି ଡୁ ଚେନ୍‌ଙ୍କ ଦଳ। ପ୍ରକାଶ ଯୋଗ୍ୟ ଯେ ୧୯୭୧ ବିଶ୍ୱକପର ପ୍ରଥମ ସଂସ୍କରଣରେ ୧୦ଟି ଦଳ ଖେଳିଥିଲେ, ଅର୍ଥାତ୍ ଏହି ୧୦ ଦଳ ବିଶ୍ୱକପ ପଦାର୍ପଣ କରିଥିଲେ। ପରେ ୧୯୭୩ରେ ୪, ୧୯୭୫ରେ ୨, ୧୯୭୮ରେ ୩, ୧୯୮୨ରେ ୧, ୧୯୯୪ରେ ୪, ୨୦୦୨ରେ ୧ ଓ ୨୦୧୮ରେ ଗୋଟିଏ ଦଳଭାବେ ଚାଇନା ବିଶ୍ୱକପ ଖେଳିବାର ସୌଭାଗ୍ୟ ଲାଭ କରିଛି।





ଅଷ୍ଟ୍ରେଲିଆ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ରୋମାଞ୍ଚକ ମୁହୂର୍ତ୍ତ।

# ଅଷ୍ଟ୍ରେଲିଆର କଷ୍ଟସାଧ୍ୟ ବିଜୟ

ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି)

ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ କଷ୍ଟସାଧ୍ୟ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ବିଶ୍ୱ ର୍ୟାଙ୍କିଙ୍ଗର ୧୦ ନମ୍ବରସ୍ଥାନରେ ଥିବା ଆୟର୍ଲାଣ୍ଡ ଗତ ଦୁଇଥର ବିଶ୍ୱକପ ବିଜେତା ଅଷ୍ଟ୍ରେଲିଆକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ପ୍ରତିଷ୍ଠା ଅନୁସାରେ ଫଳ ପାଇ ନ ଥିବା ଅଷ୍ଟ୍ରେଲିଆ ଶେଷରେ ୨-୧ ଗୋଲରେ ମ୍ୟାଚ ଜିତିବାକୁ ସକ୍ଷମ ହୋଇଥିଲା। ଲଢୁଆ ଖେଳର ନମୁନା ଦେଖାଇଥିଲା ଆୟର୍ଲାଣ୍ଡ। ଗୋଲକିପର ତଥା ଅଧିନାୟକ ଡେଭିଡ ହାର୍ଟ ଆକର୍ଷଣୀୟ ପ୍ରଦର୍ଶନ କରି ଅଷ୍ଟ୍ରେଲିଆର ଏକାଧିକ ଉଦ୍ୟମକୁ ପଣ୍ଡ କରି ଦେଇଥିଲେ। ବିଜୟୀ ଦଳ ପକ୍ଷରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିବା ଟିମ୍ ବ୍ରାଣ୍ଡ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଅଷ୍ଟ୍ରେଲିଆର ଗୋଭର୍ସ ବ୍ଲେକ ଓ ଆୟର୍ଲାଣ୍ଡର ଶେନ ଓ'ଡୋନୋଘୋଏ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ ଆରମ୍ଭରୁ ଅଷ୍ଟ୍ରେଲିଆକୁ କଡ଼ା ଟକ୍କର ଦେଇଥିଲା ଆୟର୍ଲାଣ୍ଡ। ସ୍ୱାଭାବିକ ଷ୍ଟାଇଲରେ ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଗେମ୍ ଖେଳିଥିଲା। ପ୍ରଥମ ୧୦ ମିନିଟର ସଂଘର୍ଷପରେ ୧୧ତମ ମିନିଟରେ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମ ଉଦ୍ୟମରେ ଏହା ବିଫଳ ହୋଇଥିଲେ ହେଁ କ୍ରମାଗତ ଦ୍ୱିତୀୟ ପେନାଲ୍ଟି କର୍ନରରୁ ଫାଇଦା ନେଇଥିଲା ନମ୍ବର ୱାନ ଦଳ। ଡ୍ରାଗ୍‌ଫ୍ଲିକର ଗୋଭର୍ସ ବ୍ଲେକ୍ ଫ୍ଲିକ୍ କରି ମ୍ୟାଚର ପ୍ରଥମ ଗୋଲଟି ସ୍କୋର କରିଥିଲେ। ମାତ୍ର ବେଶୀ ବିଳମ୍ବ କରି ନ ଥିଲା ଆୟର୍ଲାଣ୍ଡ। ଗୋଲ ବରଣର ୨ ମିନିଟ ପରେ ଅର୍ଥାତ୍ ୧୩ତମ ମିନିଟରେ ଶେନ ଓ'ଡୋନୋଘୋଏ ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଅଷ୍ଟ୍ରେଲିଆ ଅନେକ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଆୟର୍ଲାଣ୍ଡ ଗୋଲକିପର ଡେଭିଡ୍ ହାର୍ଟଙ୍କ ଚମତ୍କାର ପ୍ରଦର୍ଶନ ଯୋଗୁ ଗୋଲ ହୋଇ ପାରି ନ ଥିଲା। ୧୯ତମ ମିନିଟରେ ଅଷ୍ଟ୍ରେଲିଆର ଓଗିଲଭିଙ୍କୁ ଗ୍ରୀନ୍ କାର୍ଡ ମିଳିଥିଲା। ୨୪ତମ ମିନିଟରେ ଡି ଏରିଆ ମଧ୍ୟରେ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଆୟର୍ଲାଣ୍ଡର ମାଥ୍ୟୁ ନେଲସନଙ୍କୁ ଗ୍ରୀନ୍ କାର୍ଡ ମିଳିଥିଲା। ଫଳସ୍ୱରୂପ ଅଷ୍ଟ୍ରେଲିଆକୁ ପେନାଲ୍ଟି ସୁଯୋଗ ଦିଆ ଯାଇଥିଲା। କ୍ରମାଗତ ୨ଥର ସୁଯୋଗ ପାଇଥିଲେ ହେଁ ଅଷ୍ଟ୍ରେଲିଆ ଗୋଲ କରିପାରି ନ ଥିଲା। ୨୭ତମ ମିନିଟରେ ଆୟର୍ଲାଣ୍ଡର ଜୋନାଥନ ବେଲ୍ ଗ୍ରୀନ୍ କାର୍ଡ ପାଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ସ୍କୋର ୧-୧ ସ୍ଥିତିରେ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ମ୍ୟାଚରେ ଉଷ୍ମତା ଭରିଥିଲା। ୩୪ତମ ମିନିଟରେ ଟିମ୍ ବ୍ରାଣ୍ଡ ଏକ ଫିଲ୍ଡ ଗୋଲ ଦେଇ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। କୋରେ ୱିୟେର ମାରିଥିବା ଶଟ୍‌କୁ ଆୟର୍ଲାଣ୍ଡ ଡିଫେଣ୍ଡର ଅଟକାଇବାରେ ସକ୍ଷମ ହୋଇଥିଲେ ହେଁ ଫେରି ଆସୁଥିବା ବଲ୍‌କୁ ବ୍ରାଣ୍ଡ ଶକ୍ତିଶାଳୀ ହିଟ୍ ମାଧ୍ୟମରେ ଗୋଲରେ ପରିଣତ କରିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଅଷ୍ଟ୍ରେଲିଆ ୨-୧ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୪ର୍ଥ କ୍ୱାର୍ଟରରେ ଆୟର୍ଲାଣ୍ଡ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ୫୧ତମ ମିନିଟରେ ଅଷ୍ଟ୍ରେଲିଆକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଫ୍ଲାଇନ୍ ଓଗିଲଭିଙ୍କ ଦୁର୍ବଳ ପୁଶ୍ ଅଷ୍ଟ୍ରେଲିଆ ଷ୍ଟପରଙ୍କ ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା। ମ୍ୟାଚରେ ଏହାକୁ ମିଶାଇ ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ପେନାଲ୍ଟି କର୍ନର ମିସ୍ କରିଥିଲା।

**ଗୋଲ ସ୍କୋରର**

**ଅଷ୍ଟ୍ରେଲିଆ**

- ଗୋଭର୍ସ ବ୍ଲେକ: ୧୧ତମ ମିନିଟ
- ଟିମ୍ ବ୍ରାଣ୍ଡ: ୩୪ତମ ମିନିଟ

**ଆୟର୍ଲାଣ୍ଡ**

- ଶେନ ଓ'ଡୋନୋଘୋଏ: ୧୩ତମ ମିନିଟ

**ଟିମ୍ ବ୍ରାଣ୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍**

## ପଦକ ଜିତିବାକୁ ଭାରତର ସାମର୍ଥ୍ୟ ରହିଛି: ଲାଜରୁସ୍



ଭୁବନେଶ୍ୱର, ୩୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍‌ରେ ଘରୋଇ ଭାରତ ସଫଳ ହେବ। ଏହି ମେଗା ଇଭେଣ୍ଟରେ ପଦକ ହାସଲ କରିବାକୁ ଭାରତ ପାଖରେ ସାମର୍ଥ୍ୟ ରହିଛି ବୋଲି ପୂର୍ବତନ ହକି ଖେଳାଳି ତଥା ଓଡ଼ିଆ ତାରକା ଲାଜରୁସ ବାର୍ଲା କହିଛନ୍ତି। ସେମିଫାଇନାଲରେ ପହଞ୍ଚିବାକୁଭାରତପାଖରେଦକ୍ଷତାରହିଛି।

ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ବେଶ୍ ସନ୍ତୁଳିତ। ଭାରତ ପୁଲ୍ ସି'ରେ ଶୀର୍ଷ ସ୍ଥାନ ହାସଲ କରିବ ଓ ଏହା ହୋଇପାରିଲେ ଭାରତ କ୍ୱାର୍ଟର ଫାଇନାଲରେ ଏକ ଦୁର୍ବଳ ଦଳକୁ ଭେଟିବ। ଯଦି ସବୁ କିଛି ଠିକ୍‌ଠାକ୍ ଚାଲେ ତାହାଲେ ଭାରତ ସେମିକୁ ଉଠିବ ବୋଲି ଦୁଇଟି ବିଶ୍ୱକପ୍ ଖେଳିଥିବା ଲାଜରୁସ ପୂର୍ବାନୁମାନ କରି କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଭାରତ ଚାମ୍ପିୟନ୍ସ ଲିଗ୍ ଓ ୱାର୍ଲ୍ଡ ଲିଗ୍‌ରେ ଭଲ ପ୍ରଦର୍ଶନ କରିଛି। ତେବେ ପ୍ରତି ମ୍ୟାଚ୍‌ରେ କଥା ଅଲଗା ହେବ। ପ୍ରଥମ ମ୍ୟାଚ୍‌ରେ ଭାରତ ଅତି ସହଜରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। କିନ୍ତୁ ୨ ତାରିଖରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍‌ରେ ବିଶ୍ୱର ୩ ନମ୍ବର ଦଳ ବେଲଜିୟମକୁ ହରାଇବା ଭାରତ ପକ୍ଷେ କଷ୍ଟକର ହେବ ବୋଲି ସେ ସତର୍କ କରାଇଦେଇଛନ୍ତି। ସୁଯୋଗ ସୃଷ୍ଟି କରିବା ସହ ଏଗୁଡ଼ିକୁ ଗୋଲ୍‌ରେ ପରିଣତ କରିବାକୁ ହେବ। ପେନାଲ୍ଟି କର୍ନର କନଭର୍ସନ ଉପରେ ମଧ୍ୟ ଧ୍ୟାନ ଦେବାକୁ ହେବ। ନ ହେଲେ ମ୍ୟାଚ ଜିତିବା କଷ୍ଟକର ହୋଇପଡିବ ବୋଲି ଲାଜରୁସ୍ କହିଛନ୍ତି। ଉଲ୍ଲେଖଥାଉ କି, ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଥିଲା।

**ମ୍ୟାଚ ୨-୨ରେ ଡ୍ର**

# ପଦାର୍ପଣରେ ଚାଇନା ଚମକ

ଭୁବନେଶ୍ୱର, ୩୦।୧୧(କ୍ରୀଡ଼ା ପ୍ରତିନିଧି)

ଏସୀୟ ଦଳ ଚାଇନା ସମ୍ପୂର୍ଣ୍ଣ ଷ୍ଟାଇଲ୍‌ରେ ଏହାର ହକି ବିଶ୍ୱକପ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏହି ଦଳ ବିଶ୍ୱକପରେ ପଦାର୍ପଣ କରିଥିଲେ ହେଁ ଚମକପ୍ରଦ ପ୍ରଦର୍ଶନ କରି ଶକ୍ତିଶାଳୀ ଇଂଲଣ୍ଡ ସହିତ ମ୍ୟାଚ ଡ୍ର ରଖିଛି। ପ୍ରଥମେ ଏବଂ ଶେଷରେ ଗୋଲ ଦେଇ ଚାଇନା ମ୍ୟାଚକୁ ୨-୨ରେ ଶେଷ କରିବା ସହ ଇଂଲଣ୍ଡକୁ ଚକିତ କରିଛି। ବିରୋଧୀଦଳନେତା ନରସିଂହ ମିଶ୍ର ଅତିଥିଭାବେ ଯୋଗଦେଇ ଚାଇନାର ୨୨ ନମ୍ବର ଖେଳାଳି ଡୁ ଟଲାକେଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପୂର୍ବରୁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ହକି ଇଣ୍ଡିଆ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଆର.କେ. ଶ୍ରୀବାସ୍ତବ ଅତିଥିଭାବେ ଦୁଇ ଦଳର ଅଧିନାୟକଙ୍କ ସହ ପରିଚିତ ହୋଇ ଖେଳର ଶୁଭାରମ୍ଭ କରିଥିଲେ।

ବିଶ୍ୱର ୭ ଓ ୧୭ ନମ୍ବର ଦଳ ମଧ୍ୟରେ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ର୍ୟାଙ୍କିଙ୍ଗରେ ବହୁ ପଛରେ ଥିଲେ ହେଁ ଇଂଲଣ୍ଡକୁ ବିସ୍ମିତକଲା ଭଳି ପ୍ରଦର୍ଶନ କରିଥିଲା ଚାଇନା। ଲଢୁଆ ପ୍ରଦର୍ଶନ କରି ଇଂଲଣ୍ଡକୁ କଡ଼ା ଟକ୍କର ଦେଇଥିଲା ଏହି ଏସୀୟ ଦଳ। ବିଶେଷ କରି ଗୋଲକିପର ୱାଙ୍ଗ କାଇୟୁ ଏବଂ ଡିଫେଣ୍ଡରମାନେ ଇଂଲଣ୍ଡ ସମ୍ମୁଖରେ ଦୁର୍ଗଭଳି ପ୍ରତୀୟମାନ ହୋଇଥିଲେ। ଫଳରେ ଇଂଲଣ୍ଡ ଅପେକ୍ଷାକୃତ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଅଧିକ ଗୋଲ ଦେବାରେ ସକ୍ଷମ ହୋଇ ନ ଥିଲା। ମ୍ୟାଚରେ ପ୍ରଥମେ ଆକ୍ରମଣ କରିଥିଲା ଚାଇନା। ୫ମ ମିନିଟରେ ଗୁଓ ଜିଆଓପିଙ୍ଗ ଏକ ଫିଲ୍ଡ ଗୋଲ ଦେଇ ଚାଇନାକୁ ଅଗ୍ରଣୀ କରାଇଥିଲେ। ଏଥିସହ ବିଶ୍ୱକପ ଇତିହାସରେ ଚାଇନା ପାଇଁ ପ୍ରଥମ ଗୋଲ ଦେବାର ରେକର୍ଡ ବହନ କରିଥିଲେ ଜିଆଓପିଙ୍ଗ। ଏହାପରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ କାଉଣ୍ଟର ଆଟାକ କରିଥିଲା ଇଂଲଣ୍ଡ। ଚାଇନା ହାଫ୍‌ରେ ବଲ୍ ରଖି ସୁଯୋଗ ସୃଷ୍ଟି ଉଦ୍ୟମରେ ଥିଲା। ୧୪ତମ ମିନିଟରେ ଦଳପାଇଁ ସୁବର୍ଣ୍ଣ ସୁଯୋଗ ଆସିଲା। ମିଳିଥିବା ପେନାଲ୍ଟି କର୍ନରକୁ ମାର୍କ ଗ୍ଲେଘୋର୍ନ ଗୋଲରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣ ପ୍ରତିଆକ୍ରମଣ ଜାରି ରଖିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୧୭ତମ ମିନିଟରେ ଚାଇନା ଏବଂ ୨୧ ଓ ୩୩ତମ ମିନିଟରେ ଇଂଲଣ୍ଡକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ତାହାର ସଦୁପଯୋଗ ହୋଇପାରି ନ ଥିଲା। ୩୭ତମ ମିନିଟରେ ଚାଇନା ଗୋଲପୋଷ୍ଟରେ ବଡ଼ ଗ୍ୟାପ୍ ଥିଲେ ହେଁ ଇଂଲଣ୍ଡର ଡେଭିଡ୍ କଣ୍ଡନ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ଫଳରେ ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ବିଜୟ ପାଇଁ ଲଢ଼େଇ ଜୋରଦାର ହୋଇଥିଲା। ୪୮ତମ ମିନିଟରେ ଚାଇନା ଗୋଲପୋଷ୍ଟ ନିକଟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଲିଆମ ଆନସେଲ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଫଳରେ ଇଂଲଣ୍ଡ ୨-୧ ଗୋଲରେ ଅଗ୍ରଣୀ ହୋଇଥିଲା। ଶେଷ ୩ ମିନିଟରେ ଚାଇନା ଗୋଲକିପର ପୋଷ୍ଟ ଛାଡ଼ି ଉପରେ ଖେଳିଥିଲେ। କୌଣସି ପ୍ରକାରେ ଗୋଲ ପରିଶୋଧ ଚାଇନାର ମୁଖ୍ୟ ଲକ୍ଷ୍ୟ ଥିଲା। ୫୯ତମ ମିନିଟରେ ଚାଇନା ପାଇଁ ପେନାଲ୍ଟି କର୍ନର ରୂପରେ ସୁବର୍ଣ୍ଣ ସୁଯୋଗ ଆସିଥିଲା। ଦଳର ୨୨ ନମ୍ବର ଖେଳାଳି ଡୁ ଟାଲାକେ ଡ୍ରାଗ୍ ଫ୍ଲିକ୍ ମାଧ୍ୟମରେ ଏହାକୁ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଅବଶିଷ୍ଟ ୧ ମିନିଟର ଖେଳରେ ଇଂଲଣ୍ଡ ଗୋଲ ଦେବାପାଇଁ ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ଫଳରେ ମ୍ୟାଚ ୨-୨ ସ୍ଥିତିରେ ଶେଷ ହୋଇଥିଲା। ଡିସେମ୍ବର ୪ରେ ଇଂଲଣ୍ଡ ଏହାର ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବ। ସେହିଦିନ ଆୟର୍ଲାଣ୍ଡ ଓ ଚାଇନା ମଧ୍ୟରେ ମୁକାବିଲା ହେବ।

**ଗୋଲ ସ୍କୋରର**

**ଚାଇନା**

- ଗୁଓ ଜିଆଓପିଙ୍ଗ: ୫ମ ମିନିଟ
- ଡୁ ଟାଲାକେ: ୫୯ତମ ମିନିଟ

**ଇଂଲଣ୍ଡ**

- ମାର୍କ ଗ୍ଲେଘୋର୍ନ: ୧୪ତମ ମିନିଟ
- ଲିଆମ ଆନସେଲ: ୪୮ତମ ମିନିଟ

**ଡୁ ଟାଲାକେ ମ୍ୟାନ ଅଫ୍ ଦି ମ୍ୟାଚ୍**





ଗୋଲ ସ୍କୋର ପରେ ଚାଇନା ଖେଳାଳିଙ୍କ ସେଲିବ୍ରେଶନ।



କୁନି ସମର୍ଥକ



ଷ୍ଟାଡିୟମକୁ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରମାନେ ଟିକେଟ ପ୍ରଦର୍ଶନ କରୁଛନ୍ତି।



**ଇଷ୍ଟ ଗ୍ୟାଲେରିରେ ଆୟର୍ଲାଣ୍ଡ ସମର୍ଥକ**

ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ ମ୍ୟାଚରେ ଅର୍ଦ୍ଧାଧିକ ସ୍କୁଲ ପିଲାଙ୍କୁ ମ୍ୟାଚ ଦେଖିବାକୁ ସୁଯୋଗ ଦିଆ ଯାଇଥିଲା। ଇଷ୍ଟ ଗ୍ୟାଲେରିରେ ଆୟର୍ଲାଣ୍ଡରୁ ଆସିଥିବା କିଛି ଦର୍ଶକ ଗ୍ରୀନ୍ ଜର୍ସିରେ ଉପସ୍ଥିତ ରହି ନିଜ ଦଳକୁ ଉତ୍ସାହିତ କରିଥିଲେ। ସେମାନେ ମଝିରେ ମଝିରେ ଆୟର୍ଲାଣ୍ଡ-ଆୟର୍ଲାଣ୍ଡଧ୍ୱନିଦେଉଥିବାଶୁଣାଯାଉଥିଲା।ଆୟର୍ଲାଣ୍ଡ ମଧ୍ୟ ମ୍ୟାଚରେ ଲଢୁଆ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଥିଲା।



ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ତୁଳନାରେ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ସାମ୍ନା କରିବା ଆମ ପକ୍ଷେ କଷ୍ଟକର।

–ରବିଚନ୍ଦ୍ରନ ଅଶ୍ୱିନ, ଭାରତୀୟ ସ୍ପିନର



ଅଷ୍ଟ୍ରେଲିଆରେ ଏଥର ଟେଷ୍ଟ ସିରିଜ ଜିତିବା ଲାଗି ଭାରତ ପାଇଁ ଭବିଷ୍ୟତରେ ଏଭଳି ଭଲ ସୁଯୋଗ ଜୁଟି ନ ପାରେ ।

–ଡିନ୍ ଜୋନ୍ସ, ପୂର୍ବତନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ରାଜସ୍ଥାନ ରୟାଲ୍ସର ନୂଆ ପେସର କୋଚ୍

ନୂଆଦିଲ୍ଲୀ,୩୦।୧୧- ରାଜସ୍ଥାନ ରୟାଲ୍ସର ନୂଆ ଦ୍ରୁତ ବୋଲିଂ କୋଚ୍ ପଦରେ ଷ୍ଟିଫେନ ଜୋନ୍ସଙ୍କୁ ନିଯୁକ୍ତ କରାଯାଇଛି। ଏ ନେଇ ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ ଶୁକ୍ରବାର ଘୋଷଣା ହୋଇଛି। ଜଣେ ଖେଳାଳି ଭାବେ ଷ୍ଟିଫେନ ମୁଖ୍ୟତଃ ଇଂଲଣ୍ଡର କାଉଣ୍ଟି କ୍ରିକେଟରେ ସକ୍ରିୟ ଥିଲେ। ୧୪ ବର୍ଷର କ୍ରିକେଟ କ୍ୟାରିୟର ଅନ୍ତ କରିବା ପରେ ସେ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ଗତବର୍ଷ ବିଗ୍ ବାଶ ଲାଗି ଦଳ ହାବର୍ଟ ହରିକେନ୍ସ ଦଳର ବୋଲିଂ କୋଚ୍ ଦାୟିତ୍ୱରେ ଥିବାବେଳେ ସେ ଷ୍ଟୁଆର୍ଟ ବ୍ରଡ୍ ଓ ଡାନିଏଲ କ୍ରିଷ୍ଟିଆନଙ୍କ ଭଳି ବୋଲରଙ୍କ ସହ କାର୍ଯ୍ୟ କରିଥିଲେ। ଏପରି କି ଷ୍ଟିଫେନଙ୍କୁ ବ୍ରଡ୍ ଶ୍ରେଷ୍ଠ ବୋଲିଂ କୋଚ୍ ଆଖ୍ୟା ଦେଇଥିଲେ। ୧୯୯୭ରେ ପ୍ରଥମ ଶ୍ରେଣୀ କ୍ୟାରିୟର ଆରମ୍ଭ କରିଥିବା ଜୋନ୍ସ ସମରସେଟ, ନର୍ଥମ୍ପଟନଶାୟର, ଡର୍ବିଶାୟର ଓ କେଣ୍ଟ ପକ୍ଷରୁ ଖେଳିଥିଲେ। ସେ ମୋଟ ୧୪୮ ମ୍ୟାଚ୍ ଖେଳି ୩୮୭ ଉଇକେଟ ନେଇଥିଲେ। କ୍ରିକେଟ ବ୍ୟତୀତ ପେସାଦାର ରଗ୍‌ବୀରେ ମଧ ଜୋନ୍ସ ଖେଳନ୍ତି। ଏଥିସହ ସେ ଜାଭେଲିନ ଓ ବେସ୍‌ବଲ ଉପରେ ରିସର୍ଚ୍ଚ କରିଛନ୍ତି।

### ରଗ୍‌ବୀ ଚାମ୍ପିୟନ ଡ୍ରୋଟ୍‌ସ୍କେଙ୍କୁ ଗୁଳିମାଡ଼

ଜୋହାନ୍ସବର୍ଗ,୩୦।୧୧(ଏଏଫ୍‌ପି)- ପୂର୍ବତନ ସ୍ପ୍ରିଙ୍ଗ୍‌ବକ ହୁକର ନାକା ଡ୍ରୋଟ୍‌ସ୍କେ ଶୁକ୍ରବାର ମେଡିକାଲରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ରାଜଧାନୀ ପ୍ରେଟୋରିଆ ବାହାରେ ତାଙ୍କୁ କେତେକ ଦୁର୍ବୃତ୍ତ ଗୁଳି କରି ଲୁଟିଛନ୍ତି। ୧୯୯୫ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ କାମିଲଡ୍ରିଫ୍ଟସ୍ଥିତ ନିଜ ଭାଇଙ୍କ ଘରକୁ ଯାଇଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ୩ ଜଣ ଅଜ୍ଞାତ ଯୁବକ ଜୋରଜବରଦସ୍ତ ଘରେ ପ୍ରବେଶ କରି ଲୁଟିବା ସହ ୪୭ ବର୍ଷୀୟ ପୂର୍ବତନ ଖେଳାଳିଙ୍କ ଉପରେ ଗୁଳିମାଡ଼ କରିଥିଲେ। ତାଙ୍କୁ ରାଜଧାନୀସ୍ଥିତ ନେଟକେୟାର ମୋଣ୍ଟାନା ମେଡିକାଲର ଆପତ୍ତକାଳୀନ ସେବାରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରରୁ ୩ଟି ଗୁଳି ବାହାର କରି ଦିଆଯାଇଥିଲେ ମଧ ତାଙ୍କ ଅବସ୍ଥା ଏବେ ବି ସଙ୍କଟାପନ୍ନ ରହିଥିବା ସ୍ଥାନୀୟ ପୋଲିସ ପକ୍ଷରୁ କୁହାଯାଇଛି।

### କେନ୍ଦ୍ରୀୟ ଚୁକ୍ତିରେ କୁସ୍ତିଯୋଦ୍ଧା

ଗୋଣ୍ଡା (ଉତ୍ତରପ୍ରଦେଶ),୩୦।୧୧ (ପି.ଟି.)- ଭାରତୀୟ କୁସ୍ତିଯୋଦ୍ଧା ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ପକ୍ଷରୁ ଶୁକ୍ରବାର କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହୋଇଥିବା ଯୋଦ୍ଧାଙ୍କ ତାଲିକା ପ୍ରକାଶ କରାଯାଇଛି। ଏଥିରେ ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟଙ୍କୁ ଗ୍ରେଡ୍ ଏ'ରେ ସାମିଲ କରାଯାଇଛି। ଏଥି ଯୋଗୁ ତାଙ୍କୁ ବାର୍ଷିକ ୩୦ ଲକ୍ଷ ଟଙ୍କା ମିଳିବ। ଚଳିତ ବର୍ଷ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଉଭୟ ଯୋଦ୍ଧା ଶୀର୍ଷ ପାହ୍ୟାରେ ସ୍ଥାନ ପାଇଛନ୍ତି। ଏମାନଙ୍କ ବ୍ୟତୀତ ଏକମାତ୍ର ଭାରତୀୟ ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିଥିବା ପୂଜା ମଧ ଏଥିରେ ରହିଛନ୍ତି। ଅନ୍ୟପକ୍ଷରେ ଦୁଇ ଥର ଅଲିମ୍ପିକ୍ ପଦକ ବିଜେତା ସୁଶୀଲ କୁମାର ଓ ରିଓ ଅଲିମ୍ପିକ ବ୍ରୋଞ୍ଜ ପଦକଧାରୀ ସାକ୍ଷୀ ମଲିକଙ୍କୁ ଗ୍ରେଡ୍ ବି'ରେ ସ୍ଥାନ ଦିଆଯାଇଛି।

# ଜର୍ମାନୀର ପାକିସ୍ତାନ ଟେଷ୍ଟ

ଭୁବନେଶ୍ୱର, ୩୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ପୁଲ୍ ଡି'ରେ ଅନ୍ୟତମ ଦୁଇ ଫେଭରାଇଟ ଦଳ ଜର୍ମାନୀ ଓ ପାକିସ୍ତାନର ହକି ଇତିହାସ ବେଶ୍ ବଳିଷ୍ଠ ହୋଇଥିଲେ ମଧ ଗତ ଦେଢ଼ବର୍ଷ ହେବ ଏହି ଦୁଇ ଦଳର ପ୍ରଦର୍ଶନ ଆଶାନୁରୂପ ହୋଇପାରିନାହିଁ। ବିଶ୍ୱକପ୍‌ରେ ୪ଥର ଚାମ୍ପିୟନ ହୋଇ ସବୁଠାରୁ ସଫଳତମ ଦଳ ବିବେଚିତ ହୋଇଥିବା ପାକିସ୍ତାନ ଏବେ ପୂର୍ବ ଗୌରବ ଫେରିପାଇବା ପାଇଁ ସଂଘର୍ଷ କରୁଛି। ଏପରି କି ବିଶ୍ୱକପ୍ ଯୋଗ୍ୟତା ହାସଲ ପାଇଁ ମଧ ଏହି ଚାମ୍ପିୟନ ଦଳକୁ ବେଶ୍ କଷ୍ଟ କରିବାକୁ ପଡ଼ିଥିଲା। ଲଣ୍ଡନରେ ଖେଳାଯାଇଥିବା ହକି ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ପାକିସ୍ତାନ ସପ୍ତମ ସ୍ଥାନ ଅଧିକାର କରି ବିଶ୍ୱକପ୍ ଯୋଗ୍ୟତା ହାସଲରେ ସଫଳ ହୋଇଥିଲା। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପାକିସ୍ତାନର ବିଶ୍ୱକପ୍ ଅଂଶଗ୍ରହଣ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ତେବେ ଜଣେ ନୂଆ ପ୍ରଯୋଜକ ପାକିସ୍ତାନ ଜାତୀୟ ଦଳ ପାଇଁ ୯ କୋଟି ପାକିସ୍ତାନ ଟଙ୍କା ଦେବାରୁ ଏହି ଦଳ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିଲା। କୋଚ୍ ତାକିର ଦରଙ୍କ ତତ୍ତ୍ୱାବଧାନ ଓ ଅଧିନାୟକ ମହମ୍ମଦ ରିଜ୍‌ୱାନ ସିନିୟରଙ୍କ ନେତୃତ୍ୱରେ ପାକିସ୍ତାନ ଏହି ମେଗା ଇଭେଣ୍ଟ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଶେଷଥର ପାଇଁ ପାକିସ୍ତାନ ୧୯୯୪ରେ ବିଶ୍ୱକପ୍ ଟାଇଟଲ ହାସଲ କରିଥିଲା। କିନ୍ତୁ ଗତ ୮ ବର୍ଷ ମଧ୍ୟରେ ପାକିସ୍ତାନ ହକି ନିମ୍ନଗାମୀ ହେବା ପରିଲକ୍ଷିତ ହୋଇଛି। ଅତିକମ୍‌ରେ ଆମେ ଗୋଟିଏ ମ୍ୟାଚ୍ ଜିତି କ୍ରସ୍‌ଓଭର ମ୍ୟାଚ୍ ଖେଳିବା ଲକ୍ଷ୍ୟରେ ରହିଛୁ ବୋଲି ପାକିସ୍ତାନ କୋଚ୍ ଦର କହିଛନ୍ତି। ଜର୍ମାନୀ ଏକ ଶକ୍ତିଶାଳୀ ଦଳ ଓ ଏହି ଦଳ ବିପକ୍ଷରେ ଆମେ ଗତ ଦୁଇବର୍ଷ ହେବ ଖେଳିନାହୁଁ। ୨୦୧୪ ଚାମ୍ପିୟନ୍ସ ଟ୍ରଫି ବିବାଦ ଆମ ପ୍ରଦର୍ଶନ ଉପରେ ପ୍ରଭାବ ପକାଇବ ନାହିଁ ବୋଲି ଦର କହିଛନ୍ତି। ଏହି ଟୁର୍ନାମେଣ୍ଟରେ ଭାରତ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ରେ ଜିତିବା ପରେ ପାକିସ୍ତାନର କେତେକ ଖେଳାଳି ଦର୍ଶକଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ବିଶ୍ୱକପ୍ ଚ୍ୟାଲେଞ୍ଜ୍ ପାଇଁ ଆମେ ପ୍ରସ୍ତୁତ ବୋଲି ଦର କହିଛନ୍ତି।

ଅପରପକ୍ଷରେ ଅପେକ୍ଷାକୃତ ଉଚ୍ଚ ର୍‍ୟାଙ୍କ୍‌ରେ ଥିବା ଜର୍ମାନୀ ୧୩ ନମ୍ବର ଦଳ ପାକିସ୍ତାନଠାରୁ ସବୁ ଦୃଷ୍ଟିକୋଣରୁ ଦୁଇପାଦ ଆଗରେ ଥିବା ପରି ମନେହେଉଛି। ଦୁଇଥର ବିଶ୍ୱକପ୍, ୪ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ, ୮ଥର ୟୁରୋ ଚାମ୍ପିୟନଶିପ୍, ୯ଥର ଚାମ୍ପିୟନ୍ସ ଟ୍ରଫି ଜିତି ଜର୍ମାନୀ ଆଧୁନିକ ହକି ଅନ୍ୟତମ ସଫଳତମ ଦଳ ରୂପେ ବିବେଚିତ ହେଉଛି। କୋଚ୍ ଷ୍ଟିଫାନ କେର୍ମାସଙ୍କ ତତ୍ତ୍ୱାବଧାନ ଓ ଅଧିନାୟକ ମାର୍ଟିନ ହାନେରଙ୍କ ନେତୃତ୍ୱରେ ଜର୍ମାନୀ ବିଶ୍ୱକପ୍ ପ୍ରସ୍ତୁତି ଜୋରଦାର କରିଛି। ପୁଲ୍ ଡି'ରେ ସବୁଦଳ ବିପକ୍ଷରେ ଜର୍ମାନୀର ରେକର୍ଡ ବେଶ୍ ଭଲ ରହିଛି। ତେବେ ଗତ ଦୁଇ ବର୍ଷ ହେବ ଜର୍ମାନୀ ପ୍ରଦର୍ଶନରେ ସ୍ଥିରତା ନ ଥିବା ପରିଲକ୍ଷିତ ହୋଇଛି। ପୁଲ୍‌ରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବା ଲକ୍ଷ୍ୟରେ ଜର୍ମାନୀ ରହିଛି। ଏହା ହୋଇପାରିଲେ ସମ୍ଭାବ୍ୟ ବେଲଜିୟମ ବିପକ୍ଷ କ୍ରସ୍‌ଓଭର ମ୍ୟାଚ୍‌କୁ ଜର୍ମାନୀ ଏଡାଇବାରେ ସଫଳ ହେବ। ଆଧୁନିକ ହକିରେ ଜର୍ମାନୀର ରେକର୍ଡ ପାକିସ୍ତାନଠାରୁ ଭଲ ରହିଛି। ତେବେ ଶକ୍ତି ଓ ସାମର୍ଥ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ ଉଭୟ ଦଳ ପାଖାପାଖି ସମାନ ମନେହୁଅନ୍ତି। ତେଣୁ ଶନିବାର ଖେଳାଯିବାକୁ ଥିବା ଜର୍ମାନୀ ଓ ପାକିସ୍ତାନ ମ୍ୟାଚ୍ ନିଶ୍ଚିତ ଭାବେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ଭାରତର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିବେଚିତ ହେଉଥିଲେ ମଧ ପାକିସ୍ତାନ ଓଡ଼ିଆ ଦର୍ଶକଙ୍କ ସମର୍ଥନ ଲାଭ କରିବା ମନେହୁଏ।



ଅଭ୍ୟାସରତ ପାକିସ୍ତାନ ଖେଳାଳି।

# ପୃଥ୍ୱୀ ଶ' ଆହତ, କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ: ୩୫୬/୬



ଆହତ ପୃଥ୍ୱୀ ଶ'ଙ୍କୁ ପଡ଼ିଆ ବାହାରକୁ ନିଆଯାଉଛି।

ସିଡ୍‌ନୀ, ୩୦।୧୧ (ପି.ଟି.)

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଟୁର୍ ଗେମ୍‌ରେ ଭାରତର ୩୫୮ ଜବାବରେ କ୍ରିକେଟ ଅଷ୍ଟ୍ରେଲିଆ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୫୬ ରନ କରିଛି। ଶୁକ୍ରବାର ଭାରତର ବ୍ୟାଟିଂ ସେନ୍‌ସେସନଙ୍କ ଆଣ୍ଠୁରେ ଆଘାତ ଲାଗି ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଡିସେମ୍ବର ୬ରୁ ଆଡିଲେଡଠାରେ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ମ୍ୟାଚ ଖେଳିବାରୁ ସେ ବଞ୍ଚିତ ହେବେ। କ୍ରିକେଟ ଅଷ୍ଟ୍ରେଲିଆ ଏକାଦଶ ଶୁକ୍ରବାର ସକାଳେ ପୂର୍ବଦିନର ଅସମାପ୍ତ ସ୍କୋର ୨୪/୦ରୁ ଏହାର ଖେଳ ଆରମ୍ଭ କରିଥିଲା। ଦଳ ପକ୍ଷରୁ ଓପନର ଡି' ଆର୍ସି ସର୍ବାଧିକ ୭୪ ରନ (୯୧ ବଲ୍) ସ୍କୋର କରିଥିଲେ। ସେ ୧୧ଟି ଚୌକା ଲଗାଇଥିଲେ। ଅର୍ଦ୍ଧ ଶତକ ହାସଲ କରିଥିବା ଅନ୍ୟ ବ୍ୟାଟ୍ସମ୍ୟାନମାନଙ୍କ ମଧ୍ୟରେ ମାକ୍ସ ବ୍ରାଏଣ୍ଟ ୬୨ ରନ କରିଥିବାବେଳେ ହ୍ୟାରୀ ନେଲସନ ୫୬ ଏବଂ ଆରନ ହାର୍ଡି ୬୯ ରନ କରି ଅପରାଜିତ ରହିଛନ୍ତି। ତୃତୀୟ ଦିବସ ଖେଳ ଆରମ୍ଭରୁ ଭାରତର ବୋଲିଂ ଭଲ ନ ଥିବାରୁ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଅନାୟାସରେ ରନ ସଂଗ୍ରହ କରିବାରେ ଲାଗିଥିଲେ। ନୂଆ ବଲ୍ ଯୋଡ଼ି ଉମେଶ ଯାଦବ ୮୧ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିବାବେଳେ ମହମ୍ମଦ ଶାମି ୬୭ ରନ ବିନିମୟରେ ୩ଟି ସଫଳତା ପାଇଥିଲେ। ୧୫ତମ ଓଭରରେ ଆର. ଅଶ୍ୱିନଙ୍କ ବୋଲିଂ ବେଳେ ବ୍ରାଏଣ୍ଟ ମିଡ୍ ଉଇକେଟ ଅଞ୍ଚଳକୁ ଏକ ଛକା ମାରିଥିଲେ। ବଲ୍‌କୁ ଧରିବାକୁ ଯିବାବେଳେ ଶ' ଆଘାତପ୍ରାପ୍ତ ହୋଇଥିଲେ। ତାଙ୍କୁ ପଡ଼ିଆରୁ ହସ୍ପିଟାଲ ନିଆଯାଇ ତାଙ୍କର ସ୍କାନ କରାଯାଇଥିଲା। ତାଙ୍କ ବାମ ଗୋଇଠିରେ ଲିଗାମେଣ୍ଟ ସମସ୍ୟା ଦେଖା ଦେଇଥିବା ଜଣାପଡ଼ିଛି। ତାଙ୍କ ବଦଳରେ ଟେଷ୍ଟ ଦଳରେ କାହାରିକୁ ନିଆଯିବ ଟିମ୍ ମ୍ୟାନେଜମେଣ୍ଟ ତରଫରୁ ତାହା ସ୍ପଷ୍ଟ କରାଯାଇ ନାହିଁ। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଶ'ଙ୍କ ଫିଟ୍‌ନେସ ଅଗ୍ରଗତି ଉପରେ ନଜର ରଖାଯାଇଛି।

ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୩୫୮

**କ୍ରିକେଟ ଅଷ୍ଟ୍ରେଲିଆ:** ୩୫୬/୬ (ଡି'ଆର୍ସି ଶର୍ଟ–୭୪, ମାକ୍ସ ବ୍ରାଏଣ୍ଟ–୬୨, ମହମ୍ମଦ ଶାମି–୩/୬୭)।

# ବିଜୟ ଲକ୍ଷ୍ୟ ୨୧୫, ଓଡ଼ିଶା ୧୧୧/୫

କଟକ ଅଫିସ,୩୦।୧୧

ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା–ତ୍ରିପୁରା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ୩ୟ ଦିବସର ଖେଳ ଶେଷ ହୋଇଛି। ଘରୋଇ ଓଡ଼ିଶା ପାଇଁ ୨୧୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଶୁକ୍ରବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୫ ଉଇକେଟ ହରାଇ ୧୧୧ ରନ କରିଛି। ଶନିବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାବେଳେ ଓଡ଼ିଶାକୁ ଆଉ ୧୦୪ ରନ୍ ଆବଶ୍ୟକ ହେଉଛି। ଦ୍ୱିତୀୟ ଇନିଂସ୍‌ରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି (୪୩ ରନ୍) ଓ ଅଲରାଉଣ୍ଡର ଅଭିଷେକ ରାଉତ(୨୦ ରନ୍) ଧୈର୍ଯ୍ୟର ସହ ବ୍ୟାଟିଂ କରି ଓଡ଼ିଶା ପାଇଁ ବିଜୟ ଆଶା ଉଜ୍ଜୀବିତ କରିଛନ୍ତି। ତ୍ରିପୁରାର ଡାହାଣହାତୀ ପେସ ବୋଲର ମଣିଶଙ୍କର ମୁରା ସିଂ ୪ଟି ଉଇକେଟ ଦଖଲ କରିଛନ୍ତି।

ଅସମାପ୍ତ ୨ୟ ଇନିଂସ ସ୍କୋର ୨୪/୦ରୁ ବ୍ୟାଟିଂ ଆରମ୍ଭ କରି ତ୍ରିପୁରା ଶୁକ୍ରବାର ୩୦୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ସିଂ ୩୨, ମଣିଶଙ୍କର ୭୫, ରଣା ଦତ୍ତ ୨୮, ହରମିତ ସିଂ ୪୨ ଓ ଏ.କେ ସରକାର ୧୩ରନ କରିଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ଓ ରାଜେଶ ମହାନ୍ତି ୪ଟି ଲେଖାଏ ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ଦେବବ୍ରତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି। ତ୍ରିପୁରା ପ୍ରଥମ ଇନିଂସ୍‌ରେ ୧୨୨ ରନ୍ ଓ ଦ୍ୱିତୀୟ ଇନିଂସ୍‌ରେ ୩୦୪ରନ୍ କରିଛି। ଫଳରେ ପ୍ରଥମ ଇନିଂସ୍‌ରେ ୨୧୨ରନ୍ କରିଥିବା ଓଡ଼ିଶା ସମ୍ମୁଖରେ ୨୧୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଓଡ଼ିଶା ଦ୍ୱିତୀୟ ଓଭରରେ ଓପନର ଅନୁରାଗ ଷଡ଼ଙ୍ଗୀ(୩ ରନ୍)ଙ୍କ ଉଇକେଟ ହରାଇଥିଲା। ମଣିଶଙ୍କର ଭ୍ରମଣକାରୀ ତ୍ରିପୁରା ଦଳ ନିମନ୍ତେ ପ୍ରଥମ ସଫଳତା ଦେଇଥିଲେ। ପରେ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବା ପୂର୍ବରୁ ମଣିଶଙ୍କର ଦ୍ୱିତୀୟ ଶିକାର ପାଲଟିଥିଲେ। ୩ୟ ଉଇକେଟ ଯୋଡ଼ିରେ ଅନ୍ୟତମ ଓପନର ରାଜେଶ ଧୂପର ଓ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ସେନାପତି ୫୧ ରନ୍‌ର ଭାଗୀଦାରି ସୃଷ୍ଟି କରିଥିଲେ। ଧୂପର ୩୭ ରନ୍ କରିଥିବା ବେଳେ ଏ.ଏସ ସରକାରଙ୍କ ଦ୍ୱାରା ଆଉଟ ହେବା ଫଳରେ ତ୍ରିପୁରାକୁ ଏକ ବଡ଼ ବ୍ରେକ ଥ୍ରୁ ମିଳିଥିଲା। ଧୂପରଙ୍କ ଉଇକେଟ ପତନ ବେଳକୁ ଓଡ଼ିଶାର ଦଳୀୟ ସ୍କୋର ଥିଲା ୭୪ ରନ। ମାତ୍ର ୨୮ତମ ଓଭରରେ ମଣିଶଙ୍କର ଅଧିନାୟକ ବିପ୍ଳବ ସାମନ୍ତରାୟ(୩ରନ୍) ଓ ସୂର୍ଯ୍ୟକାନ୍ତ ପ୍ରଧାନ(୦ରନ୍)ଙ୍କୁ ଆଉଟ କରି ଓଡ଼ିଶା ଦଳକୁ ବ୍ୟାକ ଫୁଟକୁ ଠେଲି ଦେଇଥିଲେ। ୭୯ ରନ୍‌ରେ ଓଡ଼ିଶା ୫ ଉଇକେଟ ହରାଇବା ଯୋଗୁଁ ଦଳ ପରାଜୟ ଆଡକୁ ଅଗ୍ରସର ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଶୁଭ୍ରାଂଶୁ ଓ ଅଭିଷେକ ଅନ୍ତିମ କିଛି ଓଭରରେ ସହଜରେ ରନ ସଂଗ୍ରହ କରି ଓଡ଼ିଶା ଶିବିରରେ ଆଶା ସଞ୍ଚାର କରିଥିଲେ।




ଶୁଭ୍ରାଂଶୁ ସେନାପତି ଓ ଅଭିଷେକ ରାଉତ ପାଭିଲିୟନ ଫେରୁଛନ୍ତି।

**ସଂକ୍ଷିପ୍ତ ସ୍କୋର:**

**ତ୍ରିପୁରା ପ୍ରଥମ ଇନିଂସ–**୧୨୨ ଅଲ୍‌ଆଉଟ୍।

**ଓଡ଼ିଶା ପ୍ରଥମ ଇନିଂସ–** ୨୧୨ ଅଲ୍‌ଆଉଟ୍।

**ତ୍ରିପୁରା ୨ୟ ଇନିଂସ–** ୩୦୪ ଅଲ୍‌ଆଉଟ୍ (ମଣିଶଙ୍କର ୭୫, ହର୍‌ମିତ ୪୨, ବିଶାଳ ଘୋଷ ୪୮, ରାଜେଶ ମହାନ୍ତି ୪/୯୪, ବସନ୍ତ ୪/୫୩)।

**ଓଡ଼ିଶା ୨ୟ ଇନିଂସ–** ୧୧୧/୫ (ବିପ୍ଳବ ୩, ଅନୁରାଗ ୩, ଧୂପର ୩୭, ସୁଭ୍ରାଂଶୁ ୪୩*, ଅଭିଷେକ ୨୦*, ମଣିଶଙ୍କର ୪/୩୭)।

# ନେଦରଲାଣ୍ଡ୍ସ-ମାଲେସିଆ ମୁକାବିଲା ଆଜି

ଭୁବନେଶ୍ୱର, ୩୦।୧୧(ସ୍ପୋର୍ଟ୍ସ ବ୍ୟୁରୋ)

ଏଠାରେ ଚାଲିଥିବା ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣର ଶନିବାର ପୁଲ୍ ଡି'ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ପୁଲ୍ ଅଫ୍ ଡେଥ୍ କୁହାଯାଉଥିବା ଡି'ରେ ୪ଥର ଚାମ୍ପିୟନ ପାକିସ୍ତାନ ସମେତ ୨୦୧୪ ସଂସ୍କରଣର ରନର୍ସଅପ ନେଦରଲାଣ୍ଡ୍ସ, ଦୁଇଥର ଟାଇଟଲ ହାସଲ କରିଥିବା ଜର୍ମାନୀ ଓ ଏସିଆର ହକି ପାୱାର ହାଉସ୍ ରୂପେ ଉଭା ହୋଇଥିବା ମାଲେସିଆ ସ୍ଥାନ ପାଇଛନ୍ତି। ସନ୍ଧ୍ୟା ୫ଟାରେ ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ଓ ମାଲେସିଆ ପରସ୍ପରକୁ ଭେଟିବେ। ଗ୍ରୁପ୍ ଡି' ଏଥର ବିଶ୍ୱକପ୍‌ରେ ସବୁଠାରୁ କଷ୍ଟସାଧ୍ୟ ଗ୍ରୁପ୍ ଭାବେ ବିବେଚିତ ହୋଇଛି। ପୁଲ୍ ଡି'ରେ ସାମିଲ ହୋଇଥିବା ୪ଟି ଦଳରୁ ୩ଟି ଦଳ ନେଦରଲାଣ୍ଡ୍ସ, ଜର୍ମାନୀ ଓ ପାକିସ୍ତାନ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୩ଟି ବିଶ୍ୱକପ୍‌ରୁ ୯ଟି ଟାଇଟଲ ଅର୍ଜନ କରିଛନ୍ତି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନେଦରଲାଣ୍ଡ୍ସ ଦୁଇପାଦ ଆଗରେ ଥିବା ପରି ମନେହେଉଛି।

ନେଦରଲାଣ୍ଡ୍ସ ଗତ ୨୦୧୪ ସଂସ୍କରଣର ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ପୁଲ୍ ଡି'ରେ ନେଦରଲାଣ୍ଡ ଫେଭରାଇଟ୍ ବିବେଚିତ ହୋଇଛି। କୋଚ୍ ମ୍ୟାକ୍ସ ମ୍ୟାକ୍ସ କାଲ୍‌ଡାସଙ୍କ ତତ୍ତ୍ୱାବଧାନରେ ନେଦରଲାଣ୍ଡ୍ସ ଦଳ ବେଶ୍ ସନ୍ତୁଳିତ ମନେହେଉଛି। କାଲ୍‌ଡାସ ନିଜ ବଳିଷ୍ଠ ପ୍ରଶିକ୍ଷଣ ବଳରେ ନେଦରଲାଣ୍ଡ୍ସର ମହିଳା ଦଳକୁ ୩ଥର ବିଶ୍ୱ ଚାମ୍ପିୟନ କରାଇବାରେ ସଫଳ ହୋଇଛନ୍ତି। ଆସିଷ୍ଟାଣ୍ଟ କୋଚ୍ ଗ୍ରାହମ ରେଡ୍ ମଧ କାଲ୍‌ଡାସଙ୍କୁ ବେଶ୍ ସହଯୋଗ କରୁଛନ୍ତି। ଅଧିନାୟକ ସେଭେ ଭାନ୍ ଆସଙ୍କ ନେତୃତ୍ୱରେ ନେଦରଲାଣ୍ଡ୍ସ ଏଥର ପୂର୍ବ ସଫଳତାକୁ ଦୋହରାଇବା ଲକ୍ଷ୍ୟରେ ରହିଛି। ମାଲେସିଆକୁ ବୃହତ୍ ବ୍ୟବଧାନରେ ହରାଇ ନେଦରଲାଣ୍ଡ୍ସ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଆଧୁନିକ ହକିରେ ନେଦରଲାଣ୍ଡ୍ସ ସବୁଠାରୁ ସଫଳତମ ଦଳ ବିବେଚିତ ହେଉଛି। ଏହି ଦଳ ଦୁଇଥର ଅଲିମ୍ପିକ୍ସ, ୩ଥର ବିଶ୍ୱକପ୍ ସହ ୮ଥର ଚାମ୍ପିୟନ୍ସ ଟ୍ରଫି, ୩ଥର ୟୁରୋ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଏଥର ଦଳ ସଫଳ ହେଲେ ୪ଥର ବିଶ୍ୱକପ୍ ଟାଇଟଲ ଜିତିବ।

ଅପରପକ୍ଷରେ ମାଲେସିଆ ଗତ କିଛିବର୍ଷ ମଧ୍ୟରେ ଜବରଦସ୍ତ ଉନ୍ନତି କରିଛି। ତେଣୁ ମାଲେସିଆ ନେଦରଲାଣ୍ଡକୁ କଡ଼ା ଚ୍ୟାଲେଞ୍ଜ୍ ଦେବ ଓ ସହଜରେ ବାଟ ଛାଡିବ ନାହିଁ ବୋଲି ମନେହୁଏ। ୨୦୧୭ ଜୋହାନ୍ସବର୍ଗରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲର ସେମି ଫାଇନାଲରେ ଉଚ୍ଚ ର୍‍ୟାଙ୍କ୍‌ର ଦଳ ଭାରତକୁ ହରାଇ ମାଲେସିଆ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଏହାପରେ ମାଲେସିଆ ବେଶ୍ ଚର୍ଚ୍ଚିତ ହୋଇଥିଲା ଓ ଏସୀୟ ହକିରେ ଏକ ଶକ୍ତି ରୂପେ ଉଭା ହୋଇଛି। ପୁଣି ଗତ କିଛିଦିନ ତଳେ ୨୦୧୮ ଏସିଆନ୍ ଗେମ୍ସରେ ମାଲେସିଆ ରୌପ୍ୟ ପଦକ ହାସଲ କରିଥିଲା। ଅଭିଜ୍ଞ କୋଚ୍ ରୋଲାଣ୍ଟ ଓଲ୍‌ଟମ୍ୟାନ୍ସଙ୍କ ତତ୍ତ୍ୱାବଧାନ ଓ ଅଧିନାୟକ ସୁକ୍ରି ମୁଟାଇବ୍‌ଙ୍କ ନେତୃତ୍ୱରେ ମାଲେସିଆ ଦଳ ବେଶ୍ ସନ୍ତୁଳିତ ମନେହେଉଛି। ନେଦରଲାଣ୍ଡ୍ସକୁ ହରାଇ ମାଲେସିଆ ବିଜୟ ଅଭିଯାନ ଆରମ୍ଭ କରିବ ବୋଲି ଓଲ୍‌ଟମ୍ୟାନ୍ସ କହିଛନ୍ତି। ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ ଭାରତକୁ ବାଦ୍ ଦେଲେ ବେଲ୍‌ଜିୟମ, ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଦଳଗୁଡିକ ବିପକ୍ଷରେ ଜିତିଥିଲେ ମଧ ବଡ଼ ବିଜୟ ହାସଲ କରିପାରିନାହାନ୍ତି। ତେଣୁ ଡାର୍କ ହର୍ସ ବିବେଚିତ ହେଉଥିବା ମାଲେସିଆ ବିପର୍ଯ୍ୟୟ ଘଟାଇବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

### ଆଜିର ମ୍ୟାଚ୍

ନେଦରଲାଣ୍ଡ୍ସ ବନାମ ମାଲେସିଆ
ପୁଲ୍-ଡି
ସମୟ ଅପରାହ୍ନ- ୫ଟା

ଜର୍ମାନୀ ବନାମ ପାକିସ୍ତାନ
ପୁଲ୍- ଡି
ସମୟ- ରାତି ୭ଟା

ସ୍ଥାନ- କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଡିସେମ୍ବର ୧/୨୦୧୮ Bhubaneswar, Saturday, December 1/ 2018

## ସଂକ୍ଷେପରେ

### ଗୋପାଳପୁରରେ ରାଜ୍ୟପାଳ

**ରସୁଲପୁର,୩୦।୧୧(ଡିଏନଏ):** ରସୁଲପୁର ବ୍ଲକ ଅଧୀନସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ଅପରାହ୍ନରେ ପହଞ୍ଚିଥିଲେ। ସେଠାରେ ମାତ୍ର ୧୫ ମିନିଟ୍ ରହି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଡାକ ବଙ୍ଗଳାରେ ଆୟୋଜିତ ଏକ ଚା ପାର୍ଟିରେ ରାଜ୍ୟପାଳ ଯୋଗ ଦେଇଥିଲେ। ଏହି ସମୟରେ ସେ ଜିଲା ପ୍ରଶାସନ ସହ ୧୫ ମିନିଟ୍ ପାଇଁ ବର୍ତ୍ତାଳାପ କରି ଫେରି ଯାଇଥିଲେ। ଶୁକ୍ରବାର ସକାଳ ୯.୧୦ରେ କେନ୍ଦୁଝର ଛାଡି ଭୁବନେଶ୍ୱର ଅଭିମୁଖେ ଫେରୁଥିବା ରାସ୍ତାର ଡାକବଙ୍ଗଳାକୁ ଯାଇଥିଲେ। ଯାଜପୁର ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ (ପ୍ରଶାସନ) ମହିର ପ୍ରସାଦ ମହାନ୍ତି, ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା, କୁଆଖିଆ ଥାନା ଅଧିକାରୀ ଆଶିଷ କୁମାର ସାହୁ ଉପସ୍ଥିତ ଥିଲେ।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବିଞ୍ଝାରପୁର,୩୦।୧୧(ଡି.ଏନ.ଏ):** ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ଗ୍ରାପ ତାଉଁତରା ଗ୍ରାମର ଦୁଇଦିନ ତଳୁ ନିଖୋଜ ଥିବା ବାବୁଲି ଦାସ (୪୫)ଙ୍କ ମୃତଦେହକୁ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ଜଣାପଡିଛି। ଖବର ମୁତାବକ ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ଗ୍ରାପ ତାଉଁତରା ଗ୍ରାମର ବାବୁଲି ଦାସ ଗତ ୨୮ତାରିଖରୁ ନିଖୋଜ ହୋଇଯାଇଥିଲେ। ତାଙ୍କ ନିଖୋଜ ସମ୍ପର୍କରେ ସ୍ତ୍ରୀ ବାସନ୍ତୀ ବିଞ୍ଝାରପୁର ଥାନାରେ ଗୁରୁବାର ଅଭିଯୋଗ କରିଥିଲେ। ହେଲେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ଗ୍ରାମବାସୀ ଧାନ କାଟିବା ପାଇଁ ବିଲକୁ ଯାଉଥିବା ବେଳେ ବାବୁଲିଙ୍କ ମୃତଦେହ ଧାନ କିଆରିରେ ପଡିଥିବା ଦେଖିବାକୁ ପାଇଥିଲେ। ବିଞ୍ଝାରପୁର ପୋଲିସ ବାବୁଲିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ ୩୨/୧୮) ରୁଜୁ ତଦନ୍ତ ଜାରି ରଖିଥିବା ଜଣାପଡିଛି।

■ ଡମଶାଳା ନାଳା ପାଣି ଅତ୍ୟଧିକ ବିଷାକ୍ତ

# ସ୍ପଷ୍ଟ କଲା କେନ୍ଦ୍ରୀୟ ପରୀକ୍ଷାଗାର ରିପୋର୍ଟ

**ଯାଜପୁର ଅଫିସ,୩୦।୧୧**

ଯାଜପୁର ଜିଲା ରତ୍ନଗର୍ଭା କାଳିଆପାଣି ଖଣି ଅଞ୍ଚଳର ଡମଶାଳା ନାଳା ପାଣି ୦.୦୫ (ମିଲିଗ୍ରାମ/ଲିଟର) ସହିଷ୍ଣୁତାଠାରୁ ଅଧିକ ବିଷାକ୍ତ ହୋଇଛି। ଖଣି ଅଞ୍ଚଳରୁ ନିର୍ଗତ ହେକ୍ସାଭାଲେଣ୍ଟ କ୍ରୋମିୟମ ଓ ଟୋଟାଲ କ୍ରୋମିୟମ ଡମଶାଳା ନାଳା ପାଣିକୁ ବ୍ୟବହାର ଅନୁପଯୋଗୀ କରିଛି। ବିଶେଷ କରି ଟିସ୍କୋ ଇନେଟେକ ୱେଲ, ଓଏମ୍‌ସି କଲୋନୀ ପଛପାର୍ଶ୍ୱ, ଓଏମ୍‌ସି ଲେବର କଲୋନୀ ଓ ଡମଶାଳା ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉପର ଭାଗ ପାଣି ଜହର ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କେନ୍ଦ୍ରୀୟ ପରୀକ୍ଷାଗାର ପକ୍ଷରୁ ଗତ ୨୫।୧୦।୨୦୧୮ରେ ଡମଶାଳା ନାଳାର ୯ଟି ସ୍ଥାନରୁ ଜଳ ନମୁନା ଅତ୍ୟଧିକ ପ୍ରଦୂଷଣ ଯୋଗୁ ପାର୍ଶ୍ୱବର୍ତ୍ତୀ ପିଲାଙ୍କ ଭବିଷ୍ୟତ ଏବେ ଅନ୍ଧକାରକୁ ଠେଲି ହୋଇଯାଇଛି। ଖଣିର ବିଷାକ୍ତ ବର୍ଜ୍ୟବସ୍ତୁରେ ପ୍ରଦୂଷିତ ଡମଶାଳା ପାଣି ବ୍ୟବହାର କରି ପ୍ରାୟ ସବୁ ଘରେ କାଛୁକୁଣ୍ଡିଆ ଓ ପେଟରୋଗ ବ୍ୟାପିବାରେ ଲାଗିଛି। ଏସ୍‌ପିସିବି ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ଯେତେ ପ୍ରକାର ତାଗିଦ କରୁଥିଲେ ବି କୌଣସି ଖଣି କମ୍ପାନୀ ଶୁଣୁ ନାହାନ୍ତି। ଇନଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି), ଅନ୍‌ଲାଇନ ମନିଟରିଂ ସିଷ୍ଟମ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିବାରୁ ପାଣିରେ କ୍ରୋମିୟମ ଅଂଶ ବଢିବାରେ ଲାଗିଛି। ଗତ ଅକ୍ଟୋବର ୨୫ରେ ଡମଶାଳା ନାଳାର କଣସା, ଟେଲିଙ୍ଗୀ, ଜିନ୍ଦଲ, ବାଲେଶ୍ୱର ଆଲାଏଜ, ଓଏମସି କଲୋନୀ ପଛପାର୍ଶ୍ୱ, ଓଏମ୍‌ସି ଲେବର କଲୋନୀ ପଛପାର୍ଶ୍ୱ, ଟିସ୍କୋ ଇନଟେକ ୱେଲ, ଏମ୍‌ଆଇପି ପଏଣ୍ଟ ରିଜର୍ଭର, ଡମଶାଳା ଏମ୍‌ଆଇପି, ମାଝିସାହି ଏମଆଇପି, ଦୟାଣବିଲ ନିକଟରୁ ଜଳ ନମୁନା ସଂଗ୍ରହ ହୋଇଥିଲା। ଯେଉଁଥିରେ ୦.୦୫ (ମିଲିଗ୍ରାମ/ଲିଟର) ସ୍ଥଳେ ସର୍ବାଧିକ ୦.୦୭୩ (ମିଲିଗ୍ରାମ/ଲିଟର) ହେକ୍ସାଭେଲେଣ୍ଟ କ୍ରୋମିୟମ ଥିବା ଜଣାପଡିଛି। ଏହି ଡମଶାଳା ନାଳା ପାଣିକୁ ଯାଜପୁର ଜିଲାର ମସସାହି, ଓସ୍ତପାଳ, ଗୁରୁଜଙ୍ଗ, ସରୁଆବିଲ, ଓସ୍ତିଆ, କାଳିଆପାଣି, ଧବାଡି, ଚିଙ୍ଗୁଡିପାଳ, ରଙ୍ଗମାଟିଆ, ଭୀମଟାଙ୍ଗର, କଳରଙ୍ଗୀ, ଘାଗିଆସାହି, ବଣସାହି ପ୍ରଭୃତି ଗ୍ରାମର ଲୋକ ବ୍ୟବହାର କରୁଛନ୍ତି। ତେବେ ଏହି ପାଣିରେ କ୍ରୋମିୟମ ମିଶି ବିଷାକ୍ତ ହୋଇଯିବା ଯୋଗୁ ଆଖପାଖ ଗ୍ରାମର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପିଲା ଜଳବାହିତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବୟସ୍କ ଲୋକେ ମଧ୍ୟ ଏଥିରୁ ମୁକ୍ତି ପାଇ ପାରିନାହାନ୍ତି। ମୋହନ କୁଲୁଡିଙ୍କ ନିକଟରେ ପେଟରୋଗ ଓ କାଛୁକୁଣ୍ଡିଆ ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

ହାଇକୋର୍ଟ ଓ ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍)ର ନିର୍ଦ୍ଦେଶକୁ ମଧ୍ୟ ଏହି ଖଣି କମ୍ପାନୀମାନେ ଗୁରୁତ୍ୱ ପ୍ରଦାନ କରିନାହାନ୍ତି। ଷ୍ଟେଟ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟୀ (ଏସ୍‌ଇଆଇଏଏ)ର ତତ୍କାଳୀନ ଅଧ୍ୟକ୍ଷ ଏସ.ସି. ମହାନ୍ତି ପୂର୍ବରୁ ଏନେଇ ତାଗିଦ କରିଥିଲେ ହେଁ ଖଣି କମ୍ପାନୀମାନେ ଏସ୍‌ପିସିବି ଅଧିକାରୀଙ୍କୁ ହାତରେ ରଖି ମନୋମୁଖୀ ଚଳାଇଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ, ସମସ୍ତ ଖଣି ପରିସରରେ ଠିକ୍ ଭାବେ ବର୍ଷାଜଳ ପରିଚାଳନା କରିବାକୁ ନିର୍ଦ୍ଦେଶ ହୋଇଛି। ଏହା ପାଳନ ହେଉଛି କି ନାହିଁ ସେ ନେଇ ମଧ୍ୟ ନିୟମିତ ଭାବେ ତଦାରଖ କରାଯାଉଛି ବୋଲି କହିଛନ୍ତି।



■ଖଣି ସଂସ୍ଥା ମାନୁନାହାନ୍ତି ବର୍ଜ୍ୟଜଳ ପରିଚାଳନା ନିୟମ

■ଟିସ୍କୋ, ଓଏମସି, ଏମଆଇପି ରିଜର୍ଭରରେ ସ୍ଥିତି ସାଂଘାତିକ

# ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବାରୁ ଉତ୍ତେଜନା

**ବାଇକ୍‌କୁ ପିଟିଲା ୧୦ ଚକିଆ, ଜଣେ ଗୁରୁତର**

**ରସୁଲପୁର,୩୦।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ବାରବାଟୀ ଓଡଙ୍ଗ ବଜାର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ୧୦ ଚକିଆ ଟ୍ରକ ବାଇକ୍‌କୁ ଧକ୍କା ଦେବାରୁ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ କୁଣ୍ଡପାଟଣା ଗ୍ରାମର ଗୋବିନ୍ଦ ମହାଳିକ(୩୦) ବୋଲି ଜଣାପଡିଛି। ଦୁର୍ଘଟଣାସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ବାଇକ୍ ଥୋଇ ରାସ୍ତା ଅବରୋଧ କରିଥିଲେ। ଫଳରେ ପ୍ରାୟତଃ ଅଧଘଂଟା ପର୍ଯ୍ୟନ୍ତ ରାସ୍ତାରେ ଗାଡି ଚଳାଚଳ ବନ୍ଦ ହୋଇଯାଇଥିଲା। ଧର୍ମଶାଳା ପୋଲିସ ଘଟଣା ସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ହୋଇଥିଲେ ଏବଂ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟ ୨ଜଣ ଆହତ ବ୍ୟକ୍ତି ପୋଲିସ ଭ୍ୟାନକୁ ଦେଖି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ସେମାନଙ୍କ ନାଁରେ କେସ୍ ରୁଜୁ ରହିଛି। କୋର୍ଟରୁ ସେମାନଙ୍କ ନାଁରେ ୱାରେଣ୍ଟ ଥିବା ଜଣାପଡିଥିଲା। ବାଇକ୍ ଆରୋହୀମାନେ ଓଡ଼ଙ୍ଗ ବଜାର ନିକଟରେ ଥିବା ଏକ ଡାଇଭର୍ସନକୁ ପାର ହେବା ପାଇଁ ଅପେକ୍ଷା କରିଥିଲେ। ସେତେବେଳେ କଟକରୁ କୁଆଖିଆ ଅଭିମୁଖେ ଯାଉଥିବା ଏକ ୧୦ ଚକିଆ ଟ୍ରକ ସେମାନଙ୍କୁ ଧକ୍କା ଦେଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ (ନଂ- ଓଡି୦୪କେ୮୯୯୪) ଜବତ କରି ତଦନ୍ତ ଜାରି ରଖିଛି। ଟ୍ରକଟି ଫେରାର ହୋଇଯାଇଛି।




ଓଡ଼ିଆ ଭାଷା ଅଧିକାରରେ କଣ୍ଟା ସାଜିଛି ଧାରା ୪(କ)

# ଓଡ଼ିଆ ଭାଷା ଆନ୍ଦୋଳନର ପ୍ରତିବାଦ ଶୋଭାଯାତ୍ରା

**ଜଗତ୍‌ସିଂହପୁର ଅଫିସ,୩୦।୧୧**

ଓଡ଼ିଆ ଭାଷା ଅଧିକାରରେ କଣ୍ଟା ସାଜିଛି ଧାରା ୪(କ)। ରାଜ୍ୟ ସରକାର ଏଭଳି ଧାରା ପ୍ରଚଳନ କରି ଏହି ଭାଷାର ସର୍ବନାଶ କରିବାକୁ ଚକ୍ରାନ୍ତ କରୁଛନ୍ତି। ତେଣୁ ତୁରନ୍ତ ଏଥିରେ ସଂଶୋଧନ ଆଣି ଓଡ଼ିଶା ସରକାରୀ ଭାଷା ଆଇନ ୧୯୫୪କୁ ବଳବତ୍ତର ରଖାଯାଉ ବୋଲି ଓଡ଼ିଶା ଭାଷା ଆନ୍ଦୋଳନ ଜଗତ୍‌ସିଂହପୁର ଶାଖା ପକ୍ଷରୁ ଦାବି ହୋଇଛି। ସ୍ଥାନୀୟ ଆଦିକବି ସାରଳା ଦାସ ସ୍ମୃତିସ୍ତମ୍ଭ ନିକଟରୁ ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା।

ଭାଷା ଆନ୍ଦୋଳନ ପକ୍ଷରୁ କୁହାଯାଇଛି ଯେ, ୧୯୫୪ ଭାଷା ଆଇନ ଆମକୁ ପୂର୍ଣ୍ଣ ଭାଷା ଅଧିକାର ଦେଇଥିଲା। ଏହା ସ୍ପଷ୍ଟ କରିଥିଲା କି, ସମଗ୍ର ଓଡ଼ିଶାରେ ସରକାରୀ କାର୍ଯ୍ୟ କେବଳ ଓଡ଼ିଆ ଭାଷାରେ ହିଁ ହେବ। କିନ୍ତୁ ଦୁଃଖର କଥା ୨୦୧୮ରେ ରାଜ୍ୟ ସରକାର ଏଥିରେ ୨ଥର ସଂଶୋଧନ ଆଣିଛନ୍ତି। ଧାରା ୪(କ) ଖଞ୍ଜି ବ୍ୟବସ୍ଥାକୁ ଅକାମି କରିଦେଇଛନ୍ତି। ଫଳରେ ଆମ ରାଜ୍ୟରେ ସରକାରୀ ଭାଷା ଆଇନ କାର୍ଯ୍ୟକାରୀ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅର୍ଥାତ୍ ୧୯୫୪ ଆଇନରେ ଭାଷା ଅଧିକାର ଉଲ୍ଲଂଘନକାରୀଙ୍କ ବିରୋଧରେ ଦଣ୍ଡ ବିଧାନ ଥିବାବେଳେ ଧାରା ୪(କ) ଏହାକୁ କୋହଳ କରିଛି। ଏହାର ପ୍ରତିବାଦରେ କବି ଗଜାନନ ମିଶ୍ର ୨୦୧୫ ଜୁଲାଇରେ ଆମରଣ ଅନଶନ କରିଥିଲେ। ଏହାପରେ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଥିଲା। ପରେ ଆଇନର ଅଗ୍ରଗତି ପାଇଁ ନିୟମାବଳୀ ନ ଥିବା ଓ ପ୍ରଣୟନ ପାଇଁ ସରକାରଙ୍କ କ୍ଷମତା ନ ଥିବା ଦର୍ଶାଇ ଏହା କାର୍ଯ୍ୟକାରୀ ହେବା ସମ୍ଭବ ହୋଇପାରୁନି ବୋଲି କମିଟି ସଦସ୍ୟ ସୁଭାଷ ଚନ୍ଦ୍ର ପଟ୍ଟନାୟକ କହିଥିଲେ। ଏଥିରେ ସେ କେତେକ ପ୍ରସ୍ତାବ ଦେବା ସହ ଆଇନ ସଂଶୋଧନର ଆବଶ୍ୟକତା ସମ୍ପର୍କରେ ଚିଠା ପ୍ରଦାନ କରିଥିଲେ। ଏହାକୁ ଆଧାର କରି ଓଡ଼ିଶା ସରକାରୀ ଭାଷା (ସଂଶୋଧନ) ଅଧ୍ୟାଦେଶ, ୨୦୧୬ଜାରି ହୋଇଥିଲା। ୨୦୧୬ ସେପ୍ଟେମ୍ବର ୨୮ରେ ଏହା ବିଧାନସଭାର ଅନୁମୋଦନ ଲାଭ କରିଥିଲେ ସୁଦ୍ଧା କାର୍ଯ୍ୟକାରି ହୋଇନାହିଁ। ୧୪।୩।୧୮ରେ ମନ୍ତ୍ରୀମଣ୍ଡଳ ପ୍ରସ୍ତାବରେ ଏଥିପାଇଁ ଉପଯୁକ୍ତ ପରିସର ସୃଷ୍ଟି ହୋଇଥିଲା। କିନ୍ତୁ ଏହି ପ୍ରସ୍ତାବକୁ ଚାପି ଦିଆଗଲା। ୨୬।୧୨।୧୭ର ମନ୍ତ୍ରୀମଣ୍ଡଳ ପ୍ରସ୍ତାବ ଉପରେ ୧।୫।୧୮ରେ ଧାରା ୪(କ) ଯୋଡ଼ି ଦିଆଯାଇଛି ବୋଲି ଭାଷା ଆନ୍ଦୋଳନ ପକ୍ଷରୁ କୁହାଯାଇଛି। ଭାଷା ଆନ୍ଦୋଳନ ରାଜ୍ୟ ଆବାହକ ସୁବାସ ପଟ୍ଟନାୟକ, ଜଗତ୍‌ସିଂହପୁର ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, ଆଡଭୋକେଟ୍ ବାସୁଦେବ, କୃଷ୍ଣଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଦେବୀପ୍ରସାଦ ଚୌଧୁରୀ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଛଦ୍ମବେଶ ପ୍ରତିଯୋଗିତାରେ ପ୍ଲାଷ୍ଟିକ ଫ୍ରି ସଚେତନତା

**କୁଜଙ୍ଗ,୩୦।୧୧(ସ୍ୱ.ପ୍ର.)**

କୁଜଙ୍ଗସ୍ଥିତ ନ୍ୟାଶନାଲ ସ୍କୁଲର ୧୧ ତମ ଓ ସେଣ୍ଟଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଛି। ଏହି ଦୁଇ ଉତ୍ସବକୁ ସମାଗୋଳ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗଙ୍ଗାଧର ସମାନ୍ତରାୟ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷା ପ୍ରମିଳା ନନ୍ଦଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ଉଦ୍‌ଯାପନ ଉତ୍ସବରେ ଶତାଧିକ ଛାତ୍ରୀଛାତ୍ର ଛଦ୍ମବେଶ ପ୍ରତିଯୋଗିତାରେ ଭାଗ ନେଇ ପ୍ଲାଷ୍ଟିକ ବର୍ଜନ, ସଡ଼କ ପରିବହନ ନିୟମ ପାଳନ, ରକ୍ତଦାନ ଆଦି ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଯୌତୁକ ପ୍ରଥାର କୁପ୍ରଭାବ ଉପରେ ପରିବେଷିତ ନାଟକ ଉପସ୍ଥିତ ଲୋକଙ୍କୁ ବିଶେଷ ଆକର୍ଷିତ କରିଥିଲା। ଜୀବନାନନ୍ଦ ଅଧିକାରୀ ମୁଖ୍ୟଅତିଥି, କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ କୁମାର ମାଝୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଚାରକ ରୂପେ ବିଭୂତି ଭୂଷଣ ଦାସ, ଡ. ଗଙ୍ଗାଧର ସାମନ୍ତରାୟ, ଅଧ୍ୟାପିକା ରୋଜାଲିନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେଣ୍ଟ ଜାଭିୟର ସ୍କୁଲର ଅଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ ସଂଯୋଜନା କରିଥିଲେ। ସୁଧାକର ବିଶ୍ୱାଳ, ବାଇଧର ସ୍ୱାଇଁ, ସୁକାନ୍ତ ସ୍ୱାଇଁ, ଇତୁସ୍ମା ପଲାଇ, ବିଶ୍ୱଶ୍ରୀ ସ୍ୱାଇଁ, ପୂର୍ଣ୍ଣିମା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




ଛଦ୍ମବେଶ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।




ଜଣେ ଛାତ୍ରୀ ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନତା ସୃଷ୍ଟି କରୁଛନ୍ତି।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

# ଚେଲିତୋଳ ବାଲିଯାତ୍ରା ଉଦ୍‌ଯାପିତ

**ତିର୍ତ୍ତୋଲ,୩୦।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ନିକଟ ମହାନଦୀ ପଠା ଗୋପିଆକୁଦରେ ଚାଲିଥିବା ଚେଲିତୋଳ ବାଲିଯାତ୍ରା ଉଦ୍‌ଯାପିତ ହୋଇଛି। ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ଜଗତସିଂହପୁର ଜିଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ଶିଶୁ ନୃତ୍ୟଶିଳ୍ପୀ ସାଇ ରତୁପର୍ଣ୍ଣାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗଣମାଧ୍ୟମ ପ୍ରତିନିଧି, ଏସଡିପିଓ ଶିବଚରଣ ମଲ୍ଲିକ ଓ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲାପରିଷଦ ସନାତନ ଦଳାଇ, ସଭ୍ୟ ପ୍ରବୀର ରାୟ, ଡେଜାଲିନ ମହାପାତ୍ର, ପରିଷଦ ଉପସଭାପତି ଗଙ୍ଗାଧର ବିଶ୍ୱାଳ, ସମ୍ପାଦକ ଚିତ୍ତରଞ୍ଜନ ରଥ, ତପନ ମହାନ୍ତି, ଅରବିନ୍ଦ ହୋତା, ଗୋଲୋକ ବିହାରୀ ପଲାଇ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆତସବାଜି ଓ ରାବଣ ପୋଡ଼ି କାର୍ଯ୍ୟକ୍ରମ ହୋଇଥିଲା।




ଶିଶୁ ନୃତ୍ୟଶିଳ୍ପୀ ସାଇ ରତୁପର୍ଣ୍ଣାଙ୍କୁ ମଞ୍ଚରେ ଅତିଥି ପୁରସ୍କୃତ କରୁଛନ୍ତି।




୩୯
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପ୍ରଥମାଷ୍ଟମୀକୁ ଫିକା କରିଛି ହଳଦୀପତ୍ରର ଅଭାବ



ବରୀ,୩୦।୧୧(ସ୍ୱ.ପ୍ର.)

ଓଡ଼ିଆ ପରମ୍ପରା ଅନୁସାରେ ପ୍ରଥମାଷ୍ଟମୀରେ ସମ୍ପଦର ଦେବୀ ମା' ଲକ୍ଷ୍ମୀଙ୍କର ଆଗମନ ହୋଇଥାଏ। ଏହାକୁ ଅନୁକରଣ କରି ପ୍ରତ୍ୟେକ ଘରେ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥାଏ। ପ୍ରଥମାଷ୍ଟମୀଠାରୁ ନୂଆ ଧାନ, ବିରି ଓ ଅନ୍ୟାନ୍ୟ ନୂତନ ଶସ୍ୟର ବ୍ୟବହାର କରାଯାଏ। ଏହି ଦିବସରେ ପ୍ରତ୍ୟେକ ପରିବାରରୁ ଜ୍ୟେଷ୍ଠଙ୍କୁ ପୋରୁହାଁ କରାଯାଇଥାଏ। ସେମାନଙ୍କ ଦୀର୍ଘାୟୁ କାମନା କରି ଲକ୍ଷ୍ମୀଙ୍କ ନିକଟରେ ପ୍ରାର୍ଥନା କରାଯାଏ। ଓଡ଼ିଆ ସାଂସ୍କୃତିକ ଓ ଧାର୍ମିକ ଚିନ୍ତାଧାରାଙ୍କୁ ଏହି ପରମ୍ପରା ଉଜ୍ଜିବୀତ କରି ରଖିଛି। ପ୍ରଥମାଷ୍ଟମୀ ଦିନ ଘରେ ଘରେ ଏଣ୍ଡୁରି ପିଠା ହୋଇଥାଏ। ପିଠା ପାଇଁ ହଳଦୀପତ୍ର ଆବଶ୍ୟକ ପଡ଼ିଥାଏ। ହେଲେ ଚଳିତ ବର୍ଷ ରସୁଲପୁର, ବଡ଼ଚଣା, ଧର୍ମଶାଳା, ବିଞ୍ଝାରପୁର ବ୍ଲକରେ ହଳଦୀପତ୍ରର ଅଭାବ ଦେଖାଦେଇଛି। ହଳଦୀପତ୍ର ଅଭାବ ଯୋଗୁ ପ୍ରଥମାଷ୍ଟମୀ ଏକପ୍ରକାର ଫିକା ପଡ଼ିଯାଇଛି। କେତେକ ଘରେ ହଳଦୀପତ୍ର ପରିବର୍ତ୍ତେ କଦଳୀ ପତ୍ର ବ୍ୟବହାର ହୋଇଛି। ହେଲେ ହଳଦୀ ପତ୍ରର ବାସ୍ନା ଓ ସ୍ୱାଦ କଦଳୀ ପତ୍ରରେ ନାହିଁ। ହଳଦୀପତ୍ରରେ ତିଆରି ପିଠା ଖାଇବା ଦ୍ୱାରା ଚର୍ମରୋଗ ହୋଇ ନ ଥାଏ ବୋଲି ଗହପାଳ ବରିଷ୍ଠ ନାଗରିକ ପିତାମ୍ବର ବାରିକ କହିଛନ୍ତି।

## ■ଟାଟା କାରଖାନା ପରିସରରେ ଉତ୍ତେଜନା

# ଛଟେଇ ପ୍ରତିବାଦରେ ଶ୍ରମିକ, କର୍ମଚାରୀଙ୍କ ଧାରଣା

ଡୁବୁରୀ/କଳିଙ୍ଗନଗର, ୩୦।୧୧(ଡି.ଏନ୍.ଏ.)

କଳିଙ୍ଗନଗରସ୍ଥିତ ଟାଟା କରଖାନାରେ ଏକ ଅଣ ଓଡ଼ିଆ କମ୍ପାନୀ ଅଧୀନରେ କାମ କରୁଥିବା ଅପରେଶନ ଓ ମେଣ୍ଟେନାନ୍ସ କର୍ମଚାରୀଙ୍କୁ ଅଚାନକ ଛଟେଇ କରାଯିବା ନେଇ ଶୁକ୍ରବାର କାରଖାନା ପରିସରରେ ଉତ୍ତେଜନା ସୃଷ୍ଟି ହୋଇଛି। କର୍ମଚାରୀମାନେ ଛଟେଇକୁ ବିରୋଧ କରି ଟାଟା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବର ପାଇ ଟାଟା ଷ୍ଟିଲ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଶ୍ରୀ ଶକ୍ତି ପ୍ରାଇଭେଟ ଲିମିଟେଡ ନାମକ ଏକ ଅଣ ଓଡିଆ କମ୍ପାନୀ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ସୁପରଭାଇଜର, ଫିଟର, ଟେକ୍ନିସିଆନ, ହେଲ୍ପର ଓ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। କମ୍ପାନୀରେ ମୋଟ ୭୯ ଜଣ କର୍ମଚାରୀ ଓ ଶ୍ରମିକ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬୦ ଜଣ ସ୍ଥାନୀୟ ଅଞ୍ଚଳର ଯୁବକ ରହିଛନ୍ତି। ତେବେ ସମ୍ପୃକ୍ତ କମ୍ପାନୀର ଟେଣ୍ଡର ଶୁକ୍ରବାର ସମାପ୍ତ ହୋଇଥିବାରୁ ଟାଟା କମ୍ପାନୀ ପକ୍ଷରୁ ଫୋସ୍‌ବେଲ ନାମକ ଏକ ସଂସ୍ଥାକୁ ନିଯୁକ୍ତି ଦିଆଯାଇଛି। ଏହି ଫୋସ୍‌ବେଲ କମ୍ପାନୀ ଶନିବାରଠାରୁ କାମ ଆରମ୍ଭ କରିବ ବୋଲି ଜଣାପଡିଛି। ଅପରପକ୍ଷେ ଶ୍ରୀ ଶକ୍ତି କମ୍ପାନୀ ଶୁକ୍ରବାର ହଠାତ କମ୍ପାନୀର କମ୍ପାନୀର ଅବଧି ସରିଯାଇଥିବାରୁ ଏହାର କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କମ୍ପାନୀର ଟେଣ୍ଡର ସରିବା ପୂର୍ବରୁ କମ୍ପାନୀରେ ନିୟୋଜିତ ଶ୍ରମିକ ଓ କର୍ମଚାରୀମାନେ ନୂତନ ଭାବେ କାମ ନେଇଥିବା କମ୍ପାନୀରେ କାମ କରିବାର ନିୟମ ରହିଛି । ଏଥିସହ କୌଣସି କମ୍ପାନୀର ଅବଧି ସରିବା ପୂର୍ବରୁ ୩ ମାସ ପୂର୍ବରୁ କର୍ମଚାରୀ ଓ ଶ୍ରମିକଙ୍କୁ ନୋଟିସ ଦେଇ ଛଟେଇ କରାଯିବାର ନିୟମ ରହିଛି। କିନ୍ତୁ ଶ୍ରୀ ଶକ୍ତି ପ୍ରାଇଭେଟ କମ୍ପାନୀ ନିମୟମକୁ ବ୍ୟତିକ୍ରମ କରିଥିବା କର୍ମଚାରୀ ଓ ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଶାନ୍ତନୁ ଦେ, ଅରୁଣ କୁମାର ଦାସ, ଦୀପକ ଜେନା, ବିଭୂତି ପାତ୍ର, ବିଷ୍ଣୁପ୍ରସାଦ ନାୟକ ଓ ନିହାର ରଞ୍ଜନ ନାୟକ ପ୍ରମୁଖ କର୍ମଚାରୀଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଧାରଣା ଦେଇଥିଲେ। ଟାଟା ଷ୍ଟିଲ ବରିଷ୍ଠ ଅଧିକାରୀ ରୂପକ ମହାନ୍ତି, କୋକୋଭାନ ହେଡ କୁନାଲ ସେନ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହ ଆଲୋଚନା କରିଥିଲେ। ଏକ ସପ୍ତାହ ଭିତରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପତ୍ୟାହୃତ ହୋଇଥିଲା।

# ଭତ୍ତା ଅପେକ୍ଷାରେ ଅସହାୟ ଦମ୍ପତି

ଚଣ୍ଡିଖୋଲ,୩୦।୧୧(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ କୁସୁନପୁର ଗ୍ରାମର ବିଶ୍ୱନାଥ ରାଉତ(୮୬) ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା (୭୮) ବୟସର ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ଅପେକ୍ଷା କରି ରହିଛନ୍ତି। ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୩୦୦ ଟଙ୍କା ଓ ୮୦ ବର୍ଷରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ୫୦୦ ଟଙ୍କା ଭତ୍ତା ଦେବାର ବ୍ୟବସ୍ଥା କରିଛନ୍ତି। ହେଲେ ଏହି ବୃଦ୍ଧ ଦମ୍ପତି ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଭତ୍ତା ପାଇଁ ସ୍ଥାନୀୟ ପଞ୍ଚାୟତଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବିଡିଓ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ, ଯଦି ବିଶ୍ୱନାଥ ଓ ଶକୁନ୍ତଳା ଭତ୍ତା ପାଇଁ ଆବେଦନ କରିଥିବେ, ତେବେ ତାଙ୍କୁ ନିଶ୍ଚିତ ଦିଆଯିବ ବୋଲି କହିଛନ୍ତି।

## ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର

କୋରେଇ,୩୦।୧୧ (ସ୍ୱ.ପ୍ର.)

ପାଣିକୋଇଲି ତାରିଣୀ ମନ୍ଦିର ସମ୍ମୁଖରେ ଶୁକ୍ରବାର ଅପରାହ୍ଣରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ବୁଲୁଥିବାର ଦେଖି ମା' ତାରିଣୀ ପିକଅପ୍ ଷ୍ଟାଣ୍ଡ ସମ୍ପାଦକ ଦୀପ୍ତିରଞ୍ଜନ ପରିଡା ସାମାଜିକ କର୍ମୀ ତାରିଣୀ ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ସାମାଜିକ କର୍ମୀ ପଟ୍ଟନାୟକ ସେଠାରେ ପହଞ୍ଚି ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଅଜୟ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ । ସେ ବାଲେଶ୍ୱର ଜିଲା ଅନ୍ତର୍ଗତ ବାଲିଆପାଳ ବଡସାହିର ସୁବ୍ରତ ପଣ୍ଡାଙ୍କ ସ୍ତ୍ରୀ ପ୍ରଭାତି ବୋଲି ଜଣାପଡ଼ିଛି। ପୋଲିସ ଉକ୍ତ ମହିଳାଙ୍କୁ ସ୍ୱଧାର ଗୃହରେ ପହଞ୍ଚାଇବା ସହ ପ୍ରକୃତ ପରିଚୟ ପାଇଁ ତଦନ୍ତ ଜାରି ରଖିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତ୍ୟର ସଙ୍ଗେ ତପ ଗଲା,**
**ଶଉଚ ତ୍ରେତାରେ ରହିଲା ।**
**ଦ୍ୱାପର ଗଲା ଦୟା ସଙ୍ଗେ**
**ମିଥ୍ୟା ରହିଲା କଳିଯୁଗେ ।**

ସତ୍ୟଯୁଗରେ ଲୋକେ ଜପତପ କରୁଥିଲେ। ତ୍ରେତୟା ଯୁଗରେ ଧର୍ମ ଓ ପବିତ୍ରତାକୁ ଶ୍ରେଷ୍ଠ ମଣୁଥିଲେ। ଦ୍ୱାପର ଯୁଗରେ ଲୋକେ ଅନ୍ୟପ୍ରତି ଦୟାଭାବ ରଖୁଥିଲେ। ସେହିପରି ଆଜିର କଳିଯୁଗରେ ଲୋକେ ମିଥ୍ୟା ଓ କଳହ ପ୍ରତି ବେଶି ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସହି ନ ଥିଲି ମୁଁ ଫୁଲର ଭାର**
**ଏବେ ସହୁଅଛି ପଥର ଭାର ।**

ଝିଅ ବାପଘରେ ବେଶ୍ ଫୁଲାଫାଙ୍କିଆ ହୋଇଥାଏ। କିନ୍ତୁ ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ତାକୁ ଅନେକ ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ିଥାଏ। ବାପଘରେ କାମ ନ କରି ଅଲିଅଳ ହୋଇ ବଢ଼ି ଆସିଥିବା ଝିଅ ଶାଶୁଘରେ କାର୍ଯ୍ୟର ଭାରା ସହି ନ ପାରି ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ମଦ ଜବତ, ଅଭିଯୁକ୍ତ ଫେରାର

ଧର୍ମଶାଳା, ୩୦।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମରେ ବେଆଇନ ମଦ କାରବାରରେ ସମ୍ପୃକ୍ତ ଥିବା ମଇନ ଦାସଙ୍କ ଘରେ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରିଛି। ତେବେ ଚଢାଉର ଖବର ପାଇ ମଇନ ଫେରାର ହୋଇଯାଇଥିବାବେଳେ ପୋଲିସ ୫୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏନେଇ ପୋଲିସ ଏକ ମାମଲା (୨୭୪/୧୮) ରୁଜୁ କରିଛି।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

GOVERNMENT OF ODISHA

## DAM REHABILITATION AND IMPROVEMENT PROJECT (DRIP)

**World Bank - IBRD LOAN NO-7943-IN AND IDA CREDIT NO-4787-IN**

E-PROCUREMENT NOTICE / INVITATIONS FOR BIDS (IFB)
NATIONAL COMPETITIVE BIDDING
ITEM RATE e-TENDER

No.874-A:- e_mail = executiveengineereddckd@gmail.com

1. Name of the work : Electrical Works.
2. Total No. of Works : 01 No.
3. Estimated Cost : Approx. Estimated Cost Rs. 8.50
4. Bid Security : Rs. 17,000/-
5. Period of completion : 01(One) Calendar Months
6. Other details :

| Procurement Officer | Bid Identification No | Available of tender on-line for bidding | | Date & time of opening of tender in the office of the Sub-Divisional Officer, Satiguda Irrigation Sub-Division, Malkangiri |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda, Dist.Malkangiri. | EE CKD NCB/01/ ORDRIP W-01/ 2018-19 (On Line) | 01.12.2018 at 11.30 AM | 10.12.2018 up to 5.00 PM | 12.12.2018 at 11.30 AM |

Further details can be seen from the e-procurement portal http://tendersorissa.gov.in.

Sd./- Executive Engineer,
Earth Dam Division, Chitrakonda

32019/11/0006/1819

## THE ODISHA MINING CORPORATION LIMITED

OMC | ODISHA NEW OPPORTUNITIES

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (03.12.2018 – 51st E-auction)**
**IRON ORE CLO**

**No.CAD-1081:-** The Odisha Mining Corporation Ltd intends to sell various grades of Iron ore produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on 03.12.2018.

For details, please visit the website of MSTC i.e. www.mstcecommerce.com

GM (S&M)

30005/11/0139/1819

## BERHAMPUR MUNICIPAL CORPORATION, GANJAM
## INVITATIONS FOR BIDS (IFB)

L. No. 19145/ X-E-3-31/2017 dated 24.11.18

Invitation for Bids
NATIONAL COMPETITIVE BIDDING THROUGH e-procurement

No.362-C:- Bid Identification No. BMC(BAM) 180/2018-19

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure 'A'. | |
| 2 | Nature o work | Civil Work |
| 3 | No. of work | 1 (One) |
| 4 | Bid Cost | The bidder shall remit online the cost of bid document of amount through the process as mentioned in the DTCN as per Annexure 'A'. |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN, Bidders desirous to hire machineries or equipments from outside the state or owned but deployed outside the state are required to remit online 2% of the amount put to tender as Bid Security. Exemption from EMD is permissible as per codal provision of Govt. of Odisha. As per Annexure 'A'. |
| 6 | Class of Contractor | As per the Annexure 'A'. |
| 7 | Availability of Bid Documents in the website | From 15.05 hrs of Dt. 29.11.18 to 17.00 hrs of dt. 19.12.18 |
| 8 | Date & Time of opening of the Technical Bids | 11.30 hrs onwards on Dt. 20.12.18 |
| 9 | Date and time of opening of the Financial Bids | Shall be intimated to the responsive bidder after evaluation of technical Bid |
| 10 | Mode of submission of tender | Tender should submitted on line in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

13035/11/0159/1819 Sd./- Commissioner, Berhampur Municipal Corporation

## OFFICE OF THE CHIEF ENGINEER

DAM SAFETY, Secha Sadan, Unit – V, Odisha
BHUBANESWAR – 751001, Phone – 0674 2531935/
Fax – 0674 2531934, e-mail – cedamsafety.odisha@gmail.com

No.876-A:- **'e' Procurement Notice**
**WORLD BANK FUNDED PROJECT**

| | | |
|---|---|---|
| 1 | Nature of the works | Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organisation of Odisha under DRIP at Bhubaneswar. Project funded by World Bank |
| 2 | No of works | 01 (One) |
| 3 | Value of works | 670 lakhs |
| 4 | Period of completion | 6(Six) Calendar Month |
| 5 | Class of contractors | PSU of State or Central Government, Private Firm or Joint Ventures |
| 6 | Procurement Officer | CHIEF ENGINEER, DAM SAFETY, Secha Sadan, Unit – V, Odisha, BHUBANESWAR |
| 7 | Bid Identification No | OD/WRD/DRIP/CEDS/NCB/07/2018-19 |
| 8 | Availability of tender for On-line bidding | From 11.00hrs of 01.12. 2018 to 31.12.2018 up to 15.00hrs |
| 9 | Last date and time of seeking tender clarification | 07.12.2018 up to 17.00hrs |
| 10 | Pre Bid Conference | 10.12.2018 11.00hrs / O/O Chief Engineer, Dam Safety Conference Hall, Bhubaneswar. |
| 11 | Date and time of opening of Bid | 01.01.2019 at 11.00hrs |

Further details conditions can be seen from the Govt. website www.tendersorissa.gov.in.

CHIEF ENGINEER, DAM SAFETY
Odisha, BHUBANESWAR

32390/11/0001/1819

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି। (ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ଣ ୧୦ ଘଣ୍ଟିକାରୁ ଅପରାହ୍ଣ ୨ ଘଣ୍ଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୭୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

■ ହରେକୃଷ୍ଣ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ

# ସେମିରେ ଚହଟା, କାଏମା

ଧର୍ମଶାଳା, ୩୦।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ବଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ହରେକୃଷ୍ଣ ରାଉତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଶେଷ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚହଟା ଓ କାଏମା ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚ୍‌ଟି ସଡମ୍ବା ଓ ଚହଟା ମଧ୍ୟରେ ଖେଳାଯାଇଥିଲା। ସଡମ୍ବା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୬ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅବିନାଶ ରାଉତ ସର୍ବାଧିକ ୩୧ ରନ୍ କରିଥିଲେ। ବିପକ୍ଷ ଦଳର ସ୍ୱରାଜ ଦାସ ୩ଟି ଉଇକେଟ ପାଇଥିଲେ। ଜବାବରେ ଚହଟା ଦଳ ବ୍ୟାଟିଂ କରି ୧୧.୨ ଓଭର୍‌ରେ ୬ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଚିତ୍ତରଞ୍ଜନ ମହାନ୍ତି ୩୦ରନ୍ କରିଛନ୍ତି। ବିପକ୍ଷ ଦଳର ଏମ୍‌ଡି ରିହାନ୍ ୩ଟି ଉଇକେଟ ପାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗଡ଼ମଧୁପୁର ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର୍‌ରେ ୯ ଉଇକେଟ ହରାଇ ୭୮ ରନ୍ କରିଥିଲା। ଦଳପକ୍ଷରୁ ରିତେଶ ନାୟକ ସର୍ବାଧିକ ୩୩ ରନ୍ କରିଥିଲେ। ବିପକ୍ଷ ଦଳର ଇମରାନ୍ ଖାଁ ୩ଟି ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବ୍‌ରେ କାଏମା ଦଳ ୮.୩ ଓଭର୍‌ରେ ୬ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଦଳପକ୍ଷରୁ ଶକ୍ତି ନନ୍ଦ ୩୫ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ହାପି ବେହେରା ୨ଟି ଉଇକେଟ ନେଇଥିଲେ। ସଞ୍ଜୟ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ, ଚନ୍ଦନ କୁମାର, ଶକ୍ତି ମହାନ୍ତି ଖେଳ ପରିଚାଳନା କରିଥିଲେ। ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଚହଟା ସହିତ ଜାରକା ଓ ଦ୍ୱିତୀୟ ମ୍ୟାଚ ଚୋରମୁହାଁ ଓ କାଏମା ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ପ୍ରଦ୍ୟୁମ୍ନ ମହାନ୍ତି ସୂଚନା ଦେଇଛନ୍ତି।

ତିତ୍‌ଲି କ୍ଷତିଗ୍ରସ୍ତ ରାସ୍ତା ପରିଦର୍ଶନ କଲେ ବିଧାୟକ

## ମରାମତି ନେଇ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍

ସୁକିନ୍ଦା, ୩୦।୧୧(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ସଂସାଇଲୋ ପଞ୍ଚାୟତରେ ଶୁକ୍ରବାର ତିତ୍‌ଲି ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାକୁ ବିଧାୟକ ପ୍ରୀତି ରଞ୍ଜନ ଘଡାଇ ବୁଲି ଦେଖିଛନ୍ତି। ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀଙ୍କୁ ତୁରନ୍ତ ମରାମତି କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଉକ୍ତ ପଞ୍ଚାୟତର ଡୁମ୍ବିସାହି ଗ୍ରାମରୁ ସୁକିନ୍ଦା ସଦରମହକୁମା ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଭିନ୍ନ କାର୍ଯ୍ୟାଳୟକୁ ଗମନାଗମନ ପାଇଁ ମାଧପୁରସ୍ଥିତ ଢୋଲପଥର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ବନ୍ଧ ରାସ୍ତାଟି ମୁଖ୍ୟ ରାସ୍ତା ଭାବେ ପରିଗଣିତ। ଏହି ରାସ୍ତା ଦେଇ ବିଶେଷକରି ଶ୍ରୀରାମପୁର, ନାକଦେଇ, ପଣସପାଳ ଏବଂ ହୁଡିସାହି ଗ୍ରାମବାସୀ ନିର୍ଭରଶୀଳ ଅଟନ୍ତି। ଗତବର୍ଷ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ତିତ୍‌ଲି ପ୍ରଭାବରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ ଧୋଇଯାଇଛି। ଏ ନେଇ ଗ୍ରାମବାସୀ ବିଧାୟକଙ୍କୁ ସାକ୍ଷାତ କରି ଏହାର ମରାମତି ଦିଗରେ ଆଲୋଚନା କରିଥିଲେ। ରାସ୍ତାର ମରାମତି ଦିଗରେ କ୍ଷୁଦ୍ର ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଦିଲୀପ ଦାସଙ୍କୁ ପଚାରିବାରୁ ସମ୍ପୃକ୍ତ ରାସ୍ତା କାମ ଖୁବ୍ ଶୀଘ୍ର କରାଯିବ ବୋଲି କହିଛନ୍ତି।


ବିଧାୟକ ରାସ୍ତା ବୁଲି ଦେଖୁଛନ୍ତି।

ନିରପେକ୍ଷ ଓ ନିର୍ଭୀକ ଦୈନିକ ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧାନଚେଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କ ସ୍ନେହ ଓ ଆଶୀର୍ବାଦ କାମନା କରୁଛି।
କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ, ଧାନଚେଙ୍ଗଡ଼ା, ଭାପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉପଲକ୍ଷେ ପଥରଚକଡ଼ା ଓ ମାଧପୁର ଗ୍ରାମର ସମସ୍ତ ଗୁରୁଜନ, ଭାଇ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ତ୍ରିନାଥ ମୁଦୁଲି
ସରପଞ୍ଚ, ପଥରଚକଡ଼ା, ଭାପୁର

ଓଡ଼ିଶାର ଅଗ୍ରଣୀ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଅବସରରେ ବହୁତ ବହୁତ ଶୁଭ କାମନା।
ଅଖିଳ କୁମାର ମହାରଣା
ସଭାପତି, ନିଖିଳ ଉତ୍କଳ କଂସାରି ସମାଜ, ମହାନଦୀ ବରିଷ୍ଠ ନାଗରିକ ସଂଘ, ନାଗରିକ ମଞ୍ଚ, କଣ୍ଟିଲୋ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ, କଣ୍ଟିଲୋ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
CURE - WELL HOSPITAL
CURE-WELL HOSPITAL, Jagatsinghpur

ଡେରାବିଶର ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମସ୍ତ ଚାଷୀ ଭାଇଙ୍କୁ ଅଭିନନ୍ଦନ। ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆସନ୍ତୁ ଶପଥ ନେବା।
ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ
ପ୍ରସନ୍ନ କୁମାର ପାତ୍ର, ସଂପାଦକ
ପ୍ରସନ୍ନ କୁମାର ସାହୁ, ସଭାପତି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପୀୟୂଷ ପାଣି
ସମାଜସେବୀ, କୋରେଇ ନିର୍ବାଚନ ମଣ୍ଡଳୀ, ଯାଜପୁର ଜିଲ୍ଲା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।
GITA TVS
JAGATSINGHPUR
GITA TVS M- 7788901717
GITA TVS, Naugaon M- 9438914171
GITA TVS, Biridi M- 9090256717

With Best Compliments From:-
PRINCIPAL & STAFF
NEELAMADHAB MAHAVIDYALAYA, KANTILO, NAYAGARH
Sukant Kumar Nayak
Principal, NM College, Kantilo

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ୍। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମବାୟ ଆନ୍ଦୋଳନକୁ ଆମ ସମିତି ପ୍ରତ୍ୟେକ ଚାଷୀଭାଇଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ସଂକଳ୍ପବଦ୍ଧ।
ଗୋଳରାହାଟ ପ୍ରାଥମିକ କୃଷି ସମବାୟ ସମିତି ଗୋଳରାହାଟ, ଡେରାବିଶ
ସୁରେନ୍ଦ୍ର ସାହୁ, ସମ୍ପାଦକ
ବୈଷ୍ଣବ ଚରଣ ସାହୁ, ସଭାପତି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବେଣାଗାଡ଼ିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉନ୍ନତି ସହ ଶୁଭ କାମନା କରୁଛି।
ସୁଷମା ସ୍ୱାଇଁ
ସରପଞ୍ଚ, ବେଣାଗାଡ଼ିଆ, ଖଣ୍ଡପଡ଼ା

ଧରିତ୍ରୀର ୪୫ତମ ଜନ୍ମବାର୍ଷିକ ଅବସରରେ ସମସ୍ତ ଜନସାଧାରଣ ଓ ମା' ଭଉଣୀମାନଙ୍କୁ ମୋର ଆନ୍ତରିକ ସ୍ନେହ, ଶୁଭେଚ୍ଛା ଓ ସମ୍ମାନ।
ବିପିନ ବିହାରୀ ସାମଲ
ସରପଞ୍ଚ, ଗଡିଆସାହି, ଖଣ୍ଡପଡ଼ା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

With best compliments from:
M/S B.C. MOHANTY & SONS PRIVATE LTD.
MINE OWNERS & EXPORTERS
Ph.: 0671 - 2349546/48, Mobile No.: 9861054266/9437054347/9437391345, Fax: 0671 - 2620347
Producer of all grades of chromite ore and chromite fines suitable for metallurgical, chemical and refractory use
Mines at:
KAMARDA CHROMITE MINE, P.O.: KANSA, VIA.: KALARANGIATTA
DIST.- JAJPUR (ORISSA), PIN: 755028
Head Office: Rajabagicha, Cuttack - 753009
(Opposite to S.B.I. JHANJIRIMANGALA), ORISSA, INDIA

ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମବାର୍ଷିକ ଅବସରରେ କଣ୍ଟିଲୋ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ମାଧବ ଚନ୍ଦ୍ର ସାହୁ
ସଭାପତି, ବିଜୁ ଜନତା ଦଳ, କଣ୍ଟିଲୋ

ନିର୍ଭୀକ ଓ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଉପଲକ୍ଷେ ଖଣ୍ଡପଡ଼ା ଓ କିଆଝର ଅଞ୍ଚଳବାସୀଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା। 'ପରିବେଶ ସୁରକ୍ଷା ରଖନ୍ତୁ ଓ ନିଶା ସେବନଠାରୁ ଦୂରେଇ ରୁହନ୍ତୁ'
ଚନ୍ଦ୍ରକାନ୍ତ ବଳିୟାର ସିଂ
ସରପଞ୍ଚ, କିଆଝର ତଥା ସଭାପତି ଖଣ୍ଡପଡ଼ା ବିଜୁ ଜନତା ଦଳ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। କୃଷି ପ୍ରଧାନ ପାଟକୁରା ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ଅଧିକ ସମୃଦ୍ଧ କରିବା ପାଇଁ ତଥା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଯୁବକ, ଛାତ୍ର ଓ ମହିଳାଙ୍କ ସମେତ ସମସ୍ତ ଭାଇ ଭଉଣୀ ଆସନ୍ତୁ ସଂକଳ୍ପ ନେବା। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ମୁଁ ସଂକଳ୍ପବଦ୍ଧ।
ରବି ସାମଲ
ବରିଷ୍ଠ ବିଜେଡି ନେତା

ଡିଡିୟୁ-ଜିକେୱାଇ : ସରକାରଙ୍କ ଅଭିନବ ରୋଜଗାର ଯୋଜନା
ଦକ୍ଷତା ହିଁ କ୍ଷମତା
ଓଡ଼ିଶାରେ ଅଗଷ୍ଟ ୨୦୧୭ ସୁଦ୍ଧା ଟ୍ରେନିଂ ନେଇଛନ୍ତି ୭୬, ୦୦୦ ତନ୍ମଧ୍ୟରୁ ଚାକିରି ପାଇଛନ୍ତି ୪୬, ୦୦୦
ସ୍କିଲ୍ ଟ୍ରେନିଂରେ ଓଡ଼ିଶା, ୨୦୧୬-୧୭ରେ ଦେଶର ସବୁଠାରୁ ଆଗୁଆ ରାଜ୍ୟଭାବେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ
ORMAS
DDU-GKY
ଅଧିକ ଜାଣିବା ପାଇଁ ଗ୍ରାମପଞ୍ଚାୟତ ଅଫିସ୍/ବ୍ଲକ୍ ଅଫିସ୍/ଡି.ଆର୍.ଡି.ଏ.ଅଫିସ/ଓରମାସ୍ ଅଫିସ୍/ ନିକଟସ୍ଥ ଡିଡିୟୁ-ଜିକେୱାଇ ଟ୍ରେନିଂ ସେଣ୍ଟର ସହ ଯୋଗାଯୋଗ କରନ୍ତୁ।
ଟୋଲ୍ ଫ୍ରି ଫୋନ୍ ନମ୍ବର - 1800 345 7118,
ଇ-ମେଲ୍: skillquery@gmail.com, ୱେବ୍‌ସାଇଟ୍: www.ormas.org

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜମଧର ପଞ୍ଚାୟତର ସମସ୍ତ ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। କେନ୍ଦ୍ରାପଡ଼ା ବ୍ଲକରେ ଆମ ପଞ୍ଚାୟତକୁ ୧ ନମ୍ବର କରିବା ପାଇଁ ମୁଁ ସଂକଳ୍ପବଦ୍ଧ।
ସିସମା ଦାସ
ସରପଞ୍ଚ, ଜମଧର ପଞ୍ଚାୟତ(କେନ୍ଦ୍ରାପଡା ବ୍ଲକ)

ଦୈନିକ ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମର୍ଦ୍ଦରାଜପୁର ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ ମର୍ଦ୍ଦରାଜପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରୁଛି।
ବୈକୁଣ୍ଠନାଥ ଗୋଛି
ସରପଞ୍ଚ, ମର୍ଦ୍ଦରାଜପୁର ଖଣ୍ଡପଡ଼ା

SRCKMS
ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଖଣି ଅଞ୍ଚଳବାସୀଙ୍କୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ତରଫରୁ ଶୁଭେଚ୍ଛା।

ବିଜୁ ଜନତା ଦଳ
ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡ଼ଚଣାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ...
ଅମର ପ୍ରସାଦ ଶତପଥୀ
ମୁଖ୍ୟ ସଚେତକ, ଓଡ଼ିଶା ସରକାର

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଡିସେମ୍ବର, ୨୦୧୮



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଭାଜପା ପକ୍ଷରୁ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକର୍ତ୍ତା ମନୋନୀତ



**ରସୁଲପୁର,୩୦।୧୧(ଡିଏନଏ):** ଯାଜପୁର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ରସୁଲପୁର ବ୍ଲକର ମେକ ଇନ୍ ଓଡିଶା କମିଟି ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ସେମାନେ ହେଲେ ମେକଇନ ଓଡିଶାର ବ୍ଲକ ସଭାପତି ଯୁବନେତା ଜଗଜିତ୍ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ସୋସିଆଲ ମିଡିଆ ସଂଯୋଜକ ଭାବରେ ସତ୍ୟରଞ୍ଜନ ସାହୁଙ୍କୁ ମନୋନୀତ କରାଯାଇଛି । ଜିଲା ମେକ୍‌ଇନ ଓଡିଶାର ସଂଯୋଜକ ବିଶ୍ୱନାଥ ପଣ୍ଡାଙ୍କ ଅନୁମୋଦନ କ୍ରମେ ମନୋନୀତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାଙ୍କୁ ରସୁଲପୁର ବ୍ଲକ ଭାଜପା କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଯୁବନେତା ପ୍ରମୁଖ କାର୍ଯ୍ୟକ୍ରମରେ ଶ୍ରୀଧର ରାଉତ, ନୀଳମଣି ସାହୁ, ଗଙ୍ଗାଧର ସାହୁ, ମାନସ ମଲିକ, ଗଣେଶ ରାଉଳ, ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### କାର୍ ଧକ୍କାରେ ବାଇକ ଆରୋହୀ ଗୁରୁତର

**ଧର୍ମଶାଳା, ୩୦।୧୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ବାରବାଟୀ ଛକଠାରେ ଶୁକ୍ରବାର ବାଇକ୍ ଓ କାର ମୁହାଁମୁହିଁ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ୍ ଆରୋହୀ ଜଣଙ୍କ ନରସିଂହପୁର ଗ୍ରାମର ଗୌରାଙ୍ଗ ମହାଳିକ(୩୪)। ଧର୍ମଶାଳା ପୋଲିସ ଗୁରୁତର ଅବସ୍ଥାରେ ଗୌରାଙ୍ଗଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାର ଘଟଣାସ୍ଥଳରୁ ଫେରାର ହୋଇଯାଇଛି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବାଲି ବୋଝେଇ ଟିପ୍ପର, ଟ୍ରାକ୍ଟର ଜବତ

**କୋରେଇ,୩୦।୧୧(ସ୍ୱ.ପ୍ର.):** ତାରାକୋଟ ରାଜସ୍ୱ ନିରୀକ୍ଷକ ବିଷ୍ଣୁଚରଣ ପଣ୍ଡା, ଏଆରଆଇ ରଶ୍ମିତା ସେଠୀ ଓ ଅତିରିକ୍ତ ତହସିଲଦାର ଗୁରୁବାର ବୈତରଣୀ ରୋଡ୍ ବଜାରରେ ଗାଡ଼ି ଯାଞ୍ଚ ସମୟରେ ଗୁରୁବାର ଏକ ଟିପ୍ପର ଓ ଟ୍ରାକ୍ଟର ଜବତ କରିଛନ୍ତି। ଜବତ ଟ୍ରାକ୍ଟରକୁ କୋରେଇ ପୋଲିସ ଜିମା ଦିଆଯାଇଥିବା ବେଳେ ଟିପ୍ପରକୁ ବରୁଣ୍ଡେଇସ୍ଥିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରଖାଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବୈତରଣୀ ନଦୀର କେନ୍ଦୁଝର ଜିଲା ଡିମିରିଆ ଘାଟରୁ ଏକ ଟିପ୍ପର ବେଆଇନଭାବେ ବାଲି ବୋଝେଇ କରି ଆସୁଥିଲା। ତହସିଲ ପ୍ରଶାସନ ପକ୍ଷରୁ ଯାଞ୍ଚ ବେଳେ ସେମାନେ ଟ୍ରାକ୍ଟର ଓ ଟିପ୍ପରକୁ ବାଲି ପରିବହନର କାଗଜପତ୍ର ମାଗିଥିଲେ। ସେମାନଙ୍କ ପାଖରେ ଉପଯୁକ୍ତ କାଗଜ ନ ଥିବାରୁ ଗାଡ଼ି ଜବତ କରାଯାଇଥିବା ରାଜସ୍ୱ ନିରୀକ୍ଷକ ପଣ୍ଡା କହିଛନ୍ତି।

### ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ଚଣ୍ଡିଖୋଲ,୩୦।୧୧(ଡି.ଏନ.ଏ.):** ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଡିସେମ୍ବର ୨ ତାରିଖରେ ହେବାକୁ ଥିବା ଜୀବନବିନ୍ଦୁ କାର୍ଯ୍ୟକ୍ରମ ପାଇଁ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ସଭାପତି ଅରବିନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରକ୍ତଦାନ ମହାପୁଣ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଚଣ୍ଡିଖୋଲ ଓ ଛତିଆଠାରେ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ସକାଳ ୯ଟା ସୁଦ୍ଧା ରକ୍ତଦାତାଙ୍କୁ ପହଞ୍ଚାଇବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ପ୍ରସାଦ ନାୟକ, ସଞ୍ଜୟ କୁମାର ସ୍ୱାଇଁ, ଅମିୟ ବିଶ୍ୱାଳ, ଶ୍ରୀକାନ୍ତ ସାମଲ, ଯଯାତି କେଶରୀ ରାଉତ ଓ ପ୍ରଭାକର ସାହୁଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ଯୋଗ ଦେଇଥିଲେ।

# ବେଆଇନ ବିସ୍ଫୋରକ କାରବାର ଅଣାୟତ୍ତ

**ଯାଜପୁର ଜିଲା**
- ବିସ୍ଫୋରଣରେ ଯାଉଛି ଜୀବନ
- ଜିଲା ପ୍ରଶାସନ ନୀରବ
- କାର୍ଯ୍ୟାନୁଷ୍ଠାନ ଶୂନ

**ଯାଜପୁର ଅଫିସ,୩୦।୧୧**

ଯାଜପୁର ଜିଲାର ବ୍ରାହ୍ମଣୀ, ଖରସ୍ରୋତା ସମେତ ବିଭିନ୍ନ ନଦୀନାଳ ଓ ପଥର ଖାଦାନରେ ଦିନରାତି ବିସ୍ଫୋରକ ଡିଟୋନେଟର ବ୍ଲାଷ୍ଟିଂ ଚାଲିଛି। ଏହାକୁ ରୋକିବା ପାଇଁ ଅନେକ ଆଇନକାନୁନ ରହିଛି । ମାତ୍ର ଜିଲା ପ୍ରଶାସନ ଏହାକୁ ରୋକିବା ପରିବର୍ତ୍ତେ ଏହି ବେଆଇନ ବିସ୍ଫୋରଣକାରୀଙ୍କ ସହିତ ଭିତିରି ସଲାସୁତୁରା କରି ପରୋକ୍ଷରେ ଫାଇଦା ଉଠାଉଥିବା ଜଣାଯାଇଛି। ଏହାଛଡ଼ା ଏହି ବେଆଇନ ବ୍ଲାଷ୍ଟିଂ ଅନ୍ତରାଳରେ ମାସକୁ ଲକ୍ଷାଧିକ ଟଙ୍କାର ଟିକସ ଫାଙ୍କି ମଧ୍ୟ ଅନ୍ୟ ଏକ ଗୁରୁତର କାରଣ ବୋଲି ଜଣାଯାଇଛି। ପଥର ଖାଦାନଗୁଡିକରେ ବିସ୍ଫୋରଣ ସମୟରେ ଅନେକ ଲୋକଙ୍କ ଜୀବନ ଯାଉଥିବା ଦୃଷ୍ଟାନ୍ତ ରହିଥିଲେ ବି କେହି ଗୁରୁତ୍ୱ ନ ଦେବା ବିଡମ୍ବନାର ବିଷୟ। ଶୁକ୍ରବାର ଡିଟୋନେଟର ବିସ୍ଫୋରଣରେ କୁଆଖିଆ ଥାନା ପ୍ରଥମାଖଣ୍ଡି ଗ୍ରାମରେ ଜଣଙ୍କ ଜୀବନ ଯାଇଛି । ଗତ ୨୬।୧୦।୨୦୧୭ରେ ଜେନାପୁର ଥାନା ପରିସରରେ ହୋଇଥିବା ଡିଟୋନେଟର ବିସ୍ଫୋରଣକୁ ଆଉ ଏକ ଉଦାହରଣ ଭାବେ ନିଆଯାଇପାରେ। ଧର୍ମଶାଳା ଓ ରସୁଲପୁର ତହସିଲ ଅଞ୍ଚଳରେ ସର୍ବାଧିକ ପଥରକ୍ୱାରୀ ରହିଛି । ସେହିପରି ଜିଲାରେ ଚାଲିଥିବା କ୍ରଶର ୟୁନିଟଗୁଡ଼ିକ ପାଇଁ ଆବଶ୍ୟକ ପଥରଖଣ୍ଡ ଏହିସବୁ କ୍ୱାରୀରୁ ସଂଗ୍ରହ କରାଯାଉଛି। ସେଠାରେ ଏହି ପଥରଖଣ୍ଡକୁ ଆବଶ୍ୟକତା ଅନୁଯାୟୀ ବିଭିନ୍ନ ପ୍ରକାରର ଖଣ୍ଡ ତଥା ଗୁଣ୍ଡକରି ବିକ୍ରି କରାଯାଉଛି। ତେବେ କ୍ରଶରଗୁଡ଼ିକୁ ଯାଉଥିବା ପଥରଖଣ୍ଡ ସବୁକୁ ଅଧିକାଂଶ କ୍ୱାରୀରେ ବେଆଇନ ଭାବେ ଡିଟୋନେଟର ଦ୍ୱାରା ଫଟାଯାଉଛି। ମୁଖ୍ୟତଃ ଇଲେକ୍ଟ୍ରୋନିକ ଡ଼ିଟୋନେଟର ଓ ଅର୍ଡିନାରୀ ଡିଟୋନେଟର ଦ୍ୱାରା ବ୍ଲାଷ୍ଟିଂ କରାଯାଉଛି। ଡିଟୋନେଟର ବ୍ୟବହାର ପାଇଁ ସରକାର ଲାଇସେନ୍ସ ପ୍ରଦାନର ନୀୟମ ରହିଛି। ଲାଇସେନ୍ସପ୍ରାପ୍ତ କ୍ୱାରୀ ମାଲିକମାନେ ସରକାରଙ୍କଠାରୁ ଲାଇସେନ୍ସ ପାଇଥିବା ବିକ୍ରିକାରୀ ସଂସ୍ଥାରୁ ଏହି ଡ଼ିଟୋନେଟର କିଣିପାରିବେ । ପୁନଶ୍ଚ ଏହାକୁ ତାଲିମପ୍ରାପ୍ତ ବ୍ଲାଷ୍ଟରଙ୍କ ଦ୍ୱାରା ହିଁ ଫଟାଇବେ। ତେବେ ଏଠାରେ ସବୁକିଛି ବେଆଇନ ଭାବେ ଚାଲୁଥିବାରୁ ପଥର ବ୍ୟବସାୟୀମାନେ କୌଣସି ନିୟମ ମାନୁ ନ ଥିବା ଜଣାଯାଇଛି। ଚଡେଇଧରା, ଆରୁହା, ମୁକୁନ୍ଦପୁର, ବାଲିସାହି, ଜାବରା, ମୁରାରିପୁର, ଡଙ୍କାରୀ, ବିଛାଖଣ୍ଡି, କବାଟବନ୍ଧ, ବରଡା ପ୍ରଭୃତି ଗ୍ରାମରେ ବେଆଇନ ଡିଟୋନେଟର ବିକ୍ରି ଚାଲିଛି। ଏହିସବୁ ଯୋଡା ବଡବିଲ ଅଞ୍ଚଳରୁ ଆସୁଥିବା କୁହାଯାଉଛି। ବ୍ୟବସାୟୀମାନେ ମୁଖ୍ୟତଃ ରୟାଲଟି ଫାଙ୍କିବା ଓ ଡିଟୋନେଟର କିଣାରେ ଅଧିକ ଖର୍ଚ୍ଚରୁ ବଞ୍ଚିବା ପାଇଁ ଏହି ଲାଇସେନ୍ସ ନେବାକୁ ପଛାଉଛନ୍ତି । ଲାଇସେନ୍ସ ନେଇଥିବା ବ୍ୟବସାୟୀ ଦୈନିକ କେତେ ପଥର ଫଟାଉଛନ୍ତି ଓ କେତୋଟି ଡିଟୋନେଟର ଫୁଟାଇଛନ୍ତି ତାହାର ସବିଶେଷ ବିବରଣୀ ସରକାରଙ୍କ ନିକଟରେ ଦାଖଲ କରିବାର ନିୟମ ରହିଛି। ଏଣୁ କେତେ ପଥର ଫାଟୁଛି ତାର ବିବରଣୀ ସରକାରଙ୍କୁ ଦେବାପରେ ସେତିକି ପଥର ଉପରେ ରୟାଲଟି ମଧ୍ୟ ଦେବାକୁ ପଡ଼ିବ। ସେହିପରି ୧୦ଫୁଟରେ ୧୦ଫୁଟ ଅର୍ଥାତ ୧୦୦ ବର୍ଗଫୁଟର ଗୋଟିଏ ପଥର ଖଣ୍ଡ ଫଟାଇଲେ ଅତିକମ୍‌ରେ ୫ଟା ଡ଼ିଟୋନେଟରର ଆବଶ୍ୟକତା ପଡ଼ିଥାଏ । ଡିଟୋନେଟର ଅଧାରୁ କମ ଦାମ୍‌ରେ ଚୋରାରେ ମିଳୁଥିବାରୁ କମ୍ ଖର୍ଚ୍ଚ ପାଇଁ ଏହି ବିସ୍ଫୋରକ ସାମଗ୍ରୀର ବ୍ୟାପକ ଚୋରା କାରବାର ଚାଲିଛି । ଜିଲା ପ୍ରଶାସନ କିମ୍ବା ପୋଲିସ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବ୍ୟବସାୟୀମାନେ ଅନାୟାସରେ କାରବାର ଚଳାଇଛନ୍ତି । ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଆବଶ୍ୟକ ତଦନ୍ତ କରି ବିସ୍ଫୋରକ ଲାଇସେନ୍ସ ପ୍ରଦାନ କରାଯାଉଛି । ତେବେ ଯେଉଁମାନେ ବେଆଇନ ଭାବେ ବିସ୍ଫୋରକ ବ୍ୟବସାୟ କରୁଛନ୍ତି ସେମାନଙ୍କ ବିରୋଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପାରିବାରିକ କଳହର କରୁଣ ପରିଣତି**

# ଦେହରେ ଜିଲୋଟିନ ଫୁଟାଇ ମାଛ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ରସୁଲପୁର,୩୦।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତରେ ଶୁକ୍ରବାର ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ଜଣେ ମାଛ ବ୍ୟବସାୟୀ ପାରିବାରିକ କଳହ ଯୋଗୁ ନିଜ ଦେହରେ ଜିଲୋଟିନ ଫୁଟାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ ହେଲେ କହ୍ନେଇ ବେହେରା(୬୦)। ବ୍ୟବସାୟ ଉଦ୍ଦେଶ୍ୟରେ ଗଭୀର ଜଳରୁ ମାଛ ମାରିବା ପାଇଁ କହ୍ନେଇ ଜିଲୋଟିନ୍ ବ୍ୟବହାର କରୁଥିଲେ। ଯେଉଁ ଆତ୍ମଘାତି ବିସ୍ଫୋରକ ଦିନେ ତାଙ୍କ ଜୀବିକା ବଞ୍ଚାଇବାରେ ସହାୟକ ହେଉଥିଲା, ସେହି ବିସ୍ଫୋରକ ତାଙ୍କ ଜୀବନ ନେଇଯାଇଛି। ପ୍ରକାଶ ଯେ, ପାରିବାରିକ କଳହ ଯୋଗୁ କହ୍ନେଇ କ୍ରୋଧର ବଶବର୍ତ୍ତୀ ହୋଇ ପରିବାର ଲୋକଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ତାଙ୍କ ସ୍ତ୍ରୀ ଓ ପୁଅ ଉପରକୁ ଜିଲୋଟିନ ଫୋପାଡି ଥିଲେ। ଜିଲୋଟିନ ଲକ୍ଷ୍ୟଭ୍ରଷ୍ଟ ହୋଇ ଘର କାନ୍ଥରେ ବାଜି ଥିଲା । ଫଳରେ ଘର କାନ୍ଥ ଫାଟି ଯାଇଥିଲା । ମାତ୍ର ପରିବାର ଲୋକଙ୍କର କୌଣସି କ୍ଷତି ଘଟି ନ ଥିଲା। ପରେ ସେ ନିଜେ ଘର ଭିତର ପଟୁ କବାଟ ବନ୍ଦ କରିଦେଇ ହାତରେ ଧରିଥିବା ଏକ ଜିଲୋଟିନରେ ନିଆଁ ଲଗାଇ ଦେଇଥିଲେ। ଫଳରେ ବିସ୍ଫୋରଣରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ କହ୍ନେଇଙ୍କ ମୃତଦେହ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ି ରହିଥିଲା। ସ୍ୱାମୀ ଆତ୍ମହତ୍ୟା କରିଥିବା ନେଇ କହ୍ନେଇଙ୍କ ସ୍ତ୍ରୀ ବାସନ୍ତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ସେ ଏକ ଜୀବନ୍ତ ଜିଲୋଟିନ ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନରେ ଏକ ଅପମୃତ୍ୟୁ ମାମଲା (ନଂ-୧୨/୧୮) ମାମଲା ରୁଜୁ କରିଛି। ପାରିବାରିକ କଳହ ପଛର କାରଣ ଦାରିଦ୍ରତା ବୋଲି ଜଣାପଡିଛି।

# 'ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଏବେ ବି ଅଧୁରା'

**ବିଞ୍ଝାରପୁର,୩୦।୧୧(ଡିଏନଏ)**




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ଅଖିଳଚକ୍ର ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ**

ଭାରତର ସ୍ୱାଧୀନତା ପାଇଁ ବ୍ରିଟିଶ ସରକାରଙ୍କ ବିରୋଧରେ ସଂଗ୍ରାମ କରି ପ୍ରାଣବଳୀ ଦେଇଥିବା ସଂଗ୍ରାମୀଙ୍କ ସେହି ସ୍ୱପ୍ନ ଆଜିଯାଏ ପୂରଣ ହୋଇପାରି ନାହିଁ ବୋଲି ବକ୍ତାମାନେ ବିଞ୍ଝାରପୁର ଅଞ୍ଚଳର ମହାନ ସ୍ୱାଧୀନତା ସଂଗ୍ରାମୀ କପିଳ ଚରଣ ଜେନାଙ୍କ ୫ମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶୁକ୍ରବାର ପୂର୍ବାହ୍ନରେ ବରୁଣେଶ୍ୱର ପୀଠରେ ଅଖିଳଚକ୍ର ପକ୍ଷରୁ ଏକ ଜାତୀୟ ଆଲୋଚନାଚକ୍ର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଥମେ ଗୀତା ପାଠ କରାଗଲା ପରେ ଶିକ୍ଷକ ସଦାଶିବ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ସାଧାରଣ ସମ୍ପାଦକ ହରେକୃଷ୍ଣ ପଣ୍ଡା ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀମାନେ ଯେଉଁ ମାନସିକତା ନେଇ ଭାରତକୁ ସ୍ୱାଧୀନ କରିଥିଲେ ଏବଂ ପରେ ଏହାର ସୁଦୃଶ୍ୟରୂପର ସ୍ୱପ୍ନ ଦେଖିଥିଲେ ତାହା ଆଜି ସମଗ୍ର ଭାରତ ବର୍ଷରେ ସଫଳ ହୋଇପାରି ନାହିଁ। ଆଜିର କଳୁଷିତ ରାଜନୀତି, ସ୍ୱେଚ୍ଛାଚାରିତା, ଅନୈତିକତା, ଦୁର୍ନୀତି ବିରୋଧରେ ଆଉ ଏକ ସ୍ୱାଧିନତା ଆନ୍ଦୋଳନର ଆବଶ୍ୟକତା ଦେଖାଦେଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଯାଜପୁର ଜିଲାର ସ୍ୱାଧିନତା ସଂଗ୍ରାମୀ କପିଳ ଚରଣ ଜେନା, ପଦ୍ମ ନାଭ ରାୟ, ଭଗବାନ ସାହୁ,ମାଳତୀ ଦେବୀ, ବୈଦ୍ୟନାଥ ଦାସ,ତଥା ବିଞ୍ଝାରପୁରର ବହୁ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶିକ୍ଷକ ପ୍ରମୋଦ ଚନ୍ଦ୍ର ପାଠୀ, ଅନାଦି ସାମଲ, ବିଜୟ କୁମାର ନାୟକ, ଶିକ୍ଷୟିତ୍ରୀ ଅଞ୍ଜୁଶ୍ରୀ କର, ବବିତା ବେହେରା, ମହେଶ୍ୱର ବେହେରା,ଅନୁଷ୍ଠାନର ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ପଣ୍ଡା, ରୋଜିସ୍ମିତା ଯେନାଙ୍କୁ ପ୍ରଥମ ଓ ଦ୍ୱିତୀୟ ପୁରସ୍କାର ପ୍ରଶଂସାପତ୍ର ଓ ନଗଦ ଅର୍ଥ ମୁଖ୍ୟଅତିଥି ପ୍ରଦାନ କରିଥିଲେ।

## ବିନା ସୂଚନା ଫଳକରେ ରାସ୍ତା କାମକୁ ବିରୋଧ କଲେ ସରପଞ୍ଚ

**କାଳିଆପାଣି, ୩୦।୧୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତର ଢାବା ଛକଠାରୁ କଲରଙ୍ଗୀ ଅତା ପର୍ଯ୍ୟନ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ରାସ୍ତା କାମ ନିମ୍ନମାନର କରାଯାଉଛି। ଠିକାଦାର ବିନା ସୂଚନା ଫଳକରେ ରାସ୍ତା କାମ କରୁଥିବାବେଳ ଶୁକ୍ରବାର ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରି ଦେଇଥିଲେ। ପରେ ଠିକାଦାର ସୂଚନାଫଳକ ଲଗାଇ କାମ ଆରମ୍ଭ କରିବାକୁ ସୁପରଭାଇଜରଙ୍କୁ କହିଥିଲେ।

ସୁକିନ୍ଦା ବ୍ଲକ ରାଁସୋଳ ପଞ୍ଚାୟତର ଢାବା ଛକଠାରୁ ନିର୍ମିତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାରେ ଟେଣ୍ଡର କରାଯାଇ କାମ କରାଯାଉଛି। ଠିକାଦାର ରାସ୍ତା କାମ ଆରମ୍ଭ କରିଥିବାବେଳେ ବିନା ସୂଚନା ଫଳରେ ଇଚ୍ଛାମୁତବାକ ନିମ୍ନମାନର କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳରେ ପହଞ୍ଚି କାମ ବନ୍ଦ କରିବା ସହ ସୂଚନା ଫଳକ ଲଗାଇବା ପରେ କାମ କରିବାକୁ ଠିକାଦାରଙ୍କୁ ତାଗିଦ୍ କରିଥିବା ଜଣାପଡିଛି। ରାସ୍ତାକାମରେ ଠିକାଦାର ନିୟମ ମୁତାବକ ବାଲି, ସିମେଣ୍ଟ ଓ ଗୋଡି ନ ମିଶାଇ ବ୍ୟତିକ୍ରମ କରିଥିବା କେତେଜଣ କର୍ମଚାରୀ କହିଛନ୍ତି। ଏଭଳିସ୍ଥିତିରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୩ ବର୍ଷ ମଧ୍ୟରେ ଉକ୍ତ ରାସ୍ତାର କାମ ପାଇଁ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ସରିଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଆର. ବାରିକଙ୍କୁ ପଚାରିବାରୁ ଶନିବାର ଘଟଣାସ୍ଥଳ ପରିଦର୍ଶନ ପରେ କହିବେ ବୋଲି କହିଛନ୍ତି ।

# କଂଗ୍ରେସର କର୍ମୀ ସମ୍ମିଳନୀ

**କୋରେଇ,୩୦।୧୧(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ ଗୌରପୁର ପଞ୍ଚାୟତର ତୁଳସୀପୁରଠାରେ ଗୁରୁବାର ବ୍ଲକ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ କଂଗ୍ରେସ ସଭାନେତ୍ରୀ ତଥା ପ୍ରଚାର କମିଟି ଅଧ୍ୟକ୍ଷା ବନ୍ଦିତା ପରିଡ଼ା ମୁଖ୍ୟ ଅତିଥି, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ନିର୍ମଳା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ଜିଲା ଦଳିତ ସେଲ ସଭାପତି ବାବୁଲାଲ ଗୁରୁ, ରାଜ୍ୟ ସେବାଦଳ ସଂଯୋଜକ ସୁରେନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ପ୍ରଥମେ ଦଳୀୟ କର୍ମୀମାନେ ପୂର୍ବକୋଟ ହାଟ ପଡ଼ିଆରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ସଭା ମଞ୍ଚରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୀଳମଣି ଜେନା, ଜୋନ ସଭାପତି କୁମାର ଗୌରବ, ଗଜେନ୍ଦ୍ର କର, ଗିତାରାଣୀ ମହାନ୍ତ, ବିଶ୍ୱନାଥ ସାହୁ, ଭାନୁମତୀ ସାହୁ, ବିନୋଦ ପଲେଇ, କୀର୍ତନ ରାଉତ, ରଘୁନାଥ ସାହୁ, ସୁକଦେବ ଦାସ, ଶରତ କୁମାର ସାହୁ, ଜିତେନ୍ଦ୍ର ଜେନା, ସନତ ପଣ୍ଡା, ନାରାୟଣ ସାହୁ, ବାବାଜୀ ଜେନା, ବସନ୍ତ ଜେନା, ମନୋରନ ଜେନା, ସୌମ୍ୟରଞ୍ଜନ ଗୁରୁ, ଦୁର୍ଗା ଜେନା, କାମିନୀ ଜେନା, ମାମିନା ଜେନାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଜୋନ ସଭାପତି ଶରତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ତ୍ରିଦିବସୀୟ ଯୋଗ ଶିବିର ଉଦ୍‌ଯାପିତ



ଯୋଗ ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀମାନେ।

**କୋରେଇ,୩୦।୧୧(ସ୍ୱ.ପ୍ର.):** ରିଜର୍ଭ ପୋଲିସ ପଡ଼ିଆରେ ପାଣିକୋଇଲି ଥାନା ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଯୋଗ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଓଡ଼ିଶା ପତଞ୍ଜଳି ଯୁବ ଭାରତର ରାଜ୍ୟ ପ୍ରଭାରୀ ପିତାମ୍ବର ସାହୁ, ଜିଲା ପ୍ରଭାରୀ ଉମାକାନ୍ତ ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ । ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରିଜର୍ଭ ଇନ୍ସପେକ୍ଟର କାହ୍ନୁ ଚରଣ ମାରାଣ୍ଡି, ଆମ ପୋଲିସ ସମିତି ସଦସ୍ୟ ସୁବାସ ଧଳ, ପ୍ରଫୁଲ୍ଲ କୁମାର ଦାସ, ଶଶିକାନ୍ତ ମଲିକ, ସେକ ବାବୁ ଓ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ଉମାକାନ୍ତ ଖଣ୍ଡାଇ, ଅଦୈତ ଚରଣ ଦାଶ, ଗୌରାଙ୍ଗ ବାରିକ, ଏସଆଇ ପୁଷ୍ପଲତା ବେହେରା, ରିତାରାଣୀ ତିର୍କୀ, ମୀତାରାଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶିବିରରେ ଶତାଧିକ ଲୋକ ଯୋଗ ଦେଇଥିଲେ ।

# ଆରଟିଆଇରେ ତଥ୍ୟ ମାଗିବାରୁ ସରପଞ୍ଚ ସ୍ୱାମୀଙ୍କ ହତ୍ୟା ଧମକ ଅଭିଯୋଗ

**ବିଞ୍ଝାରପୁର,୩୦।୧୧(ଡି.ଏନ.ଏ)**


ସୂଚନା ଅଧିକାର ଆଇନ (ଆରଟିଆଇ) ବଳରେ ତଥ୍ୟ ମାଗିଥିବାରୁ ସରପଞ୍ଚଙ୍କ ସ୍ୱାମୀ ହତ୍ୟା ଧମକ ଦେଇଥିବା ନେଇ ଶୁକ୍ରବାର ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଖବର ମୁତାବକ ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତର ବାଣପୁର ଗ୍ରାମର ଧିରେନ ବଳ(୫୩) ନିଜ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ କେତକ ତଥ୍ୟ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଗତ ୨୭ ତାରିଖରେ ମାଗିଥିଲେ। ସେହି ପଞ୍ଚାୟତର ସରପଞ୍ଚ ରଶ୍ମିରାଣୀ ଦାସଙ୍କ ସ୍ୱାମୀ ତଥା ପୂର୍ବତନ ସରପଞ୍ଚ ରମେଶ ଦାସ ଧିରେନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି । ଏପରିକି ଏହି ଘଟଣାକୁ ନେଇ ଶୁକ୍ରବାର ସକାଳେ ରମେଶ ତାଙ୍କୁ ରାସ୍ତାରେ ଅଟକାଇ ତଥ୍ୟ ପାଇଁ ଦେଇଥିବା ଫର୍ମକୁ ପ୍ରତ୍ୟାହାର କରି ନେବାକୁ ଧମକ ଦେଇଥିବା ମଧ୍ୟ ଧିରେନ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ରମେଶ ମଧ୍ୟ ଧିରେନଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଧିରେନ ରମେଶଙ୍କଠାରୁ ୩୦ ହଜାର ଟଙ୍କା ନେଇ ଫେରାଇ ନ ଥିଲେ। ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଧିରେନ ରମେଶଙ୍କ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା ଥାନାରେ ପାଲଟା ଅଭିଯୋଗ ହୋଇଥିବା ବେଳେ ତଥ୍ୟ ମାଗିବା ନେଇ କୌଣସି ଝଗଡ଼ା ହୋଇ ନ ଥିବା ସରପଞ୍ଚ ରଶ୍ମିରାଣୀ କହିଛନ୍ତି।

**କ୍ରିୟାନୁଷ୍ଠାନ କମିଟିର ଗଣଧାରଣା ଜାରି**

# ସମର୍ଥନ ଜଣାଇଲା କୋରେଇ ପ୍ରେସ କ୍ଲବ

**କୋରେଇ,୩୦।୧୧(ସ୍ୱ.ପ୍ର.)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିରେ ନିର୍ମାଣ କରିବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ଶୁକ୍ରବାର ୧୯ ଦିନରେ ପହଞ୍ଚିଛି। ଏହି ଧାରଣାରେ କୋରେଇ ପ୍ରେସ୍ କ୍ଲବ ସାମିଲ ହୋଇ ସମର୍ଥନ ଜଣାଇଛି। ଏହି ଅବସରରେ ପ୍ରେସ କ୍ଲବ ସଭାପତି ସୁବାସ ଧଳଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ଜେନାଙ୍କ ସଞ୍ଚାଳନରେ ସମ୍ପାଦକ ବିରଞ୍ଚି ନାରାୟଣ ଖୁଣ୍ଟିଆ, ମଳୟ କୁମାର ମଲ୍ଲିକ, ବ୍ରଜ କିଶୋର ରାଉତ, ଅଜୟ କୁମାର ଦାଶ, ପବିତ୍ର ମୋହନ ରାଉତ, ବିନୟ ରାଉତ, ଉପେନ୍ଦ୍ର ପାତ୍ର, ତାରିଣୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପକ୍ଷରୁ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡାଇ, ସନ୍ତୋଷ ଦାସ, ସିପିଏମ ନେତା ପ୍ରଫୁଲ୍ଲ ନାୟକ, ସଦାଶିବ ଦାଶ, ବ୍ୟାସନଗର କ୍ରିୟାନୁଷ୍ଠାନ କମିଟି ଆବାହକ ଚନ୍ଦ୍ର ଶେଖର ପଣ୍ଡା, ମଧୁସୂଦନ ସାହୁ, ବଟକୃଷ୍ଣ ସାହୁ, ବୈଷ୍ଣବ ସାହୁ, ନାରାୟଣ ସାହୁ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।



କୋରେଇ ପ୍ରେସ କ୍ଲବ ପକ୍ଷରୁ ଧାରଣା ଦିଆଯାଇଛି।

**ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା**

# ସରିଲାଣି ଅବଧି, ଶେଷ ହୋଇନି କାର୍ଯ୍ୟ

**ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ**



- ୧୨ କି.ମି. ରାସ୍ତା ପାଇଁ ୭.୯୮ କୋଟି ବ୍ୟୟବରାଦ
- ୨୮୦୦ ମି. ରାସ୍ତା କଂକ୍ରିଟ୍ ଓ ବଳକା ପିଚୁ ହେବାର ନିୟମ ରହିଛି
- କେତେକ ସ୍ଥାନରେ ଭୁଶୁଡ଼ି ପଡ଼ିଛି ରାସ୍ତାର ପାର୍ଶ୍ୱ

**ଚଣ୍ଡିଖୋଲ,୩୦।୧୧(ଡି.ଏନ.ଏ.)**

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଚଣ୍ଡିଖୋଲ ସବଡିଭିଜନ ଅନ୍ତର୍ଗତ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଉଥିବା ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଝିପଡ଼ା ସିଦ୍ଧ ଗୁମ୍ଫାଠାରୁ ନାହାକାଣୀ ଭାୟା ମାଣ୍ଡୁକା ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ରାସ୍ତାର ଅବଧି ପରେ ବି କାର୍ଯ୍ୟ ସରିନାହିଁ। ହେଲେ ନିର୍ମାଣ ନ ସରୁଣୁ ବିଭିନ୍ନ ସ୍ଥାନରେ ରାସ୍ତା ଭାଙ୍ଗି ଗଲାଣି।

ସୂଚନାଯୋଗ୍ୟ, ଦୀର୍ଘ ୧୨ କି.ମି ରାସ୍ତା ପାଇଁ ୨୦୧୫ ମାର୍ଚ୍ଚ ୨୫ ତାରିଖରେ ୭ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୧୬ ଫେବୃୟାରୀ ୨୪ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଅବଧି ରହିଥିଲା। ହେଲେ ଅବଧିକୁ ୨ ବର୍ଷ ପୂରିଯାଇଥିଲେ ମଧ୍ୟ କାର୍ଯ୍ୟ ଶେଷ ହୋଇନାହିଁ। ଏଥିରେ ୨୮୦୦ ମିଟର କଂକ୍ରିଟ୍ ରାସ୍ତା ଥିବାବେଳେ ବଳକା ରାସ୍ତା ପିଚୁ କରାଯିବାର ନିୟମ ରହିଥିଲା। ଅସିହା ସଂରକ୍ଷିତ ଜଙ୍ଗଲ ମଧ୍ୟ ଦେଇ ସମ୍ପୃକ୍ତ ରାସ୍ତା ନିର୍ମାଣ କରାଯିବ ବୋଲି ନକ୍ସା ପ୍ରସ୍ତୁତ କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା। ବନ ବିଭାଗ ଅଧୀନରେ ଥିବା ସଂରକ୍ଷିତ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣ ପୂର୍ବରୁ ବିଭାଗୀୟ ଅନୁମତିର ଆବଶ୍ୟକ ରହିଛି। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ବିନା ଅନୁମତିରେ କାର୍ଯ୍ୟ କରିବା ହେତୁ ଜଙ୍ଗଲ ବିଭାଗ ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ସେଥିପାଇଁ ମାଣ୍ଡୁକାଠାରୁ ପଳାସବଣୀ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ହୋଇଥିଲା ବେଳେ ଏବେ ଅଧାରୁ କାମ ବନ୍ଦ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଶିବ ଜ୍ୟୋତି କନ୍‌ଷ୍ଟ୍ରକ୍ସନ କମ୍ପାନୀକୁ ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର କାର୍ଯ୍ୟ ଦିଆଯାଇଥିଲା ବେଳେ ରାସ୍ତା କାର୍ଯ୍ୟ ଅଧାପନ୍ତରିଆ କରି ଛାଡ଼ି ପକାଇଯାଇଛି। ଅଚ୍ୟୁତବସନ୍ତ ଓ ମଝିପଡ଼ା ପାଖରେ ଏହି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ୨ ବର୍ଷ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏପରି କି କେତେକ ସ୍ଥାନରେ ରାସ୍ତାର ପାର୍ଶ୍ୱ ଭୁଶୁଡ଼ି ପଡ଼ିଛି। ଏହି ରାସ୍ତା କାର୍ଯ୍ୟ ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ତଥ୍ୟ ପଦାକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଚଣ୍ଡିଖୋଲ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଳସୀ ପାତ୍ରଙ୍କୁ ପଚାରିବାରେ, ଜଙ୍ଗଲ କିସମ ଜମିକୁ ପରିବର୍ତ୍ତନ କରିବା ପାଇଁ ଜଙ୍ଗଲ ବିଭାଗଠାରୁ ଅନୁମତି ଆଣିବାକୁ ଆବେଦନ କରିଛନ୍ତି। ଏଥିସହ ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟ ଅନୁସାରେ ପଇସା ଦିଆଯାଇଛି ବୋଲି କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧ ଡିସେମ୍ବର, ୨୦୧୮

## ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ସାଇକେଲ ଯାତ୍ରା

# ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ୨ ଛାତ୍ର

**ପୁରୀ ଅଫିସ,୩୦।୧୧**

ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ କୋଣାର୍କରୁ ବ୍ରହ୍ମପୁର ଦେଇ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିଥିବା ୨ ଛାତ୍ର ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହି ଦୁଇଜଣ ହେଲେ ନିମାପଡ଼ା ମହାବିଦ୍ୟାଳୟର ସୌମ୍ୟରଞ୍ଜନ ବିଶ୍ୱାଳ ଓ ଦିଲୀପ ବିଶ୍ୱାଳ। ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସର ଏଡିଟୋରିଆଲ ଆସିଷ୍ଟାଣ୍ଟ ଆର୍ଯ୍ୟ ପ୍ରିୟଦର୍ଶିନୀ ମେଲ୍ ଯୋଗେ ଉଭୟଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସର ୨୦୧୯ ଏଡିଶନରେ ଏମାନେ ସ୍ଥାନ ପାଇଛନ୍ତି। ଆସନ୍ତା ଫେବୃୟାରୀ ୧୯ରେ ଏହି ଦୁଇ ଛାତ୍ରଙ୍କ ନିକଟକୁ ପ୍ରମାଣପତ୍ର ଏବଂ ଟ୍ରଫି ପଠାଯିବ ବୋଲି ପ୍ରିୟଦର୍ଶିନୀ ମେଲ୍‌ରେ ଉଲ୍ଲେଖ କରିଛନ୍ତି।



ମାସ୍କଟ୍ ପରିଧାନ କରି ସଚେତନତା ସୃଷ୍ଟି କରୁଛନ୍ତି ଦୁଇ ଛାତ୍ର।

ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ଏବଂ ପୁରୀ ଉପକୂଳକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ସଙ୍ଗମ ଏବଂ ଅଣ୍ଡାଦାନ ଲାଗି ଛୁଟିଆସିଥାନ୍ତି। କିନ୍ତୁ ବେଆଇନ ଭାବେ ହେଉଥିବା ଟ୍ରଲର ଚଳାଚଳ ଏବଂ ଜାଲରେ ପଡି ଏମାନେ ମୃତ୍ୟୁବରଣ କରିଥାନ୍ତି। ପୁରୀ ଉପକୂଳକୁ ଅଣ୍ଡାଦାନ ଲାଗି ଆସୁଥିବା ଏହି କଇଁଛଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଣ୍ଟା ଭିଡ଼ିଥିଲେ ଅସ୍ତରଙ୍ଗର ସୌମ୍ୟରଞ୍ଜନ ଏବଂ ସାକ୍ଷୀଗୋପାଳର ଦିଲୀପ। ଦୁଇସାଙ୍ଗ ଗୋଟିଏ କଲେଜରେ ପଢୁଥିବା ବେଳେ ସେମାନେ କଇଁଛଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ନିଷ୍ପତ୍ତି ନେଇଥିଲେ। କଇଁଛ ମାସ୍କଟ ପରିଧାନ କରି ମାର୍ଚ୍ଚ ୭ରୁ କୋଣାର୍କରୁ ବାହାରି ବ୍ରହ୍ମପୁର ଦେଇ ୧୪ ତାରିଖରେ କେନ୍ଦ୍ରାପଡାରେ ପହଞ୍ଚିଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ଅନୁଷ୍ଠାନକୁ ଯାଇ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ।

## ସନ୍ତାନଙ୍କ ମଙ୍ଗଳ କାମନା ପାଇଁ କାଞ୍ଜିଅଁଳା ବ୍ରତ

**ପୁରୀ ଅଫିସ,୩୦।୧୧**

ସନ୍ତାନ ପ୍ରାପ୍ତି ଆଶା ଏବଂ ପିଲାମାନଙ୍କ ମଙ୍ଗଳ କାମନା କରି ଶୁକ୍ରବାର ସଧବା ମହିଳାମାନେ କାଞ୍ଜିଅଁଳା ବ୍ରତ ପାଳନ କରିଛନ୍ତି। ପୁରୀର ବିଭିନ୍ନ ସାହିଗଳିରେ ମହିଳାମାନେ ଏହି ବ୍ରତରେ ଷଠିଦେବୀଙ୍କୁ ପୂଜା କରିଛନ୍ତି।

ଏହି ବ୍ରତ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଦାଶ କୁହନ୍ତି, ସନ୍ଧ୍ୟା ସମୟରେ ଘର ଅଗଣାରେ ଏକ ଛୋଟ ଦୀପିଦାଣ୍ଡି ଥାଇ ପୋଖରୀ ଭଳି ଖୋଳାଯାଏ। ଏହା ପାଖରେ ବାଲୁଙ୍ଗା ଧାନଗଛ ଓ ସାରୁଗଛ ରଖାଯାଏ। କଦଳୀ ବାହୁଙ୍ଗାର ଗୋଟିଏ ଛୋଟ ଡଙ୍ଗା ତିଆରି କରି ସେଥିରେ ପିତାଶୁଖୁଆ ସାତଟି ଆଣି ହଳଦୀ ପାଣିରେ ଗାଧୋଇ ଦିଆଯାଏ। ହଳଦିଆ କପଡ଼ା ପିନ୍ଧାଇ ଆଖିରେ କଜଳ ଓ ସିନ୍ଦୂର ଦେଇ ସାତଖଣ୍ଡ ପୋଇଖାଡି ସହ ଡଙ୍ଗାରେ ସଜାଇ ଦିଆଯାଏ। ଏହାପରେ ଦୀପିଦାଣ୍ଡିରେ ଡଙ୍ଗାରେ ବସାଇ ଷଠିଦେବୀଙ୍କୁ ପୂଜା କରାଯାଏ। ଏହି ପୂଜାରେ ୬ଟି ଚକୁଳିପିଠା, ଭାତ, ଛଅ ପ୍ରକାର ତରକାରି, ମୂଳାଶାଗ, ପୋଇଶାଗ ତରକାରି ଓ କାଞ୍ଜି ଭୋଗ କରାଯାଇଥାଏ। ଏହି ପୂଜା ପରେ ଘରେ ସମସ୍ତେ ଏକାଠି ବସି ଖାଇଥାନ୍ତି, ଯାହା ବଳେ ତାହା ଅନ୍ୟକୁ ନ ଦେଇ ପୋତିଦେବାର ବିଧି ରହିଛି। ଏହି ପୂଜାରେ ଷଠିଦେବୀ ପ୍ରସନ୍ନ ହୋଇ ଅପୁତ୍ରିକକୁ ସନ୍ତାନ ପ୍ରାପ୍ତି କରିଥାନ୍ତି ବୋଲି ବିଶ୍ୱାସ ରହିଛି।

## ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ପାଳିତ

**ପୁରୀ ଅଫିସ,୩୦।୧୧**

ଶ୍ରୀମନ୍ଦିରରେ ଶୁକ୍ରବାର ପାଳିତ ହୋଇଛି ପବିତ୍ର ପ୍ରଥମାଷ୍ଟମୀ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗ ମଣ୍ଡପ ବଢିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି କରିବା ପରେ ବେଶ ହୋଇଥିଲା। ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସତ୍ୟର ସଙ୍ଗେ ତପ ଗଲା,**
**ଶଉଚ ତ୍ରେତାରେ ରହିଲା ।**
**ଦ୍ୱାପର ଗଲା ଦୟା ସଙ୍ଗେ**
**ମିଥ୍ୟା ରହିଲା କଳିଯୁଗେ ।**

ସତ୍ୟଯୁଗରେ ଲୋକେ ଜପତପ କରୁଥିଲେ। ତ୍ରେତୟା ଯୁଗରେ ଧର୍ମ ଓ ପବିତ୍ରତାକୁ ଶ୍ରେଷ୍ଠ ମଣୁଥିଲେ। ଦ୍ୱାପର ଯୁଗରେ ଲୋକେ ଅନ୍ୟପ୍ରତି ଦୟାଭାବ ରଖୁଥିଲେ। ସେହିପରି ଆଜିର କଳିଯୁଗରେ ଲୋକେ ମିଥ୍ୟା ଓ କଳହ ପ୍ରତି ବେଶି ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସହି ନ ଥିଲି ମୁଁ ଫୁଲର ଭାର**
**ଏବେ ସହୁଅଛି ପଥର ଭାର ।**

ଝିଅ ବାପଘରେ ବେଶ୍ ଫୁଲାଫାଙ୍କିଆ ହୋଇଥାଏ। କିନ୍ତୁ ଯେତେବେଳେ ସେ ବାହାହୋଇ ଶାଶୁଘରକୁ ଆସେ ସେତେବେଳେ ତାକୁ ଅନେକ ଦାୟିତ୍ୱ ମୁଣ୍ଡାଇବାକୁ ପଡ଼ିଥାଏ। ବାପଘରେ କାମ ନ କରି ଅଳିଅଳ ହୋଇ ବଢ଼ି ଆସିଥିବା ଝିଅ ଶାଶୁଘରେ କାର୍ଯ୍ୟର ଭାରା ସହି ନ ପାରି ବ୍ୟତିବ୍ୟସ୍ତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.


GOVERNMENT OF ODISHA
**DAM REHABILITATION AND IMPROVEMENT PROJECT (DRIP)**
**World Bank - IBRD LOAN NO-7943-IN AND IDA CREDIT NO-4787-IN**
E-PROCUREMENT NOTICE / INVITATIONS FOR BIDS (IFB)
NATIONAL COMPETITIVE BIDDING
ITEM RATE e-TENDER

No.874-A:- e_mail = executiveengineereddckd@gmail.com

1. Name of the work : Electrical Works.
2. Total No. of Works : 01 No.
3. Estimated Cost : Approx. Estimated Cost Rs. 8.50
4. Bid Security : Rs. 17,000/-
5. Period of completion : 01(One) Calendar Months
6. Other details

| Procurement Officer | Bid Identification No | Available of tender for on-line for bidding | | Date & time of opening of tender in the office of the Sub-Divisional Officer, Satiguda Irrigation Sub-Division, Malkangiri |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Earth Dam Division, Chitrakonda, Dist.Malkangiri. | EE CKD NCB/01/ ORDRIP W-01/ 2018-19 (On Line) | 01.12.2018 at 11.30 AM | 10.12.2018 up to 5.00 PM | 12.12.2018 at 11.30 AM |

Further details can be seen from the e-procurement portal http://tendersorissa.gov.in.

32019/11/0006/1819 Sd/- Executive Engineer, Earth Dam Division, Chitrakonda



**THE ODISHA MINING CORPORATION LIMITED**
OMC | ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (03.12.2018 – 51st E-auction)**
**IRON ORE CLO**

**No.CAD-1081:-** The Odisha Mining Corporation Ltd intends to sell various grades of Iron ore produced at different iron ore mines at Daitari and Gandhamardan Regions in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 AM to 2.00 PM on 03.12.2018.

For details, please visit the website of MSTC i.e. www.mstcecommerce.com

30005/11/0139/1819 GM (S&M)


## ଆଜି ବିଶ୍ୱ ଏଡ୍‌ସ ଦିବସ

# ପୁରୀ ଜିଲ୍ଲାରେ ୧୬ ବର୍ଷରେ ୧୭୬ ମୃତ୍ୟୁ

**ପୁରୀ ଅଫିସ, ୩୦।୧୧**

ଡିସେମ୍ବର ୧ ବିଶ୍ୱ ଏଡ୍‌ସ ଦିବସ। କେବଳ ସଚେତନତା ମାଧ୍ୟମରେ ଏହାକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଏଡ୍‌ସ ସଚେତନତା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଥଚ କ୍ରମାଗତ ଭାବେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି।

ମିଳିଥିବା ସୂଚନା ପ୍ରକାରେ, ପୁରୀ ଜିଲ୍ଲାରେ ଗତ ୧୬ ବର୍ଷ ମଧ୍ୟରେ ଏଡ୍‌ସରେ ୧୭୬ ଜଣଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ପୁରୀ ସହର, ପୁରୀ ସଦର, ବ୍ରହ୍ମଗିରି, କଣାସ ଏବଂ ସତ୍ୟବାଦୀରେ ୧୩୦ ଜଣଙ୍କ ଜୀବନ ଯାଇଛି। ପୁରୀ ପୌରାଞ୍ଚଳରେ ସର୍ବାଧିକ ୬୯ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସଦରରେ ୨୪, ବ୍ରହ୍ମଗିରିରେ ୨୩, କଣାସ ବ୍ଲକରେ ୫ ଏବଂ ସତ୍ୟବାଦୀରେ ୯ଜଣଙ୍କ ମୃତ୍ୟୁ ହୋଇଛି। ଜିଲ୍ଲାରେ ଏଡ୍‌ସ ନିୟନ୍ତ୍ରଣ ପାଇଁ ୩ଟି ସଂସ୍ଥା କାର୍ଯ୍ୟରତ ଅଛନ୍ତି। ଏହି ୩ ଏନ୍‌ଜିଓକୁ କୋଟି କୋଟି ଟଙ୍କା ଦିଆଯାଉଛି। ଅଥଚ ସେ ତୁଳନାରେ କୌଣସି ଆଖିଦୃଶିଆ ଫଳ ମିଳୁନି। ଜିଲ୍ଲାରେ ଏଡ୍‌ସ ନିୟନ୍ତ୍ରଣ ହେବା ପରିବର୍ତ୍ତେ ବୃଦ୍ଧି ପାଉଛି। ସଚେତନ ଆଳରେ ଏନ୍‌ଜିଓଗୁଡିକ ମାଲାମାଲ ହେଉଛନ୍ତି। ଜିଲା ଏଡ୍‌ସ ନିୟନ୍ତ୍ରଣ ପର୍ଯ୍ୟବେକ୍ଷକ ଦୁଃଖିରାମ ପଟ୍ଟନାୟକ କୁହନ୍ତି, ଜିଲାରେ ଏଡ୍‌ସ ନିୟନ୍ତ୍ରଣ ଲାଗି ବିଭିନ୍ନ ଏନ୍‌ଜିଓଙ୍କ ଜରିଆରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



**BERHAMPUR MUNICIPAL CORPORATION, GANJAM**
**INVITATIONS FOR BIDS (IFB)**
L. No. 19145/ X-E-3-31/2017 dated 24.11.18

Invitation for Bids
NATIONAL COMPETITIVE BIDDING THROUGH e-procurement
No.362-C:- Bid Identification No. BMC(BAM) 180/2018-19

| | | |
|---|---|---|
| 1 | The Municipal Commissioner, Berhampur, invites percentage rate bids in ONLINE MODE only, as per annexure 'A'. | |
| 2 | Nature o work | Civil Work |
| 3 | No. of work | 1 (One) |
| 4 | Bid Cost | The bidder shall remit online the cost of bid document of amount through the process as mentioned in the DTCN as per Annexure 'A'. |
| 5 | E.M.D. | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN, Bidders desirous to hire machineries or equipments from outside the state or owned but deployed outside the state are required to remit online 2% of the amount put to tender as Bid Security. Exemption from EMD is permissible as per codal provision of Govt. of Odisha. As per Annexure 'A'. |
| 6 | Class of Contractor | As per the Annexure 'A'. |
| 7 | Availability of Bid Documents in the website | From 15.05 hrs of Dt. 29.11.18 to 17.00 hrs of dt. 19.12.18 |
| 8 | Date & Time of opening of the Technical Bids | 11.30 hrs onwards on Dt. 20.12.18 |
| 9 | Date and time of opening of the Financial Bids | Shall be intimated to the responsive bidder after evaluation of technical Bid |
| 10 | Mode of submission of tender | Tender should submitted on line in www.tendersorissa.gov.in. |
| 11 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

13035/11/0159/1819 Sd/- Commissioner, Berhampur Municipal Corporation



**OFFICE OF THE CHIEF ENGINEER**
DAM SAFETY, Secha Sadan, Unit – V, Odisha
BHUBANESWAR – 751001, Phone – 0674 2531935/
Fax – 0674 2531934, e-mail – cedamsafety.odisha@gmail.com
No.876-A:- 'e' Procurement Notice
**WORLD BANK FUNDED PROJECT**

| | | |
|---|---|---|
| 1 | Nature of the works | Supply, Installation, Operation & Maintenance of Integrated Operation Control cum Training Centre of the State Dam Safety Organisation of Odisha under DRIP at Bhubaneswar. Project funded by World Bank |
| 2 | No of works | 01 (One) |
| 3 | Value of works | 670 lakhs |
| 4 | Period of completion | 6(Six) Calendar Month |
| 5 | Class of contractors | PSU of State or Central Government, Private Firm or Joint Ventures |
| 6 | Procurement Officer | CHIEF ENGINEER, DAM SAFETY, Secha Sadan, Unit – V, Odisha, BHUBANESWAR |
| 7 | Bid Identification No | OD/WRD/DRIP/CEDS/NCB/07/2018-19 |
| 8 | Availability of tender for On-line bidding | From 11.00hrs of 01.12. 2018 to 31.12.2018 up to 15.00hrs |
| 9 | Last date and time of seeking tender clarification | 07.12.2018 up to 17.00hrs |
| 10 | Pre Bid Conference | 10.12.2018 11.00hrs / O/O Chief Engineer, Dam Safety Conference Hall, Bhubaneswar. |
| 11 | Date and time of opening of Bid | 01.01.2019 at 11.00hrs |

Further details conditions can be seen from the Govt. website www.tendersorissa.gov.in.

32390/11/0001/1819 CHIEF ENGINEER, DAM SAFETY Odisha, BHUBANESWAR



# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**M. GROUP FINANCE CO.**
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**Shri Ram Finance**
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

**କୁବେର ଫାଇନାନ୍ସ**
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**T.C.F. FINANCE**
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385,
9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

# ବିଧାୟକଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସ

**କୃଷ୍ଣପ୍ରସାଦ, ୩୦।୧୧(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍‌ରେ ବ୍ରହ୍ମଗିରି ବିଧାୟକ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ନୂତନ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଛନ୍ତି । ପୂର୍ବରୁ ଏହି ବ୍ଲକ୍‌ର ୧୪ ପଞ୍ଚାୟତରେ କାର୍ଡ ବଣ୍ଟନ କାର୍ଯ୍ୟ ସରିଛି। ଅବଶିଷ୍ଟ ୭ ପଞ୍ଚାୟତର ୪୯୫ ହିତାଧିକାରୀଙ୍କୁ ବର୍ତ୍ତମାନ ବଣ୍ଟନ କରାଯାଉଛି। ଏହି ଅବସରରେ ସାତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୌଦାମିନୀ ମାନସିଂହଙ୍କ ଅଧ୍ୟକ୍ଷତାରେ କୃଷ୍ଣପ୍ରସାଦ ବିଡିଓ ଅଶୋକ କୁମାର ମହାନ୍ତି, ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ସାତପଡ଼ା ସରପଞ୍ଚ ତ୍ରିନାଥଚନ୍ଦ୍ର ସାମନ୍ତରାୟ ଓ ଜିଲା ପରିଷଦରୁ ସଭ୍ୟା ବନ୍ଦନା ପ୍ରଧାନ ପ୍ରମୁଖ ସଭାରେ ଯୋଗଦେଇଥିଲେ । ବର୍ଷସାରା ରାଶନ କାର୍ଡ ବଣ୍ଟନ କରାଯିବ ବୋଲି ବିଧାୟକ କହିଥିଲେ । ସେ ତାଳମ୍ବରସ୍ଥିତ ଆଖଣ୍ଡଳେଶ୍ୱର ଦେବଙ୍କ ପୀଠ ଓ ଗିଳିନାସୀ ଗ୍ରାମରେ ୨ଟି ନୂତନ କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ । ଦାସବର୍ମା ନବୀନ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଜେଡି ନେତା ହେମନ୍ତ କୁମାର ଜେନା, ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ବ୍ଲକ୍ ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ, ଜିଲା ପରିଷଦରୁ ପ୍ରଭାତୀ ପ୍ରଧାନ, ସିଆଣ୍ଡି ସରପଞ୍ଚ ଅନୀତା ନାୟକ, ଶିଆଳ ସରପଞ୍ଚ ଗୀତାଞ୍ଜଳି ଦଳାଇ, ପ୍ରବୀର କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସାମନ୍ତରାୟ, ପବିତ୍ର କୁମାର ମଲିକ, ଆଖଣ୍ଡଳେଶ୍ୱର ଦେବ ପରିଚାଳନା କମିଟି ସଭାପତି ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# 'କଇଁଛ ମାଛବଂଶ ବୃଦ୍ଧିରେ ସହାୟକ ହୋଇଥାଏ'

**କୃଷ୍ଣପ୍ରସାଦ, ୩୦।୧୧(ଡି.ଏନ.ଏ.)**

ଚିଲିକା,ନୂଆପଡ଼ା ରେଞ୍ଜ୍ ଅଫିସରେ ଶୁକ୍ରବାର ସାମୁଦ୍ରିକ କଇଁଛ ସୁରକ୍ଷା ଶିବିର ଓ ପ୍ରଶିକ୍ଷଣ ତାଲିମ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ ସାମୁଦ୍ରିକ କଇଁଛର ସୁରକ୍ଷା ଓ ଏହାର ବଂଶବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ସୁପ୍ରଭାବ ପଡ଼ିଥାଏ ସେ ନେଇ ଆଲୋଚନା ହୋଇଥିଲା। ମାଛ ଅଣ୍ଡାଗୁଡ଼ିକୁ କିଛି ଜେଲି ଓ ପ୍ରବାଳ ଜାତିର ଜୀବ ଖାଇଯାନ୍ତି। ତେବେ କଇଁଛମାନେ ଏହି ଜେଲି ଆଦି ଜୀବଗୁଡ଼ିକୁ ଖାଇଯିବାରୁ ମାଛ ବଂଶବୃଦ୍ଧି ଘଟିଥାଏ ପ୍ରଶିକ୍ଷକମାନେ ବୁଝାଇଥିଲେ । ଶିବିରରେ ଚିଲିକା ବନ ସଂରକ୍ଷକ ମହେଶ୍ୱର ପଟ୍ଟନାୟକ, କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ପ୍ରଶିକ୍ଷକ ଡା. ଶିବପ୍ରସାଦ ପରିଡ଼ା, ସତ୍ୟରଞ୍ଜନ ବେହେରା ଓ ରମ୍ଭା ରେଞ୍ଜର ନଗେନ୍ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସାତପଡ଼ା ରେଞ୍ଜର ମାନସ ରଞ୍ଜନ ମହାପାତ୍ର, ଚିଲିକା, ନୂଆପଡା ରେଞ୍ଜର ଗଙ୍ଗାଧର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ୩ୟ ଦିନରେ ଶିକ୍ଷକ ପ୍ରଶିକ୍ଷାର୍ଥୀଙ୍କ ଧାରଣା

**ଟାଙ୍ଗୀ(ଖୋର୍ଦ୍ଧା), ୩୦।୧୮(ଡି.ଏନ.ଏ.)**

ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବାରେ ରାଜ୍ୟ ସରକାରଙ୍କ କୋହଳ ନୀତି ଲାଗୁ ନେଇ ଅଭିଯୋଗ ହୋଇଛି। ଏହାବ୍ୟତୀତ ମାଧ୍ୟମିକ ଶିକ୍ଷା ପରିଷଦର ଏମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ ବିରୋଧରେ ଟାଙ୍ଗୀ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୨୦୦ ପ୍ରଶିକ୍ଷାର୍ଥୀ ଚଳାଇଥିବା ଧାରଣା ଶୁକ୍ରବାର ୩ୟ ଦିନରେ ପହଞ୍ଚିଛି। ଏହାସତ୍ତ୍ୱେ ଶିକ୍ଷାବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ ନ ହେବାରୁ ଅସନ୍ତୋଷ ବୃଦ୍ଧିପାଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଧାରଣାରତ ପ୍ରଶିକ୍ଷାର୍ଥୀମାନେ କହିଛନ୍ତି।

ନିରପେକ୍ଷ ଓ ନିର୍ଭୀକ ଦୈନିକ ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ଧାନଚେଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗୁରୁଜନ ଓ ଭାଇ ଭଉଣୀମାନଙ୍କ ସ୍ନେହ ଓ ଆଶୀର୍ବାଦ କାମନା କରୁଛି।
କୃଷ୍ଣଚନ୍ଦ୍ର ସାହୁ
ସରପଞ୍ଚ, ଧାନଚେଙ୍ଗଡ଼ା, ଭାପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଉପଲକ୍ଷେ ପଥରଚକଡ଼ା ଓ ମାଧପୁର ଗ୍ରାମର ସମସ୍ତ ଗୁରୁଜନ, ଭାଇ ଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ତ୍ରିନାଥ ମୁଦୁଲି
ସରପଞ୍ଚ, ପଥରଚକଡ଼ା, ଭାପୁର

ଓଡ଼ିଶାର ଅଗ୍ରଣୀ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଅବସରରେ ବହୁତ ବହୁତ ଶୁଭ କାମନା।
ଅଖିଳ କୁମାର ମହାରଣା
ସଭାପତି, ନିଖିଳ ଉତ୍କଳ କଂସାରି ସମାଜ, ମହାନଦୀ ବରିଷ୍ଠ ନାଗରିକ ସଂଘ, ନାଗରିକ ମଞ୍ଚ, କଣ୍ଟିଲୋ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ, କଣ୍ଟିଲୋ

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
CURE-WELL HOSPITAL, Jagatsinghpur

ଡେରାବିଶର ବ୍ଲକ ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମସ୍ତ ଚାଷୀ ଭାଇଙ୍କୁ ଅଭିନନ୍ଦନ। ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ସମବାୟ ଆନ୍ଦୋଳନକୁ ସୁଦୃଢ କରିବା ପାଇଁ ଆସନ୍ତୁ ଶପଥ ନେବା।
ନହଙ୍ଗ ପ୍ରାଥମିକ କୃଷି ସମବାୟ ସମିତି, ଡେରାବିଶ
ପ୍ରସନ୍ନ କୁମାର ପାତ୍ର, ସଂପାଦକ
ପ୍ରସନ୍ନ କୁମାର ସାହୁ, ସଭାପତି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପୀୟୂଷ ପାଣି
ସମାଜସେବୀ, କୋରେଇ ନିର୍ବାଚନ ମଣ୍ଡଳୀ, ଯାଜପୁର ଜିଲ୍ଲା

ଡେରାବିଶର ପ୍ରାଚୀନ ଐତିହ୍ୟ ଓ ସଂସ୍କୃତି ମହାନ୍। ଏହାକୁ ଉଜ୍ଜୀବିତ ରଖିବା ପାଇଁ ଆସନ୍ତୁ ସଂକଳ୍ପ ନେବା। ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମବାୟ ଆନ୍ଦୋଳନକୁ ଆମ ସମିତି ପ୍ରତ୍ୟେକ ଚାଷୀଭାଇଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମେ ସଂକଳ୍ପବଦ୍ଧ।
ଗୋଳରାହାଟ ପ୍ରାଥମିକ କୃଷି ସମବାୟ ସମିତି ଗୋଳରାହାଟ, ଡେରାବିଶ
ସୁରେନ୍ଦ୍ର ସାହୁ, ସମ୍ପାଦକ
ବୈଷ୍ଣବ ଚରଣ ସାହୁ, ସଭାପତି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଆନ୍ତରିକ ଶୁଭେଚ୍ଛା ସହ ଅଭିନନ୍ଦନ।
GITA TVS
JAGATSINGHPUR
GITA TVS M- 7788901717
GITA TVS, Naugaon M- 9438914171
GITA TVS, Biridi M- 9090256717

With Best Compliments From:-
PRINCIPAL & STAFF
NEELAMADHAB MAHAVIDYALAYA, KANTILO, NAYAGARH
Sukant Kumar Nayak
Principal, NM College, Kantilo

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବେଣାଗାଡ଼ିଆ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଉନ୍ନତି ସହ ଶୁଭ କାମନା କରୁଛି।
ସୁଷମା ସ୍ୱାଇଁ
ସରପଞ୍ଚ, ବେଣାଗାଡ଼ିଆ, ଖଣ୍ଡପଡ଼ା

ଧରିତ୍ରୀର ୪୫ତମ ଜନ୍ମବାର୍ଷିକ ଅବସରରେ ସମସ୍ତ ଜନସାଧାରଣ ଓ ମା' ଭଉଣୀମାନଙ୍କୁ ମୋର ଆନ୍ତରିକ ସ୍ନେହ, ଶୁଭେଚ୍ଛା ଓ ସମ୍ମାନ।
ବିପିନ ବିହାରୀ ସାମଲ
ସରପଞ୍ଚ, ଗଡିଆସାହି, ଖଣ୍ଡପଡ଼ା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପ୍ରଭାତ କୁମାର ପୃଷ୍ଟି
ଉପସଭାପତି ଯୁବ ବିଜେଡି, ଯାଜପୁର ଜିଲ୍ଲା

With best compliments from:
M/S B.C. MOHANTY & SONS PRIVATE LTD.
MINE OWNERS & EXPORTERS
Ph.: 0671 - 2349546/48, Mobile No.: 9861054266/9437054347/9437391345, Fax: 0671 - 2620347
Producer of all grades of chromite ore and chromite fines suitable for metallurgical, chemical and refractory use
Mines at:
KAMARDA CHROMITE MINE, P.O.: KANSA, VIA.: KALARANGIATTA DIST.- JAJPUR (ORISSA), PIN: 755028
Head Office: Rajabagicha, Cuttack - 753009
(Opposite to S.B.I. JHANJIRIMANGALA), ORISSA, INDIA

ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମବାର୍ଷିକ ଅବସରରେ କଣ୍ଟିଲୋ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ମାଧବ ଚନ୍ଦ୍ର ସାହୁ
ସଭାପତି, ବିଜୁ ଜନତା ଦଳ, କଣ୍ଟିଲୋ।

ନିର୍ଭୀକ ଓ ନିରପେକ୍ଷ ଦୈନିକ ଧରିତ୍ରୀର ଜନ୍ମ ବାର୍ଷିକ ଉପଲକ୍ଷେ ଖଣ୍ଡପଡ଼ା ଓ କିଆଝର ଅଞ୍ଚଳବାସୀଙ୍କୁ ମୋର ଆନ୍ତରିକ ସ୍ନେହ ଓ ଶୁଭେଚ୍ଛା। 'ପରିବେଶ ସୁରକ୍ଷା ରଖନ୍ତୁ ଓ ନିଶା ସେବନଠାରୁ ଦୂରେଇ ରୁହନ୍ତୁ'
ଚନ୍ଦ୍ରକାନ୍ତ ବଳିୟାର ସିଂ
ସରପଞ୍ଚ, କିଆଝର ତଥା ସଭାପତି ଖଣ୍ଡପଡ଼ା ବିଜୁ ଜନତା ଦଳ

ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। କୃଷି ପ୍ରଧାନ ପାଟକୁରା ନିର୍ବାଚନମଣ୍ଡଳୀକୁ ରାଜ୍ୟରେ ଅଧିକ ସମୃଦ୍ଧ କରିବା ପାଇଁ ତଥା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଯୁବକ, ଛାତ୍ର ଓ ମହିଳାଙ୍କ ସମେତ ସମସ୍ତ ଭାଇ ଭଉଣୀ ଆସନ୍ତୁ ସଂକଳ୍ପ ନେବା। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକାରୀ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ମୁଁ ସଂକଳ୍ପବଦ୍ଧ।
ରବି ସାମଲ
ବରିଷ୍ଠ ବିଜେଡି ନେତା

ଡିଡିୟୁ-ଜିକେୱାଇ : ସରକାରଙ୍କ ଅଭିନବ ରୋଜଗାର ଯୋଜନା
ଦକ୍ଷତା ହିଁ କ୍ଷମତା
ଓଡ଼ିଶାରେ ଅଗଷ୍ଟ ୨୦୧୭ ସୁଦ୍ଧା ଟ୍ରେନିଂ ନେଇଛନ୍ତି ୭୬, ୦୦୦ ତନ୍ମଧ୍ୟରୁ ଚାକିରି ପାଇଛନ୍ତି ୪୬, ୦୦୦
ସ୍କିଲ୍ ଟ୍ରେନିଂରେ ଓଡ଼ିଶା, ୨୦୧୬-୧୭ରେ ଦେଶର ସବୁଠାରୁ ଆଗୁଆ ରାଜ୍ୟଭାବେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ
ORMAS DDU-GKY
ଅଧିକ ଜାଣିବା ପାଇଁ ଗ୍ରାମପଞ୍ଚାୟତ ଅଫିସ୍/ବ୍ଲକ୍ ଅଫିସ୍/ଡି.ଆର୍.ଡି.ଏ.ଅଫିସ/ଓରମାସ୍ ଅଫିସ୍/ ନିକଟସ୍ଥ ଡିଡିୟୁ-ଜିକେୱାଇ ଟ୍ରେନିଂ ସେଣ୍ଟର ସହ ଯୋଗାଯୋଗ କରନ୍ତୁ। ଟୋଲ୍ ଫ୍ରି ଫୋନ୍ ନମ୍ବର - 1800 345 7118, ଇ-ମେଲ୍: skillquery@gmail.com, ୱେବ୍‌ସାଇଟ୍: www.ormas.org

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଜମଧର ପଞ୍ଚାୟତର ସମସ୍ତ ଭାଇଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି। କେନ୍ଦ୍ରାପଡ଼ା ବ୍ଲକରେ ଆମ ପଞ୍ଚାୟତକୁ ୧ ନମ୍ବର କରିବା ପାଇଁ ମୁଁ ସଂକଳ୍ପବଦ୍ଧ।
ସିସମା ଦାସ
ସରପଞ୍ଚ, ଜମଧର ପଞ୍ଚାୟତ(କେନ୍ଦ୍ରାପଡା ବ୍ଲକ)

ଦୈନିକ ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମର୍ଦ୍ଦରାଜପୁର ଅଞ୍ଚଳର ବିକାଶ ଓ ଉନ୍ନତି ପାଇଁ ମର୍ଦ୍ଦରାଜପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସହଯୋଗ କାମନା କରୁଛି।
ବୈକୁଣ୍ଠନାଥ ଗୋଛି
ସରପଞ୍ଚ, ମର୍ଦ୍ଦରାଜପୁର ଖଣ୍ଡପଡ଼ା।

SRCKMS
ସୁକିନ୍ଦା ରିଜିୟନ କ୍ରୋମାଇଟ୍ ଖାଦାନ ମଜଦୁର ସଂଘ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଖଣି ଅଞ୍ଚଳବାସୀଙ୍କୁ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ତରଫରୁ ଶୁଭେଚ୍ଛା।

ବିଜୁ ଜନତା ଦଳ
ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଅବସରରେ ବଡ଼ଚଣାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ...
ଅମର ପ୍ରସାଦ ଶତପଥୀ
ମୁଖ୍ୟ ସଚେତକ, ଓଡ଼ିଶା ସରକାର

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ଜଣେ ଆହତ

**ଗଣିଆ,୩୦।୧୧(ଡି.ଏନ.ଏ.):** ଗଣିଆ ବ୍ଲକ ଉପାନ୍ତ ବଡଶିଲିଙ୍ଗା ପଞ୍ଚାୟତ ବାଙ୍କଝରି ଗ୍ରାମର ଜଣେ ଆଦିବାସୀ ଯୁବକ ଭାଲୁ ଆକ୍ରମଣରେ ଆହତ ହୋଇଛନ୍ତି। ସେ ହେଲେ ନକୁଳ ଜାନି (୪୦) । ବନ୍ୟପ୍ରାଣୀ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳୁ ନକୁଳ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବା ପାଇଁ ଯାଇଥିଲେ। ଏହି ସମୟରେ ସେ ଏକ ଜଙ୍ଗଲି ଭାଲୁ ହାବୁଡରେ ପଡିଯାଇଥିଲେ। ଭାଲୁଟି ତାଙ୍କ ବାମ ଗୋଡଟିକୁ ନଖରେ ରାମ୍ପୁଡି କ୍ଷତାକ୍ତ କରିଦେଇଥିଲା। ଏ ସମ୍ପର୍କରେ ଖବର ପାଇ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ନିର୍ଦ୍ଦେଶ ଅନୁଯାୟୀ ବନ କରର୍ମଚାରୀମାନେ ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗଣିଆ ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

### ଆରଡିସିଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଖୋର୍ଦ୍ଧା ଅଫିସ,୩୦।୧୧:** ଖୋର୍ଦ୍ଧା ଜିଲା ଗସ୍ତରେ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ ଶୁକ୍ରବାର ଆସି ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଆଦି ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ପ୍ରଥମେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ବିଭିନ୍ନ ବିଭାଗର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ବୁଝିବା ସହ କାଗଜାତ ଯାଞ୍ଚ କରିଥିଲେ। ଅନ୍ୟପକ୍ଷେ ନିର୍ବାଚନ କାର୍ଯ୍ୟର ତ୍ୱରାନ୍ୱିତ ନେଇ ଅନୁରୂପ ସମୀକ୍ଷା କରିଥିଲେ। ଫାଇନାଲ ଭୋଟର ତାଲିକା ୪ ଜାନୁୟାରୀରେ ପ୍ରକାଶ ପାଇବାକୁ ଥିବାବେଳେ ଏହା ଜାନୁୟାରୀ ୨୧କୁ ଘୁଞ୍ଚି ଯାଇଥିବା କହିଛନ୍ତି। ଗୋଟିଏ ବ୍ୟକ୍ତିଙ୍କ ନାଁ କେବଳ ଗୋଟିଏ ସ୍ଥାନର ଭୋଟର ତାଲିକାରେ ରହିବ। ଏଣୁ ଏକାଧିକ ସ୍ଥାନରେ ନାଁ ଥିବା ଭୋଟର ନାଁ ବାଦ ପଡିବାକୁ ଯାଉଛି ବୋଲି ଗଣମାଧମକୁ ଆରଡିସି କହିଛନ୍ତି।

### ବିଦ୍ୟାଳୟର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ

**ନୟାଗଡ଼ ଅଫିସ,୩୦।୧୧:** ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତ ପାଣିପୋଇଲାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଇନଜୀବୀ ଚନ୍ଦ୍ରବିଜୟୀ ମିଶ୍ର, ଶିକ୍ଷକ ଧନେଶ୍ୱର ମହାନ୍ତି ଯୋଗଦେଇ ଖେଳ ଦ୍ୱାରା ନିଜର ମନଫୁର୍ତ୍ତି ରହିବା ସହ ଶରୀରକୁ ସତେଜ ରଖିବାରେ ସହାୟକ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିର ତରଫରୁ ଦୌଡ଼, ମ୍ୟୁଜିକ୍ ଚେୟାର୍, ଆଳୁ ଚାମଚ, ଛୁଞ୍ଚି ସୂତା, ପେଣ୍ଡୁ ଫୋପଡ଼ା ଆଦି ବିଭିନ୍ନ ଖେଳର ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଶ୍ରେଣୀ ପରୀକ୍ଷା, ନିୟମିତ ଉପସ୍ଥାନ, ଦେଶାତ୍ମବୋଧକ ସଙ୍ଗୀତ, ବକ୍ତୃତା, ଫ୍ୟାନ୍ସି ଡ୍ରେସ ଆଦି ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ■ ଆଜି ବିଶ୍ୱ ଏଡ୍ସ ଦିବସ

# ସାମାଜିକ ପ୍ରତିବନ୍ଧକ ସାଜିଛି ମୁଖ୍ୟ ସମସ୍ୟା

**ନୟାଗଡ଼ ଅଫିସ,୩୦।୧୧**

■ପ୍ରତିବର୍ଷ ଜିଲାରେ ବଢୁଛି ରୋଗୀ ସଂଖ୍ୟା
■ଜିଲାରେ ୪୧୪ ଜଣ ଏଚ୍ଆଇଭି ପଜିଟିଭ୍

ଶନିବାର ପାଳନ ହେବ ବିଶ୍ୱ ଏଡ୍ସ ଦିବସ ୨୦୧୮। ଚଳିତ ବର୍ଷର ବାର୍ତ୍ତା ରହିଛି ନୋ ଇଓର ଷ୍ଟାଟସ୍ । ନୟାଗଡ଼ ଜିଲା ସି' କାଟାଗୋରୀରେ ଥିଲେ ମଧ ଜିଲାରେ ଏହି ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଜିଲାରେ ୨୦୦୬ରୁ ବର୍ତ୍ତମାନ ସୁଦ୍ଧା ୪୧୪ ଜଣଙ୍କଠାରେ ଏଚ୍ଆଇଭି ପଜିଟିଭି ଚିହ୍ନଟ କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ପୁରୁଷ ୨୬୦, ମହିଳା ୯୭, ଏଏନ୍‌ସି (ମା ପେଟରେ ଥିବା ସମୟରେ) ୩୭, ନାବାଳକ ୯ ଓ ନାବାଳିକା ୧୧ ଜଣଙ୍କଠାରେ ଏହି ଭୂତାଣୁ ଥିବା ଚିହ୍ନଟ କରାଯାଇଛି।

ବର୍ଷ ଅନୁଯାୟୀ ଦେଖିଲେ , ୨୦୦୬ରେ ୧୩ ଜଣ, ୨୦୦୭ରେ ୨୨, ୨୦୦୮ରେ ୨୯, ୨୦୦୯ରେ ୨୨, ୨୦୧୦ରେ ୩୭, ୨୦୧୧ରେ ୩୯, ୨୦୧୨ରେ ୪୩, ୨୦୧୩ରେ ୩୮, ୨୦୧୪ରେ ୩୪, ୨୦୧୫ରେ ୪୩, ୨୦୧୬ରେ ୨୭, ୨୦୧୭ରେ ୩୮ ଓ ୨୦୧୮ରେ ୨୯ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୭୫ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସେହିଭଳି ମାତ୍ର ୧୬୩ ଜଣ ମଧୁବାବୁ ପେନସନ୍‌ଯୋଜନାରେ ସାମିଲ ହୋଇଛନ୍ତି, ଲୋକଲଜ୍ଜା ଭୟରେ ଅନ୍ୟମାନେ ଆବେଦନ କରୁ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ,ଜିଲାର ୭ଟି ଚିକିତ୍ସାଳୟରେ ଆଇସିଟିସି, ୩ଟି କେନ୍ଦ୍ରରେ ଏଫଆଇସିଟିସି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଏସ୍‌ଟିଡ଼ି କ୍ଲିନିକ୍ ଖୋଲାଯାଇଛି। ସେହିଭଳି ୨୦୧୫ରେ ଖୋଲାଯାଇଥିବା ଏ.ଆର.ଟି. କେନ୍ଦ୍ରରେ ଜିଲାର ବର୍ତ୍ତମାନ ୧୮୧ ଜଣ ମେଡିସିନ୍ ନେଇ ଖାଉଛନ୍ତି। ଅନ୍ୟମାନେ ଲୋକଲଜ୍ଜା ଭୟରେ ଭୁବନେଶ୍ୱର କେନ୍ଦ୍ରରୁ ଆଣି ଖାଉଥିବା କିଛି କର୍ମଚାରୀ ପ୍ରକାଶ କରିଛନ୍ତି। ଛୁଆଁ ଅଛୁଆଁ ଭେଦଭାବ, ବାଛବିଚାର ଓ ଗ୍ରାମରେ ସାମାଜିକ ପ୍ରତିବନ୍ଧକ ସାଜିଛି ମୁଖ୍ୟ ସମସ୍ୟା। ଏହି ଭୟରେ କିଛି ଲୋକ ମଧ ଜିଲାରେ ଚିକିତ୍ସିତ ହେଉନାହାନ୍ତି। ସେମାନେ ଭୁବନେଶ୍ୱରରେ ଯାଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ସଚେତନତା କରାଯାଉଥିଲେ ମଧ ଜିଲାରେ ଏହି ରୋଗର ପ୍ରାଦୁର୍ଭାବ ବଢୁଥିବାବେଳେ ସାମାଜିକ ପ୍ରତିବନ୍ଧକ ହଟାଇ ଦିଆଯାଇ ପାରୁନାହିଁ। ଏଡ୍ସ ରୋଗ ବ୍ୟାପିବାର ୪ଟି କାରଣ ଥିଲେ ମଧ ଆମେ କେବଳ ଅସୁରକ୍ଷିତ ଯୌନସମ୍ପର୍କ ଦ୍ୱାରା ଏହି ରୋଗ ବ୍ୟାପୁଥିବା ଭାବି ଆକ୍ରାନ୍ତ ବ୍ୟକ୍ତିଙ୍କୁ ଖରାପ ନଜରରେ ଦେଖିଆସୁଛୁ। ଫଳରେ ରୋଗୀଟି ମନରେ ହତାଶଭାବ ଦେଖାଦେଉଛି। ତେଣୁ ରୋଗୀ ନୁହେଁ, ରୋଗକୁ ଘୃଣା କରିବା ଦରକାର। ଏଡ୍ସ ଉପରେ ସଚେତନତା କରାଉଥିବା ଗଣିଆ ଉନ୍ନୟନ କମିଟିର ଅଧ୍ୟକ୍ଷା ଉଷା ପଟ୍ଟନାୟକ କୁହନ୍ତି, ଏଚ୍ଆଇଭି ପଜିଟିଭ୍ ଆକ୍ରାନ୍ତ ହେବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମନରେ ହତାଶ ଭାବ ଦେଖାଦିଏ। ନିଜେ ସଚେତନ ହୋଇ ନିଜର ଏଚ୍ଆଇଭିର ଷ୍ଟାଟସ୍ ଜାଣନ୍ତୁ ତାହା ହେଲେ ଏଥିରୁ କିଛି ମାତ୍ରାରେ ସୁଫଳ ମିଳିବ ବୋଲି ସେ କହିଥିଲେ।

## ଶ୍ରୀରଘୁନାଥଜୀଉଙ୍କ ପୀଠରେ ପ୍ରଥମାଷ୍ଟମୀ

**ଓଡ଼ଗାଁ,୩୦।୧୧(ସ୍ୱ.ପ୍ର.)**


ପ୍ରଥମାଷ୍ଟମୀ ବେଶରେ ଶ୍ରୀଜୀଉ।

ନୟାଗଡ ଜିଲାର ଓଡ଼ଗାଁରେ ବିଜେ ପ୍ରଭୁ ଶ୍ରୀରଘୁନାଥଜୀଉଙ୍କ ପୀଠରେ ମନ୍ଦିର ପରମ୍ପରା ଅନୁସାରେ ପ୍ରଥମାଷ୍ଟମୀରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି । ଶୁକ୍ରବାର ମାର୍ଗଶୀର କୃଷ୍ଣପକ୍ଷ ଅଷ୍ଟମୀରେ ଭୋର ସାଢେ ୪ଟାରେ ଦ୍ୱାରଫିଟା ହୋଇ ଭିତର ଶୋଧ, ଜଳ ଓ ଚନ୍ଦନ ଆଣିବାପରେ ଭୋର ୫ଟାରେ ଶ୍ରୀଜୀଉଙ୍କୁ ମଙ୍ଗଳ ଆଳତି ଅର୍ପଣ ପରେ ଶୟନ ଠାକୁରଙ୍କୁ ପଲଙ୍କ ଶେଯରୁ ଉଠାଇ ରତ୍ନବେଦୀକୁ ବିଜେ କରାଯାଇଥିଲା। ପରେ ଶାଳଗ୍ରାମ ବିଗ୍ରହମାନଙ୍କୁ ସ୍ନାନପାତ୍ରକୁ ବିଜେ କରାଯାଇଥିଲା । ପୂର୍ବରୁ ପ୍ରସ୍ତୁତ ଥିବା ପଞ୍ଚାମୃତ ସ୍ନାନ, ମହାସ୍ନାନ, ତପପ ଲାଗି, ମଇଲମ, ଦର୍ପଣ ସ୍ନାନ, ଖଟଣୀ, ତୁଳସୀ ଓ ପୁଷ୍ପ ଲାଗି ସହିତ ଶ୍ରୀଜୀଉମାନଙ୍କୁ ନୂତନ ପାଟବସ୍ତ୍ର ପରିଧାନ କରାଯାଇଥିଲା । ଶ୍ରୀଜୀଉମାନ ପ୍ରଥମାଷ୍ଟମୀ ବେଶରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ସକାଳ ଦର୍ଶନ ଦେଇଥିଲେ । ତତ୍ପରେ ମଧ୍ୟାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ଅଷ୍ଟମୀ ନୀତିରେ ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ତିନିବାଡ ଏଣ୍ଡୁରିପିଠା ପାଳିଆ ପଣ୍ଡାଙ୍କ ଦ୍ୱାରା ଷୋଡଶ ଉପଚାରରେ ନୈବେଦ୍ୟ ଲାଗି ହୋଇଥିଲା। କର୍ପୂର ଆଳତି, ଜ୍ୟେଷ୍ଠ ବନ୍ଦାପନା, ମହା ଆଳତି ଲାଗି କରାଯିବା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ଦିବ ପହୁଡ ହୋଇଥିଲା । ଶ୍ରୀଜୀଉଙ୍କୁ ପୁନଶ୍ଚ ସନ୍ଧ୍ୟା ଆଳତି ସହିତ ବହୁ ଶ୍ରଦ୍ଧାଳୁ ଦର୍ଶନ ଲାଭ କରିଥିଲେ।

## ଅସୁରକ୍ଷିତ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ବୋଲଗଡ଼, ୩୦।୧୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ୍ ବାଙ୍କୋଇଦେଶ ପଞ୍ଚାୟତସ୍ଥ ସହଜପୁର ଗ୍ରାମ ରୂପେଇ ପୋଖରୀ ନିକଟରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର୍ ଅସୁରକ୍ଷିତ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ବିପଜ୍ଜନକ ଅବସ୍ଥାରେ ଏଠାରୁ ବିଦ୍ୟୁତ୍ ଗ୍ରାମକୁ ଯୋଗାଣ ହେଉଛି। ଏହାର ଚତୁଃପାର୍ଶ୍ୱରେ ପାଚେରି ବ୍ୟବସ୍ଥା ନାହିଁ ଓ ଟ୍ରାନ୍ସଫର୍ମର୍‌ଟି ଲଟାବୁଦା ଓ ଅନାବନା ଗଛ ଦ୍ୱାରା ଢାଙ୍କି ହୋଇରହିଛି। ଏହାର ପ୍ରାୟ ୫୦ଫୁଟ ଦୂରରେ ଏକ ବିଦ୍ୟାଳୟ ଓ ନିକଟରେ ବାସଗୃହ ରହିଛି। ମୁଖ୍ୟରାସ୍ତାର ପାର୍ଶ୍ୱରେ ଥିବାରୁ ଟ୍ରାନ୍ସଫର୍ମର୍‌ଟି ମଣିଷ ତଥା ଜୀବଜନ୍ତୁଙ୍କ ପ୍ରତି ବିପଦ ପାଲଟିବା ଆଶଙ୍କା ସୃଷ୍ଟି କରିଛି। ଏ ସମ୍ପର୍କରେ ନିକଟସ୍ଥ ଗ୍ରାମବାସୀ ବିଭିନ୍ନ ସମୟରେ ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରିଥିଲେ ମଧ ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଏହାର ଚାରିପାର୍ଶ୍ୱରେ ପାଚେରି ନର୍ମାଣ ସହ ବୃକ୍ଷଲତା ହଟାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର।

## ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବ୍ଲକସ୍ତରୀୟ କର୍ମଶାଳା

**ଗଣିଆ,୩୦।୧୧(ଡି.ଏନ.ଏ.)**



କର୍ମଶାଳାରେ ଯୋଗଦେଇଥିବା ଅତିଥି।

ନୟାଗଡ଼ ଜିଲା ଗଣିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଜିଲା ଶିଶୁ ସୁରକ୍ଷା ସମିତି ତରଫରୁ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ବିଡିଓ ସରୋଜ କୁମାର ନାୟକ, ତହସିଲଦାର ଶ୍ୱାତିଲେଖା ଦାଶ, ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁ , ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜିୟୁସିର ସଭାନେତ୍ରୀ ଉଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଅର୍ସଦ ଅନସାରୀ, ଜିଲା କିଶୋର ନ୍ୟାୟ ବୋର୍ଡର କିଶୋରଚନ୍ଦ୍ର ମହାପାତ୍ର, ଗଣିଆ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ଲକ୍ଷ୍ମୀ ଦାସଙ୍କ ସମେତ ବ୍ଲକର ୮ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ପିଇଓ, ପୋଲିସ, ଶିକ୍ଷା, ଜୀବିକା ମିଶନ ଓ ଯୋଗାଣ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ସମାଜରେ ଶିଶୁମାନେ ହେଉଛନ୍ତି ସବୁଠାରୁ ଦୁର୍ବଳ। ତେଣୁ ସେମାନେ ସହଜରେ ଯୌନ ଅତ୍ୟାଚାରର ଶିକାର ହୋଇଥାନ୍ତି। ଶିଶୁମାନଙ୍କ ପ୍ରତି ହେଉଥିବା ଯୌନଶୋଷଣ ଓ ଅପରାଧକୁ ପ୍ରତିହତ କରିବା ସହ ସେମାନେ କିଭଳି ସମ୍ମାନର ସହ ବଞ୍ଚିପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାବାଳିକା ଓ ଶିଶୁ ଚାଲାଣ, ଶିଶୁ ଶ୍ରମିକ, ଶିଶୁ ନିର୍ଯାତନା, ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସହ ଶିଶୁ ମଙ୍ଗଳ ସମିତି ଓ ସ୍ୱତନ୍ତ୍ର କିଶୋର ପୋଲିସ ବିଭାଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ସମସ୍ତ ଅପରାଧ ପାଇଁ ଥିବା ଆଇନଗତ ଦିଗ ଓ ଦଣ୍ଡବିଧାନ ଉପରେ ସଚେତନତା କରାଯାଇଥିଲା। ତେବେ ଏଥିନେଇ ନିର୍ବାଚିତ ପ୍ରତିନିଧି ଓ ବ୍ଲକ ପ୍ରଶାସନ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଲେ ଏହି ସମସ୍ୟାକୁ ଆଗାମୀ ଦିନରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ମିନି ଷ୍ଟାଡିୟମ ଦାବିରେ ବିକ୍ଷୋଭ

**ନୟାଗଡ଼ ଅଫିସ,୩୦।୧୧**


ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।

ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତରେ ଏକ ମିନି ଷ୍ଟାଡ଼ିୟମ ନିର୍ମାଣ ଦାବିରେ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ସରପଞ୍ଚ ତଥା ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ପୂର୍ବାହ୍ନ ୧୧ଟାରେ ଇଟାମାଟି ମଧ ଇଂରାଜୀ ବିଦ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ବଣିକ ସଂଘର ସଭାପତି କିଶୋର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ମୁଖ୍ୟ ଅତିଥିଭାବେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସାହୁ ଯୋଗଦେଇ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କୁ କଟୁ ସମାଲୋଚନା କରିଥିଲେ। ବିଧାୟକ ସାହୁ ଜନସାଧାରଣଙ୍କୁ ମିଥ୍ୟା ପ୍ରଲୋଭନ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଥିବା ସେ ପ୍ରକାଶ କରିଥିଲେ। ଇଟାମାଟି ଗ୍ରାମ ପଞ୍ଚାୟତରେ ଏକ ମିନି ଷ୍ଟାଡ଼ିୟମ ନିର୍ମାଣ ପାଇଁ ଦୀର୍ଘ ୧୫ ବର୍ଷ ହେଲା ଉଦ୍ଦିଷ୍ଟ ଥିବା ଖେଳପଡ଼ିଆ ଲାଗି ଗ୍ରାମବାସୀଙ୍କ ତରଫରୁ ଦାବି ହୋଇ ଆସୁଥିଲା ବେଳେ ବିଧାୟକ ସାହୁ ସେଠାରେ ଏକ ମିନି ଷ୍ଟାଡ଼ିୟମ ନିର୍ମାଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପୂରଣ କରାଯାଇନାହିଁ, ରାଜନୈତିକ ଉଦ୍ଦେଶ୍ୟ ରଖି ବିଧାୟକ ସାହୁ ଏହିଭଳି କହିଥିବା ବିକ୍ଷୋଭକାରୀମାନେ ପ୍ରକାଶ କରିଥିଲେ। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱର ମହାନ୍ତି, ବିଜୟ କୁମାର ପ୍ରଧାନ, ପ୍ରଭାତ ନାୟକ, ପବିତ୍ର ବିଶ୍ୱାଳ, ଗୁଟୁ ମହାରଣା, ସତ୍ୟନାରାୟଣ ସାହୁ, ସନ୍ତୋଷ କୁମାର ସ୍ୱାଇଁ , ଦୀପକ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ତ୍ରିରଙ୍ଗା ବେହେରା ଧନ୍ୟବାଦ ଦେଇଥିଲେ।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡା,୩୦।୧୧(ସ୍ୱ.ପ୍ର.)**

ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ମାଧପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୀନବନ୍ଧୁ ମିଶ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଭରତ ପ୍ରଧାନ ପୌରୋହିତ୍ୟ କରିଥିଲେ। ରାକମା ହାଇସ୍କୁଲର ପ୍ରଧାନଶିକ୍ଷକ ରାଜ କିଶୋର ପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ ମୁଖ୍ୟବକ୍ତା ଓ ସୁବାସ ଚନ୍ଦ୍ର ସାହୁ, ଆଲୁମ୍ନି କମିଟି ସଭାପତି ତ୍ରିନାଥ ସାହୁ, ଉପସଭାପତି ମନୋରଞ୍ଜନ ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ଅତିଥିମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅଞ୍ଚଳବାସୀଙ୍କ ସ୍ନେହ, ଶ୍ରଦ୍ଧା ସେ ଭୁଲିପାରିବେ ନାହିଁ ବୋଲି କହିଥିଲେ।

## ଶିବ ମନ୍ଦିରରେ ସ୍ଥାପନ ହେବ ବୃହତ୍ ପିତଳ ନାଗମୂର୍ତ୍ତି

**ଖଣ୍ଡପଡା,୩୦।୧୧(ସ୍ୱ.ପ୍ର.)**



କଣ୍ଟିଲୋ ଗ୍ରାମ ହାଟମୁଣ୍ଡ ପାଟଣାର ଗୋକୁଳାନନ୍ଦ ମହାରଣାଙ୍କ ଦ୍ୱାରା ନିର୍ମିତ ୧୬ଫୁଟ ଉଚ୍ଚର ଏକ ପିତଳ ନାଗ ମୂର୍ତ୍ତି ନୟାଗଡ଼ ଜଲା ଅନ୍ତର୍ଗତ ହରିହରପୁର ଗ୍ରାମସ୍ଥିତ ଏକ ଶିବ ମନ୍ଦିରରେ ସ୍ଥାପନା କରାଯିବ। ୧୬ଫୁଟ ଉଚ୍ଚର ଏହି ନାଗମୂର୍ତ୍ତିର ଗୋଲେଇ ସାଢେ ୩ଫୁଟ ରହିଛି। ସୂଚନାଯୋଗ୍ୟ ଯେ, କଣ୍ଟିଲୋ ଗ୍ରାମର ଗୋକୁଳାନନ୍ଦ ମହାରଣା, ଅଖିଳ କୁମାର ମହାପାତ୍ର, ପ୍ରତାପ ମହାରଣା, ମାୟାଧର ସାହୁ, ପ୍ରଦୀପ କୁମାର ମହାରଣା ପ୍ରମୁଖ ହାତଗଣତି ୮/୯ଜଣ କାରିଗରଙ୍କ ଦ୍ୱାରା ପ୍ରେସ (ଚଦର) ପିତଳ ଓ ତମ୍ବାରେ ନିର୍ମିତ ଘରକରଣା ସାମଗ୍ରୀ, ଦେବଦେବୀଙ୍କ ମୁଖା ଓ ନାଗ ମୂର୍ତ୍ତି ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ଅତୀତରେ ରାଉରକେଲାର ଏକ ମନ୍ଦିରକୁ ଏକ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଓଜନର ପିତଳ ଘଣ୍ଟି ସ୍ଥାନୀୟ ଅଞ୍ଚଳରୁ ପ୍ରେରିତ ହୋଇଥିଲା। ।

## ଶୁଖୁଆକୁ ବୋହୂ କରି ମୁଣ୍ଡିଆ ମାରେ ଶାଶୁ

**ଖଣ୍ଡପଡ଼ା,୩୦।୧୧(ସ୍ୱ.ପ୍ର.)**


କାଞ୍ଜିଅଁଳା ପୂଜାସ୍ଥଳରେ ମହିଳାମାନେ।

ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଓଡ଼ିଆ ଘରେ ପାଳନ ହେଉଥିବା ପର୍ବମାନଙ୍କ ମଧ୍ୟରେ କାଞ୍ଜିଅଁଳା ଓଷା ଅନ୍ୟତମ। କାର୍ତ୍ତିକ ମାସରେ ତୁଳସୀ ଚଉରା ମୂଳେ ନାନା ପ୍ରକାର ମୁରୁଜ ଓ ମାର୍ଗଶିର ଗୁରୁବାରରେ ଘରେ ଘରେ ଝୋଟି, ଚିତା ପଡୁଥିବା ଦେଖିବାକୁ ମିଳେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମାର୍ଗଶିର ନବମୀ ତିଥିରେ ଘରେ ଘରେ କାଞ୍ଜି ଅଁଳା ଓଷା ପାଳନ କରିବା ବିଧି ରହିଛି । ସନ୍ଧ୍ୟାରେ କଣ୍ଟିଲୋ, ଖଣ୍ଡପଡା ଓ ଏହାର ଆଖପାଖ, ବାଣପୁର, ଖଳିସାହି, ମର୍ଦ୍ଦରାଜପୁର, ଢୋଲମରା, ସିଧାମୂଳା, ବେଣାଗାଡିଆ ଆଦି ଅଞ୍ଚଳରେ କାଞ୍ଜିଅଁଳା ପର୍ବ ପାଳିତ ହୋଇଯାଇଛି । ଏହି ଓଷାରେ ଶୁଖୁଆକୁ ବୋହୂ କରି ଶାଶୁ ମୁଣ୍ଡିଆ ମାରିବା ଭଳି ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଥିଲା। କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କଖାରୁ, ମୂଳା, ବାଇଗଣ, ଦହି, ଆମ୍ବିଳି ତୋରାଣି, ଚାଉଳଚୂନା ପେଯରେ ପ୍ରସ୍ତୁତ ହୋଇଥାଏ କାଞ୍ଜି। କାଞ୍ଜି ସହିତ ଘରେ ରୋଷେଇ

### ଭିନ୍ନ ଏକ ପରମ୍ପରା କାଞ୍ଜିଅଁଳା

ହୋଇଥିବା ତରକାରି, ଭାତ, ଡ଼ାଲି ପୂଜା ହୁଏ। ସାହିର ମହିଳାମାନେ ଏକାଠି ହୋଇ ଗାଁ ଦାଣ୍ଡରେ ଏକ ଆୟତାକାର ଛୋଟିଆ ପୋଖରୀ ପ୍ରସ୍ତୁତ କରିଥିଲେ। ସାତଟି ପିତା ଶୁଖୁଆକୁ ସ୍ନାନ କରାଇ ହଳଦୀରେ ବୁଡାଇ ଏହି ପୋଖରୀରେ ରଖାଯାଇଥିଲା। ପରେ ତାହାକୁ କଜ୍ଜଳ, ସିନ୍ଦୂର ଲଗାଇ ପୂଜାବେଦୀରେ ରଖାଯାଇଥିଲା। ସେଠାରେ ପିଠା, ଭାତ, ତରକାରି ଓ ମୁଡ଼ି ଆଦିକୁ ପୂଜା କରାଯାଇଥିଲା। ପୋଇ ଡ଼ାଳକୁ ଝାଡୁ ଭାବେ ମଧ ପୂଜା କରାଯାଇଥିଲା । କାଞ୍ଜିଅଁଳାର ବିଶେଷତ୍ୱ ହେଉଛି କାଞ୍ଜି। ଏହି କାଞ୍ଜି ଶୀତଦିନେ ଖାଇବା ଦ୍ୱାରା ଶରୀରକୁ ବହୁତ ଉପକାର ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏଣୁ ଆଜି ଦିନଠାରୁ ପ୍ରାୟ ପ୍ରତ୍ୟେକଙ୍କ ଘରେ କାଞ୍ଜି ପ୍ରସ୍ତୁତ ହୋଇଥିବା ଦେଖାଯାଏ ।

## ■ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ

# ନିଷେଧ ହେବ ମାଦକଦ୍ରବ୍ୟ ସେବନ ଓ ବିକ୍ରୟ

**ଗଣିଆ,୩୦।୧୧(ଡି.ଏନ.ଏ.)**


ମହାଯଜ୍ଞ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

ଆସନ୍ତା ଡିସେମ୍ବର ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ନୟାଗଡ ଜିଲା ଗଣିଆ ବ୍ଲକର ମଣିଭଦ୍ରାଠାରେ ଅନୁଷ୍ଠିତ ହେବାକୁ ଥିବା ୨୬ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଶୁକ୍ରବାର ଅପରାହ୍ନରେ ମା' କଳାପାଟଙ୍କ ପୀଠଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ତରଫରୁ ଆୟୋଜିତ ବୈଠକରେ ଗଣିଆ ତହସିଲଦାର ଶ୍ୱାତିଲେଖା ଦାସ, ବିଡିଓ ସରୋଜ କୁମାର ନାୟକ, ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଛାମୁଣ୍ଡିଆ ସରପଞ୍ଚ ମଙ୍ଗୁଲୁ ସାହୁଙ୍କ ସମେତ ଅଗ୍ନିଶମ, ବିଦ୍ୟୁତ୍, ପାନୀୟଜଳ ଓ ପରିମଳ, ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ । ୪ଦିନ ବ୍ୟାପୀ ହେବାକୁ ଥିବା ଏହି ମହାଯଜ୍ଞ କିଭଳି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏକ ଧର୍ମୀୟ କାର୍ଯ୍ୟକ୍ରମ ହୋଇଥିବାରୁ ଏହା ପରିସରରେ ଆମିଷ, ମାଦକଦ୍ରବ୍ୟ ସେବନ ଓ ବିକ୍ରୟ ନିଷେଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ଯଜ୍ଞ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ, ଟ୍ରାଫିକ ନିୟନ୍ତ୍ରଣ ଓ ଜରୁରିକାଳୀନ ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱ ବହନ କରିବା ଲାଗି ଆଲୋଚନା ହୋଇଥିଲା। ଯଜ୍ଞ ସ୍ଥଳଟି ମହାନଦୀ କୂଳରେ ହୋଇଥିବାରୁ କଟକ ଜିଲା ନରସିଂହପୁର ଅଞ୍ଚଳରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ଚକ୍ରଗଡ ନଦୀଘାଟଠାରେ ନିରାପଦ ନୌକାଯାତ୍ରା ପାଇଁ ଅଗ୍ନିଶମ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି ଡଙ୍କାରିସାହି ଛକଠାରୁ ଯଜ୍ଞସ୍ଥଳ ଓ ବୃଉଙ୍ଗଠାରୁ ଯଜ୍ଞସ୍ଥଳ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନଙ୍କ ଯାତାୟାତ ପାଇଁ ଦୁଇଟି ଅଟୋ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସ୍ୱଚ୍ଛ ପରିବେଶକୁ ଦୃଷ୍ଟିରେ ରଖି ପଲିଥିନ ବ୍ୟବହାର ନିଷିଦ୍ଧ କରାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା । ଯଜ୍ଞ ସମୟରେ ବିଜୁ ଯୁବବାହିନୀର ସଭ୍ୟମାନେ ସ୍ୱଚ୍ଛତା କାର୍ଯ୍ୟ କରିବେ। ବୈଠକରେ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟର ସଦସ୍ୟବୃନ୍ଦ ଯୋଗଦେଇଥିଲେ।